# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୮/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 8/2023 | Page 16 | ₹ 7.00

୪୯ଶ ଭାଗ ୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 46 | ମୂଲ୍ୟ ₹୭/-




# Air Connectivity in Odisha gets a major boost under UDAN scheme of Government of India

*"Aviation was once considered as the domain of a select few, but that has changed now with the advent of 'UDAN'. A common man who travels in 'Hawai Chappal' should also be seen in 'Hawai Jahaz'. This is my dream."*

Narendra Modi,
Prime Minister of India

## SAIL's Rourkela Airport operationalised

Flights on Rourkela-Bhubaneswar-Rourkela route have been started by Alliance Air

- The Rourkela Airport has been revived with allocation of more than Rs. 64 Crore through Ministry of Civil Aviation under the *UDAN* scheme
- Rourkela-Kolkata route has also been awarded for operationalisation under *UDAN*
- Rourkela Airport is open for connecting all other cities of the country

## Thank you Shri Narendra Modi, Prime Minister of India for the visionary leadership

SAIL thanks Shri Jyotiraditya M Scindia, Union Minister for Civil Aviation and Steel for operationalization of the airport and guidance and Shri Dharmendra Pradhan, Minister of Education and Minister of Skill Development & Entrepreneurship for the support. SAIL also thanks the Government of Odisha for the help.



**ଛାତ୍ରଙ୍କୁ ୧ କି.ମି. ଘୋଷାଡ଼ିନେଲା କାର୍**

ଉତ୍ତର ପ୍ରଦେଶର ହାର୍ଦୋଇରେ ୧୫ ବର୍ଷର ଛାତ୍ରଙ୍କୁ କାର୍ ୧ କି.ମି. ଦୂର ଘୋଷାଡ଼ି ନେଇଛି। ୯ମ ଶ୍ରେଣୀ ଛାତ୍ର କେତନ କୋଚିଂ ଯାଉଥିବା ବାଟରେ ତାଙ୍କ ସାଇକେଲ ଏକ କାର୍ ସହ ପିଟି ହୋଇଯାଇଥିଲା। ସେ ଖସିପଡ଼ିବାରୁ ଗୋଡ଼ କାର୍‌ରେ ଫସିଯାଇଥିଲା। କାର୍ ଡ୍ରାଇଭର କେତନଙ୍କୁ ପାଖାପାଖି ୧ କି.ମି. ଘୋଷାଡ଼ି ନେଉଥିବାବେଳେ କେତେଜଣ ଲୋକେ କାର୍‌ର ପିଛାକରି ତାକୁ ଅଟକାଇଥିଲେ। ଉତ୍ତେଜିତ ଲୋକେ କାର୍ ଚାଳକଙ୍କୁ ପିଟିଥିବାବେଳେ ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ଶାନ୍ତ କରିଥିଲା।

# ମେକାର୍ଥି ହାଉସ୍ ସ୍ପିକର

**ୱାଶିଂଟନ,୭।୧**

ବହୁ ବାଦବିବାଦ ମଧ୍ୟରେ ରିପବ୍ଲିକାନ ସଦସ୍ୟ କେଭିନ୍ ମେକାର୍ଥି ଆମେରିକା ପ୍ରତିନିଧି ସଭାର ୫୫ତମ ସ୍ପିକର ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ମଧ୍ୟରାତ୍ର ପରେ ଐତିହାସିକ ୧୫ତମ ଭୋଟରେ ମେକାର୍ଥିଙ୍କୁ ଗୃହର ପ୍ରଭାବଶାଳୀ ପଦବୀକୁ ନିର୍ବାଚିତ କରାଯାଇଛି। ଫଳରେ କିଛିଦିନ ହେଲା ଦେଶର ରାଜନୀତିରେ ଦେଖାଦେଇଥିବା ଅଚଳାବସ୍ଥାର ଅବସାନ ହେବା ଆଶା କରାଯାଉଛି।

ଡେମୋକ୍ରାଟିକ୍ ପାର୍ଟିର ୮୨ ବର୍ଷୀୟ ସ୍ପିକର ନାନ୍ସି ପେଲୋସିଙ୍କ ସ୍ଥାନ ନେଇଛନ୍ତି ୫୭ ବର୍ଷୀୟ ରିପବ୍ଲିକାନ୍ ପ୍ରାର୍ଥୀ ମେକାର୍ଥି। ଗତ ନଭେମ୍ବର ୮ରେ ଅନୁଷ୍ଠିତ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ସଂଖ୍ୟାଗରିଷ୍ଠତା ହରାଇଥିଲା। ୪୩୫ ଆସନ ବିଶିଷ୍ଟ ହାଉସ୍‌ରେ ରିପବ୍ଲିକାନ୍ ୨୨୨ ଆସନ ଜିତିଥିବାବେଳେ ଡେମୋକ୍ରାଟିକ୍ ପାର୍ଟିକୁ ୨୧୨ ଆସନ ମିଳିଥିଲା। ଗତ ବିଳମ୍ବିତ ରାତିରେ ୧୫ତମ ପର୍ଯ୍ୟାୟ ଭୋଟରେ ୫୨ ବର୍ଷୀୟ ହାକିମ୍ ସେକୋଉ ଜେଫ୍ରିସ୍‌ଙ୍କୁ ମେକାର୍ଥି ୨୧୬-୨୧୨ ଭୋଟରେ ହରାଇଥିଲେ। ସ୍ପିକର ନିର୍ବାଚନ ପାଇଁ ଏହା ଥିଲା ଦୀର୍ଘତମ ପ୍ରତିଦ୍ୱନ୍ଦ୍ୱିତା। ରିପବ୍ଲିକାନ୍‌ର ୬ ଜଣ ବିଦ୍ରୋହୀ ସଦସ୍ୟ ମେକାର୍ଥିଙ୍କ ସପକ୍ଷରେ ଭୋଟ ନ ଦେଇ 'ଉପସ୍ଥିତ' ଲେଖିବାରୁ ମ୍ୟାଜିକ୍ ସଂଖ୍ୟା ୨୧୮ରୁ ୨୧୫କୁ ହ୍ରାସ ପାଇଥିଲା। ଏହା ପୂର୍ବରୁ ଆମେରିକା ଇତିହାସରେ ସବୁଠୁ ଦୀର୍ଘତମ ଭୋଟିଂ ୧୮୫୫ରେ ହୋଇଥିଲା। ସେତେବେଳେ ସ୍ପିକର ନିର୍ବାଚନ ଲାଗି ୨ ମାସରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ୧୩୩ ଥର ଭୋଟିଂ କରାଯାଇଥିଲା।

ସ୍ପିକର ଦୌଡ଼ରେ ମେକାର୍ଥି ଆଗରେ ରହିଥିଲେ ମଧ୍ୟ ତାଙ୍କୁ ଦଳ ଭିତରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଶୁକ୍ରବାର ମଧ୍ୟରାତ୍ର ପୂର୍ବରୁ ୧୪ତମ ରାଉଣ୍ଡରେ ଜିତିଯିବେ ବୋଲି ମେକାର୍ଥି ଆଶାବାଦୀ ଥିଲେ। ୪୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଭୋଟ ଦେଇଥିଲେ ମଧ୍ୟ ମେକାର୍ଥିଙ୍କର ଗୋଟିଏ ଭୋଟ କମ୍ ହୋଇଥିଲା। ତୀବ୍ର ବିରୋଧୀ ଭାବେ ଜଣାଶୁଣା ମାଟ ଗେଟ୍‌ଜ ତାଙ୍କ ସପକ୍ଷରେ ୧୪ ଓ ୧୫ତମ ରାଉଣ୍ଡରେ ଭୋଟ ଦେବାକୁ ମନା କରିଦେଇଥିଲେ। ସେ କାହା ସପକ୍ଷରେ ଭୋଟ ନ ଦେଇ 'ଉପସ୍ଥିତ' ବୋଲି ଲେଖିଥିଲେ। ଅନ୍ୟ ୫ ଜଣ ବିଦ୍ରୋହୀ ସଦସ୍ୟ ମଧ୍ୟ ଅନୁରୂପ ପଦକ୍ଷେପ ନେଇଥିଲେ। ଚତୁର୍ଦ୍ଦଶ ରାଉଣ୍ଡ ଭୋଟିଂ ପରେ ମେକାର୍ଥି ଗେଟ୍‌ଜଙ୍କ ପାଖକୁ ଯାଇ ତାଙ୍କୁ ବୁଝାଶୁଝା କରି ଭୋଟ ଦେବା ଲାଗି ଅନୁରୋଧ କରୁଥିବା ଦେଖାଯାଇଥିଲା। ଏହାକୁ ନେଇ ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସ୍ପିକର ନିର୍ବାଚିତ ହେବା ପରେ ମେକାର୍ଥି ତାଙ୍କର ପ୍ରଥମ ଅଭିଭାଷଣରେ କହିଛନ୍ତି, ଚାଇନା ସହ ଆର୍ଥିକ ପ୍ରତିଯୋଗିତାରେ ଆମେରିକା ବିଜୟୀ ହେବା ସେ ଚାହାନ୍ତି। ଆମେରିକାର ଦୀର୍ଘମିଆଦୀ ଚ୍ୟାଲେଞ୍ଜ ଯଥା ଋଣ ଏବଂ ଚାଇନା କମ୍ୟୁନିଷ୍ଟ ପାର୍ଟିର ଉତ୍‌ଥାନକୁ ରୋକିବା ଲାଗି ଗୃହ କାର୍ଯ୍ୟ କରିବ। ଏହିସବୁ ପ୍ରସଙ୍ଗରେ ଗୃହର ସ୍ୱର ଗୋଟିଏ ହେବ ବୋଲି ସ୍ପିକର କହିଛନ୍ତି। ଚାଇନାକୁ ଚାଲିଯାଉଥିବା ଲକ୍ଷ ଲକ୍ଷ ନିଯୁକ୍ତିକୁ କିପରି ଛଡ଼ାଇ ଅଣାଯାଇପାରିବ, ତାହା ଅନୁଧ୍ୟାନ କରିବାକୁ ଏକ ଦ୍ୱିଦଳୀୟ ଚୟନ କମିଟି ଗଠନ କରାଯିବ। ଏହାଦ୍ୱାରା ଚାଇନା ବିରୋଧରେ ଅର୍ଥନୈତିକ ଲଢ଼େଇ ଜିତାଯାଇପାରିବ ବୋଲି ମେକାର୍ଥି କହିବା ବେଳେ ଗୃହର ସଦସ୍ୟମାନେ ଏହାର ପ୍ରଶଂସା କରିଥିଲେ।


କେଭିନ୍ ମେକାର୍ଥି

- ବିବାଦ ମଧ୍ୟରେ ୧୫ତମ ଭୋଟରେ ଜିତିଲେ
- ଚାଇନା କମ୍ୟୁନିଷ୍ଟ ପାର୍ଟିର ଉତ୍‌ଥାନ ରୋକିବାକୁ ପ୍ରତିଶ୍ରୁତି

## ସଂକ୍ଷେପରେ

### ପଞ୍ଜାବ ମନ୍ତ୍ରୀ ଫୌଜ ସିଂଙ୍କ ଇସ୍ତଫା

**ବଲବୀର ସିଂ ନୂଆ ମନ୍ତ୍ରୀ**


ଫୌଜ ସିଂ ସରାର

**ଚଣ୍ଡିଗଡ଼,୭।୧:** ଦୁର୍ନୀତିରେ ସମ୍ପୃକ୍ତ ଅଭିଯୋଗରେ ପଞ୍ଜାବ ଉଦ୍ୟାନ କୃଷିମନ୍ତ୍ରୀ ଫୌଜ ସିଂ ସରାରି ଶନିବାର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। କିଛି ମାସ ତଳେ ସେ ଏକ ବଟି ଆଦାୟ ଡିଲ୍ ଧାର୍ଯ୍ୟ କରୁଥିବାର ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ପ୍ରଘଟ ହେବା ପରେ ବିବାଦ ଘେରକୁ ଆସିଥିଲେ। ଫୌଜ ସିଂଙ୍କ ଇସ୍ତଫା ପତ୍ରକୁ ମୁଖ୍ୟମନ୍ତ୍ରୀ ମାନ୍ ଗ୍ରହଣ କରିନେଇଛନ୍ତି। ଫୌଜ ସିଂ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି। ତେବେ ସେ ଦଳର ଜଣେ ଅନୁଗତ ସୈନ୍ୟ ଥିଲେ ଓ ରହିବେ ବୋଲି କହିଛନ୍ତି। ଅବସରପ୍ରାପ୍ତ ପୋଲିସ ଅଫିସର ଫୌଜ ସିଂ ଫିରୋଜପୁରର ଗୁରୁ ହର ସହାଇ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଫୌଜ ସିଂଙ୍କ ଇସ୍ତଫା ପରେ ପଟିଆଲା ଗ୍ରାମାଞ୍ଚଳ ଆସନର ଏଏପି ବିଧାୟକ ଡ. ବଲବୀର ସିଂଙ୍କୁ ଶନିବାର ନୂଆ ମନ୍ତ୍ରୀ ଭାବେ କ୍ୟାବିନେଟରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ମାନ୍‌ଙ୍କ ଉପସ୍ଥିତିରେ ରାଜ୍ୟପାଳ ଭଓ୍ୱାରିଲାଲ ପୁରୋହିତ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଆଖି ଡାକ୍ତର ବଲବୀର କଂଗ୍ରେସ ନେତା ବ୍ରହ୍ମ ମହିନ୍ଦ୍ରାଙ୍କ ପୁଅ ମୋହିତ ମହିନ୍ଦ୍ରାଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

### ବିରିୟାନି ଖାଇ ଯୁବତୀଙ୍କ ମୃତ୍ୟୁର ତଦନ୍ତ ନିର୍ଦ୍ଦେଶ

**ଥିରୁଭାନନ୍ତପୁରମ, ୭।୧:** କେରଳ ପେରୁମ୍ବଲାରେ କୁଝିମନ୍ତି (କେରଳରେ ମିଳୁଥିବା ବିରିୟାନି) ଖାଇ ଯୁବତୀଙ୍କ ମୃତ୍ୟୁ ଘଟିଛି। ଗତ ଡିସେମ୍ବର ୩୧ରେ ଅଞ୍ଜୁ ଶ୍ରୀପାର୍ବତୀ ଅନ୍‌ଲାଇନ୍‌ରେ ରୋମାନ୍ସିଆ ରେଷ୍ଟୁରାଣ୍ଟରୁ ବିରିୟାନି ମଗେଇ ଖାଇଥିବା ପୋଲିସ କହିଛି। ଶନିବାର ସକାଳେ ଅଞ୍ଜୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ତାଙ୍କୁ ଘର ଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଅଞ୍ଜୁଙ୍କ ଘରଲୋକ ଥାନାରେ ଅଭିଯୋଗ କରିଥିଲେ। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ଛାତ୍ରୀଙ୍କୁ ଲଭ୍ ଲେଟର ଦେଇ ଶିକ୍ଷକ ନିଲମ୍ବିତ

**କାନ୍ନୁଜ, ୭।୧:** ଉତ୍ତର ପ୍ରଦେଶ ବଲ୍ଲାରପୁରର ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଲଭ୍ ଲେଟର ଲେଖିଥିବା ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ସମ୍ପୃକ୍ତ ଶିକ୍ଷକ ହରିଓମ୍ ସିଂଙ୍କ ବିରୋଧରେ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଡିସେମ୍ବର ୩୦ରେ ହରିଓମ୍ ଛାତ୍ରୀଙ୍କୁ ଏକ ଗ୍ରୀଟିଙ୍ଗସ୍ କାର୍ଡ ଦେଇଥିଲେ। ସେ ଘରକୁ ଯାଇ ଦେଖିଲାବେଳେକୁ ସେଥିରେ ଶିକ୍ଷକ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେବା ପରେ ଜିଲା ଶିକ୍ଷା ଅଧିକାରୀ କୌସ୍ତୁଭ ସିଂ ହରିଓମ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ବିଇଓ ଘଟଣାର ତଦନ୍ତ କରୁଛନ୍ତି।

## ସିଜେଆଇଙ୍କୁ ଗ୍ଲୋବାଲ ଲିଡରଶିପ୍ ଆୱାର୍ଡ


ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

**ନୂଆଦିଲ୍ଲୀ,୭।୧**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ହାର୍ଭାର୍ଡ ଲ' ସ୍କୁଲ୍ ସେଣ୍ଟର ଗ୍ଲୋବାଲ ଲିଡରଶିପ୍ ଆୱାର୍ଡ ପ୍ରଦାନ କରିବାକୁ ଯାଉଛି। ଆସନ୍ତା ୧୧ ତାରିଖରେ ଏକ ଅନ୍‌ଲାଇନ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ। ଦେଶ ତଥା ସାରା ବିଶ୍ୱରେ ଆଇନ ଅଧିବସାୟ ପ୍ରତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କର ଜୀବନବ୍ୟାପୀ ସେବାର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପାଇଁ ଚୟନ କରାଯାଇଛି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଆମେରିକାର ହାର୍ଭାର୍ଡ ଲ' ସ୍କୁଲ୍‌ରୁ ଜୁରିଡିକାଲ ସାଇନ୍ସେସ୍‌ରେ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ଓ ଡକ୍ଟରେଟ୍ ହାସଲ କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଗତବର୍ଷ ନଭେମ୍ବର ୯ରେ ଭାରତର ୫୦ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ।

## ଜୋଷୀମଠରୁ ଲୋକଙ୍କୁ ସ୍ଥାନାନ୍ତର


ଜୋଷୀମଠ ସହରରେ ମାଟି ଦବିଯିବାରୁ ଏକ ଘର ଭୁଶୁଡ଼ି ପଡ଼ିଛି।

**ନୂଆଦିଲ୍ଲୀ,୭।୧**

ଉତ୍ତରାଖଣ୍ଡର ଚାମୋଲି ଜିଲା ଅନ୍ତର୍ଗତ ଜୋଷୀମଠ ସହର ଦବୁଥିବାରୁ ପାଖାପାଖି ୬୦୦ ଘରେ ଏବଂ ରାସ୍ତାରେ ବିପଜ୍ଜନକ ଫାଟ ସୃଷ୍ଟି ହୋଇଛି। ଗୋଟିଏ ମନ୍ଦିର ଓ କେତେକ ଘର ଭୁଶୁଡ଼ି ପଡ଼ିଥିବାବେଳେ ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଶନିବାର ଜୋଷୀମଠ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ଡେଞ୍ଜର ଜୋନ୍ (ବିପଜ୍ଜନକ ଅଞ୍ଚଳ)ରେ ରହିଥିବା ୬୦୦ ପରିବାରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ବିସ୍ଥାପନ କରାଯାଉଛି। ଏଥିପାଇଁ ହେଲିକପ୍ଟରକୁ ଷ୍ଟାଣ୍ଡବାଏ ରଖାଯାଇଛି। ଭୂବିଜ୍ଞାନୀମାନେ ମାଟି ଦବିବା ଘଟଣାର ଅନୁଧ୍ୟାନ କରୁଛନ୍ତି। ବିଶେଷଜ୍ଞ କମିଟି ଜନବସତି ଅଞ୍ଚଳରେ ଭୂମି ଦବିବା, ଘର, ରାସ୍ତାଘାଟରେ ଫାଟ ସୃଷ୍ଟି ହେବାର କାରଣ ଖୋଜିବେ। ସ୍ଥିତି ଅନୁଧ୍ୟାନ ପରେ ଜୋଷୀମଠ ଅଞ୍ଚଳର ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ଦୀର୍ଘମିଆଦୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହେବ ବୋଲି ଧାମି କହିଛନ୍ତି।

## ଇରାନରେ ଆଉ ୨ ଜଣଙ୍କୁ ଫାଶୀ

**ଦୁବାଇ,୭।୧**

**ସରକାର ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଅଟକଥିଲେ**

ଇରାନରେ ହିଜାବ ବିବାଦ ପରେ ଦେଶର ଧର୍ମତନ୍ତ୍ରକୁ ଚ୍ୟାଲେଞ୍ଜ କରି ଚାଲିଥିବା ସରକାର ବିରୋଧୀ ଆନ୍ଦୋଳନକୁ ଚପାଇଦେବା ପାଇଁ ଶନିବାର ଆଉ ୨ ଜଣଙ୍କୁ ଫାଶୀ ଦିଆଯାଇଛି। ସେମାନେ ସରକାର ବିରୋଧୀ ଆନ୍ଦୋଳନରେ ସାମିଲ ହୋଇ ସୁରକ୍ଷା ବଳ ଦ୍ୱାରା ଅଟକ ରହିଥିଲେ। ବିକ୍ଷୋଭ ବେଳେ ଅର୍ଦ୍ଧସାମରିକ ସ୍ୱେଚ୍ଛାସେବୀଙ୍କୁ ହତ୍ୟା କରିବା ଅଭିଯୋଗରେ ସେମାନଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା ବୋଲି ଇରାନ କହିଛି। ଫାଶୀ ପାଇଥିବା ୨ ଜଣ ହେଲେ ମହମ୍ମଦ ମେହଦି କରାମି ଏବଂ ମହମ୍ମଦ ହୋସେଇନି। ଏମାନଙ୍କୁ ମିଶାଇ ସରକାରଙ୍କ ବିରୋଧରେ ଆନ୍ଦୋଳନରେ ସମ୍ପୃକ୍ତ ମୋଟ ୪ ଜଣଙ୍କୁ ଫାଶୀ ଦିଆଗଲାଣି। ମହସା ଅମିନିଙ୍କ ମୃତ୍ୟୁ ପରେ ଗତବର୍ଷ ସେପ୍ଟେମ୍ବରରେ ଇରାନରେ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ରୁଦ୍ଧଦ୍ୱାର ଅଦାଲତରେ ବିଚାର କରାଯାଇ ଆନ୍ଦୋଳନକାରୀଙ୍କୁ ଫାଶୀଦେବା ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ନିନ୍ଦା କରାଯାଇଛି।

## ବିମାନରେ ପରିସ୍ରା କରିଥିବା ଅଭିଯୁକ୍ତ ଜେଲ ଗଲେ

**ନୂଆଦିଲ୍ଲୀ,୭।୧**


ଶଙ୍କର ମିଶ୍ରା

ଏୟାର ଇଣ୍ଡିଆ ବିମାନରେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିବା ଅଭିଯୁକ୍ତ ଶଙ୍କର ମିଶ୍ରାଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀ ପୋଲିସ ତାଙ୍କୁ ବେଙ୍ଗାଲୁରୁରୁ ଗିରଫ କରି ଦିଲ୍ଲୀ ଆଣିବା ପରେ କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ୩ ଦିନ ରିମାଣ୍ଡରେ ନେଇ ଜେରା କରିବାକୁ ଦିଲ୍ଲୀ ପୋଲିସ ଆବେଦନ କରିଥିଲା। ତେବେ ଅଦାଲତ ପୋଲିସର ନିବେଦନକୁ ଅଗ୍ରାହ୍ୟ କରିଦେଇ ଶଙ୍କରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଗତ ନଭେମ୍ବର ୨୬ରେ ଏୟାର ଇଣ୍ଡିଆ ବିମାନର ବିଜ୍‌ନେସ କ୍ଲାସ୍‌ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଶଙ୍କର ନିଶାସକ୍ତ ଅବସ୍ଥାରେ ଜଣେ ବୟସ୍କା ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ଗତ ୪ ତାରିଖରେ ପୋଲିସ ତାଙ୍କ ନାମରେ ମାମଲା ଦାଏର କରିଥିଲା। ପରିସ୍ରା କରିବା ମାମଲାରେ ଡିଜିସିଏ ଏୟାର ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବାବେଳେ ଇତିମଧ୍ୟରେ ଉକ୍ତ ଏୟାରଲାଇନ୍ସର ୩ ଜଣ କ୍ରିଉ ସଦସ୍ୟ ଜେରାର ସମ୍ମୁଖୀନ ହୋଇଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଗୁଳିକଲେ ୬ ବର୍ଷୀୟ ଛାତ୍ର

**ନରଫକ୍,୭।୧:** ଆମେରିକାର ଭର୍ଜିନିଆସ୍ଥିତ ରିଚନେକ୍ ଏଲିମେଣ୍ଟାରି ସ୍କୁଲ୍‌ରେ ଜଣେ ୬ ବର୍ଷର ଛାତ୍ର ଶୁକ୍ରବାର ଶ୍ରେଣୀଗୃହରେ ଶିକ୍ଷୟିତ୍ରୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଆହତ ଶିକ୍ଷୟିତ୍ରୀ ଏବେ ଚିକିତ୍ସାଧୀନ ଅଛନ୍ତି। ଫାଷ୍ଟ ଗ୍ରେଡ୍ ଶ୍ରେଣୀରେ ଶିକ୍ଷୟିତ୍ରୀଙ୍କ ସହ ବଚସା ପରେ ଛାତ୍ର ଜଣକ ଗୁଳି ଚଳାଇଥିଲେ ବୋଲି ପୋଲିସ ଓ ସ୍କୁଲ୍ କର୍ମଚାରୀ କହିଛନ୍ତି। ଗୁଳିମାଡ଼ରେ କୌଣସି ପିଲା ଆହତ ହୋଇନାହାନ୍ତି। ଛାତ୍ର ଜଣକ ସ୍କୁଲ୍‌କୁ ହ୍ୟାଣ୍ଡଗନ୍ ଆଣି ଆସିଥିଲେ। ତେବେ ସେ କେଉଁଠୁ ବନ୍ଧୁକ ପାଇଲେ, ତାହା ଉପରେ ପୋଲିସ ତଦନ୍ତ କରୁଛି।

## ବିହାରରେ ଜାତିଭିତ୍ତିକ ଜନଗଣନା ଆରମ୍ଭ


ପାଟନାରେ ଗଣନାକାରୀ ଅଧିକାରୀମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି।

- ସବୁ ସମ୍ପ୍ରଦାୟର ଆର୍ଥିକ ସ୍ଥିତି ଆକଳନ କରିବା ଏହାର ଉଦ୍ଦେଶ୍ୟ: ନୀତୀଶ
- ଐତିହାସିକ ପଦକ୍ଷେପ କହିଲେ ତେଜସ୍ୱୀ

**ପାଟନା,୭।୧**

ବିହାରରେ ଶନିବାରଠାରୁ ବହୁପ୍ରତୀକ୍ଷିତ ଜାତିଭିତ୍ତିକ ଜନଗଣନା ଆରମ୍ଭ ହୋଇଛି। ଗଣନାକାରୀ ଅଧିକାରୀମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି। ସବୁ ସମ୍ପ୍ରଦାୟର ଆର୍ଥିକ ସ୍ଥିତି ଆକଳନ କରିବା ସହିତ ବିକାଶମୂଳକ କାର୍ଯ୍ୟରେ ସହାୟତା କରିବା ଏହି ଜନଗଣନାର ଉଦ୍ଦେଶ୍ୟ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦୋହରାଇଛନ୍ତି। ଜାତିଭିତ୍ତିକ ଜନଗଣନା ପାଇଁ ଆରମ୍ଭରୁ ଆମେ ଦାବି କରିଆସୁଛୁ। ୨୦୧୧ ଜନଗଣନା ପରେ ସରକାର ଜାତିଭିତ୍ତିକ ଗଣନା ଆରମ୍ଭ କରିଥିଲେ ହେଁ ତାହା ଠିକ୍ ଭାବେ ହୋଇପାରି ନ ଥିଲା। ବିହାରର ସମସ୍ତ ଦଳ ଏକାଠି ବସି ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା କରିବାକୁ ଚାହାନ୍ତି ନାହିଁ। ତେବେ କୌଣସି ରାଜ୍ୟ ଏହା କରିବାକୁ ଚାହିଁଲେ କରିପାରିବ ବୋଲି କେନ୍ଦ୍ର କହିଥିଲା। ବିହାରରେ ଜାତିଭିତ୍ତିକ ଜନଗଣନା ଏକ ଐତିହାସିକ ପଦକ୍ଷେପ ବୋଲି ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି। ସମାଜର ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ଏଥିରୁ ବିଜ୍ଞାନସମ୍ମତ ତଥ୍ୟ ମିଳିପାରିବ ବୋଲି ଆର୍‌ଜେଡି ନେତା ମତ ଦେଇଛନ୍ତି।

DSPL-404

ଓଡ଼ିଶା ଶାସନ

**କ୍ୟାପିଟାଲ୍ ହସ୍ପିଟାଲ୍, ଭୁବନେଶ୍ୱରର ବହିର୍ବିଭାଗ (ଅପରାହ୍ନ) ଚିକିତ୍ସା ପାଇଁ ଅନ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ**

**(ଆସନ୍ତା ତା.୯.୧.୨୦୨୩ ରିଖ ଠାରୁ ଉପଲବ୍ଧ)**

ପ୍ରତିଦିନ ରାତ୍ରି ୧୨ ଘଟିକା ଠାରୁ ଦିବା ୩.୦୦ ଘଟିକା ମଧ୍ୟରେ ପଞ୍ଜିକରଣ କରିହେବ। ଦିବା ୩ଟାରୁ ୫ଟା ମଧ୍ୟରେ ଉପଲବ୍ଧ ବହିର୍ବିଭାଗ ସେବା ପାଇଁ ପ୍ରଯୁଜ୍ୟ।

**କିପରି କରିବେ :**

୧. କମ୍ପ୍ୟୁଟର କିମ୍ବା ମୋବାଇଲ୍ ଫୋନ୍‌ରେ **https://eswasthya.odisha.gov.in** ୱେବ୍‌ସାଇଟ୍ ଖୋଲନ୍ତୁ।

୨. ଏହାପରେ "Online Registration" ଉପରେ କ୍ଲିକ୍ କରନ୍ତୁ।

୩. ଯଦି ଆପଣ ପୂର୍ବରୁ କେବେ ଅନ୍‌ଲାଇନ୍ ପଞ୍ଜିକରଣ କରିଛନ୍ତି ତେବେ "Do you have Central Registration Number" ଉପରେ କ୍ଲିକ୍ କରନ୍ତୁ, ନଚେତ୍ "New Registration" ଉପରେ କ୍ଲିକ୍ କରନ୍ତୁ।

୪. ଏହା ପରେ ହସ୍ପିଟାଲ୍‌ର ନାମ, କେଉଁ ବିଭାଗର ଚିକିତ୍ସା ଚାହୁଁଛନ୍ତି ଓ କେଉଁ ତାରିଖରେ ଚାହୁଁଛନ୍ତି ଚୟନ କରନ୍ତୁ ଓ କ୍ଲିକ୍ କରନ୍ତୁ।

୫. ତା'ପରେ ଆପଣଙ୍କର ନାମ, ବୟସ, ଠିକଣା ଆଦି ପୂରଣ କରନ୍ତୁ ଏବଂ "Register" ଉପରେ କ୍ଲିକ୍ କରନ୍ତୁ। ବର୍ତ୍ତମାନ ଆପଣଙ୍କ ପାଇଁ ଉଦ୍ଦିଷ୍ଟ Appointment Slip ଏବଂ Print option ସ୍କ୍ରିନ୍‌ରେ ଆସିଯିବ।

୬. "Appointment Slip" ର ଗୋଟିଏ ପ୍ରିଣ୍ଟ ବାହାର କରି ଆପଣ ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ ଚିକିତ୍ସା ପାଇଁ ଯାଇପାରିବେ। ଯଦି ଆପଣଙ୍କ ପାଖରେ ପ୍ରିଣ୍ଟର ସୁବିଧା ନାହିଁ ତେବେ ଆପଣଙ୍କ QR Code କୁ ମୋବାଇଲ୍‌ରେ ସ୍କାନିଂ କରି ନେଇ ଯାଆନ୍ତୁ ଓ ହସ୍ପିଟାଲ୍‌ରେ ଥିବା କିଓସ୍କ ମେସିନ୍‌ରେ ପ୍ରିଣ୍ଟ ବାହାର କରନ୍ତୁ।

୭. ସମ୍ପୃକ୍ତ ବିଭାଗରେ ଚିକିତ୍ସା ପାଇଁ ଆପଣଙ୍କୁ Appointment Slip ସହ **ବହିର୍ବିଭାଗ ବନ୍ଦ ହେବାର ଅନ୍ତତଃ ୧ ଘଣ୍ଟା ପୂର୍ବରୁ ପହଞ୍ଚିବାକୁ ହେବ।**

**ମନେରଖନ୍ତୁ :**

ପୁନର୍ବାର ଚିକିତ୍ସା ପାଇଁ ଆପଣଙ୍କୁ ପ୍ରଥମେ ପାଇଥିବା CR Number ସହ ଆଉଥରେ ପଞ୍ଜିକରଣ ମାଧ୍ୟମରେ ଆଉ ଏକ Appointment Slip ବାହାର କରିବାକୁ ପଡ଼ିବ।




OIPR-10003/13/0130/2223

ପୁରୁଷ ହକି ବିଶ୍ୱ କପ୍ ୨୦୨୩ - ଓଡ଼ିଶା ପାଇଁ ଗର୍ବ ଓ ଗୌରବ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୮/୨୦୨୩ | Bhubaneswar, Sunday, January 8/2023 | ପୃଷ୍ଠା-୧




## ସାନିଆ ମିର୍ଜାଙ୍କ ଅବସର ନିଷ୍ପତ୍ତି

ଭାରତର ଭେଟେରାନ ମହିଳା ଡବଲ୍ସ ଖେଳାଳି ସାନିଆ ମିର୍ଜା ଟେନିସ୍‌ରୁ ଅବସର ନେବା ଲାଗି ନିଷ୍ପତ୍ତି ନେଇଛନ୍ତି।

୧୪

୦୯

## ରାହା ମାନେ ଖୁସି: ଆଲିଆ

ଝିଅ ରାହାଙ୍କ ନାଁର ମାନେ ଖୁସି ବୋଲି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି କହିଛନ୍ତି।





ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପରିବହନ ମନ୍ତ୍ରୀ ଟୁକୁନି ସାହୁ ରାଉରକେଲାକୁ ବିମାନ ସେବାର ଶୁଭାରମ୍ଭ କରୁଛନ୍ତି।

# ଭୁବନେଶ୍ୱର-ରାଉରକେଲା ବିମାନସେବା ଆରମ୍ଭ

- ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ
- ୧୨ରୁ ଦୈନିକ ଉଡ଼ାଣ କରିବ

**ଭୁବନେଶ୍ୱର, (ବ୍ୟୁରୋ)/ ରାଉରକେଲା ଅଫିସ, ୭।୧**

କେନ୍ଦ୍ର ସରକାରଙ୍କ ଉଡ଼ାନ ଯୋଜନାରେ ଭୁବନେଶ୍ୱର-ରାଉରକେଲା ବିମାନସେବା ଆରମ୍ଭ ହୋଇଛି। ଶନିବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଭର୍ଚୁଆଲରେ ଏହାର ଉଦ୍‌ଘାଟନ କରିଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପୂର୍ବାହ୍ନ ସାଢ଼େ ୧୦ଟାରେ ☞ପୃଷ୍ଠା-୨

# ୪ ଜଣଙ୍କୁ ଦଳିଦେଲା ହାତୀ

**ଶୀତୁଆ ସକାଳ। ଅନ୍ଧାର ମଧ୍ୟ ଛାଡ଼ି ନ ଥିଲା ଭଲଭାବେ। ୪ଟି ଗାଁର ୪ଜଣଙ୍କ ମୃତ୍ୟୁ ଦୂତ ସାଜି ପହଞ୍ଚିଯାଇଥିଲା ଏକ ମାଇହାତୀ। ସମ୍ମୁଖକୁ ଆସିବା ମାତ୍ରେ କରିଥିଲା ଆକ୍ରମଣ। କାହାକୁ ଗୋଡ଼ରେ ଦଳି ଫୋପାଡ଼ି ଦେଇଥିଲା ତ ଆଉ କାହାକୁ ମାରି ଅଧା ଶରୀରକୁ ପୂରାଇ ଦେଇଥିଲା ମାଟିରେ। ମାତ୍ର ୨ ଘଣ୍ଟା ମଧ୍ୟରେ ଅନୁଗୋଳ ବନଖଣ୍ଡର ୪ ଗ୍ରାମରେ ଏପରି ଆତଙ୍କ ଖେଳାଇଥିଲା ଦଳରୁ ଅଲଗା ହୋଇଯାଇଥିବା ୨୦ ବର୍ଷୀୟା ମାଇହାତୀ।**

- ୪ ଗାଁରେ ପଶି ଜୀବନ ନେଲା
- ଅନୁଗୋଳ ବନଖଣ୍ଡରେ ଆତଙ୍କ
- ଚାକିରି, କ୍ଷତିପୂରଣ ଦାବିରେ ଆନ୍ଦୋଳନ
- ବନ ବିଭାଗ ଅବହେଳାକୁ ଦାୟୀ କଲେ ଲୋକେ

**ଅନୁଗୋଳ ଅଫିସ, ୭।୧**

ଅନୁଗୋଳ ବନଖଣ୍ଡରେ ହାତୀକୁ ନେଇ ଶନିବାର ଖେଳିଯାଇଛି ଭୟର ବାତାବରଣ। ଜିଲାର ସଦର ଥାନା ଓ ବଁଅରପାଳ ଥାନା ଅଞ୍ଚଳରେ ପଶି ୪ ଜଣଙ୍କ ଜୀବନ ନେଇଛି ଏକ ମାଇ ହାତୀ। ମୃତକ ହେଲେ ଅନୁଗୋଳ ସଦର ଥାନା ଛେଳିଆପଡ଼ାର ସୁବାସ ସାହୁ(୫୫), ଅଙ୍ଗାରବନ୍ଧର ଅନିରୁଦ୍ଧ ସାହୁ(୫୫), ବାରସିଂହା ଅଞ୍ଚଳର ରମେଶ ଚନ୍ଦ୍ର ସ୍ୱାଇଁ(୬୦) ଓ ବଁଅରପାଳ ଥାନା ଗଡ଼ସନ୍ତ୍ରୀ ଗାଁର ଅଜୟ ସାମଲ(୫୫)। ସକାଳ ୬ଟାରୁ ୮ଟା ମଧ୍ୟରେ ଘଟିଥିବା ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦେଖାଦେଇଛି ତୀବ୍ର ଉତ୍ତେଜନା। ହାତୀ ଉପଦ୍ରବରୁ ଗାଁକୁ ସୁରକ୍ଷା ସହ ଉପଯୁକ୍ତ କ୍ଷତିପୂରଣ, ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଦେବା ଆଦି ଦାବି ନେଇ ଅପରାହ୍ନରେ ଆନ୍ଦୋଳନକୁ ଓହ୍ଲାଇଥିଲେ ଲୋକେ। ତେବେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରାଯାଇ ରେଡ୍‌କ୍ରସ୍, ବନ ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ ୫୫ ହଜାର ଟଙ୍କା ଏବଂ ସରକାରଙ୍କ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ମଧ୍ୟରୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ଢେଙ୍କାନାଳରୁ ଚାଲି ଆସିଥିବା ୨୫ଟି ହାତୀ ଅନୁଗୋଳ ବନଖଣ୍ଡର ମନ୍ଦରଗିରି ନିକଟରେ ଶୁକ୍ରବାର ରାତିରେ ରହିଥିଲେ। ସେଥିରୁ ଏକ ମାଇ ହାତୀ ଅଲଗା ହୋଇ ଶନିବାର ଭୋର ସାଢ଼େ ୫ଟାରେ ଢେଙ୍କାନାଳ ସୀମାନ୍ତ କଣ୍ଟିଗାଡ଼ିଆ ମୁହାଁ ହୋଇଥିଲା। ତେବେ ମନ୍ଦରଗିରିଠାରୁ ☞ପୃଷ୍ଠା-୨

## ହାତୀ ଆକ୍ରମଣରେ ଓଡ଼ିଶାରେ ସର୍ବାଧିକ ମୃତ୍ୟୁ

**ନୂଆଦିଲ୍ଲୀ,୭।୧**

**ଜଙ୍ଗଲ କ୍ଷୟର ଗମ୍ଭୀର ପରିଣାମ**

ଜଙ୍ଗଲ କ୍ଷୟର ଗମ୍ଭୀର ପରିଣାମ ଓଡ଼ିଶା ସମେତ ସାରା ଦେଶରେ ଅନୁଭୂତ ହୋଇଛି। ଜଙ୍ଗଲ ହ୍ରାସ ପାଇବା ଯୋଗୁ ହାତୀଗୁଡ଼ିକ ଜନବସତିମୁହାଁ ହୋଇଛନ୍ତି। ଫଳରେ ଓଡ଼ିଶାରେ ହାତୀ-ମଣିଷ ଲଢ଼େଇର ଅନ୍ତ ହେବା ଭଳି ଦେଖାଯାଉନାହିଁ। ପରିସଂଖ୍ୟାନ ଅନୁଯାୟୀ ଗତ ୩ ବର୍ଷରେ ହାତୀ ଆକ୍ରମଣରେ ଓଡ଼ିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ଭାରତରେ ହାତୀ ଆକ୍ରମଣରେ ମୋଟ ୧,୫୭୮ ଜୀବନ ଯାଇଛି, ଯହିଁରୁ ଓଡ଼ିଶାରେ ସର୍ବାଧିକ ୩୨୨ ଜଣଙ୍କ ମୃତ୍ୟୁ ହୋଇଛି। ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନରେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ ଗୃହକୁ ଏହି ସୂଚନା ଦେଇଥିଲେ। ତାଙ୍କ କହିବା ଅନୁଯାୟୀ ଓଡ଼ିଶାରେ ୨୦୧୯-୨୦ ବର୍ଷରେ ୧୧୭ ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବାବେଳେ ୨୦୨୦-୨୧ରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ମାନସିକତା ବଦଳିନି

# ଶିବସୁନ୍ଦର ଜାତୀୟ ଦଳର ଚୟନକର୍ତ୍ତା

**ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ବିସିସିଆଇ କ୍ରିକେଟ ଉପଦେଷ୍ଟା କମିଟି ପକ୍ଷରୁ ଶନିବାର ୫ ଜଣିଆ ଜାତୀୟ ଚୟନକର୍ତ୍ତା ଦଳ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ତଥା ଓଡ଼ିଶା ଖେଳାଳି ଶିବସୁନ୍ଦର ଦାସଙ୍କୁ ସିନିୟର ଦଳର ଚୟନକର୍ତ୍ତା ଭାବରେ ମନୋନୀତ କରାଯାଇଛି। ଚେତନ ଶର୍ମାଙ୍କ ନେତୃତ୍ୱରେ ଗଠିତ ଚୟନ କମିଟିରେ ଶିବସୁନ୍ଦରଙ୍କୁ କେନ୍ଦ୍ରାଞ୍ଚଳ ଜୋନ୍‌ରୁ ମନୋନୀତ କରାଯାଇଛି। ଶିବସୁନ୍ଦରଙ୍କ ବ୍ୟତୀତ ସଲିଲ ଅଙ୍କୋଲା, ସୁବ୍ରତୋ ବାନାର୍ଜୀ ଓ ସିଦ୍ଧାର୍ଥ ଶରଥ ଏହି କମିଟିର ସଦସ୍ୟ ରହିଛନ୍ତି। ଶିବସୁନ୍ଦର ବର୍ତ୍ତମାନ ଭାରତୀୟ ମହିଳା ଦଳର ବ୍ୟାଟିଂ କୋଚ୍ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୦୨ରେ ଅନ୍ତର୍ଜାତୀୟ ପଦାର୍ପଣ ☞ପୃଷ୍ଠା-୨



ଶିବସୁନ୍ଦର ଦାସ

# ଟେନ୍‌ସାରେ ୧ ଡିଗ୍ରୀ

**ଟେନସା,୭।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାରେ ଶୁକ୍ରବାର ରାତିରେ ପ୍ରଥମ କରି ଟେନ୍‌ସା ନିକଟ ଜିରୋ ପଏଣ୍ଟଠାରେ ତୁଷାରପାତ ହୋଇଛି। ସେହିପରି କୋଇଡା ଅଞ୍ଚଳର କେତେକ ସ୍ଥାନରେ ମଧ୍ୟ ତୁଷାରପାତ ହୋଇଥିବାର ଦେଖିବାକୁ ମିଳିଛି। ଜିରୋ ପଏଣ୍ଟର ତାପମାତ୍ରା ୧ଡିଗ୍ରୀ ଥିବା ବେଳେ ତନ୍ତରା ନିକଟ ଜିନ୍ଦଲ ଖଣି ନିକଟରେ ତାପମାତ୍ରା ୪ ଡିଗ୍ରୀ, ଟେନସାରେ ୬ ଡିଗ୍ରୀ, କୋଇଡାରେ ୫ରୁ ୭ଡିଗ୍ରୀ ରହିଥିଲା। ପ୍ରବଳ ଥଣ୍ଡା ଯୋଗୁ ଦୋକାନ ବଜାର ବନ୍ଦ ଥିବା ବେଳେ ସନ୍ଧ୍ୟା ୭ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ସକାଳ ୮ଟା ପର୍ଯ୍ୟନ୍ତ ଲୋକେ ବିଛଣା ଛାଡୁନାହାନ୍ତି। ଦିନତମାମ କୋହଲା ପାଗ ଲାଗି ରହୁଥିବାରୁ ଲୋକେ ଶୀତବସ୍ତ୍ର ଦେହରୁ ବାହାର କରୁନାହାନ୍ତି। ସନ୍ଧ୍ୟା ସମୟରେ ଲୋକେ ନିଆଁ ଜାଳି ବସୁଛନ୍ତି। ହାଡଭଙ୍ଗା ଶୀତରେ ଗରିବ ଆଦିବାସୀଙ୍କ ଦୁଃଖ କଥା କହିଲେ ନ ସରେ। ଅଭାବ ଅନଟନରେ ଦିନ କାଟୁଥିବା ଗରିବ ଲୋକେ ଶୀତ ବସ୍ତ୍ର ଅଭାବରୁ ରାତି ସାରା ନିଆଁ ଜାଳି ଚାରିପାଖରେ ବସି ରହୁଥିବାର ଦେଖିବାକୁ ମିଳିଛି।

**ଶିମିଳିପାଳରେ ତୁଷାରପାତ**
୩

# ୯୬ ଶିକ୍ଷକଙ୍କ ଖବର ମିଳୁନି

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ସରକାରୀ ସ୍କୁଲରେ ଅନୁପସ୍ଥିତ ରହୁଥିବା ଶିକ୍ଷକଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ପୂର୍ବରୁ ୧୫୪ ଜଣ କନିଷ୍ଠ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଶୁକ୍ରବାର ଆଉ ୨୦ ପ୍ରାଥମିକ ଶିକ୍ଷକଙ୍କ ଉପରେ ପଦକ୍ଷେପ ନିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ଏବେ ଆଉ ୯୬ ଶିକ୍ଷକଙ୍କ ଖୋଜଖବର ମିଳୁନାହିଁ। ଦୀର୍ଘଦିନ ଧରି ଏହି ଶିକ୍ଷକମାନେ ସ୍କୁଲ ମାଟି ମାଡ଼ିନାହାନ୍ତି। ଏମାନଙ୍କୁ ନୋଟିସ ପଠାଗଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ। ତେଣୁ ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶନିବାର ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ସାରା ରାଜ୍ୟରେ ପାଖାପାଖି ୯୬ ଶିକ୍ଷକ ଦୀର୍ଘଦିନ ହେଲା ସ୍କୁଲରେ ଅନୁପସ୍ଥିତ ରହିଛନ୍ତି । ୨ଥର ନୋଟିସ ଦିଆଯିବା ପରେ ବି ସେମାନେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କେବଳ ସେତିକି ନୁହେଁ, ଜିଲାପାଳଙ୍କ ଦ୍ୱାରା ଯେଉଁମାନେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଛନ୍ତି, ଚୁକ୍ତି ସରିଯିବା ପରେ ପୁନଃ ଚୁକ୍ତି କରିବାକୁ ସେମାନେ ଆସୁ ନାହାନ୍ତି। ଏପରି ୯୬ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ ହୋଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗକୁ ମଧ୍ୟ ଏହିଭଳି ଦୀର୍ଘଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

# ପ୍ରଥମ ଉଡ଼ନ୍ତା କାର୍

## ଆମେରିକୀୟ କମ୍ପାନୀ ଅନାବରଣ କଲା 'ଅସ୍କା ଏ୫'

**ୱାଶିଂଟନ୍,୭।୧**

ଖାଲି ଉଡ଼ାଜାହାଜ କି ହେଲିକପ୍ଟର ନୁହେଁ, ଏଣିକି କାର୍‌ରେ ବସି ମଧ୍ୟ ଆକାଶମାର୍ଗରେ ଯାତ୍ରା କରିହେବ। ଆମେରିକୀୟ କମ୍ପାନୀ ଅସ୍କା (ଏଏସ୍‌କେଏ) 'ଅସ୍କା ଏ୫' ନାମରେ ଉଡ଼ନ୍ତା କାର୍ ନିର୍ମାଣ କରିଛି। ଚଳିତବର୍ଷ କଞ୍ଜୁମର ଇଲେକ୍ଟ୍ରୋନିକ୍ ଶୋ' (ସିଇଏସ୍)ରେ ଅସ୍କା ଏହି ଇଲେକ୍ଟ୍ରିକ୍ ଡ୍ରାଇଭ୍ ଆଣ୍ଡ ଫ୍ଲାଏ ଭର୍ଟିକାଲ୍ ଟେକ୍‌ଅଫ୍ ଆଣ୍ଡ ଲ୍ୟାଣ୍ଡିଂ (ଇଭିଟିଓଏଲ୍)ର ଅନାବରଣ କରିଛି। ତେବେ ଏହା ବିଶ୍ୱର ପ୍ରଥମ ୪ ଆସନ ବିଶିଷ୍ଟ ଉଡ଼ନ୍ତା କାର୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



୨୦୨୬ରେ ଅସ୍କା ନିଜର ଅନ୍‌ଡିମାଣ୍ଡ ଟ୍ରାଭେଲ୍ ସର୍ଭିସ୍ ଆରମ୍ଭ କରିବା ସହ ବିକ୍ରି ପାଇଁ ମଧ୍ୟ ଉପଲବ୍ଧ କରାଇବ। ଲୋକେ ଉଡ଼ାନ୍ତା କାର୍‌ରେ ବସି ମଜାଉଠାଇ ପାରିବେ। ତେବେ ଏହାର ମୂଲ୍ୟ ବାବଦରେ କମ୍ପାନୀ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଏହାର ଚାହିଦା ଅନୁସାରେ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକରେ ଉଡ଼ନ୍ତା କାରରେ ଯାତ୍ରା କରିବାର ସୁବିଧା କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯିବ। ଉଭୟ ସଡ଼କ ଏବଂ ଆକାଶ ପଥରେ ଏହି କାର୍ ଚଳାଇବା ସମ୍ଭବ। କମ୍ପାନୀର ତଥ୍ୟ ମୁତାବକ ଏହା ଆକାଶ ମାର୍ଗରେ ଏକକାଳୀନ ଘଣ୍ଟାପ୍ରତି ୨୫୦ ମାଇଲ୍ ଦୂର ଅତିକ୍ରମ କରିପାରିବ। ଉଡ଼ନ୍ତା କାର୍‌ରେ ଯାତ୍ରା କରିବାର ଲୋକଙ୍କ ସ୍ୱପ୍ନକୁ ଅସ୍କା ପୂରଣ କରିବାକୁ ଯାଉଛି ବୋଲି କମ୍ପାନୀର ସହପ୍ରତିଷ୍ଠାତା ଏବଂ ସିଇଓ ଗୁଇ କପଲିନ୍‌ସ୍କି କହିଛନ୍ତି। ଚାଳକ ଓ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅତି ନିପୁଣତାର ସହ 'ଅସ୍କା ଏ୫' ନିର୍ମାଣ କରାଯାଇଥିବାବେଳେ କମ୍ ଜାଗାରେ ମଧ୍ୟ ଏହାକୁ ପାର୍କିଂ କରିହେବ। କାର୍‌ରେ ଥିବା ୱିଙ୍ଗସ୍ ଏହାକୁ ଜରୁରିକାଳୀନ ଅବତରଣରେ ସହାୟକ ହେବ। ଏହି ୱିଙ୍ଗସ୍ ସାଧାରଣ ଭାବେ ବ୍ୟାଟେରି ଓ ଇଞ୍ଜିନ୍ ଦ୍ୱାରା ପରିଚାଳିତ ହୋଇଥାଏ। ଉଡ଼ନ୍ତା କାର୍‌ରେ ବାଲିଷ୍ଟିକ୍ ପାରାଚ୍ୟୁଟ ଖଞ୍ଜାଯାଇଛି। ତେବେ କାର୍ କିଣିବାକୁ ଆଗ୍ରହୀ ବ୍ୟକ୍ତି ଏବେଠୁ ଅସ୍କାର ୱେବ୍‌ସାଇଟ୍‌କୁ ଯାଇ ଆଗୁଆ -ଅର୍ଡର୍ ବୁକ୍ କରିପାରିବେ।




**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ ଭାରତ ଯୋଡ଼ୋ ଯାତ୍ରା କରାଯାଉ ନାହିଁ। ୨୦୨୪ ସାଧାରଣ ନିର୍ବାଚନ ସହ ଏହି ପଦଯାତ୍ରାର କୌଣସି ସମ୍ପର୍କ ନାହିଁ।"
- ଜୟରାମ ରମେଶ, ବରିଷ୍ଠ କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମିନ ଗାଁରେ ମାଇଲେ ମେଖ
ପୋଲାଖିଆଙ୍କର ମଲାଟି ଭୋକ।**

ଅମିନ ଜମି ମପାମପି କାମ କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଫଳସ୍ୱରୂପ ଲୋକଙ୍କୁ ଭୂଆଁ ବୁଲେଇ ହାତ ଚିକ୍କଣ କରୁଥିବା ଟାଉଟର, ମାମଲତକାର ବ୍ୟକ୍ତିଙ୍କ ଉପୁରିର ବାଟ ବନ୍ଦ ହୋଇଯାଏ। ପରୋକ୍ଷରେ ପେଞ୍ଚ କାଢ଼ିବାକୁ ଅସମର୍ଥ ବ୍ୟକ୍ତି ନିଜ ଦୋଷ ଦୁର୍ବଳତାକୁ ଘୋଡ଼େଇବାକୁ ଯାଇ ତୁଚ୍ଛା ବାହାଦୁରି ଦେଖଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଇଲେ ପଣ୍ଡୁ ମଲେ ମଶା
ଗୋଡ଼ ଫାଟୁ ଦେଲେ ମୁରୁକି ହସା।**

ପଣ୍ଡୁ ପୂର୍ଣ୍ଣିମା ପରେ ଶୀତ ବଢ଼ିଥାଏ। ମଶା ଥଣ୍ଡା ସହି ପାରନ୍ତି ନାହିଁ। ଥଣ୍ଡା ପଡ଼ିଲେ ମଶା ମରିଯା'ନ୍ତି। ସେମାନଙ୍କ ଉପଦ୍ରବ କମିଯାଏ। ସେହିପରି ଶୀତ ହେତୁ ଲୋକଙ୍କର ଗୋଡ଼ ତଳିପା ଫାଟେ, ଚାଲିଲା ବେଳେ ଗୋଡ଼କୁ କାଟେ। ଏପରିସ୍ଥଳେ ଗୋଡ଼କୁ କାହୁଁଛି ପଚାରିଲେ ଉକ୍ତ ବ୍ୟକ୍ତି ଲାଜରେ କିଛି ନ କହି ପାରି କେବଳ ମୁରୁକି ହସିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିସର୍ସ ପ୍ରା:ଲିଃ

## ଓଡ଼ିଶାକୁ ଇ-ଅବକାରୀ ଡିଜିଟାଲ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର

ଭୁବନେଶ୍ୱର,୭।୧(ବ୍ୟୁରୋ)-ଜାତୀୟ ସ୍ତରରେ ଓଡ଼ିଶା ପୁଣି ପୁରସ୍କୃତ ହୋଇଛି। ରାଜ୍ୟ ସରକାରଙ୍କ ଇ-ଅବକାରୀକୁ 'ଡିଜିଟାଲ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର' ପ୍ରଦାନ କରାଯାଇଛି । ଶନିବାର ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । 'ଡିଜିଟାଲ ଇନିସିଏଟିଭ୍ ଫର୍ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ' ବର୍ଗରେ ଓଡ଼ିଶାକୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି । ରାଜ୍ୟ ଅବକାରୀ ବିଭାଗ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ସମେତ ନିରବଚ୍ଛିନ୍ନ ଅନ୍‌ଲାଇନ ସେବା ଯୋଗାଇ ଦେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଅବକାରୀ ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି, ଅବକାରୀ ଆୟୁକ୍ତ ଆଶିଷ କୁମାର ସିଂହ, ଅତିରିକ୍ତ ଅବକାରୀ ଆୟୁକ୍ତ ରାମଚନ୍ଦ୍ର ପାଲଟା, ଅବକାରୀ ବିଭାଗର ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଏବଂ ରାଷ୍ଟ୍ରୀୟ ସୂଚନା ଓ ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ନୀହାର ରଞ୍ଜନ ବିଶ୍ୱାଳ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ରାଜ୍ୟ ସରକାରଙ୍କ ୫-ଟି ନୀତି ଆଧାରରେ ଅବକାରୀ ବିଭାଗ ୨୦୧୯-୨୦ରୁ ରାଷ୍ଟ୍ରୀୟ ସୂଚନା ସହାୟତାରେ ୩୦ରୁ ଅଧିକ ଅନ୍‌ଲାଇନ କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛ, ଅବାଧ, ସ୍ୱଳ୍ପ ସମୟ, ନିରବଚ୍ଛିନ୍ନ ଏବଂ ସମୟାନୁବର୍ତ୍ତୀ ସେବା ଦେଉଛି ।

## ହାଜତ ମୃତ୍ୟୁ: ବଡ଼ଚଣା ଥାନା ଅଧିକାରୀଙ୍କୁ ବଦଳି

ଚଣ୍ଡିଖୋଲ,୭।୧(ଡି.ଏନ୍.ଏ.): ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳ ଫାଣ୍ଡିରେ ହାଜତ ମୃତ୍ୟୁ ମାମଲାରେ ନୂଆ ଏସ୍‌ପି ବିନୀତ ଅଗ୍ରୱାଲ ଶନିବାର ସନ୍ଧ୍ୟାରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ସିଦ୍ଧପୁର ଗ୍ରାମର ଈଶ୍ୱର ସେଠୀଙ୍କ ଧାନମଣ୍ଡଳ ଫାଣ୍ଡି ହାଜତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଈଶ୍ୱରଙ୍କ ବାପା ପଦନ ସେଠୀ ଦେଇଥିବା ଏତଲାରେ ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଛନ୍ତି। ଏସ୍‌ପି ଅଗ୍ରୱାଲ ଥାନା ଅଧିକାରୀ ନାୟକଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ନାୟକଙ୍କୁ ତୁରନ୍ତ ଥାନା ଛାଡ଼ିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଥାନାର ଦାୟିତ୍ୱ ତୁଲାଇବାକୁ ଏସ୍‌ଆଇ ମହମ୍ମଦ ସୁରଜଙ୍କୁ ପତ୍ରସଂଖ୍ୟା-୬୯ରେ କୁହାଯାଇଛି। ସୂଚନା ଅନୁଯାୟୀ ଦଳିତ ମହାସଂଘ ଏବଂ ଅଲ୍ ଓଡ଼ିଶା ଏସ୍‌ସି, ଏସ୍‌ଟି, ଓବିସି, ମାଇନୋରିଟି ୟୁନାଇଟେଡ୍ ଫୋରମ୍ ପକ୍ଷରୁ ଏକ ଟିମ୍ ଶନିବାର ଯାଜପୁର ଏସ୍‌ପିଙ୍କୁ ଭେଟି ହାଜତ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲା।


ସୁଶୀଲ କୁମାର ନାୟକ

# ଆମ ଦେଶରେ ହସ୍ପିଟାଲକୁ ଲୋକେ ମନ୍ଦିର ମାନନ୍ତି: ମାଣ୍ଡବ୍ୟ


ଏମ୍ସର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଏମ୍ସର ବିଶେଷଜ୍ଞ ଡାକ୍ତର ଏବଂ ଅଧିକାରୀଗଣ।

**ଏମ୍ସର ସମାବର୍ତ୍ତନ ଉତ୍ସବ**

■ ବର୍ନ ସେଣ୍ଟର ଲୋକାର୍ପିତ, କ୍ରିଟିକାଲ କେୟାର ହସ୍ପିଟାଲ ବିଲ୍ଡିଂର ଶିଳାନ୍ୟାସ

ଭୁବନେଶ୍ୱର,୭।୧(ବ୍ୟୁରୋ)

ଆମ ଦେଶରେ ହସ୍ପିଟାଲକୁ ଲୋକେ ମନ୍ଦିର ବୋଲି ମାନନ୍ତି। ଡାକ୍ତରଙ୍କ ପ୍ରତି ଲୋକଙ୍କ ଶ୍ରଦ୍ଧା ଓ ବିଶ୍ୱାସ ରହିଛି। ସେମାନେ ଡାକ୍ତରଙ୍କୁ ଭଗବାନ ରୂପରେ ଦେଖିଥାନ୍ତି। ଏଥିପାଇଁ ଆମର ହସ୍ପିଟାଲଗୁଡ଼ିକ ହୋଇଛି ମନ୍ଦିର। ଏଠାକୁ ଆସୁଥିବା ରୋଗୀ ଆମ ପାଇଁ ଭଗବାନ। ଈଶ୍ୱରଙ୍କ ସେବା ଓ ପୂଜା ପାଇଁ ଆମେ ଡାକ୍ତର ରୂପରେ ଜଣେ ଜଣେ ପୂଜାରୀ। ଚିକିତ୍ସା ବ୍ୟବସ୍ଥା ହେଉଛି ପ୍ରଥମେ ଏକ ସେବା, ତା' ପରେ ବ୍ୟବସାୟ ବୋଲି ଶନିବାର ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ଚତୁର୍ଥ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମନସୁଖ ମାଣ୍ଡବ୍ୟ କହିଛନ୍ତି। ଏଥିସହିତ ସ୍ୱର୍ଣ୍ଣପଦକ ପାଇଥିବା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ଦେଶମାତୃକାର ସେବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ।

ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର ଯୋଗଦେଇ କହିଥିଲେ, ଔଷଧ ରୋଗ ଭଲ କରେ। ହେଲେ ଡାକ୍ତର ରୋଗୀଙ୍କୁ ଭଲ କରିଥାନ୍ତି। ରୋଗୀଙ୍କ ସହ ଡାକ୍ତର ଦୁଇପଦ ମିଠା କଥା ହେଲେ ଅଧା ରୋଗ ଦୂର ହୋଇଯାଇଥାଏ। କିଡ୍‌ନୀ ପ୍ରତିରୋପଣ କ୍ଷେତ୍ରରେ ଅବଦାନ ପାଇଁ ଏମ୍ସକୁ ସେ ଧନ୍ୟବାଦ ଜଣାଇବା ସହ ଗବେଷଣା କ୍ଷେତ୍ରରେ ଆହୁରି ଅଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱର ଓ ଆଇଆଇଟି ଭୁବନେଶ୍ୱର ମିଳିତ ଭାବରେ ଡୁଆଲ ଡିଗ୍ରୀ ବ୍ୟବସ୍ଥା କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡବ୍ୟଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଥିଲେ। ସେହିପରି ପ୍ରତିବର୍ଷ ଏମ୍ସ ପରିସରରେ ୫ହଜାର ଗଛ ଲଗାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରଧାନ ଆହ୍ୱାନ କରିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଦେଶର ୨୬ ଶ୍ରେଷ୍ଠ ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଥିବା ଏମ୍ସ ଭୁବନେଶ୍ୱର ଆଗାମୀ ଦିନରେ ଏକ ନମ୍ବର ହେବ ବୋଲି ଆଶା ପ୍ରକାଶ କରିଥିଲେ।

ଏହି ଅବସରରେ ଏନ୍‌ଟିପିସି ସହଯୋଗରେ ନିର୍ମିତ ୩୬ ଶଯ୍ୟାବିଶିଷ୍ଟ ଏକ ଅତ୍ୟାଧୁନିକ ବର୍ନ ସେଣ୍ଟର ଲୋକାର୍ପିତ ହୋଇଥିଲା। ଏହାସହ ଏମ୍ସ ଭୁବନେଶ୍ୱରରେ ଦେଢଶହ ଶଯ୍ୟାବିଶିଷ୍ଟ ଏକ ଅତ୍ୟାଧୁନିକ କ୍ରିଟିକାଲ କେୟାର ହସ୍ପିଟାଲ ବିଲ୍ଡିଂର ଶିଳାନ୍ୟାସ କରାଯାଇଥିଲା। ବିଭିନ୍ନ ବର୍ଗରେ ଉତ୍ତୀର୍ଣ୍ଣ ହୋଇଥିବା ଶ୍ରେଷ୍ଠ ୨୭ ଛାତ୍ରୀଛାତ୍ରଙ୍କୁ ୪୦ ସ୍ୱର୍ଣ୍ଣପଦକ ଅତିଥିମାନେ ପ୍ରଦାନ କରିଥିଲେ। ଶ୍ରେଷ୍ଠ ବିଦାୟୀ ଏମବିବିଏସ୍ ଗ୍ରାଜୁଏଟ୍ ଭାବରେ ଡା. ଅନିଲ ଦାସ ଏବଂ ଶ୍ରେଷ୍ଠ ବିଏସ୍‌ସି(ସମ୍ମାନ) ନର୍ସିଂ ଗ୍ରାଜୁଏଟ୍ ଭାବେ ଶୁଭ୍ରଜ୍ୟୋତି ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଅନୁଷ୍ଠାନର ଆଗାମୀ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ମାଣ୍ଡିଆକୁ ନେଇ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ପୁସ୍ତକ 'ହ୍ୟାଣ୍ଡବୁକ୍ ଅଫ୍ ମିଲେଟ୍ ଅନ୍ ହେଲ୍‌ଥ ବେନିଫିଟ୍ସ ଆଣ୍ଡ ଡିଜିଜ୍'ର ଉନ୍ମୋଚନ କରାଯାଇଥିଲା। ଏମ୍ସ ଭୁବନେଶ୍ୱରର ଏକ ଦଶନ୍ଧିର ସଫଳ ଯାତ୍ରାକୁ ନେଇ ପ୍ରସ୍ତୁତ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର ପ୍ରେସିଡେଣ୍ଟ ଡା. ସୁବ୍ରତ ଆଚାର୍ଯ୍ୟ, ଡିନ୍ ଡା. ପି. ଆର୍. ମହାପାତ୍ର, କୁଳସଚିବ ବି ବି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ବିଚାରପତି ପ୍ରଭାବିତ ନ ହେବା ଉଚିତ୍'



**ଶପଥ ନେଲେ ୫୦ ନୂତନ ସିଭିଲ୍ ଜଜ୍**

କଟକ ଅଫିସ,୭।୧

ନବନିଯୁକ୍ତ ୫୦ ଜଣ ସିଭିଲ୍ ଜଜ୍‌ଙ୍କ ଶପଥ ଗ୍ରହଣ ଉତ୍ସବ କଟକସ୍ଥିତ ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ସିଭିଲ ଜଜ୍‌ମାନଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ସେ କହିଥିଲେ, ବିଚାରପତି ବୃତ୍ତି ଏକ ନୀରବଚ୍ଛିନ୍ନ ଶିକ୍ଷା ଆହରଣର ପ୍ରକ୍ରିୟା। କୋର୍ଟରେ ମାମଲାର ବିଚାର କଲାବେଳେ ଜଣେ ବିଚାରପତି ନିଜର ବ୍ୟକ୍ତିଗତ ଜୀବନ ଓ ପାରିବାରିକ ପରିସ୍ଥିତି ଦ୍ୱାରା ପ୍ରଭାବିତ ନ ହେବା ଉଚିତ୍। ଜଣେ ବିଚାରପତି ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରହିବା ସହ ଆବେଗପୂର୍ଣ୍ଣ ହେବା ଅପରିହାର୍ଯ୍ୟ ବୋଲି ସେ କହିଥିଲେ। ଜୁଡିସିଆଲ୍ ଏକାଡେମୀ ତାଲିମ୍ ସମିତିର ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଯୋଗଦେଇ ନ୍ୟାୟିକ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ନବନିଯୁକ୍ତ ଜଜ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜୁଡିସିଆଲ୍ ଏକାଡେମୀ ତାଲିମ ସମିତିର ସଦସ୍ୟ ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର, ବିଚାରପତି ଭି. ନରସିଂହ, ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ସମେତ ଜୁଡିସିଆଲ୍ ଏକାଡେମୀ ଟ୍ରେନିଂ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ସିଭିଲ୍ ଜଜ୍‌ମାନଙ୍କ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଜୁଡିସିଆଲ୍ ଏକାଡେମୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ରର ପାରିବାରିକ ସୁଖ, ସମୃଦ୍ଧିଜନିତ ଖୁସି ରହିବା ସାଙ୍ଗକୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ଦ୍ୱାରା କାମ ହାସଲ ସହ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବାରୁ ଆଶ୍ୱସ୍ତି ଲାଭ କରିବେ। ସାମାଜିକ ସ୍ତରରେ ସତର୍କତାର ସହ କାମ ନ କଲେ ଫସିଯାଇ ପାରନ୍ତି।

**ବୃଷ**
କୃତ୍ତିକା ନକ୍ଷତ୍ର ସାମାଜିକ ସ୍ତରରେ ସମ୍ମାନିତ ହେବେ, କିନ୍ତୁ ନିଜ ଲୋକଙ୍କ ପରୋକ୍ଷ ସମାଲୋଚନାରୁ ମୁକ୍ତି ପାରିବେ ନାହିଁ। ଆଶା କରିନଥିବା କ୍ଷେତ୍ରରୁ ସହସା ଧନପ୍ରାପ୍ତି ହୋଇପାରେ। ଅପରାହ୍ନେ କିଛି ଜିନିଷ ହଜାଇବା କାରଣରୁ ମାନିକ ଅଶାନ୍ତି ଅନୁଭବ କରିବେ। ଆତ୍ମୀୟଙ୍କ ପ୍ରତି ଅନୁରାଗ ବଢ଼ିବ ଓ ତାଙ୍କ କଥାରେ ହଁ ଚାଲିବେ।

**ମିଥୁନ**
ଆର୍ଦ୍ରା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲହେବ। ଦୀର୍ଘ ଦିନରୁ ଅପେକ୍ଷା କରି ରହିଥିବା ପ୍ରତିକ୍ଷିତ ଖବରଟି ଶୁଣି ଖୁସି ହେବେ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପଡ଼ୋଶୀଙ୍କୁ କଥା ପ୍ରସଙ୍ଗରେ କୌଣସି ଗୋପନ କଥା କହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**କର୍କଟ**
ଅଶ୍ଳେଷା ନକ୍ଷତ୍ରର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କୋର୍ଟକଚେରି ମାମଲାର ଆଶୁ ଶୁଣାଣି ହୋଇଯିବାର ସମ୍ଭାବନା ରହିଛି। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁ ଗଣ୍ଠିରେ ଦରଜ ଜନିତ ପୀଡ଼ା ଅନୁଭବ କରିବେ। ସଭାସମିତି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସମ୍ମାନିତ ହୋଇ ପାରନ୍ତି।

**ସିଂହ**
ଆଜି ହାତେ ମାପି ଚାଖଣ୍ଡେ ଚାଲନ୍ତୁ, ନଚେତ୍ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପୂର୍ବା ଫାଲ୍‌ଗୁନୀ ସକାଶେ ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାର କରଜ କରିବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା**
ଶାରୀରିକ ଅସୁସ୍ଥତା କାରଣରୁ ସାମୟିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ହିତୈଷୀମାନେ ପୂର୍ବରୁ ଥିବା ସମସ୍ୟା ସମାଧାନ କରିବା ଦିଗରେ ତତ୍ପରତା ପ୍ରକାଶ କରିବେ।

**ତୁଳା**
ବିଶାଖା ନକ୍ଷତ୍ରର ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବାର ଆଶା ରଖି ମନକୁ ବୁଝାଇ ନେବେ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ଆପଣାଛାଏଁ ପାଖରେ ଆସି ଜୁଟିବ।

**ବିଛା**
ଜ୍ୟେଷ୍ଠା ନକ୍ଷତ୍ର ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଶିଳ୍ପ, ବାଣିଜ୍ୟ ତଥା ବ୍ୟବସାୟରେ ଖିଲାପ କରି ଦଣ୍ଡିତ ହୋଇପାରନ୍ତି। ସାଧାରଣ କଥାରେ ଅସହିଷ୍ଣୁ ମନୋଭାବ ପୋଷଣ କରି ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ। ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବା କାରଣରୁ ମନ ଖୁସି ରହିବ।

**ଧନୁ**
କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମୂଳା ନକ୍ଷତ୍ର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି କ୍ଷେତ୍ରରେ, ସାଙ୍ଗଠନିକ ସ୍ତରରେ ଲକ୍ଷ୍ୟ ହାସଲ କରିବେ। କଥାରେ ସ୍ଥିରତା ନଥିବା ହେତୁ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ।

**ମକର**
ପାରିବାରିକ ସ୍ଥିତି ଭଲ ରହିବ ଓ ପ୍ରିୟଜନଙ୍କ ଆଦରଣୀୟ ହେବେ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଅସନ୍ତୁଷ୍ଟ ରହିବେ। ଗୃହ ନିର୍ମାଣ, ଜମିଜମା କାରବାର, ଯାନବାହନ ମରାମତି, ବେପାର, ପରିବହନ କ୍ଷେତ୍ରରେ ସମସ୍ୟା ଆସିବ। ଶିକ୍ଷା, ପରୀକ୍ଷା, ଆଲୋଚନା, ସଭାସମିତି, ଚୁକ୍ତିପତ୍ର କ୍ଷେତ୍ରରୁ ସଫଳତା ପାଇପାରନ୍ତି।

**କୁମ୍ଭ**
ଶତଭିଷା ନକ୍ଷତ୍ର ଅନ୍ୟମନସ୍କ ହେତୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯିବା ସୂଚନା ରହିଛି। ଗଣଯୋଗାଯୋଗ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଭଲ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ**
କର୍ମକ୍ଷେତ୍ରରେ ଆଗାମୀ ସମୟ ସକାଶେ ନୂତନ ଖସଡ଼ା ପ୍ରସ୍ତୁତ କରିପାରନ୍ତି। ଅର୍ଥଲାଭ ସାଙ୍ଗକୁ କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ। ଅଫିସରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଉତ୍ତର ଭାଦ୍ରବ ନକ୍ଷତ୍ର ଆଶା କରିଥିବା ଜିନିଷ ଲାଭ କରି ଖୁସି ହେବେ।

ଆଜି ମାଘ କୃଷ୍ଣ ପ୍ରତିପଦା ରବିବାର, ଜାନୁୟାରୀ ୮ ତାରିଖ, ପୁଷ୍ୟାଭିଷେକ, ଶ୍ରୀନଅରରେ ଉତ୍ସବ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୦ ଗତେ ଘ.୦୯।୨୦ ମଧ୍ୟେ, ଘ.୦୧।୧୪ ଗତେ ଘ.୦୩।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୭ ଗତେ ଘ.୦୫।୧୯ ମଧ୍ୟେ ରାହୁକାଳ ।।

**ପ୍ରଥମ ପୃଷ୍ଠାରୁ...**

## ୪ ଜଣଙ୍କୁ ଦଳିଦେଲା ...

ଅଳ୍ପ ଦୂର ଆସିବା ପରେ ହାତୀଟି ଅନୁଗୋଳ ସଦର ଥାନା ଛେଳିଆପଡ଼ା ଗାଁ ସୀମାରେ ପହଞ୍ଚି ଯାଇଥିଲା। କିନ୍ତୁ ବନ ବିଭାଗ ପକ୍ଷରୁ କୌଣସି ଆଗୁଆ ସୂଚନା ଦିଆଯାଇ ନ ଥିବାରୁ ଲୋକେ ହାତୀର ଉପସ୍ଥିତି ସମ୍ପର୍କରେ ଜାଣିପାରି ନ ଥିଲେ। ଫଳରେ ଚାଷ ଜମି ଜଗିଥିବା ଗାଁର ଚାଷୀ ସୁବାସ ପ୍ରଥମେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ବିଲରେ କାମ କରୁଥିବା ସୁବାସଙ୍କୁ ମାଈହାତୀଟି ପାଦରେ ଦଳିଦେବା ସହ ତାଙ୍କ ମୁଣ୍ଡକୁ ମାଟିରେ ପୋତି ଦେଇଥିଲା। ଏହାପରେ ନରହନ୍ତା ହାତୀଟି ଅଙ୍ଗାରବନ୍ଧ ଅଞ୍ଚଳରେ ପହଞ୍ଚିଥିବା ବେଳେ ଚାଷୀ ଅନିରୁଦ୍ଧଙ୍କୁ ଆକ୍ରମଣ କରିଥିଲା। ଅନିରୁଦ୍ଧ କୋବି କିଆରିରେ ଥିବାବେଳେ ହାତୀ ସହ ମୁହାଁମୁହିଁ ହୋଇଯାଇଥିଲେ। ସେଠାରୁ ହାତୀଟି ବାରସିଂହା ଆଡ଼େ ପଳାଇଯାଇଥିଲା। ଏହି ସମୟରେ ଶୌଚ ପାଇଁ ଏକ ନାଳ ନିକଟକୁ ଆସିଥିବା ବାରସିଂହାର ରମେଶଙ୍କୁ ଉକ୍ତ ହାତୀ ଦଳି ଦେଇଥିଲା। ଅନୁଗୋଳ ସଦର ଥାନା ଅଞ୍ଚଳରେ ୩ ଜଣଙ୍କୁ ଆକ୍ରମଣ କରିବା ପରେ ବି ଏହି ଆତଙ୍କ ଶେଷ ହୋଇ ନ ଥିଲା। ଏହାପରେ ମାଈ ହାତୀଟି ବଁଅରପାଳ ଥାନା ସନ୍ତ୍ରୀ ଗାଁ ଭିତରକୁ ପଶିଯାଇଥିଲା। ଏହି ସମୟରେ ଲୋକଙ୍କ ପାଟି ଶୁଣି ଘରେ ଶୋଇଥିବା ଅଜୟ ହଠାତ୍ ବାହାରକୁ ଚାଲି ଆସିଥିଲେ। ହେଲେ ତାଙ୍କ ଘର ନିକଟରେ ଥିବା ମାଈ ହାତୀ ଅଜୟଙ୍କୁ ଦଳିଦେଇଥିଲା। ମାତ୍ର ୨ ଘଣ୍ଟା ମଧ୍ୟରେ ପାଖାପାଖି ୨୦ କିଲୋମିଟର ଅଞ୍ଚଳରେ ହାତୀଟି ଆତଙ୍କ ଖେଳାଇ ଦେଇଥିବାରୁ ଲୋକେ ଘରୁ ବାହାରିବାକୁ ଭୟ କରିଥିଲେ। ଆଖପାଖ ଗାଁ ଲୋକେ ମଧ୍ୟ ଆତଙ୍କିତ ହୋଇପଡ଼ିଥିଲେ। ବନ ବିଭାଗର ଅବହେଳା ପାଇଁ ୪ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ କରି ଗାଁରେ ଉତ୍ତେଜନା ଦେଖାଦେଇଥିଲା। ତେବେ ସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ବନ ବିଭାଗ କର୍ମଚାରୀ, ପୋଲିସ ପହଞ୍ଚି ୪ ଜଣଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ୨ ମୃତଦେହ ଧରି ସେମାନଙ୍କ ପରିବାର ଓ ସମ୍ପର୍କୀୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଚାଲିଆସିଥିଲେ। ଜିଲା କାର୍ଯ୍ୟାଳୟ ପୋର୍ଟିକୋ ତଳେ ମୃତଦେହ ରଖି ଉପଯୁକ୍ତ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ ସହ ଦାୟୀ ବନ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ଆଦି ଦାବିରେ ଆନ୍ଦୋଳନ କରିଥିଲେ। ଦୀର୍ଘ ୨ ଘଣ୍ଟାର ଆନ୍ଦୋଳନ ପରେ ଅନୁଗୋଳ ଡିଏଫ୍‌ଓ ବିବେକ୍ କୁମାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଉପଜିଲାପାଳ ବଇଜୁରା ଦୀପ, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ଅନୁଗୋଳ ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ, ନିଶା ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ବନ୍ତଳା ରେଞ୍ଜ ଅଧିକାରୀ ମାଧବ ନାୟକ, ଅନୁଗୋଳ ରେଞ୍ଜ ଅଧିକାରୀ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ପ୍ରତି ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୨୫ ହଜାର, ବନ ବିଭାଗ ପକ୍ଷରୁ ୧୦ ହଜାର ଓ ବ୍ଲକ ପ୍ରଶାସନ ପକ୍ଷରୁ ୨୦ ହଜାର ଲେଖାଏ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦିଆଯାଇଥିଲା। ଏଥିସହ ସରକାରୀ ନିୟମ ଅନୁଯାୟୀ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବାକୁ ଥିବାବେଳେ ସେଥିରୁ ୧ ଲକ୍ଷ ଟଙ୍କା ଲେଖାଏ ଘଟଣାସ୍ଥଳରେ ପ୍ରଦାନ କରାଯାଇଥିଲା। ବାକି ୩ ଲକ୍ଷ ଟଙ୍କା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦିଆଯିବ ବୋଲି ବନ ବିଭାଗ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଦୋଷୀ ବନ କର୍ମଚାରୀଙ୍କ ନାମରେ ଏତଲା ଓ ହାତୀ ଉପଦ୍ରବରୁ ଗାଁକୁ ସୁରକ୍ଷା ଦେବା ନେଇ ପଦକ୍ଷେପ ନିଆଯିବ ବୋଲି କୁହାଯିବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ବିବେକ କୁମାର କହିଛନ୍ତି, ନରହନ୍ତା ମାଈହାତୀଟି କଣ୍ଢିଗାଡ଼ିଆ ଅଞ୍ଚଳରେ ରହିଛି। ବନ କର୍ମଚାରୀମାନେ ତାହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଯଦି ହାତୀର ଗତିବିଧି ଠିକ୍ ନ ରୁହେ ଓ ଲୋକଙ୍କ ଜୀବନ ହାନିର ଆଶଙ୍କା ଦେଖାଦିଏ, ତା'ହେଲେ ହାତୀକୁ ଟ୍ରାଙ୍କୁଲାଇଜ କରି କାବୁ କରାଯିବ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଛନ୍ତି ସମ୍ପର୍କୀୟ।

## ହାତୀ ଆକ୍ରମଣରେ ଓଡ଼ିଶାରେ ...

୯୩ ଏବଂ ୨୦୨୧-୨୨ରେ ୧୧୨ ଜଣଙ୍କ ଜୀବନ ଯାଇଛି। ଉପରୋକ୍ତ ୩ ବର୍ଷରେ ଶିକାରୀଙ୍କ ଗୁଳିମାଡ଼, ବିଦ୍ୟୁତ୍ ତାର ଲାଗି ଏବଂ ଟ୍ରେନ୍ ଓ ସଡ଼କ ଦୁର୍ଘଟଣା ଆଦି ବିଭିନ୍ନ କାରଣରୁ ଓଡ଼ିଶାରେ ୨୪୫ ହାତୀଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ ବର୍ଷରେ ୮୨ ହାତୀ ମରିଥିବାବେଳେ ୨୦୨୦-୨୧ରେ ୭୭ ଏବଂ ୨୦୨୧-୨୨ରେ ୮୬ ହାତୀଙ୍କ ଜୀବନ ଯାଇଛି। ଉକ୍ତ ୩ ବର୍ଷରେ କେବଳ ଢେଙ୍କାନାଳ ବନ ଖଣ୍ଡରେ ୩୫ ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ କେନ୍ଦୁଝର ଡିଭିଜନରେ ୨୧ ଏବଂ ଅନୁଗୋଳରେ ୧୨ ହାତୀ ମରିଛନ୍ତି। ସେହିପରି ଗତ ୩ ବର୍ଷରେ ଦେଓଗଡ଼ ଏବଂ ଆଠମଲ୍ଲିକ ବନଖଣ୍ଡରେ ୧୧ଟି ଲେଖାଏ ହାତୀ ମରିଥିବାବେଳେ ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନ, କଳାହାଣ୍ଡି (ଦକ୍ଷିଣ) ଏବଂ ଖୋର୍ଦ୍ଧା ଡିଭିଜନରେ ୧୦ଟି ଲେଖାଏ ହାତୀଙ୍କ ଜୀବନ ଯାଇଛି। ୨୦୧୨-୧୩ରୁ ୨୦୨୧-୨୨ ଦଶବର୍ଷ ମଧ୍ୟରେ ଓଡ଼ିଶାରେ ମୋଟ ୭୮୪ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ଦୁର୍ଘଟଣାରେ ୩୬ ହାତୀ ମରିଥିବାବେଳେ ଶିକାରୀଙ୍କ ଗୁଳି ଓ ଅନ୍ୟ କାରଣରୁ ୩୪ ହାତୀ ମରିଛନ୍ତି। ୩୬ ଦୁର୍ଘଟଣା ମୃତ୍ୟୁ ମଧ୍ୟରୁ ୩୦ ହାତୀ ଟ୍ରେନ୍ ଧକ୍କାରେ ଏବଂ ୬ଟି ସଡ଼କ ଦୁର୍ଘଟଣାରେ ମରିଛନ୍ତି। ତେବେ ରିପୋର୍ଟ ହୋଇ ନ ଥିବା ହାତୀ ମୃତ୍ୟୁକୁ ମିଶାଇଲେ ଏହି ସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଉଛି। ଗତ ଜୁନ୍, ଜୁଲାଇରେ କଟକ ଜିଲା ଆଠଗଡ଼ ଫରେଷ୍ଟ ରେଞ୍ଜରୁ ପୋଲିସ ୫ଟି ହାତୀର କଙ୍କାଳ ଜବତ କରିଥିଲା। ଏହା ହାତୀ-ମଣିଷ ଲଢ଼େଇର ସ୍ପଷ୍ଟ ସୂଚନା ଦେଉଛି। ହାତୀ ଆକ୍ରମଣରେ କେବଳ ମଣିଷ ମରିନାହାନ୍ତି, ବହୁ ଘରଦ୍ୱାର ଓ ଫସଲ ମଧ୍ୟ ନଷ୍ଟ ହୋଇଛି। ରାଜ୍ୟରେ ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ଅବକ୍ଷୟ, ଲୋକଙ୍କ ଆଚରଣ ଆଦି କାରଣରୁ ହାତୀ-ମଣିଷ ଲଢ଼େଇ ବଢୁଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଶିବସୁନ୍ଦର ଜାତୀୟ ...

କରିଥିବା ଶିବସୁନ୍ଦର ଭାରତ ପାଇଁ ୨୩ ଟେଷ୍ଟ ଓ ୪ଟି ଦିନିକିଆ ଖେଳିଛନ୍ତି। ଚେତନ ଶର୍ମା କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି କମିଟିର ମୁଖ୍ୟ ରହିଥିବା ବେଳେ ଅନ୍ୟ ସମସ୍ତେ ପ୍ରଥମ ଥର ସାମିଲ ହୋଇଛନ୍ତି। ଓଡ଼ିଶା ପକ୍ଷରୁ କ୍ୟାରିୟରର ସର୍ବାଧିକ ସମୟ ଖେଳିଥିଲେ ମଧ୍ୟ ଅନ୍ତିମ ସିଜନରେ ବିଦର୍ଭ ପକ୍ଷରୁ ଖେଳିଥିବାରୁ ଶିବସୁନ୍ଦରଙ୍କୁ ପୂର୍ବାଞ୍ଚଳ ପରିବର୍ତ୍ତେ କେନ୍ଦ୍ରାଞ୍ଚଳର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି।

## ଭୁବନେଶ୍ୱର-ରାଉରକେଲା ...

ଆଲାଏନ୍ସ ଏୟାରୱେଜ୍‌ର ପ୍ରଥମ ବିମାନ ଏଟିଆର୍-୭୨ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରିଥିଲା। ଏହା ରାଉରକେଲାରେ ୧୧ଟା ୪୦ରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଲାଏନ୍ସ ଏୟାର ପକ୍ଷରୁ ଏହି ବିମାନସେବା ଆରମ୍ଭ ହୋଇଛି। ବିମାନରେ ଏକକାଳୀନ ୭୨ଜଣ ଯାତ୍ରୀ ଯାଇପାରିବେ। ଆସନ୍ତା ୧୨ ତାରିଖରୁ ଏହି ବିମାନ ନିୟମିତ ଉଡ଼ାଣ କରିବ। ପ୍ରତିଦିନ ଅପରାହ୍ନ ୨ଟା ୫୫ରେ ବିମାନଟି ଭୁବନେଶ୍ୱରରୁ ଛାଡ଼ି ୩ଟା ୫୦ରେ ରାଉରକେଲାରେ ପହଞ୍ଚିବ। ସେହିପରି ରାଉରକେଲାରୁ ଅପରାହ୍ନ ୪ଟା ୧୫ରେ ବାହାରି ଭୁବନେଶ୍ୱରରେ ୫ଟା ୧୦ରେ ପହଞ୍ଚିବ। ଭୁବନେଶ୍ୱରରୁ ରାଉରକେଲା ବିମାନ ଭଡ଼ା ୨,୮୦୩ ଟଙ୍କା ରହିଥିବାବେଳେ ରାଉରକେଲାରୁ ଭୁବନେଶ୍ୱର ବିମାନର ଟିକେଟ୍ ମୂଲ୍ୟ ୨,୭୨୧ ଟଙ୍କା ରଖାଯାଇଛି। ଏହି ବିମାନସେବା ଆରମ୍ଭ ହେବା ପରେ ବହୁଦିନର ଆଶା ପୂରଣ ହୋଇଛି ବୋଲି ମତ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ବିମାନବନ୍ଦରରେ ମଧ୍ୟ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଭର୍ଚୁଆଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ବିଧାୟକ ସୁବ୍ରତ ତରାଇ, ସାରଦା ପ୍ରସାଦ ନାୟକ, ଭବାନୀ ଶଙ୍କର ଭୋଇ, ବିଧାୟିକା କୁସୁମ ଟେଟେ, ସୁନ୍ଦରଗଡ ଏମ୍‌ପିଙ୍କ ପ୍ରତିନିଧି ଲତିକା ପଟ୍ଟନାୟକ, ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଗୁଜରାଟର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଫୁଲ୍ଲ କୁମାର ଦାସଙ୍କ ପରଲୋକ

ଭୁବନେଶ୍ୱର,୭।୧ (ବ୍ୟୁରୋ)


ଡ. ପ୍ରଫୁଲ୍ଲ କୁମାର ଦାସ

## ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

୧୯୬୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ତଥା ଗୁଜରାଟର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପ୍ରଫୁଲ୍ଲ କୁମାର ଦାସଙ୍କ ଶୁକ୍ରବାର ଗାନ୍ଧୀନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ଡ. ଦାସ ୧୯୪୧ମସିହା ଜୁନ୍ ୧୧ରେ ସୁନ୍ଦରଗଡ଼ ସହରରେ ଜନ୍ମଗ୍ରହଣକରିଥିଲେ। ସେ ସୁନ୍ଦରଗଡ଼ ଜିଲାର ପ୍ରଥମ ଆଇଏଏସ୍ ଅଫିସର ଥିଲେ। ତାଙ୍କ ପିତା ହେଉଛନ୍ତି ଜଣାଶୁଣା ଚିକିତ୍ସକ ସ୍ୱର୍ଗତ ଡାକ୍ତର ନିରଞ୍ଜନ ଦାସ। ମୃତ୍ୟୁ ପୂର୍ବରୁ ଡ. ଦାସ ସୁନ୍ଦରଗଡ଼ ସହର ଅନ୍ତର୍ଗତ ମହାନ୍ତିପଡ଼ାସ୍ଥିତ ପୈତୃକ ଘରକୁ ଆସିବାକୁ ଚାହିଁଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ସେ ଗୁଜରାଟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବାବେଳେ ୧୯୯୯ ମହାବାତ୍ୟା କବଳିତ ଓଡିଶାକୁ ଗୁଜରାଟ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ରିଲିଫ ଓ ଅନ୍ୟାନ୍ୟ ସହାୟତା ବ୍ୟବସ୍ଥା କରିଥିଲେ। ଏଥିସହ ସେ ୨୦୦୫-୦୬ ପର୍ଯ୍ୟନ୍ତ ଗୁଜରାଟର ପ୍ରଥମ ମୁଖ୍ୟ ସୂଚନା ଆୟୁକ୍ତ ଭାବେ କାର୍ଯ୍ୟ କରିଥିଲେ। ଡ. ଦାସଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଦାସ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ବିଭିନ୍ନ ପଦପଦବୀ ଓ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସଂସ୍ଥାଗତ ପାଣ୍ଠି ଯୋଗାଣ ଏବଂ ଶକ୍ତି କ୍ଷେତ୍ରରେ ତାଙ୍କର ସବିଶେଷ ଯୋଗଦାନ ରହିଥିଲା। ଗୁଜରାଟ ଇଲେକ୍ଟ୍ରିସିଟି ବୋର୍ଡ (ଜିଇବି)ରେ ତାଙ୍କ ସହ କାର୍ଯ୍ୟ କରିବାର ସମୟକୁ ଡ. ମିଶ୍ର ସ୍ମରଣ କରିବା ସହ ଦାସଙ୍କ ପରଲୋକ ତାଙ୍କ ପାଇଁ ବ୍ୟକ୍ତିଗତ ବଡ଼ କ୍ଷତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇବର୍ଷ ତଳେ ଡ. ଦାସଙ୍କ ସ୍ତ୍ରୀ ବିନ୍ଦୁଦେବୀଙ୍କ ପରଲୋକ ହୋଇଥିଲା।

# ଶିମିଳିପାଳରେ ତୁଷାରପାତ

## ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ

ବାରିପଦା ଅଫିସ, ୭।୧



ଦିନକୁ ଦିନ ଶୀତ ଲହରୀ ବୃଦ୍ଧି ପାଉଥିବାବେଳେ ମୟୂରଭଞ୍ଜ ଜିଲାରେ ଏହାର ପ୍ରକୋପ ଅଧିକ ଅନୁଭୂତ ହେଉଛି। ଜୈବମଣ୍ଡଳ ଶିମିଳିପାଳରେ ପାରଦ ଖସୁଛି। ଜିଲାରେ ସର୍ବନିମ୍ନ ୮ଡିଗ୍ରୀ ତାପମାତ୍ରା ଥିବାବେଳେ ଶିମିଳିପାଳରେ ୫ ଡିଗ୍ରୀ ସେଲସିୟସ ରହିଛି। ଅଭୟାରଣ୍ୟର ଉପର ବାରହାକାମୁଡା, ଦେବସ୍ଥଳୀ, ଜେନାବିଲ, ତାରାଣୀବିଲା ଓ କୁମ୍ଭାରୀଠାରେ ସ୍ଥାନେ ସ୍ଥାନେ ତୁଷାରପାତ ଜାରି ରହିଛି, ଯାହାକି ଚଳିତବର୍ଷର ଅଦ୍ୟାବଧି ସର୍ବନିମ୍ନ ତାପମାତ୍ରା। ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ ପଡ଼ିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ଶିମିଳିପାଳ ଅଭୟାରଣ୍ୟର ପର୍ବତମାଳା ଘେରା ଜିଲାରେ ଥିବା ୨୬ ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ୪ ଦିନ ଧରି ଜିଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ଗତ ୨୪ଘଣ୍ଟା ମଧ୍ୟରେ ସର୍ବନିମ୍ନ ୮.୨ଡିଗ୍ରୀ ତଳକୁ ଖସି ୮.୫ ଡିଗ୍ରୀ ସେଲସିୟସ ଥିବା ରେକର୍ଡ ହୋଇଛି। ବିଗତ ବର୍ଷଗୁଡ଼ିକରେ ଏହି ଅଭୟାରଣ୍ୟରେ ଶୂନ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଚଳିତବର୍ଷ ତାପମାତ୍ରା ଆହୁରି ଖସିବ ବୋଲି ଆକଳନ କରାଯାଇଛି। ଶିମିଳିପାଳ ଭିତରେ ରହୁଥିବା ପର୍ଯ୍ୟଟକଙ୍କ ଗାଡ଼ି, ନେଚର କ୍ୟାମ୍ପ ଓ ଘାସ ଗାଲିଚା ଉପରେ ତୁଷାରପାତ ଦେଖି ପର୍ଯ୍ୟଟକମାନେ ଖୁସି ହେବା ସହ ମଜା ଉଠାଇଛନ୍ତି। ରାତି ହେଲେ ଗାଁ ଗଣ୍ଡା ଲୋକେ ଚୁଲି ମୂଳେ କିମ୍ବା ଖୋଲା ସ୍ଥାନରେ ନିଆଁ ଜାଳି ବସିରହୁଛନ୍ତି। ଉତ୍ତର-ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ଶୀତ ବଢ଼ିବାରେ ଲାଗିଛି। ସପ୍ତାହେ ପର୍ଯ୍ୟନ୍ତ ଏହି ଶୀତ ଜାରି ରହିବ ବୋଲି ଜରୁରୀକାଳୀନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ଆଉ ୨ ଦିନ ଥରାଇବ ଶୀତ

## ୩ରୁ ୫ ଡିଗ୍ରୀ ପାରଦ ଖସିବ

- ଝାରସୁଗୁଡ଼ାରେ ୫.୬ ଡିଗ୍ରୀ
- ୧୦ ଡିଗ୍ରୀ ତଳେ ୧୭ ସହର

ଭୁବନେଶ୍ୱର,୭।୧(ବ୍ୟୁରୋ)

ସଞ୍ଜ ନଇଁଲେ ମାଡ଼ିଆସୁଛି କାଠୁଆ ଜାଡ଼। ଗାଁଗଣ୍ଡା, ରାସ୍ତାଘାଟ ଶୂନ୍‌ଶାନ ହୋଇଯାଉଛି। ଗତ ଦୁଇଦିନ ହେବ ପ୍ରବଳ ଶୀତରେ ସାରା ରାଜ୍ୟ ଥରୁଛି। ଉତ୍ତର-ପୂର୍ବ ଦିଗରୁ ପ୍ରବାହିତ ବାୟୁ ପରିବେଶକୁ ଆହୁରି କାଲୁଆ କରିଦେଇଛି। ଡିସେମ୍ବରରେ ଶୀତ ଗାଏବ ହୋଇଗଲା। ୧୨୨ ବର୍ଷର ଉତ୍ତପ୍ତ ମାସରେ ପରିଣତ ହେଲା। ସ୍ୱାଭାବିକଠାରୁ ୧ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧିପାଇଲା। ତେବେ ଗତ ଦୁଇଦିନ ହେବ ଅଚାନକ ପ୍ରବଳ ଶୀତ ସମଗ୍ର ରାଜ୍ୟକୁ କବଳିତ କରିଛି। ମଣିଷଠାରୁ ଆରମ୍ଭ କରି ଜୀବଜନ୍ତୁ ଶୀତ ପ୍ରକୋପରେ ଅସ୍ତବ୍ୟସ୍ତ ହୋଇଛନ୍ତି। ଆକାଶ ମେଘମୁକ୍ତ ରହିବା ସହ ଉତ୍ତର-ପୂର୍ବ ଦିଗରୁ ଶୁଷ୍କ ଥଣ୍ଡାବାୟୁ ରାଜ୍ୟକୁ ପ୍ରବାହିତ ହେଉଛି। ଫଳରେ ସାରା ରାଜ୍ୟରେ ଶୀତର ପ୍ରକୋପ ବଢ଼ିଯାଇଛି। ଆହୁରି ଦୁଇ ଦିନ ରାଜ୍ୟର ଅଧିକାଂଶ ଜିଲାରେ ଶୀତଲହରି ପ୍ରବାହିତ ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ରାତିର ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ତଳକୁ ଖସିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ ଓ ଢେଙ୍କାନାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଶୀତ ଲହରି ଅନୁଭୂତ ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ପ୍ରବଳ ଜାଡ଼ ଯୋଗୁ ଜ୍ୱର, ଥଣ୍ଡା, କାଶ, ନାକରୁ ପାଣି ବାହାରିବା, ଛିଙ୍କ ପ୍ରଭୃତି ହେବାର ସମ୍ଭାବନା ରହିଛି। ବୟସ୍କ ଓ ଛୋଟ ପିଲାଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ସହ ଯଥାସମ୍ଭବ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଶନିବାର ରାଜ୍ୟର ୧୭ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୫.୬ ଏବଂ କଟକରେ ସର୍ବାଧିକ ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ରାଜ୍ୟରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଡିପିଆଇସି ସେଣ୍ଟର



## ଶିକାଗୋ ବିଶ୍ୱବିଦ୍ୟାଳୟ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୭।୧(ବ୍ୟୁରୋ)

ରାଜ୍ୟରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଡାଟା, ପଲିସି ଆଣ୍ଡ ଇନୋଭେଶନ୍ ସେଣ୍ଟର (ଡିପିଆଇସି)। ଏଥିପାଇଁ ଶନିବାର ଓଡ଼ିଶା ସରକାର ଭାରତର ଶିକାଗୋ ଟ୍ରଷ୍ଟ ବିଶ୍ୱବିଦ୍ୟାଳୟ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି। ଏହା ଇକୋନୋମେଟ୍ରିକ୍ସ, ଡାଟା ସାଇନ୍ସ ଏବଂ ମେସିନ୍ ଲର୍ନିଂ ପରି ନୂତନ ଜ୍ଞାନକୌଶଳ ଉପଯୋଗରେ ପ୍ରମାଣଭିତ୍ତିକ ଶାସନକୁ ସକ୍ଷମ କରିବ। ଏହି ସହଭାଗୀତାରେ ଶିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନୀମାନେ ରାଜ୍ୟ, ଜିଲା ଓ ବ୍ଲକସ୍ତରରୁ ଓଡ଼ିଶା ସରକାରଙ୍କ ଯୋଜନା ଏବଂ ନୀତି ସମ୍ବନ୍ଧରେ ବିଶ୍ଳେଷଣାତ୍ମକ ତଥା ମୂଲ୍ୟାଙ୍କନ ଭିତ୍ତିକ ତଥ୍ୟ ପ୍ରଦାନ କରିବ। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, କ୍ରୀଡ଼ା, ଯୁବସେବା ଓ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଓକାକ୍‌ର ଏମ୍.ଡି. ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ସିଇଓ ମନୋଜ ପଟ୍ଟନାୟକ ଓ ଶିକାଗୋ ବିଶ୍ୱବିଦ୍ୟାଳୟ ସେଣ୍ଟର ଇନ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଲେନି ଚୌଧୁରୀଙ୍କ ମଧ୍ୟରେ ଭୁବନେଶ୍ୱରଠାରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ସିଇଓ ପଟ୍ଟନାୟକ କହିଛନ୍ତି, ଓଡ଼ିଶାକୁ ଏକ ଅଗ୍ରଣୀ ଡାଟା ସେଣ୍ଟର ହବ୍‌ରେ ପରିଣତ କରିବାକୁ ଆମେ ଉତ୍ସାହିତ। ପ୍ରମାଣ ସମର୍ଥିତ ଅନୁସନ୍ଧାନ ବ୍ୟବହାର କରି ଆମେ ଆଶା କରୁଛୁ ଡିପିଆଇସି ଅନେକ ଉତ୍ସରୁ ବଡ ତଥ୍ୟ ସଂଗ୍ରହ କରିବ, ସମସାମୟିକ ଅର୍ଥନୀତି ଏବଂ ପରିସଂଖ୍ୟାନ ମଡେଲ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ ଓ ଆବଶ୍ୟକ ସୃଜନଶୀଳ ନୀତି ଉତ୍ପାଦନ ସହ ଏହା ଉତ୍କର୍ଷର କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଶିକାଗୋ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀମାନେ ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳ, ପରିମଳ ଆଦି କ୍ଷେତ୍ରରେ ଅନୁସନ୍ଧାନ, ମନିଟରିଂ, ପ୍ରଭାବ ମୂଲ୍ୟାଙ୍କନ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ସରକାରଙ୍କୁ ସାହାଯ୍ୟ କରିବେ। ଶିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତି ନୀତି ପ୍ରତିଷ୍ଠାନର ବରିଷ୍ଠ ତଥା ଏହି ପ୍ରକଳ୍ପର ବୈଷୟିକ ଅନୁସନ୍ଧାନ ପରାମର୍ଶଦାତା ଡ. ଅନନ୍ତ ସୁଦର୍ଶନ କହିଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରମାଣ ଭିତ୍ତିକ ଶାସନକୁ ସକ୍ଷମ କରିବାକୁ ଆମେ ବିଶ୍ଳେଷଣ କରିଥିବା ତିନି-ପ୍ରଗତିଶୀଳ ରଣନୀତି ବେଶ ସହାୟକ ହେବ। ଏହା ସାମର୍ଥ୍ୟ ବୃଦ୍ଧି ତଥା ସ୍ୱାସ୍ଥ୍ୟ ଏବଂ ପରିବେଶ ସମସ୍ୟାକୁ ହ୍ରାସ କରିବ। ଡ. ଲେନି ଚୌଧୁରୀ କହିଛନ୍ତି, ଆମେ ପୂର୍ବରୁ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଅଭିନବ ଷ୍ଟାର୍ ରେଟିଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାରଙ୍କ ସହ ହାତ ମିଶାଇ ଥିଲୁ। ବର୍ତ୍ତମାନର ସହଭାଗିତା ମାଧ୍ୟମରେ ବୃହତ ଡାଟା ବ୍ୟବହାରରେ ନୂଆ ତଥା ଅଭିନବ ସମାଧାନ ଆଣିବା ନେଇ ବହୁତ ଉତ୍ସାହିତ ଅଛୁ।

# ଏସ୍ଏସ୍‌ବିରେ କିସ୍‌ର ୨୬ ଛାତ୍ରୀଛାତ୍ର କୃତକାର୍ଯ୍ୟ



ଭୁବନେଶ୍ୱର, ୭।୧(ବ୍ୟୁରୋ)

ଚଳିତବର୍ଷ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍ଏସ୍‌ବି) ପରୀକ୍ଷାରେ କିସ୍‌ର ୨୬ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ଅଧ୍ୟାପନା ପାଇଁ ମନୋନୀତ ହୋଇଛନ୍ତି। ଶନିବାର କିସ୍ ପରିସରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସାମନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରୀଛାତ୍ରମାନେ ରାଜ୍ୟର ବିଭିନ୍ନ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକରେ ଓଡ଼ିଆ, ଇତିହାସ, ବାଣିଜ୍ୟ, ଶିକ୍ଷା, ଅର୍ଥନୀତି, ଦର୍ଶନ ଓ ଗଣିତ ଆଦି ବିଷୟରେ ଅଧ୍ୟାପନା କରିବେ। ଏମାନଙ୍କ ମଧ୍ୟରେ ଆଦିମ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ମଧ୍ୟ ରହିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଶୈକ୍ଷିକ ପରିବେଶ ଯୋଗୁଁ ପ୍ରତିବର୍ଷ ଶତାଧିକ ଛାତ୍ରୀଛାତ୍ରମାନେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇ ପ୍ରତିଷ୍ଠିତ ହୋଇପାରୁଛନ୍ତି। ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନେ ଡାକ୍ତର, ଇଞ୍ଜିନିୟର, ଫରେଷ୍ଟ ରେଞ୍ଜର, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ସିଭିଲ ଜଜ୍, ବ୍ୟାଙ୍କ, ଓପିଟିସିଏଲ୍, ପୋଲିସ୍ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସଫଳତାର ସହ ଅବସ୍ଥାପିତ ହୋଇପାରିଛନ୍ତି। ପ୍ରତିଷ୍ଠାତା ଡ. ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ କିସ୍‌ରେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଯତ୍ନ ଯୋଗୁ କିସ୍‌ର ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇପାରୁଛନ୍ତି ବୋଲି କହିଛନ୍ତି।

# ଶ୍ରୀକ୍ଷେତ୍ର ଆସି କ୍ଷମା ମାଗିଲେ କଂସ

- ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ
- ସମୁଦ୍ରରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ କଲେ

ପୁରୀ ଅଫିସ,୭।୧

ବରଗଡ଼ରେ ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଶୁକ୍ରବାର ପୌଷ ପୂର୍ଣ୍ଣିମା ଅବସରରେ କଂସ ବଧ ସହ ଯାତ୍ରା ଶେଷ ହୋଇଛି। କଂସ ବଧ ପରେ କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁଙ୍କୁ ଗାଳି କରିଥିବାରୁ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଶରଣରେ କ୍ଷମା ପ୍ରାର୍ଥନା କରିଛନ୍ତି। କୃଷ୍ଣ ଭଗବାନ କଟୁ କଥା କହିଥିବାରୁ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ ହୃଷୀକେଶ ଭୋଇ। ଯାତ୍ରା ସରିବା ପରେ ଶନିବାର ସେ ପୁରୀ ଆସି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଦର୍ଶନ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ୧୧ଦିନ ଧରି କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁ ଶ୍ରୀକୃଷ୍ଣଙ୍କୁ କଟୁ କଥା କହିବା ସହ ମାରିବା ପାଇଁ ଉଦ୍ୟମ କରି ମହାପାପ କରିଥିବାରୁ ପ୍ରାୟଶ୍ଚିତ୍ତ ପାଇଁ ପୁରୀ ଆସି କ୍ଷମା ମାଗିଛନ୍ତି ହୃଷୀକେଶ। ପ୍ରଥମେ ସେ ଗୋବର୍ଦ୍ଧନ ମଠ ଯାଇ ଶଙ୍କରାଚାର୍ଯ୍ୟଙ୍କୁ କ୍ଷମା ପ୍ରାର୍ଥନା କରିବା ପରେ ସମୁଦ୍ରକୁ ଯାଇ ବୁଡ଼ ପକାଇବା ସହ ପଇତା ବିସର୍ଜନ କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଓ ନମସ୍କାର କରିଥିଲେ। ପରେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଅଭିନୟରେ କରିଥିବା ପାପ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ।



କଂସ ଭୂମିକାରେ ଅଭିନୟ କରିଥିବା ଭୋଇଙ୍କ କହିବା ଅନୁଯାୟୀ, ଅଧର୍ମ ଉପରେ ଧର୍ମର ଜୟ ହୋଇଛି। ଅଧର୍ମର ବିନାଶ ଲାଗି କୃଷ୍ଣଙ୍କ ରୂପରେ ଆସି ଭଗବାନ ବିଷ୍ଣୁ ମଥୁରା ନରେଶ କଂସ ମହାରାଜାଙ୍କୁ ନିଧନ କରିଛନ୍ତି। ଏହାସହିତ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଶେଷ ହୋଇଛି। ଧନୁଯାତ୍ରାରେ ପରମ୍ପରା ଅନୁଯାୟୀ, ଯେତେବେଳେ ୧୧ଦିନ ଧରି ଯାତ୍ରା ଚାଲିଥାଏ ସେତେବେଳେ କଂସ ମହାରାଜା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ କ୍ରୋଧାନ୍ୱିତ ହୋଇଥାନ୍ତି। ଭଗବାନ କୃଷ୍ଣଙ୍କୁ ହତ୍ୟା କରିବା ଲାଗି ସେ ଯୋଜନା କରିଥାନ୍ତି। କୃଷ୍ଣ ନାମ ଉଚ୍ଚାରଣ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଅତ୍ୟାଚାର କରିଥାନ୍ତି। ଯେତେବେଳେ ଧନୁଯାତ୍ରାର ଜବନିକା ଘଟେ, ଏହାପରେ ଶ୍ରୀକ୍ଷେତ୍ର ଆସିଥାନ୍ତି ମହାରାଜା କଂସଙ୍କ ଭୂମିକାରେ ଅଭିନୟ କରିଥିବା କଳାକାର। ଏଥିଲାଗି ସେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ କ୍ଷମା ମାଗିଥାନ୍ତି। ତେବେ ଭୋଇ ଶଙ୍କରାଚାର୍ଯ୍ୟଙ୍କୁ ଭେଟିବା ଅବସରରେ ସେ କହିଛନ୍ତି, ଲୋକ ପରମ୍ପରାର ଆଦର କରିବା ଉଚିତ। ୧୧ ଦିନରେ ତାଙ୍କର ମହାରାଜ କଂସଙ୍କ ଅଭିନୟ ଶେଷ ହୋଇଛି। ଏବେ ତାଙ୍କ ଦାୟିତ୍ୱ ହେଉଛି ତାଙ୍କ ଅଞ୍ଚଳରେ ଗୋ ବଂଶର ସୁରକ୍ଷା, ଗୋ ବଂଶର ହତ୍ୟା ଉପରେ ରୋକ ଲଗାଇବା, ହିନ୍ଦୁଙ୍କୁ ଯେପରି ଖ୍ରୀଷ୍ଟିଆନ ନ କରାଯିବ ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି।



ଚିର ଅବିଶ୍ୱାସୀ ଏଇ ମଣିଷ । ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ । ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପପଥ ବିପଥରେ । ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର । ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ । **-ଶ୍ରୀଅରବିନ୍ଦ**



# ମାନସିକତା ବଦଳିନି



**ଆକାର ପଟେଲ**

ଦକ୍ଷିଣ ଏସୀୟ ଦେଶଗୁଡ଼ିକ ସହ ଆନ୍ତଃ ଦେଶୀୟ ବାଣିଜ୍ୟ ପାଇଁ ଭାରତ ସରକାର ଓ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଆଲୋଚନା କରିଛନ୍ତି ବୋଲି ଚଳିତ ସପ୍ତାହରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି । ହେଲେ କେଉଁ ଦେଶ ସହ ଏବଂ କେଉଁ ସ୍ଥିତିରେ ଭାରତ ଆଲୋଚନା କରିଥିଲା ସେ ସମ୍ପର୍କିତ ସବିଶେଷ ବିବରଣୀ ଦେଇ ନାହାନ୍ତି । ତଥାପି ଏଭଳି ଆଲୋଚନା କରାଯିବା ଏକ ଉତ୍ତମ ପଦକ୍ଷେପ । କାରଣ, ଦକ୍ଷିଣ ଏସିଆରେ ଆମେ କିମ୍ବା ଆହୁରି ସ୍ପଷ୍ଟ ଭାବେ କହିବାକୁ ଗଲେ ଅବିଭକ୍ତ ଭାରତ ପାରସ୍ପରିକ ବାଣିଜ୍ୟଠାରୁ ଦୂରେଇ ରହିବା ଦ୍ୱାରା ନିଜର କ୍ଷତି କରୁଛନ୍ତି । ବିଶ୍ୱବ୍ୟାଙ୍କ ପ୍ରକାଶ କରିଛି ଯେ,ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ ଏସିଆର ମୋଟ ଆଞ୍ଚଳିକ ବାଣିଜ୍ୟର ମାତ୍ର ୫ ପ୍ରତିଶତ । ତୁଳନାତ୍ମକ ଭାବେ ଦେଖିଲେ ଜଣାଯାଏ ଯେ, ଆସୋସିଏଶନ ଅଫ୍ ସାଉଥଇଷ୍ଟ ଏସିଆନ ନେସନ୍ସ(ଆସିଆନ) ବା ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଂଘ (ବ୍ରୁନେଇ,କାମ୍ବୋଡିଆ, ଇଣ୍ଡୋନେସିଆ, ଲାଓସ, ମ୍ୟାଲେସିଆ, ମ୍ୟାନ୍‌ମାର, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ ଏବଂ ଭିଏତ୍‌ନାମ)ର ଆନ୍ତଃ ଆଞ୍ଚଳିକ ବାଣିଜ୍ୟ ଦକ୍ଷିଣ ଏସିଆ ଦେଶଗୁଡ଼ିକଠାରୁ ୫ଗୁଣ ଅଧିକ । ଅର୍ଥାତ୍ ମୋଟ ଆଞ୍ଚଳିକ ବାଣିଜ୍ୟର ଏହା ୨୫ ପ୍ରତିଶତ । ଅନ୍ୟପକ୍ଷରେ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ଏବକାର ମୋଟ ବାଣିଜ୍ୟ ଆକାର ହେଉଛି ମାତ୍ର ୨୩ ବିଲିୟନ ଆମେରିକୀୟ ଡଲାର, ଯାହା ଅତିକମ୍ ୬୭ ବିଲିୟନ ଡଲାର ହେବା କଥା । ଏଭଳି ବିପୁଳ କ୍ଷତିରେ ଆମ ଭାଗ ଅଧିକ । ବାଂଲାଦେଶ ସହ ଭାରତର ୧୮ ବିଲିୟନ ଡଲାର ବାଣିଜ୍ୟରେ ରପ୍ତାନିର ପରିମାଣ ରହିଛି ୧୬ ବିଲିୟନ ଡଲାର । ସେହିଭଳି ପାକିସ୍ତାନକୁ ରପ୍ତାନି ସାମଗ୍ରୀର ମୂଲ୍ୟ ୧ ବିଲିୟନ ଡଲାରରୁ କମ୍ ଏବଂ ଆମଦାନୀ ୧୦୦ ମିଲିୟନ ଡଲାର ନିମ୍ନରେ ରହିଛି । ତଥାପି ଆମ ସାମଗ୍ରୀର ମାର୍କେଟ ଓ ସେବା ବଢ଼ାଇବା ଲାଗି ଆମେ ଅଧିକ କିଛି କରିନାହୁଁ । ଅବଶ୍ୟ ଏହା କରିବା ପାଇଁ ସେମାନଙ୍କ ସକାଶେ ଆମ ସୀମା ଉନ୍ମୁକ୍ତ କରିବାକୁ ହେବ । କିନ୍ତୁ ସମସ୍ୟା ହେଉଛି ଏଥିପାଇଁ ଆମ ଇଚ୍ଛାଶକ୍ତିର ଅଭାବ ରହିଛି ।

ବିଶ୍ୱ ବ୍ୟାଙ୍କ ମତରେ, ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ସୀମା ସମସ୍ୟା ରହିଛି । ବାଣିଜ୍ୟ କ୍ଷେତ୍ରରେ ସଡ଼କ, ସମୁଦ୍ର କିମ୍ବା ଆକାଶପଥ ଭିତ୍ତିଭୂମିକୁ ଦେଖିଲେ ଏହା ସହଜରେ ବୁଝିହେବ । ପାକିସ୍ତାନ ସହ ବାଣିଜ୍ୟ ପାଇଁ ସବୁଠୁ ଉପଯୋଗୀ ଏବଂ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେଉଛି ସଡ଼କ ପଥ । ସେଥିପାଇଁ ୱାଘା ବର୍ଡର ଦେଇ ରେଳପଥରେ ଏହା କରାଯାଉଥିଲା । କିନ୍ତୁ ଗତ ୪ ବର୍ଷ ହେଲା ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ରେଳପଥ କିମ୍ବା ଆକାଶପଥରେ ସମ୍ପର୍କ ନାହିଁ । କେବଳ କୋଲକାତାରୁ ସାମଗ୍ରୀ ସମୁଦ୍ର ପଥରେ ସିଙ୍ଗାପୁର ଦେଇ କରାଚୀକୁ ଯାଉଛି । ଘରୋଇ ଶିଳ୍ପକୁ ସୁରକ୍ଷିତ ରଖିବା ପାଇଁ ଲାଗୁ କରାଯାଇଥିବା ଟାରିଫ୍‌କୁ ନେଇ ମଧ୍ୟ ସମସ୍ୟା ରହିଛି । ସଡ଼କ ପଥରେ ପାକିସ୍ତାନକୁ କେବଳ ୧୩୭ଟି ଉତ୍ପାଦର ଅନୁମତି ଦିଆଯାଇଥିଲା । ହେଲେ ପୁଲ୍‌ୱାମା ଆକ୍ରମଣ ପରେ ୨୦୧୯ରେ ପାକିସ୍ତାନର ସମସ୍ତ ସାମଗ୍ରୀ ଉପରେ ସୀମାଶୁଳ୍କ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ବ୍ୟବସାୟୀ ଏବଂ ରପ୍ତାନିକାରୀ ଓ ଆମଦାନିକାରୀମାନଙ୍କୁ ଭିଜା ପ୍ରଦାନରେ ମଧ୍ୟ ବାଧା ରହିଛି । ନିବେଶରେ କଟକଣା ଯୋଗୁ ବି ବାଣିଜ୍ୟିକ କ୍ଷତି ହେଉଛି । ଏପରିକି ଟ୍ରେନ୍ ଚଳାଚଳକୁ ନେଇ ସମସ୍ୟା ରହିଆସିଛି । ଏହାବାଦ୍ ସମସ୍ୟା ରହିଛି ପେମେଣ୍ଟରେ । ବିକ୍ରେତାଙ୍କୁ ଠିକ୍ ସମୟରେ ଏବଂ ଉଚିତ ପରିମାଣର ଦେୟ ଦେବା ଲାଗି ପାକିସ୍ତାନୀ ବ୍ୟାଙ୍କଗୁଡ଼ିକ ତରଫରୁ ଦିଆଯାଉଥିବା ପେମେଣ୍ଟ ସଂକ୍ରାନ୍ତୀୟ ଡକ୍ୟୁମେଣ୍ଟକୁ ଭାରତରେ ଗ୍ରହଣ କରାଯାଉନାହିଁ । ସମାନ ଭାବେ ଭାରତରୁ ଦିଆଯାଉଥିବା ପେମେଣ୍ଟ ଡକ୍ୟୁମେଣ୍ଟକୁ ପାକିସ୍ତାନୀ ବ୍ୟାଙ୍କଗୁଡ଼ିକ ବି ଗ୍ରହଣ କରୁନାହାନ୍ତି । ଇ-ଫାଇଲିଂ ମାଧ୍ୟମରେ ପାକିସ୍ତାନରୁ ସଡ଼କ ପଥରେ ଆସୁଥିବା ରପ୍ତାନି ସାମଗ୍ରୀର କାଗଜପତ୍ର ପ୍ରସ୍ତୁତ କରି ଦାଖଲ କରିବା ବି ସମ୍ଭବ ହେଉନାହିଁ । ଆମ ସୀମାଶୁଳ୍କ ଅଧିକାରୀମାନେ ବହୁ ସମୟରେ ସୁରକ୍ଷା କେନ୍ଦ୍ର କରି ଏବଂ ଲମ୍ବା ସମୟ ଧରି ସାମଗ୍ରୀଗୁଡ଼ିକୁ ଅଟକାଇ ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଭାରତ ତା' ଅଞ୍ଚଳ ଦେଇ ବାଂଲାଦେଶ ଓ ନେପାଳକୁ ପରିବହନ ପାଇଁ ପାକିସ୍ତାନକୁ ଅନୁମତି ଦେଇନାହିଁ । ଜାତୀୟ ସୁରକ୍ଷା ଲାଗି ଏହା କେବଳ କରାଯାଇଛି ତାହା ନୁହେଁ, ବରଂ ଆମେ ପାକିସ୍ତାନ ସହିତ ବାଣିଜ୍ୟିକ ସମ୍ପର୍କ ଚାହୁଁ ନ ଥିବା ମନୋଭାବକୁ ଏହା ଦର୍ଶାଉଛି । ଏଥିରୁ ବୁଝାପଡୁଛି, ଆମେ ଆମର ରପ୍ତାନିକୁ କ୍ଷତିକରୁଛୁ ।

ବାସ୍ତବରେ ଆମର ଏହି ପ୍ରକାର ମାନସିକତାକୁ ଲକ୍ଷ୍ୟ କରି ମୁଁ କହୁଛି ଯେ, ଆନ୍ତଃ ଦେଶୀୟ ବାଣିଜ୍ୟ ବଢ଼ାଇବା ସକାଶେ ଯାହା ଚିନ୍ତା କରାଯାଉଛି ତାହା ଭଲ । କିନ୍ତୁ ପ୍ରଶ୍ନ ହେଉଛି,ଆମେ ଦୁଇଟି ବିଷୟ ଉପରେ ବିଚାର କରିଛୁ କି ନାହିଁ ତାହା ଦେଖିବାକୁ ହେବ । ପ୍ରଥମରେ ଆମେ ଯାହା ନେଉଛେ ତାହା ଆମକୁ ଦେବାକୁ ପଡ଼ିବ । ଅତୀତରେ ଅଧିକାଂଶ କ୍ଷେତ୍ରରେ ଆମ ନେବା ଓ ଦେବା ପ୍ରକ୍ରିୟା ନକାରାତ୍ମକ ରହିଆସିଛି । ସେଥିପାଇଁ ବାଣିଜ୍ୟ ଧିମା ହୋଇଛି, ଯାହା ବିଶ୍ୱବ୍ୟାଙ୍କ ବି ଦର୍ଶାଇଛି । ଦ୍ୱିତୀୟରେ ଏକ ସ୍ଥାୟୀ ଶତ୍ରୁ ସହ କାରବାର କରୁଛୁ ବୋଲି ଆମର ଯେଉଁ ମାନସିକତା ରହିଛି ତାହା ଛାଡ଼ିବାକୁ ହେବ । ଜାତୀୟ ସୁରକ୍ଷାକୁ ନେଇ ପଶ୍ଚିମ ସୀମା ଉପରେ ଭାରତର ଥିବା କଡ଼ା ନଜର ଗତ ଅଢ଼େଇ ବର୍ଷରେ ପୂର୍ବସୀମାକୁ ଆଡ଼କୁ ଚାଲିଯାଇଛି । ହେଲେ ଚାଇନା ସହ ଆମ ବାଣିଜ୍ୟିକ କାରବାର ବଢ଼ିବାରେ ଲାଗିଛି । ଏଥିରେ ଆମର କିଛି ଲାଭ ହେଉନାହିଁ, କାରଣ ଆମେ ଅତ୍ୟଧିକ ଚାଇନା ଜିନିଷ ଆମଦାନୀ କରୁଥିବାବେଳେ ରପ୍ତାନି ବହୁତ କମ୍ କରୁଛୁ । ୨୦୨୨ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ଚାଇନା ଭାରତକୁ ୧୦୮ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଛି ; ଯାହା ଗତବର୍ଷ ତୁଳନାରେ ୨୪ ପ୍ରତିଶତ ଘଟିଛି । ଏହି ସମୟରେ ଭାରତର ରପ୍ତାନି (ଚାଇନାକୁ) ୩୮ ପ୍ରତିଶତ ହ୍ରାସ ପାଇ ୧୬ ବିଲିୟନ ଡଲାରରେ ପହଞ୍ଚିଛି । ଜାତୀୟ ସୁରକ୍ଷା ପ୍ରତି ଚାଇନା ବିପଦ ବୋଲି ଆମେ ସମସ୍ତେ ଜାଣି ମଧ୍ୟ ତା' ସହ ବାଣିଜ୍ୟରେ ମାତିଛୁ । ଅପରପକ୍ଷରେ ଅନ୍ୟ ପଡ଼ୋଶୀଙ୍କୁ ନେଇ ଆମ ସ୍ଥିତିରେ ଆମେ ପରିବର୍ତ୍ତନ ଆଣୁଥିବା ମନେହେଉଥିଲେ ବି କେତେକ କାରଣରୁ ଆମ ଦୃଷ୍ଟିକୋଣ ବା ମାନସିକତା ବଦଳିନି ।

Email:aakar.patel@gmail.com

# ନାସ୍ତିକର ପ୍ରାର୍ଥନା



**ଚିତ୍ର ଚରିତ୍ର**

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ଆରମ୍ଭରୁ ଗପଟିଏ । ଜଣେ ରାଜା ଥରେ ଗୁରୁତର ଅସୁସ୍ଥ ହୋଇପଡ଼ିଲେ । ସେଇ ରାଜ୍ୟର ରାଜବୈଦ୍ୟଙ୍କଠୁ ଆରମ୍ଭ କରି ପଡ଼ୋଶୀ ରାଜ୍ୟର କୁଶଳୀ ବୈଦ୍ୟମାନଙ୍କ ବହୁବିଧ ଚିକିତ୍ସା ସତ୍ତ୍ୱେ ରାଜା ରୋଗମୁକ୍ତ ହେଲେ ନାହିଁ । ମାସ ମାସ ବିତିଗଲା । କ୍ରମେ କ୍ଷୀଣରୁ କ୍ଷୀଣତର ହୋଇ ସେ ବଞ୍ଚିବାର ଆଶା ହରାଇ ବସିଲେ । ନିରୋଳାରେ ମନ ଭରି କାନ୍ଦିଲେ ରାଜା ଓ ସେମିତି କାନ୍ଦି କାନ୍ଦି ଶୋଇପଡ଼ିଲେ । ନିଦ୍ରାଚ୍ଛନ୍ନ ଅବସ୍ଥାରେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ ସେ । କେହି ଜଣେ ଦିବ୍ୟପୁରୁଷ ତାଙ୍କ ଆଗରେ ଆବିର୍ଭୂତ ହୋଇ ବ୍ୟାଧିମୁକ୍ତ ହେବାର ଉପାୟ ବତାଇ ଦେଉଛନ୍ତି । କହୁଛନ୍ତି, ''ଜୀବନରେ କେବେ କିଛି ଈଶ୍ୱରଙ୍କୁ ମାଗି ନ ଥିବା ଲୋକ ଯଦି ତୁମକୁ ରୋଗମୁକ୍ତ କରିବାକୁ ପ୍ରାର୍ଥନା କରେ, ତେବେ ତୁମେ ସୁସ୍ଥ ହୋଇଯିବ ।'' ରାଜାଙ୍କ ସ୍ୱପ୍ନ ଦର୍ଶନ କଥା ଅବିଳମ୍ବେ ରାଷ୍ଟ୍ର ହୋଇଗଲା ସମଗ୍ର ରାଜ୍ୟରେ । ଗୁରୁତ୍ୱର ସହ ଏ କଥା ପ୍ରଚାରିତ ହେଲା ଯେ, କେବଳ ସେଇମାନଙ୍କ କଥା ଈଶ୍ୱରଙ୍କ କାନରେ ପଡ଼ିବ, ଯେଉଁମାନେ କେବେ ବି କୌଣସି କାମନା ନେଇ ତାଙ୍କ ପାଖରେ ହାତ ପାତିନାହାନ୍ତି । ରାଜାନୁଗତ ବିଶାଳ ପ୍ରଜାକୁଳ ମଧ୍ୟରୁ ଥୋକେ ଅତୀତ ରୋମନ୍ଥନ କରି ଈଶ୍ୱରଙ୍କୁ ସେମାନେ କେବେ କିଛି ମାଗିଛନ୍ତି କି ନାହିଁ ମନେ ପକାଇଚାଲିଲେ । ଆଉ ଥୋକେ ଆରମ୍ଭ କରିଦେଲେ ତତ୍କାଳ ପ୍ରାର୍ଥନା । ମାତ୍ର କହିବା ଲୋଡ଼ା ନାହିଁ ଯେ, ତଥାପି ସୁସ୍ଥ ହେଲେନାହିଁ ରୋଗଗ୍ରସ୍ତ ରାଜା । ଏମିତି ସମୟରେ ଜଣେ ବିଜ୍ଞ ପାରିଷଦ ହଠାତ୍ କହିଲେ, ''ଧନୀ ହୁଅନ୍ତୁ କି କାଙ୍ଗାଳ, ଏମିତି କ୍ୱଚିତ ଥିବେ, ଯିଏ ଈଶ୍ୱରଙ୍କୁ କେବେ କିଛି ମାଗି ନ ଥିବେ । ସୁତରାଂ, ଈଶ୍ୱରଙ୍କୁ ବିଶ୍ୱାସ କରୁ ନ ଥିବା ନାସ୍ତିକଟିଏ ଲୋଡ଼ା । ସେଭଳି ଲୋକଟିଏ ଯଦି ମିଳିଗଲା ଓ ରାଜାଙ୍କ ପାଇଁ ପ୍ରାର୍ଥନା କରିବାକୁ ରାଜି ହେଲା, ତେବେ ଆମ ରାଜାଙ୍କ ଜୀବନରକ୍ଷା ସମ୍ଭବ ହେବ ।''

ଏ ଏକ ବିଚିତ୍ର ବିରୋଧାଭାସ । ଯିଏ ନାସ୍ତିକ, ଈଶ୍ୱରଙ୍କ ଅସ୍ତିତ୍ୱରେ ଯାହାର ବିଶ୍ୱାସ ନାହିଁ, ସେ ବା କାହିଁକି ଆଗେଇ ଆସିବ ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ରାଜାଙ୍କ ଜୀବନ ରକ୍ଷା ପାଇଁ ! ଈଶ୍ୱର କିଏ ବୋଲି ଯିଏ ଜାଣେ ନାହିଁ, ଈଶ୍ୱର ପ୍ରାର୍ଥନା ପୂରଣ କରନ୍ତି ବୋଲି ଯିଏ ମାନେନାହିଁ, ସେ କାହିଁକି ରାଜି ହେବ ଏଇ ଅର୍ଥହୀନ ବୃଥା କସରତ ପାଇଁ ! ତଥାପି ଖୋଜା ଚାଲିଲା ରାଜ୍ୟସାରା ଓ ଶେଷରେ ଠାବ କରାଗଲା ସେମିତି ଏକ ଲୋକକୁ । ବଡ଼ ଅଦ୍ଭୁତ ସେ ଲୋକ । ଦେବାଳୟ ସହ ସମ୍ପର୍କ ନାହିଁ କି ପୂଜାପାଠ, ପ୍ରାର୍ଥନା, ଆରାଧନା ପାଇଁ ଆଗ୍ରହ ନାହିଁ । ଈଶ୍ୱରଙ୍କ ଶକ୍ତି ଉପରେ ଜମା ବିଶ୍ୱାସ ନାହିଁ । ଏମିତି ଜଣେ ଲୋକ ରାଜାଙ୍କ ପ୍ରାଣରକ୍ଷା ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ପାଇଁ ଅମାତ୍ୟଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାର ଯଥେଷ୍ଟ କାରଣ ଥିଲା । ମାତ୍ର ସେ ତାହା କଲେ ନାହିଁ । କହିଲେ, ''ଈଶ୍ୱରଙ୍କୁ ଯେତେବେଳେ ମୁଁ ବିଶ୍ୱାସ କରେନାହିଁ, ସେତେବେଳେ କିଛି ମାଗିବାର ପ୍ରଶ୍ନ ଉଠିବ ବା କାହିଁକି ! ତେବେ ମୋ ମାଗିବା ଦ୍ୱାରା ଯଦି ରାଜାଙ୍କ ଜୀବନ ବଞ୍ଚିଯିବ, ତେବେ ଈଶ୍ୱରଙ୍କୁ ଶହେବାର ମାଗିବାକୁ ମୁଁ ପ୍ରସ୍ତୁତ ଅଛି ।'' ଆଖି ମୁଦି ତନ୍ମୟ ଚିତ୍ତରେ ଜୀବନର ପ୍ରଥମ ପ୍ରାର୍ଥନା ପେସ୍ କଲେ ସେ, ସେଇ ଅଦୃଶ୍ୟ ଶକ୍ତି ନିକଟରେ ; ଯାହାଙ୍କ ପ୍ରତି ତାଙ୍କର କେବେବି ବିଶ୍ୱାସ ନ ଥିଲା । ଆଶ୍ଚର୍ଯ୍ୟ ! ପରିଣାମ ହେଲା ଅତ୍ୟନ୍ତ ଅପ୍ରତ୍ୟାଶିତ । ରୋଗଶଯ୍ୟାରୁ ଉଠି ବସିଲେ ରାଜା । ସ୍ତବ୍ଧ ଚକିତ ହୋଇ ରହିଗଲେ ପରିବାର, ପାରିଷଦବର୍ଗଙ୍କ ସମେତ ତଥାକଥିତ ଆସ୍ତିକଗଣ । ପ୍ରଶ୍ନଟିଏ ମୁଣ୍ଡ ଟେକିଲା । ଈଶ୍ୱର କ'ଣ ସେଇମାନଙ୍କ ଡାକ ଶୁଣନ୍ତି, ଯେଉଁମାନେ ତାଙ୍କୁ କେବେ ବି ଡାକନ୍ତି ନାହିଁ ? ଆଉ ଗୋଟିଏ କଥା ବି ସ୍ପଷ୍ଟ ହୋଇଗଲା- ନିଜ ପାଇଁ କିଛି ମାଗିଲେ ଈଶ୍ୱର ହୁଏତ ଶୁଣି ନ ପାରନ୍ତି । ମାତ୍ର ଅନ୍ୟ କାହା ପାଇଁ ମାଗିଲେ ସେ ନ ଶୁଣି ରହିପାରନ୍ତି ନାହିଁ ! ପ୍ରକୃତରେ ବଡ଼ ଅବୋଧ, ରହସ୍ୟମୟ ସେଇ ଈଶ୍ୱର ।



ବହୁ ବର୍ଷ ପୂର୍ବରୁ କେବେ କେଉଁଠି ପଢ଼ିଥିବା ଏଇ ଗପଟି ଏବେ ସ୍ମରଣକୁ ଆସିବାର ଏକ ବିଶେଷ କାରଣ ରହିଛି । କେଇଦିନ ତଳେ ନୂଆ ବର୍ଷଟିକୁ ଆବାହନ କରିବା ଅବସରରେ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ଦର୍ଶନ ପାଇଁ ଅସ୍ୱାଭାବିକ ଭିଡ଼ ପରିଲକ୍ଷିତ ହୋଇଥିଲା । ସେହି ଦର୍ଶନାର୍ଥୀଙ୍କ ଲମ୍ବା ଧାଡ଼ି ଭିତରେ ଜଣେ ବିଶେଷ ବନ୍ଧୁ ଛିଡ଼ା ହୋଇଥିବାର ଖବର ପାଇ ଆଶ୍ଚର୍ଯ୍ୟରେ ସେଦିନ ଏ ଲେଖକର ଆଖି ଖୋସି ହୋଇ ଯାଇଥିଲା । ଆଶ୍ଚର୍ଯ୍ୟ ଯେ, ସେହି ବନ୍ଧୁ ଜଣକ ଥିଲେ ପରମ ନାସ୍ତିକ । ଅନ୍ୟ ବହୁ ନାସ୍ତିକଙ୍କ ପରି ସେ ଈଶ୍ୱରଙ୍କୁ ଅବଜ୍ଞା କରୁ ନ ଥିଲେ କି ଈଶ୍ୱରବିଶ୍ୱାସୀଙ୍କ ବିଶ୍ୱାସକୁ ଆଘାତ ଦେଉ ନ ଥିଲେ । ମାତ୍ର ସେ ବ୍ୟକ୍ତିଗତ ଭାବେ ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରୁ ନ ଥିଲେ । ତାଙ୍କୁ ଏ ସମ୍ପର୍କରେ ପଚାରି ଯାହା ଉତ୍ତର ମିଳିଲା, ତାହା ଥିଲା ଯେପରି ମାର୍ମିକ, ସେପରି ପ୍ରଣିଧାନଯୋଗ୍ୟ । ପ୍ରଥମେ ଅତ୍ୟନ୍ତ ହାଲୁକା ପରିହାସରେ ବନ୍ଧୁ କୈଫିୟତ ଦେଲେ, ''ପତ୍ନୀ ଓ ପରିବାର ସଦସ୍ୟଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଡ୍ରାଇଭର ହୋଇ ପୁରୀ ଯାଇଥିଲି । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଚଣ୍ଡ ଭିଡ଼ରେ ସେମାନଙ୍କୁ କଲବଲ ହେଉଥିବାର ଲକ୍ଷ୍ୟ କରି ସେମାନଙ୍କ ସହାୟକ ଭୂମିକା ନିର୍ବାହ କରିବାକୁ ଭିଡ଼ ଭିତରେ ପଶିବାକୁ ପଡ଼ିଲା ।'' ବନ୍ଧୁ କଥା ଯୋଡ଼ି ମନ୍ତବ୍ୟ ଦେଲେ, ''ଗୋଟିଏ ଅଦୃଶ୍ୟ ଶକ୍ତି ନିକଟରେ ମଣିଷର କି ଅଦ୍ଭୁତ ଆସ୍ଥା !''

ଈଶ୍ୱରଙ୍କ ପ୍ରତି ବନ୍ଧୁଙ୍କ ଏପରି ଅନାସ୍ଥାଭାବକୁ କଟାକ୍ଷ କରି ଏ ଲେଖକ ମନ୍ତବ୍ୟ ଦେଲା, ''ଏତେ କଷ୍ଟ ସହି, ଘଣ୍ଟା ଘଣ୍ଟା ଧାଡ଼ିରେ ରହି ଜଗନ୍ନାଥ ଦର୍ଶନ କରିବାକୁ ଗଲେ । କିଛି ମାଗିଲେ କି ନାହିଁ ?'' ବନ୍ଧୁଙ୍କ ଉତ୍ତର ଥିଲା ଚମତ୍କୃତ କଲା ଭଳି । କହିଲେ- କେବଳ ଓଡ଼ିଶାର ନୁହେଁ କି ଭାରତର ନୁହେଁ, ସମଗ୍ର ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀ ନବବର୍ଷ ପ୍ରାରମ୍ଭରେ ଅନ୍ତତଃ ଏଇ ବର୍ଷଟି ପାଇଁ କେତେ କ'ଣ ମାଗି ନ ଥିବେ ! ସମସ୍ତଙ୍କ ମାଗୁଣି ଶୁଣି ଶୁଣି କେତେ ବିବ୍ରତ, ବିଳିତ ହୋଇ ନ ଥିବେ ସେ ! ମୁଁ ମୋ ନିଜ ପାଇଁ ଆଉ କିଛି ମାଗି ତାଙ୍କୁ ଅଧିକ ଭାରାକ୍ରାନ୍ତ କଲିନାହିଁ । ଗତ କେଇଦିନ ଧରି ଟିଭିରୁ କରୋନାର ପୁନଶ୍ଚ କାୟା ବିସ୍ତାର କଥା ଶୁଣିବାକୁ ମିଳୁଛି । ପୁଣି କରୋନା, ପୁଣି ମୃତ୍ୟୁ ଭୟ ; ପୁଣି ଲକ୍‌ଡାଉନ୍‌ରେ ବିପର୍ଯ୍ୟସ୍ତ ଜୀବନ । ସୁତରାଂ, ସମସ୍ତଙ୍କ ତରଫରୁ ପ୍ରାର୍ଥନା କଲି, ''ହେ ଜଗନ୍ନାଥ ! ଗତ ଦୁଇବର୍ଷ କରୋନା ଏ ମଣିଷଜାତିକୁ ଢେର କଲବଲ କଲାଣି । ତୁମ ପ୍ରତି ସମର୍ପିତ ଏଇ ବିଶାଳ ଭିଡ଼କୁ ଏଇ ମହାମାରୀ କବଳରୁ ରକ୍ଷା କର ପ୍ରଭୁ ! କରୋନାର ଚତୁର୍ଥ ଲହରକୁ ପ୍ରତିହତ କରି ତୁମ ଅଲୌକିକ ଶକ୍ତିର ପରିଚୟ ଦିଅ ଜଗନ୍ନାଥ ।''

ନବବର୍ଷର ପ୍ରଥମ ଦିବସରେ ସଭିଏଁ ନିଜ ନିଜ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିବା ବେଳେ ସମସ୍ତ ମଣିଷଙ୍କ ମଙ୍ଗଳ ମନାସିଥିବା ନାସ୍ତିକ ବନ୍ଧୁଙ୍କ ମୁହଁ ଅନ୍ୟ ବହୁ ଈଶ୍ୱରବିଶ୍ୱାସୀ ଆସ୍ତିକମାନଙ୍କ ମୁହଁଠାରୁ ବେଶ୍ ଉଜ୍ଜ୍ୱଳ ଦିଶୁଥିଲା । ଆମ ଜଗନ୍ନାଥଙ୍କ ଅନୁଭବ କିଛି ଭିନ୍ନ ହୋଇ ନ ଥିବ ବୋଲି ବିଶ୍ୱାସ !

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର**
**ମୋ: ୮୮୯୫୬୨୪୧୦୫**

# ସିଆଚେନ୍‌ର ଶିବଶକ୍ତି

ପୃଥିବୀର ଉଚ୍ଚତମ ଯୁଦ୍ଧକ୍ଷେତ୍ର ସିଆଚେନ୍ ଗ୍ଲେସିଅର । ୨୦ ହଜାର ଫୁଟ ଉଚ୍ଚତା ବିଶିଷ୍ଟ ଏହି ସ୍ଥାନରେ ଭାରତ ଓ ପାକିସ୍ତାନ ୧୯୮୪ରୁ ଅନିୟମିତ ବ୍ୟବଧାନରେ ଯୁଦ୍ଧ କରିଛନ୍ତି । ଜଣେ ମହିଳା ସେଭଳି ହିମପାହାଡ଼ ଉପରେ ନିୟୋଜିତ ହୋଇ ଭାରତ ପାଇଁ କାର୍ଯ୍ୟ କରିବା ନିଶ୍ଚିତ ପୁରୁଷ କେନ୍ଦ୍ରିକ ମାନସିକତା ନେଇ ବଞ୍ଚୁଥିବା ସତ୍ତାକୁ ବରଫରେ ସମାଧି ଦେବା ଭଳି ପ୍ରତୀୟମାନ ହୋଇଛି । ଜୀବନ ଯାତ୍ରାରେ ପଡ଼ିଉଠି ସଫଳତା ପାଇଥିବା କ୍ୟାପ୍ଟେନ ଶିବା ଚୌହାନ ଆଜି ଯୁବପିଢ଼ିଙ୍କ ପାଇଁ ଆଇକନ୍ ପାଲଟିଛନ୍ତି । ଗୁଗଲ ପେଜ୍‌ରେ ହେଉ ବା ଚଳଚ୍ଚିତ୍ର ପରଦାରେ ସିଆଚେନ୍ ଦୃଶ୍ୟ ଦେଖିଲା ବେଳେ ଆଚମ୍ବିତ ହେଉଥିବା ସାଧାରଣ ମଣିଷ ପାଇଁ ଶିବାଙ୍କ ସାମର୍ଥ୍ୟ ପ୍ରଦର୍ଶନ ତାଙ୍କୁ 'ଶିବଶକ୍ତି' ଆଖ୍ୟା ଦେଇଛି । ୨ ଜାନୁୟାରୀ ୨୦୨୩ରେ ଭାରତୀୟ ସେନାର ପ୍ରଥମ ମହିଳା ଅଧିକାରୀ ରୂପେ ସିଆଚେନ୍‌ର 'କୁମାର ପୋଷ୍ଟ'ରେ ଶିବାଙ୍କ ନିଯୁକ୍ତି ତାଙ୍କୁ ସାହସୀ ଲଳନା କରିଦେଇଛି ।

ଶିବା ୧୮ ଜୁଲାଇ ୧୯୯୭ରେ ରାଜସ୍ଥାନ ଉଦୟପୁରରେ ଜନ୍ମଗ୍ରହଣ କରିଥିଲେ । ପିତା ରାଜେନ୍ଦ୍ର ସିଂ ଚୌହାନ ଓ ମାତା ଅଞ୍ଜଳି ଚୌହାନ । ଶିବାଙ୍କୁ ଯେତେବେଳେ ମାତ୍ର ୧୧ ବର୍ଷ ସେତେବେଳେ ପିତାଙ୍କ ଦେହାନ୍ତ ହୋଇଥିଲା । ରାଜେନ୍ଦ୍ରଙ୍କର ରେଡିୟମ୍ ନମ୍ବର ପ୍ଲେଟ୍ ଦୋକାନ ଥିଲା । ସେଥିରୁ ମିଳୁଥିବା ଅର୍ଥରେ ପରିବାର ପ୍ରତିପୋଷଣ ହେଉଥିଲା । ତାଙ୍କ ମୃତ୍ୟୁ ପରେ ପରିବାରବର୍ଗ ଭାଙ୍ଗିପଡ଼ିଥିଲେ । ଆର୍ଥିକ ଅନଟନ ଯୋଗୁ ମାତା ଅଞ୍ଜଳି ଛୋଟମୋଟ କାମ କରିବାକୁ ବାଧ୍ୟ ହେଲେ । ଏପରି କି ବଡ଼ ଭଉଣୀ ଶୁଭାମ ଓ ନିଜ ପଢ଼ା ଖର୍ଚ୍ଚ ମେଣ୍ଟାଇବା ଲାଗି ଶିବା ଷ୍ଟାଣ୍ଡାର୍ଡ ୯ରେ ପଢୁଥିଲା ବେଳେ ଟ୍ୟୁଶନ କରିଥିଲେ । ସେଣ୍ଟ ଆଣ୍ଟୋନୀ ସିନିୟର ସେକେଣ୍ଡାରି ସ୍କୁଲରୁ ଉତ୍ତୀର୍ଣ୍ଣ ହେବା ପରେ ସେ ଉଦୟପୁର ଏନ୍‌ଜେଆର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜିରୁ ସିଭିଲ୍ ଇଞ୍ଜିନିୟରଂରେ ଡିଗ୍ରୀ ହାସଲ କରିଥିଲେ । ପିଲାଟି ବେଳୁ ଭାରତୀୟ ସେନାରେ ଯୋଗଦେବାର ଲକ୍ଷ୍ୟ ରଖିଥିବା ଶିବା ପଢ଼ା ଶେଷ ପରେ ଭାରତୀୟ ସ୍ଥଳସେନା, ନୌସେନା ଓ ତଟରକ୍ଷୀ ବାହିନୀ ପାଇଁ ଉଦ୍ଦିଷ୍ଟ ପରୀକ୍ଷା ଦେଇଥିଲେ । ଅତ୍ୟନ୍ତ ପ୍ରତିଭାଶାଳୀ ହୋଇଥିବାରୁ ସେ ୩ଟି କ୍ଷେତ୍ରରୁ ସୁଯୋଗ ପାଇଥିଲେ । କିନ୍ତୁ ସେ ସ୍ଥଳସେନାକୁ ବାଛିଥିଲେ । ୨୦୨୦ରେ ବିଧିବଦ୍ଧ ଭାବେ ଚେନ୍ନାଇସ୍ଥିତ ଅଫିସର୍ସ ଟ୍ରେନିଂ ଏକାଡେମୀରେ ଯୋଗ ଦେଇଥିଲେ । ୧୪ତମ ଫାୟାର ଆଣ୍ଡ୍ ଫ୍ୟୁରି କର୍‌ରେ କ୍ୟାପ୍ଟେନ୍ ହେବା ପରେ ୧୮ ଜୁଲାଇ ତାଙ୍କ ଜନ୍ମଦିନରେ ଲେହଠାରେ ସେ ପ୍ରଥମ ନିଯୁକ୍ତି ପାଇଥିଲେ । ତାହା ତାଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତ ଆଣିଦେଇଥିଲା ବୋଲି ସେ କହିଥାଆନ୍ତି । କ୍ୟାପ୍ଟେନ୍ ଭାବେ ଗଲ୍‌ୱାନ୍‌ରେ ଚାଇନା ସେନାକୁ ପରାସ୍ତ କରିବାରେ ତାଙ୍କ ପ୍ରମୁଖ ଭୂମିକା ମଧ୍ୟ ରହିଥିଲା । ମେ' ୨୦୨୧ରେ ସେ ବେଙ୍ଗଲ ସାପର୍ ଅଫିସର ଭାବେ କାର୍ଯ୍ୟ କରିଥିଲେ । କିନ୍ତୁ ଜାନୁୟାରୀ ୨୦୨୩ରେ ସିଆଚେନ୍‌ରେ ନିଯୁକ୍ତି ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ବିକଶିତ କରିଛି ।

**ବ୍ୟକ୍ତିତ୍ୱ**



କ୍ୟାପ୍ଟେନ ଶିବା ଚୌହାନ

କର୍ ଅଫ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ମେକାନିକାଲ ଇଞ୍ଜିନିୟର୍ସର ଅଫିସର ରାଜପୁତ କନ୍ୟା ଶିବାଙ୍କ ଦୁଃସାହସିକ ପଦକ୍ଷେପ ତାଙ୍କୁ ସର୍ବଦା ଚର୍ଚ୍ଚାରେ ରଖିଆସିଛି । କାର୍‌ଗିଲ ବିଜୟ ଦିବସରେ ସୁରା ସୋଇ ସାଇକେଲ ଅଭିଯାନର ନେତୃତ୍ୱ ନେଇ ସେ ସିଆଚେନ୍ ୱାର୍ ମେମୋରିଆଲ୍‌ରୁ କାର୍‌ଗିଲ ୱାର୍ ମେମୋରିଆଲ୍ ଯାତ୍ରା କରିଥିଲେ । କଦାପି ଜିରୋ ଡିଗ୍ରୀରୁ ଊର୍ଦ୍ଧ୍ୱକୁ ଯାଉ ନ ଥିବା ଏବଂ ଶୀତ ଦିନେ ମାଇନସ୍ ୪୦ରୁ ମାଇନସ୍ ୬୦ ଡିଗ୍ରୀ ରହୁଥିବା ପ୍ରବଳ ଥଣ୍ଡା ଅଞ୍ଚଳ ସିଆଚେନ୍‌ରେ ରହି ଦେଶ ପାଇଁ କାମ କରୁଥିବା ଶିବା ସର୍ବଦା ଦୃଢ଼ମନା । ତାଙ୍କ ସାହସିକତାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଚ୍ଚ ପ୍ରଶଂସା କରିଛନ୍ତି । ଶିବାଙ୍କ ସଫଳତା ଆସନ୍ତା ଦିନଗୁଡ଼ିକରେ ଅଧିକ ମହିଳାଙ୍କୁ ସଶସ୍ତ୍ର ବାହିନୀରେ ଯୋଗଦେବା ଲାଗି ପ୍ରେରଣା ଯୋଗାଇବ ବୋଲି ସିଂ ଆଶା ବ୍ୟକ୍ତ କରିଛନ୍ତି । ଅନୁରୂପ ଭାବେ ରାଜନେତା, ଉଦ୍ୟୋଗୀ, ସାମାଜିକ କର୍ମୀଙ୍କଠାରୁ ଆରମ୍ଭ କରି ସମାଜର ସବୁ ବର୍ଗ ଶିବାଙ୍କ ପ୍ରତିଭା ଓ ଶାରୀରିକ ପ୍ରଦର୍ଶନକୁ ପ୍ରଶଂସା କରି ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ନିଯୁକ୍ତି ପରିବାରର ଆର୍ଥିକ ସମସ୍ୟା ଦୂର କରିବାରେ ସକ୍ଷମ ହୋଇଛି । ବଡ଼ ଭଉଣୀ ଶୁଭାମ୍ ଏବେ ନ୍ୟାୟିକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ସାନ ହୋଇ ପରିବାରରେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ସହ ଦେଶ ପାଇଁ ଶିବା କାର୍ଯ୍ୟ କରି ଯୁବପିଢ଼ିଙ୍କ ସକାଶେ ଏବେ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଅସହାୟ ଓ ଗରିବଙ୍କ ପାଇଁ ଏକ ସମର୍ପିତ ଜୀବନ ଜିଉଛନ୍ତି ଶିମ୍‌ଲାର ସରବ୍‌ଜିତ ସିଂ । ସେ ରୋଗୀ ଓ ଅସହାୟଙ୍କ ସାହାରା ପାଲଟିଛନ୍ତି । ସରବ୍‌ଜିତ ଶବବାହକ ସାଜି ମୃତ ବ୍ୟକ୍ତିଙ୍କୁ ଶ୍ମଶାନକୁ ବିନା ଦେୟରେ ତାଙ୍କ ଗାଡ଼ିରେ ନେଉଛନ୍ତି । ଗରିବ ରୋଗୀଙ୍କୁ ମାଗଣାରେ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି । ଏତଦ୍‌ବ୍ୟତୀତ ସେ ରୋଗୀ ଓ ଭୋକିଲାମାନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି । ନିଜ ଖର୍ଚ୍ଚରେ ମେଡିକାଲ ସହଯୋଗରେ ବ୍ଲଡ୍‌କ୍ୟାମ୍ପର ଆୟୋଜନ ମଧ୍ୟ କରୁଛନ୍ତି । ତାଙ୍କର ଶିମ୍‌ଲାରେ ଏକ ଛୋଟ ଚପଲ ଦୋକାନ ଅଛି । ସରବ୍‌ଜିତ ସିଂ ବର୍ତ୍ତମାନ ସୁଦ୍ଧା ୧ ହଜାରରୁ ଊର୍ଦ୍ଧ୍ୱ ମୃତଦେହ ଶ୍ମଶାନକୁ ନେଇସାରିଲେଣି । ସେ 'ଅଲ୍‌ମାଇଟ୍ ବ୍ଲେସିଂସ୍' ସଂସ୍ଥା ଗଠନ କରି ସହରର ୪ଟି ସ୍ଥାନରେ କ୍ୟାଣ୍ଟିନ ଖୋଲିଛନ୍ତି । ପୂରା ହିମାଚଳର ବିଭିନ୍ନ ହସ୍ପିଟାଲକୁ ଆସୁଥିବା ରୋଗୀ ଏବଂ ସ୍ୱଜନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି । ତାଙ୍କୁ ଲୋକେ ବବି ନାମରେ ଜାଣନ୍ତି । ସମୟ ଥିଲା, ତାଙ୍କୁ ଲୋକେ ବି ବେଲା (ଜମା କାମ କରୁ ନ ଥିବା ଲୋକ) ଡାକୁଥିଲେ । ତେବେ ବେଲା ହୁଅନ୍ତୁ କି ବବି, କମ୍ ଆୟରେ ଏତେସବୁ କାର୍ଯ୍ୟ କରୁଥିବାରୁ ସେ ଶିମ୍‌ଲା କାହିଁକି ପୂରା ରାଜ୍ୟ ଓ ଦେଶରେ ସ୍ୱତନ୍ତ୍ର ପରିଚିତି ପାଇପାରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୮

- ଅତ୍ୟାବଶ୍ୟକ ସାମଗ୍ରୀ ବିନିମୟରେ ତୈଳ ବିକ୍ରି କରିବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଇରାକ୍‌କୁ ଅନୁମତି ପ୍ରଦାନ ।
- ଆଗାମୀ ଲୋକସଭା ନିର୍ବାଚନରେ ମେଘାଳୟରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିବା ପାଇଁ ରାଜ୍ୟପାଳ ପକ୍ଷରୁ ପି.ଆର୍. କାଣ୍ଡିଆଙ୍କ ଇସ୍ତଫା ପ୍ରଦାନ ।
- ପଶ୍ଚିମ ଓଡ଼ିଶାର ନେତା, କଂଗ୍ରେସ ଦଳର ପୂର୍ବତନ ସଭାପତି ଓ ପୂର୍ବତନ ସାଂସଦ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ନିତ୍ୟାନନ୍ଦ ମିଶ୍ରଙ୍କ ବିଜୁ ଜନତା ଦଳରେ ଯୋଗଦାନ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 9 | 2 | 8 | | | |
| | 3 | 8 | | | | | | |
| | | 6 | | | | | | |
| | | | 5 | 3 | 7 | | 2 | |
| | | | | | 4 | | | |
| | | | | | 6 | 7 | | 1 |
| | | 4 | | | | 6 | 8 | |
| 6 | | | | | | | | 9 |
| 3 | 2 | | 6 | | 5 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 7 | 2 | 6 | 5 | 1 | 9 | 3 |
| 9 | 5 | 6 | 8 | 3 | 1 | 4 | 7 | 2 |
| 3 | 1 | 2 | 4 | 7 | 9 | 8 | 6 | 5 |
| 1 | 9 | 3 | 7 | 5 | 4 | 2 | 8 | 6 |
| 6 | 8 | 5 | 1 | 2 | 3 | 7 | 4 | 9 |
| 2 | 7 | 4 | 6 | 9 | 8 | 5 | 3 | 1 |
| 4 | 2 | 8 | 3 | 1 | 6 | 9 | 5 | 7 |
| 5 | 6 | 1 | 9 | 8 | 7 | 3 | 2 | 4 |
| 7 | 3 | 9 | 5 | 4 | 2 | 6 | 1 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସାବଧାନତା ସହ ପଶୁପକ୍ଷୀଙ୍କୁ ଦେଖନ୍ତୁ

ମହାଶୟ,

ପର୍ଯ୍ୟଟନ ଋତୁରେ ଦେଶର ପ୍ରାୟ ସବୁ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ଅଭୟାରଣ୍ୟ, ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏଥିସହିତ ଶୀତଋତୁର ପ୍ରବଳ ଥଣ୍ଡାର ପ୍ରଭାବ ଏବଂ ପର୍ଯ୍ୟଟକମାନଙ୍କ କୋଳାହଳ ପଶୁପକ୍ଷୀମାନଙ୍କ ବିଶ୍ରାମରେ ବ୍ୟାଘାତ ସୃଷ୍ଟି କରୁଛି । ଅଳ୍ପ କେତେକ ରାଜସ୍ୱ ପ୍ରାପ୍ତି ଆଶାରେ ଜୀବଜନ୍ତୁ ପଶୁପକ୍ଷୀଙ୍କ ଆହାର ବିହାର ଓ ବିଚରଣକୁ ବିପଦଗ୍ରସ୍ତ କରା ନ ଯାଉ । ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ । ଜଳଚର ଜୀବମାନଙ୍କର ଜଳାଶୟଗୁଡ଼ିକରେ ପ୍ରଚୁର ପରିମାଣରେ ଶିଉଳି ନେଳି ରଙ୍ଗରେ ପରିଣତ ହୋଇ ଦୂଷିତ ରହିଛି ଏବଂ ପର୍ଯ୍ୟଟକମାନେ ଫିଙ୍ଗୁଥିବା ପାଣିବୋତଲ ଓ ପଲିଥିନରେ ପରିପୂର୍ଣ୍ଣ ହୋଇ ଯାଉଛି । ସେଇ ଦୂଷିତ ଜଳକୁ ନିଷ୍କାସନ କରି ଜଳାଶୟରେ ସ୍ୱଚ୍ଛ ଜଳ ପୂର୍ଣ୍ଣ କରିବା ଆବଶ୍ୟକ । ପଶୁପକ୍ଷୀଙ୍କ ପାଇଁ ଉଦ୍ଦିଷ୍ଟ ପିଇବାପାଣି ଉପରେ ମଧ୍ୟ ଯତ୍ନବାନ ହେବା ଉଚିତ ଏବଂ ନନ୍ଦନକାନନରେ ପର୍ଯ୍ୟଟକମାନେ ଆଣିଥିବା ଖାଦ୍ୟ ଯେପରି ଦିଆଯାଇ ନ ପାରିବ, ସେଥିପ୍ରତି ଦୃଷ୍ଟିଦେବା ସହ ଏ ସବୁ କାର୍ଯ୍ୟରୁ ବିରତ ହେବା ପାଇଁ ପର୍ଯ୍ୟଟକମାନଙ୍କ ଉପରେ କଟକଣା ଓ ଜରିମାନା ଲଗାଇବା ଆବଶ୍ୟକ । ସମ୍ପୂର୍ଣ୍ଣ ରୂପେ ଅନ୍ୟ ଉପରେ ନିର୍ଭରଶୀଳ ଓ ପାଳିତ ପ୍ରାଣୀ ସମ୍ପଦକୁ ସଂକ୍ରାମକ ରୋଗ ପ୍ରାଦୁର୍ଭାବର ଆଶଙ୍କା ଜନିତ ଅକାଳ ମୃତ୍ୟୁମୁଖରୁ ରକ୍ଷା କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାରେ ଅବହେଳା କରିବା ଉଚିତ ନୁହେଁ ।

**- ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ମନ୍ଦିରରେ ସିସିଟିଭି ଲଗାଯାଉ

ସବୁ ମନ୍ଦିରଗୁଡ଼ିକରେ ସିସିଟିଭି ଲଗାଇବାର ବ୍ୟବସ୍ଥା କରାଯାଉ । ଯେପରି ଅପରାଧୀମାନେ ଖସି ଯିବାର ପଥରୁଦ୍ଧ ହୋଇଯିବ । କ୍ୟାମେରାରେ ଫଟୋ ରହିଯିବ । ସେହିପରି ରାତ୍ର ପାଟ୍ରୋଲିଂ କଡାକଡ଼ି ପାଳନ କରାଯାଉ । ସାଧାରଣ ଲୋକଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି । ଏଥିସହିତ ମନ୍ଦିର ପୂଜକମାନେ ସଚେତନ ରହିବା ଆବଶ୍ୟକ । ଧନସମ୍ପତ୍ତିର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବା ଉଚିତ । ସୁନା, ଟଙ୍କା ଓ ଅଳଙ୍କାର କକ୍ଷରେ ସିସିଟିଭି ଲଗାଗଲେ ଅପରାଧୀମାନଙ୍କର ଅପରାଧ ଧରାପଡ଼ିଯିବ ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା-ରାଣୀ
ଏକାକୀ ନାଉରି ସଙ୍ଗୀତ-ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟାର-ସରମ ଠାଣି
ତଳେ ଜଳରାଶି-ପୀଡ଼ିତ-ମରମ ବାଣୀ ।
**-(ଲୋହିତ ବ୍ୟଥା)**

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଶ୍ରୀନଗରଠାରେ ଡେମୋକ୍ରାଟିକ ଆଜାଦ ପାର୍ଟିର ସଭାପତି ଗୁଲାମନବୀ ଆଜାଦ ଶନିବାର ନୂତନ ଭାବେ ଦଳରେ ଯୋଗଦେଇଥିବା ନେତାଙ୍କୁ ସ୍ୱାଗତ କରୁଛନ୍ତି।

# ରାହୁଲଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ ଭାରତ ଯୋଡ଼ୋ ଯାତ୍ରା ହେଉନାହିଁ: କଂଗ୍ରେସ

**କର୍ନାଲ(ହରିୟାଣା),୭।୧(ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୨୦୨୪ ଲୋକ ସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ଭାରତ ଯୋଡ଼ୋ ଯାତ୍ରା ଆୟୋଜନ କରାଯାଇ ନାହିଁ ବୋଲି ଶନିବାର ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାହୁଲ ୩ଟି ବଡ଼ ପ୍ରସଙ୍ଗ ଯଥା ଅର୍ଥନୈତିକ ଅସମାନତା, ସାମାଜିକ ଧ୍ରୁବୀକରଣ ଏବଂ ରାଜନୈତିକ ଅଧିନାୟକବାଦ୍‌କୁ ପଦାରେ ପକାଇବାରେ ସଫଳ ହୋଇଛନ୍ତି। ଏହା ଏକ ଆଦର୍ଶଗତ ଯାତ୍ରା ଏବଂ ରାହୁଲ ଏହାର ମୁଖ୍ୟ ଚେହେରା। ତେବେ ଏହା ଏକ ବ୍ୟକ୍ତିଗତ ଯାତ୍ରା ନୁହେଁ ବୋଲି କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଖବରଦାତାମାନଙ୍କୁ କହିଛନ୍ତି। କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ଚାଲିଥିବା ପଦଯାତ୍ରା ଏବେ ହରିୟାଣାରେ ପହଞ୍ଚିଛି। ଏହା ଏକ ନିର୍ବାଚନୀ ଯାତ୍ରା ନୁହେଁ। ୨୦୨୪ ସାଧାରଣ ନିର୍ବାଚନରେ ବିରୋଧୀ ଦଳ ରାହୁଲଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବେ କି ବୋଲି ପ୍ରଶ୍ନ କରିବା ଠିକ୍ ନୁହେଁ। ଆର୍‌ଏସ୍‌ଏସ୍ ଏବଂ ଭାଜପା ସହ ଆଦର୍ଶଗତ ଲଢ଼େଇ ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ଜୟରାମ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜୟରାମଙ୍କ ସହ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ଉପସ୍ଥିତ ଥିଲେ।

# ଜାତୀୟ ପତାକା ସ୍ଥାନରେ ଗେରୁଆ ପତାକା ଉଡ଼ାଇବ ଭାଜପା: ମେହେବୁବା

**ଶ୍ରୀନଗର,୭।୧**

ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧକ୍ଷା ମେହେବୁବା ମୁଫତି ଶନିବାର କେନ୍ଦ୍ରର ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ଆଗାମୀ ଦିନରେ ଭାଜପା ଦେଶର ସମ୍ବିଧାନକୁ ଧ୍ୱଂସ କରିବା ସହ ଜାତୀୟ ପତାକା ସ୍ଥାନରେ ଗେରୁଆ ପତାକା ଉଡାଇବ ବୋଲି ମେହେବୁବା କହିଛନ୍ତି। ନିଜ ପିତା ତଥା ପିଡିପି ସଂସ୍ଥାପକ ମୁଫ୍‌ତି ମହମ୍ମଦ ସୟିଦଙ୍କ ୭ମ ପୁଣ୍ୟତିଥି ସମାରୋହରେ ପାର୍ଟିର କର୍ମୀଙ୍କୁ ସମ୍ବୋଧନ ଦେବା ଅବସରରେ ମେହେବୁବା ଭାଜପା ସରକାରଙ୍କୁ ଟାର୍ଗେଟ କରିବା ସହ କୌଣସି ଦେଶ ଯେତେ ଶକ୍ତିଶାଳୀ ହେଉନା କାହିଁକି ନିଜ ଜନତାଙ୍କ ବିରୋଧରେ ଯୁଦ୍ଧ ଆଦୌ ଜିତି ପାରିବ ନାହିଁ ବୋଲି କହିଛନ୍ତି।

# ରାଉରକେଲାକୁ ଉଡ଼ିଲା ବିମାନ
# ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ନେଇ ରାଜନୀତି

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ଶନିବାରଠାରୁ ଭୁବନେଶ୍ୱରରୁ ଷ୍ଟିଲ୍ ସିଟି ରାଉରକେଲାକୁ ବିମାନ ଉଡ଼ିଛି। ବିମାନ ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ ଦିଆଯାଇଥିବା ବିଜ୍ଞାପନକୁ ନେଇ ରାଜନୀତି ହୋଇଛି। ଏଥିଲାଗି ଦିଆଯାଇଥିବା ବିଜ୍ଞାପନ ଏବଂ ଶୁଭାରମ୍ଭ କାର୍ଯ୍ୟକ୍ରମ ପୋଷ୍ଟରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ନ ଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି, ରାଜନୈତିକ ଦ୍ୱନ୍ଦ୍ୱ ରହିବ। କିନ୍ତୁ ରାଜ୍ୟ ସ୍ୱାର୍ଥ କଥା ଉଠିଲେ, ଏକାଠି ହେବା। ବାଲିରେ ଥିବା ବେଳେ ପ୍ରଧାନମନ୍ତ୍ରୀ କଟକ ବାଲିଯାତ୍ରା କଥା ଉଠାଇଥିଲେ। ଅନ୍ତର୍ଜାତୀୟ ମଞ୍ଚରେ ମୋଦିଜୀ ଓଡ଼ିଶା କଥା ଉଠାଇଥିଲେ ବି ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ମଧ୍ୟ ଦେଲେନି। ବିଜ୍ଞାପନରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିଥିଲେ ଭଲ ହୋଇଥାଆନ୍ତା ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଧ୍ୟ ସମାନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ବୋଲି କହିଛନ୍ତି।

ଧର୍ମେନ୍ଦ୍ରଙ୍କ ଅଭିଯୋଗ ନେଇ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ବିରୋଧୀଙ୍କ କାମ ବିରୋଧ କରିବା। ବିରୋଧୀ ସବୁବେଳେ ବିଭିନ୍ନ ପ୍ରକାର ଅଭିଯୋଗ କରନ୍ତି। ୨୨ ବର୍ଷର ଶାସନରେ ମୁଖ୍ୟମନ୍ତ୍ରୀ ଉନ୍ନତି ପରେ ଉନ୍ନତି କରୁଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ ଲୋକଙ୍କ ପାଇଁ କାମ କରୁଛନ୍ତି। ଆଜି ଜନସାଧାରଣଙ୍କ ହୃଦୟରେ ସେ ଅଛନ୍ତି। ପଶ୍ଚିମ ଓଡ଼ିଶାର ରାଉରକେଲାକୁ ବିମାନ ଉଡ଼ାଣ ପାଇଁ ବହୁଦିନର ଦାବି ଥିଲା। ଆଜି ତାହା ପୂରଣ ହୋଇଛି। ଜାତୀୟ ସ୍ତରର ହକିକୁ ଓଡ଼ିଶା ଆଣି ବିଶ୍ୱ ଦରବାରରେ ପହଞ୍ଚାଇଛି। ହକି ବିଶ୍ୱକପ୍ ଚାଲିବା ବେଳେ ଖେଳାଳିମାନଙ୍କ ପାଇଁ ଚାର୍ଟାର୍ଡ ବିମାନ ଚାଲିବ। ୧୨ ତାରିଖରୁ ବ୍ୟବସାୟିକ ବିମାନ ନିୟମିତ ଚାଲିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଭାରତ ସରକାରଙ୍କ ସହଯୋଗ ଲାଗି ଧନ୍ୟବାଦ ଦେଉଛି ବୋଲି ଟୁକୁନି କହିଛନ୍ତି।

# ପଡିଆରା ପାଇଁ ଲଢ଼େଇ

**ନିଶ୍ଚିନ୍ତକୋଇଲି, ୭।୧(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନକୁ ପ୍ରାୟ ୧୫ ମାସ ବାକି ଥିବାବେଳେ ଏବେଠୁ ବିଜେଡି ଓ ଭାଜପା ନିଜର ପଡିଆରା ସୃଷ୍ଟି ପାଇଁ ଲାଗିପଡ଼ିଛନ୍ତି। ରବିବାର ଏହା ଦେଖିବାକୁ ମିଳିବ କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକରେ। କୋଲଣପୁର ପଞ୍ଚାୟତ ଅନ୍ତର୍ଗତ ଆର୍‌ଏମସି ପଡିଆରେ ରବିବାର ବିଜେଡିର ୨୬ ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ସମୟରେ ନିଶିନ୍ତକୋଇଲି ବଜାରରେ ଭାଜପା ପକ୍ଷରୁ ସଂକଳ୍ପ ଯାତ୍ରା ଆୟୋଜନ କରାଯାଇଛି। ବିଜେଡିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଦଳର ବରିଷ୍ଠ ନେତାମାନଙ୍କୁ ଏକାଠି କରି ସମାବେଶ ଆୟୋଜନ କରିଛନ୍ତି। ଏଥିରେ ଦଳର ବରିଷ୍ଠ ନେତ୍ରୀ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ସମେତ କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହେବ ବୋଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଉପାଧ୍ୟକ୍ଷ ଅଶୋକ ଓଝା ଓ ଜିଲା ସାଧାରଣ ସମ୍ପାଦକ ଗିରୀଶ ରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି। ଅପରପକ୍ଷେ ଭାଜପା ପକ୍ଷରୁ ହେବାକୁ ଥିବା ସଂକଳ୍ପ ଯାତ୍ରାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବରିଷ୍ଠ ବିଧାୟକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଦୁଇ ଦଳ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ପୋଷ୍ଟର ଓ ବ୍ୟାନର ଲଗାଯାଇଛି। ଏଥିସହ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି। ଗୋଟିଏ ଦିନରେ ନିଶ୍ଚିନ୍ତକୋଇଲି ବ୍ଲକରେ ଦୁଇ ପ୍ରମୁଖ ରାଜନୈତିକ ଦଳର ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

ଏସମ୍ପର୍କରେ ସାଲେପୁର ଏସ୍‌ଡିପିଓ ବିମଳ ପ୍ରସାଦ ବାରିକ କୁହନ୍ତି, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଥିପାଇଁ ୨ ପ୍ଲାଟୁନ ଫୋର୍ସ ସହ ସ୍ଥାନୀୟ ଥାନାର ଆଇଆଇସି, ସମସ୍ତ ଅଫିସର ଓ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ପାଟ୍ରୋଲିଂ ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯିବ।

# ୨୬ରୁ କଂଗ୍ରେସର ହାତ୍ ସେ ହାତ୍ ଯୋଡ଼ୋ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ହାତ୍ ସେ ହାତ୍ ଯୋଡ଼ୋ କାର୍ଯ୍ୟକ୍ରମ ଏକ ଅଂଶବିଶେଷ। ରାଜ୍ୟ କଂଗ୍ରେସର ନେତୃବର୍ଗ ଆସନ୍ତା ଜାନୁୟାରୀ ୨୬ ତାରିଖରୁ ଓଡ଼ିଶାର ପ୍ରତ୍ୟେକ ଗାଁକୁ ଯାଇ ହାତ ସେ ହାତ ଯୋଡ଼ୋ କାର୍ଯ୍ୟକ୍ରମ ଆରମ୍ଭ କରିବେ। ପ୍ରତ୍ୟେକ ଗାଁରେ କଂଗ୍ରେସର ପତାକା ଉତ୍ତୋଳନ କରାଯିବ ଏବଂ କଂଗ୍ରେସ ନେତୃବର୍ଗ ଗାଁର ପ୍ରତ୍ୟେକ ଘରକୁ ଘର ଯାଇ ଜନସମ୍ପର୍କ ସୃଷ୍ଟି କରିବା ସହିତ ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି, ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସମସ୍ୟା ସହିତ ରାହୁଲ ଗାନ୍ଧୀଙ୍କ ଆଦର୍ଶରେ ଯେଉଁ ଭାରତ ଯୋଡ଼ୋ ଯାତ୍ରା ଚାଲିଛି ସେ କଥାକୁ ଲୋକମାନଙ୍କ ପାଖରେ ଉପସ୍ଥାପନ କରିବେ। ହାତ ସେ ହାତ ଯୋଡ଼ୋ କାର୍ଯ୍ୟକ୍ରମ ଜାନୁୟାରୀ ୨୬ରୁ ଆରମ୍ଭ ହୋଇ ଦୁଇ ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

୬ ଓ ୭ ତାରିଖ ଦୁଇଦିନ ଧରି ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଦୁଇଦିନିଆ ବୈଠକରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମକୁ କିପରି ଭାବରେ ସଫଳ କରାଯିବ ସେ ନେଇ ଜମ୍ମୁ-କଶ୍ମୀର ପୂର୍ବତନ ମନ୍ତ୍ରୀ, କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ସଭା ସଦସ୍ୟ ତାରିକ୍ ହମିଦ କାରାର୍ ଗୁରୁମନ୍ତ୍ର ଦେଇଛନ୍ତି। ଦଳରେ କୌଣସି ପ୍ରକାରର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା, ପୂର୍ବତନ ଏମ୍‌ପି, ବିଧାୟକ, ବରିଷ୍ଠ ନେତୃବର୍ଗ, ବର୍ତ୍ତମାନର ଏମ୍‌ପି, ବିଧାୟକ, ଛାତ୍ର, ଯୁବ, ମହିଳା ନେତୃବର୍ଗ, ବିଭିନ୍ନ ବିଭାଗ ଓ ପ୍ରକୋଷ୍ଠର ଅଧିକାରୀ ବୃନ୍ଦ ଏବଂ ପଦାଧିକାରୀଙ୍କୁ ସେ କହିଛନ୍ତି। ସାରା ଭାରତବର୍ଷରେ କୋଟି କୋଟି ଲୋକ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେଉଛନ୍ତି। ୩ ହଜାରରୁ ଅଧିକ କିଲୋମିଟର ରାହୁଲ ଗାନ୍ଧୀ ପଦଯାତ୍ରା କରି ସାରିଲେଣି ବୋଲି କାରାର୍ କହିଛନ୍ତି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ହରିୟାଣାର କର୍ନାଲଠାରେ ଶନିବାର ଆୟୋଜିତ ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଦଳର ବରିଷ୍ଠ ନେତୃବୃନ୍ଦ କ୍ରୀଡ଼ାବିତ୍ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।


**OFFICE OF THE DISTRICT PROJECT COORDINATOR**
**SAMAGRA SHIKSHA, SUBARNAPUR**
E-mail: dpcsonepurssa.opepa@nic.in, Ph.: 06654-220551/06654-220514 (Fax)
No.: 55 Date: 06.01.2023

**"TENDER CALL NOTICE FOR PRINTING OF LAKHYA & TARGET POSTER FOR SUBARNAPUR DISTRICT"**

Sealed tenders are invited in prescribed format from the registered firms with offset printers having PAN, GST and IT Clearance Certificate for printing and supply of Lokhya & Target Poster from Class- I-III and Balbatika of Subarnapur district. The tender paper will be submitted to District Project Coordinator, Samagra Shiksha, Subarnapur lastest by 15.01.2023. Details terms and conditions can be downloaded from the official website: **www.subarnapur.nic.in** & **www.opepa.nic.in**.

By Order of Collector and Chairman, Samagra Shiksha, Subarnapur
**Sd./- District Project Coordinator**
**Samagra Shiksha, Subarnapur**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4402 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.76/OSIC/MKT Dt.06.01.2023
The Odisha Small Industries Corporation Ltd., Cuttack invites sealed bids from experienced registered Distributors/ Dealers/Manufacturers for supply & installation of Inverter with Batteries and Headphones to 399 Nos. of transformed High School in the district of Mayurbhanj. The detailed schedules, terms and conditions of the tender document along with technical specification of items & quantity of requirement can be downloaded from OSIC www.osicltd.in. Any corrigendum/changes/modifications will appear in OSIC Ltd. website: **www.osicltd.in** only and all the tenderers are to refer to above website.
**By order of MD**
**Sd/-Manager(Mktg)**
OIPR-14073/11/0134/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4403 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.78/OSIC/MKT Dt.06.01.2023
The Odisha Small Industries Corporation Ltd., Cuttack invites sealed bids from experienced Distributors/Dealers/ Manufacturers for supply of Ladies Bicycles with specific branding for use by Mission Shakti Group members for Joda & Barbil Municipalities under Keonjhar District. The detailed schedules, terms and conditions of the tender document along with technical specification of items & quantity of requirement can be downloaded from OSIC **www.osicltd.in** Any corrigendum/changes/modifications will appear in OSIC Ltd. website: **www.osicltd.in** only and all the tenderers are to refer to above website.
**By order of MD**
**Sd/-Manager(Mktg)**
OIPR-14073/11/0135/2223

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨
**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତି ଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତି ଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର **କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୦୯.୦୨.୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧. | **ନୀଳକଣ୍ଠନଗର ଶାଖା, ଫୋନ୍: ୯୧୨୪୬୭୨୭୧୧/** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/ ୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, **ଗୃହ ସମ୍ପତ୍ତିର ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୧୧,୨୮,୦୦୦/- / ଟ.୧,୧୩,୦୦୦/- / ଟ.୧୧,୦୦୦/- | ୦୬.୦୪.୨୦୨୦ ସୁଦ୍ଧା ଟ.୧୯,୧୫,୨୯୧.୫୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୯୮୧୯୪୧୦୯୫୧ /** **୧) ଶ୍ରୀ ସୁମନ୍ତ ଦିହୁଡ଼ି,** ପିତା: ଶ୍ରୀ ସନ୍ୟାସୀ ଦିହୁଡ଼ି, **୨) ଶ୍ରୀମତୀ ଚନ୍ଦ୍ରକଳା ଦିହୁଡ଼ି,** ସ୍ୱାମୀ: ଶ୍ରୀ ସନ୍ୟାସୀ ଦିହୁଡ଼ି, **୩) ଶ୍ରୀ ରମେଶ ନାଏକ,** ପିତା: ଶ୍ରୀ ପବନ ନାଏକ, ସମସ୍ତଙ୍କ ଠିକଣା - ସା/ ପୋ: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୧୨୦ | ଶ୍ରୀମତୀ ଚନ୍ଦ୍ରକଳା ଦିହୁଡ଼ି ଏବଂ ଶ୍ରୀ ସୁମନ୍ତ ଦିହୁଡ଼ିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦୬୯, ଖାତା ନଂ.: ୩୫୫, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, କ୍ଷେତ୍ର: ଏକର୦.୦୭୦ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ କୈଳାସ ଦିହୁଡ଼ିଙ୍କ ଗୃହ, ପଶ୍ଚିମ: ଶ୍ରୀ ଭଞ୍ଜ ବଢ଼େଇଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଚନ୍ଦ୍ରକଳା ଦିହୁଡ଼ିଙ୍କ ଜମି | ଟ.୧୩,୧୨,୦୦୦/- / ଟ.୧,୩୨,୦୦୦/- / ଟ.୧୩,୦୦୦/- | ୨୯.୦୮.୨୦୨୨ ସୁଦ୍ଧା ଟ.୬,୮୪,୯୬୪.୨୨ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ |

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୦୮.୦୨.୨୦୨୩ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ / ଯାହାଙ୍କ ସପକ୍ଷରେ ଅମାନତ ରାଶି ପୈଠ: କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,
ଆକାଉଣ୍ଟ ନଂ.: ୦୦୮୫୧୧୧୦୦୦୦୦୪୩୨, IFSC Code : UBIN0800856, ଫୋନ୍ ନଂ.: ୭୫୦୬୮୦୭୨୫୮

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୦୭.୦୨.୨୦୨୩ ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ, ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ:
https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ (୬)/ରୁଲ୍ ୯(୧) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୭.୦୧.୨୦୨୩ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

इंडियन बैंक Indian Bank इलाहाबाद ALLAHABAD
**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**
**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଶାଖା/ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ପଟିଆ ଶାଖା** **(୧) ମେସର୍ସ ବି ଏସ୍ ଇଞ୍ଜିନିୟରିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ (ଋଣଗ୍ରହୀତା-ପାର୍ଟନରସିପ୍ ଫାର୍ମ),** ପ୍ଲଟ ନଂ.୧୨୫, ଜୋନ୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୧୦, **(୨) ଶ୍ରୀ ବିବେକାନନ୍ଦ ଜେନା (ଜାମିନ୍‌ଦାର/ପାର୍ଟନର),** ପିତା: ଯୋଗେଶ ଚନ୍ଦ୍ର ଜେନା, ପ୍ଲଟ ନଂ.୧୨୪, ସହୀଦ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୦୭, **(୩) ଶ୍ରୀ ସୁମିତ୍ କୁମାର ପାଠୀ (ଜାମିନ୍‌ଦାର/ପାର୍ଟନର),** ପିତା: ରାମଚନ୍ଦ୍ର ପାଠୀ, **(୪) ଶ୍ରୀମତୀ ବବିତା ପାଠୀ (ଜାମିନ୍‌ଦାର/ପାର୍ଟନର),** ସ୍ୱା: ଶ୍ରୀ ସୁମିତ୍ କୁମାର ପାଠୀ, ଉଭୟଙ୍କ ଠିକଣା: ଫ୍ଲାଟ ନଂ.୫/ଏ, ଇସ୍କନ ରେସିଡେନ୍ସି (କିଟ୍ କୋଏଲ୍ କ୍ୟାମ୍ପସ୍ ନିକଟ), ପଟିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୨୪। | **ସମ୍ପତ୍ତି-୧:** ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୯୬/ ୬୨୪ (ସବ୍ ପ୍ଲଟ ନଂ.୪୮୫), ଖାତା ନଂ.୭୫/୪୦୧, ମୌଜା: ଦଶବାଟିଆ, ଥାନା: ଖଣ୍ଡଗିରି, ତହସିଲି/ ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୫୯.୬୮ ଡିସିମିଲି (୨୬୦୦ ବର୍ଗଫୁଟ), **ସମ୍ପତ୍ତିର ମାଲିକ: ବବିତା ପାଠୀ,** ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ନଂ.୪୪୮, ଦକ୍ଷିଣ- ସବ୍ ପ୍ଲଟ ନଂ.୩୨୮, ପୂର୍ବ- ରେଭିନ୍ୟୁ ପ୍ଲଟ ନଂ.୯୬(ପି), ପଶ୍ଚିମ- ରାସ୍ତା। **ସମ୍ପତ୍ତି-୨:** ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୬୫/୨୬୫୧, ଖାତା ନଂ.୨୭୦/୧୮୧୧, ସବ୍-ପ୍ଲଟ ନଂ.୧୮, ମୌଜା: ବଡରଘୁନାଥପୁର, ଥାନା: ଜଟଣୀ, ଥାନା ନଂ.୬୫, ତହସିଲି/ ସବ୍-ରେଜିଷ୍ଟ୍ରାର: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୪୫.୪୫ଡସିମିଲି (୧୯୮୦ ବର୍ଗଫୁଟ), **ସମ୍ପତ୍ତିର ମାଲିକ: ବବିତା ପାଠୀ,** ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ରେଭିନ୍ୟୁ ପ୍ଲଟ ନଂ.୬୬୦, ଦକ୍ଷିଣ- ରାସ୍ତା, ପୂର୍ବ: ସବ୍-ପ୍ଲଟ ନଂ.୧୭, ପଶ୍ଚିମ- ସବ୍-ପ୍ଲଟ ନଂ.୧୯। | ୨୧.୧୦.୨୦୨୨ | ୦୬.୦୧.୨୦୨୩ | ଟ.୮୨,୮୦,୭୭୭.୩୮ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ଭୁବନେଶ୍ୱର ଶାଖା** ଋଣଗ୍ରହୀତା: **ଶ୍ରୀମତୀ ବିଦ୍ୟୁଲତା ସାହୁ,** ସ୍ୱା: ଶ୍ରୀ ତାପସ ରଞ୍ଜନ ସାହୁ, **ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ କିଶୋର ଚନ୍ଦ୍ର ସାହୁ,** ପିତା: ୰ଶ୍ରୀ ରାମଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା: ମୌଜା- ନିଆଁମୁଆଁ, ପୋଷ୍ଟ-ଡାଳତୋଳା, ପ୍ଲଟ ନଂ.୬୧୩/୯୦୨, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୬। | **ସମ୍ପତ୍ତି-୧: ଶ୍ରୀ କିଶୋର ଚନ୍ଦ୍ର ସାହୁ,** ପିତା: ୰ ରାମଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ହାଲ ମ୍ୟୁଟେସନ ଖାତା ନଂ.୩୨୫/୧୭୨, ପ୍ଲଟ ନଂ.୬୧୨/୯୫୨, ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.୩୨୫/୨, ପ୍ଲଟ ନଂ.୬୧୨(ପି), ଏରିଆ: ଏ୦.୨୪୦ ଡିସିମିଲି ଏବଂ ହାଲ ମ୍ୟୁଟେସନ ଖାତା ନଂ.୩୨୫/୧୭୩, ପ୍ଲଟ ନଂ.୬୧୨/ ୯୫୩, ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.୩୨୫/୨, ପ୍ଲଟ ନଂ.୬୧୨(ପି), ଏରିଆ: ଏ୦.୦୧୦ ଡିସିମିଲି, ମୌଜା: ନିଆଁମୁଆଁ, ତହସିଲି: ବେଗୁନିଆ, ସବ୍ ରେଜିଷ୍ଟ୍ରାର/ଥାନା: ଖୋର୍ଦ୍ଧା, ଥାନା ନଂ.୯୧, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୬୦୦, ପଶ୍ଚିମ- ପ୍ଲଟ ନଂ.୬୧୩ (କିଶୋର ଚନ୍ଦ୍ର ସାହୁ) ଏବଂ ପ୍ଲଟ ନଂ.୬୧୪, ଉତ୍ତର- ପ୍ଲଟ ନଂ.୬୦୯, ଦକ୍ଷିଣ- ରାସ୍ତା। **ସମ୍ପତ୍ତି-୨: ଶ୍ରୀ କିଶୋର ଚନ୍ଦ୍ର ସାହୁ,** ପିତା: ୰ ରାମଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ହାଲ ମ୍ୟୁଟେସନ ଖାତା ନଂ. ୩୨୫/୪୮, ପ୍ଲଟ ନଂ.୬୧୦, ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.୧୪୦, ଏରିଆ: ଏ୦.୦୬୫ ଡିସିମିଲି, ମୌଜା: ନିଆଁମୁଆଁ, ତହସିଲି: ବେଗୁନିଆ, ସବ୍ ରେଜିଷ୍ଟ୍ରାର/ଥାନା: ଖୋର୍ଦ୍ଧା, ଥାନା ନଂ.୯୧, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୬୦୦, ପଶ୍ଚିମ- ପ୍ଲଟ ନଂ.୬୧୧ ଏବଂ ପ୍ଲଟ ନଂ.୬୧୨(ପି), ଉତ୍ତର- ପ୍ଲଟ ନଂ.୬୦୯, ଦକ୍ଷିଣ- ପ୍ଲଟ ନଂ.୬୧୨(ପି) ଏବଂ କିଶୋର ଚନ୍ଦ୍ର ସାହୁ। **ସମ୍ପତ୍ତି-୩: ଶ୍ରୀ କିଶୋର ଚନ୍ଦ୍ର ସାହୁ,** ପିତା: ୰ ରାମଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ହାଲ ମ୍ୟୁଟେସନ ଖାତା ନଂ.୩୨୫/୧୦୭, ପ୍ଲଟ ନଂ.୬୧୩/୯୦୨, ସ୍ଥିତିବାନ, କିସମ: ଘରବାରୀ, ଅନୁରୂପ ଖାତା ନଂ.୧୭୫, ପ୍ଲଟ ନଂ.୬୧୩(ଅଂଶ), ଏରିଆ: ଏ୦.୧୪୬ ଡିସିମିଲି, ମୌଜା: ନିଆଁମୁଆଁ, ତହସିଲି: ବେଗୁନିଆ, ସବ୍ ରେଜିଷ୍ଟ୍ରାର/ଥାନା: ଖୋର୍ଦ୍ଧା, ଥାନା ନଂ.୯୧, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ: ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୬୧୪, ଉତ୍ତର- ପ୍ଲଟ ନଂ.୬୧୩(ପି), ଦକ୍ଷିଣ- ରାସ୍ତା। | ୨୮.୧୦.୨୦୨୨ | ୦୪.୦୧.୨୦୨୩ | ତା.୦୩.୦୧.୨୦୨୩ସୁଦ୍ଧା ଟ.୧୬,୮୩,୩୩୮/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ପୁରୀ ଦୋଳମଣ୍ଡପ ସାହି ଶାଖା** (୧)ମେସର୍ସ ଦୁର୍ଗା ମାଧବ ହ୍ୟାଣ୍ଡଲୁମ୍ (ଋଣଗ୍ରହୀତା), (୨)ଶ୍ରୀମତୀ ବିନୋଦିନୀ ପ୍ରଧାନ (ଋଣଗ୍ରହୀତା/ସତ୍ତ୍ୱାଧିକାରୀ/ବନ୍ଧକଦାତା), (୩)ଶ୍ରୀ ଚିରଞ୍ଜିବି ପ୍ରଧାନ (ଜାମିନ୍‌ଦାର/ବନ୍ଧକଦାତା), (୪)ଶ୍ରୀମତୀ ଇତିଶ୍ରୀ ପ୍ରଧାନ (ଜାମିନ୍‌ଦାର/ବନ୍ଧକଦାତା), ସମସ୍ତଙ୍କ ଠିକଣା: ସରସ୍ୱତୀ ବିହାର, ବାଲିଗଳି, ପୁରୀ-୭୫୨୦୦୨। | ୰ବଟକୃଷ୍ଣ ପ୍ରଧାନ, ପିତା: ନିଳକଣ୍ଠ ପ୍ରଧାନଙ୍କ ନାମରେ ଥିବା ଫ୍ୟାକ୍ଟ୍ରି ସେଡ୍ ଏବଂ ଗୃହ ଯାହାର ପ୍ଲଟ ନଂ.୧୨୮୫/୬୦୯୬, ଖାତା ନଂ.୫୨୧/୨୨୩୯, ଏରିଆ: ଏ୦.୦୧୪ ଡିସିମିଲି, ମୌଜା: ବାଲୁଖଣ୍ଡ, ତହସିଲି/ଜିଲ୍ଲା: ପୁରୀ, ଓଡିଶା, ବିକ୍ରୟ ଦଲିଲ୍ ନଂ.୧୧୪୮୧୨୦୧୩୪୯, ତା.୨୪.୦୨.୨୦୧୨, ଏହାର ଚାରିପାର୍ଶ୍ୱରେ: ଉତ୍ତର- ବସ୍ତି ପ୍ଲଟ ନଂ.୫୨, ଦକ୍ଷିଣ- ରାସ୍ତା, ପୂର୍ବ- ବସ୍ତି ପ୍ଲଟ ନଂ.୬୯, ପଶ୍ଚିମ- ବିନୋଦିନୀ ପ୍ରଧାନ। | ୧୩.୧୦.୨୦୨୨ | ୦୫.୦୧.୨୦୨୩ | ଟ.୮,୧୨,୫୭୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୭.୦୧.୨୦୨୩ କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଜାନୁୟାରୀ, ୨୦୨୩



## ପୋଲରୁ ପଡ଼ି ମୋପେଡ ଚାଳକଙ୍କ ମୃତ୍ୟୁ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ବଣିଜରା ନିକଟ ଏକ ପୋଲରୁ ପଡି ଜଣେ ମୋପେଡ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣାସର ଗ୍ରାମର ବିନୋଦ ହାତୀ। ଶୁକ୍ରବାର ବିଳମ୍ବିତ ରାତିରେ ବିନୋଦ କାମ ସାରି ଘରକୁ ନିଜ ମୋପେଡ (ଏକ୍ସ ସେଲ ସୁପରରେ) ଫେରୁଥିବାବେଳେ ବଣିଜରା ନିକଟରେ ଥିବା ଏକ ପୋଲରୁ ଖସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜୁନାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ବିନୋଦଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମଧ୍ୟାହ୍ନରେ ପୋଲିସ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

ଭବାନୀପାଟଣା/ଜୁନାଗଡ଼, ୭।୧(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆରେ ଶନିବାର ସ୍ଥାନୀୟ ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୯ଟାରେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ତ୍ରିନାଥ ମନ୍ଦିରକୁ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ମଶାଲକୁ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରି ହାଇସ୍କୁଲ ପଡିଆସ୍ଥିତ ଲଙ୍କେଶ୍ୱରୀ ମଞ୍ଚରେ ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରେ ଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ ମଶାଲ ଗ୍ରହଣ କରିବା ସହ ପତକା ଉତ୍ତୋଳନ କରି ମଞ୍ଚ ଉଦ୍‌ଘାଟନ କରିଥିଲେ। ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ଉପରୋକ୍ତ ୨ ଅତିଥି ସହ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୂଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି, ବିଡିଓ ଦୁଲାରାମ ମାରାଣ୍ଡି, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ନଗରପାଳ ମୁକେଶ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏନଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ ପ୍ରମୁଖ ଯୋଗଦେଇଥିଲେ। ସଭା ହିମାଂଶୁ ଶେଖର ବରାଡ ଓ ଅଶୋକ ପଟ୍ଟନାୟକ ପରିଚାଳନା କରିଥିଲେ। ପ୍ରଥମେ ସ୍ଥାନୀୟ କଳାବିକାଶ କେନ୍ଦ୍ର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ଗିଫୁଲ ଓ କଳାହାଣ୍ଡିର ବୀରବାଦ୍ୟ ଘୁମୁରା ପରିବେଷଣ ହୋଇଥିଲା। ପରେ କବିତା ପାଠୋତ୍ସବ ହୋଇଥିଲା। ଅପରାହ୍ନରେ ଶିଶୁ ବିଚିତ୍ରା କାର୍ଯ୍ୟକ୍ରମ ଓ ୫ଟାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ପିଡି ଡିଆରଡିଏ ପାୱାର ସଚିନ ପ୍ରକାଶ, ଧର୍ମଗଡ ଉପଜିଲାପାଳ ବେଦଭୂଷଣ, ବିଡିଓ ମାରାଣ୍ଡି, ତହସିଲଦାର ବେଦବ୍ୟାସ ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ନଗରପାଳ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ଜିଲାର ଐତିହ୍ୟ, ସଂସ୍କୃତିର ବାର୍ତ୍ତାବହ ସାଜିଛି କଳାହାଣ୍ଡି ଉତ୍ସବ ଘୁମରା ବୋଲି ଜିଲାପାଳ କହିଥିଲେ। ସେହିପରି ଜୁନାଗଡ ବ୍ଲକ ରାଜ୍ୟରେ ଖାଦ୍ୟ ଶସ୍ୟ ଉତ୍ପାଦନରେ ୧ ନମ୍ବର ହୋଇ ଜିଲା ପାଇଁ ଗୌରବ ଆଣିଥିବାବେଳେ ଜାତୀୟସ୍ତରରେ ଯେମିତି ୧ ନମ୍ବର ହେବ ସେ ନେଇ ପ୍ରୟାସ ଆରମ୍ଭ ହୋଇଯାଇଛି ବୋଲି ଜୁନାଗଡ ବିଧାୟକ ମିଶ୍ର କହିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ବଲପୁରୀ ଲୋକପ୍ରିୟ ଗାୟକ ରୁକୁ ସୁନା ତାଙ୍କ ସାଥିଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଚିତାକର୍ଷକ ହୋଇଥିଲା। ଗାୟକ ରୁକୁ ସୁନାଙ୍କ ଗୀତ ଦର୍ଶକଙ୍କୁ ବେଶ ମନମୋହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ବିନୟ ସାହୁ ଓ ସ୍ମିତାରାଣୀ ସାହୁ ପରିଚାଳନା କରିଥିଲେ। ଆସନ୍ତା ୩ ଦିନ ଧରି ଉତ୍ସବ ଚାଲିବ।



ପ୍ରଥମ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି ବୃନ୍ଦ।


ଗାୟକ ରୁକୁ ଗୀତ ପରିବେଷଣ କରୁଛନ୍ତି।

**ବ୍ଲକ, ଏନ୍‌ଏସିସ୍ତରୀୟ**
- ଜିଲାର ଐତିହ୍ୟ, ସଂସ୍କୃତିର ବାର୍ତ୍ତାବହ ସାଜିଛି କଳାହାଣ୍ଡି ଉତ୍ସବ
- ପ୍ରଥମ ସନ୍ଧ୍ୟାରେ ମନମୋହିଲେ ଗାୟକ ରୁକୁ ସୁନା

## ସଂକ୍ଷେପରେ

### ବିଶ୍ୱକପ୍ ହକି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ତୁଣ୍ଡଲା,୭।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟଠାରେ ପୁରୁଷ ହକି ବିଶ୍ୱ କପ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଓ ଶୋଭାଯାତ୍ରା ଛାତ୍ରୀଛାତ୍ରମାନଙ୍କୁ ନେଇ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଧାପକ ସଦାନନ୍ଦ ଶତପଥୀ, ଦୁର୍ଯ୍ୟୋଧନ ବିଶୋଇ, ନିରଞ୍ଜନ ମାଝି, ଡା. ମଦନ ମୋହନ ସାହୁ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ କିରାଣୀ ଭକ୍ତବନ୍ଧୁ ପଧାନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ବୁଦ୍ଧଦେବ ପଧାନ, ଚଉବନ ପଧାନ ସହଯୋଗ କରିଥିଲେ। ଏଥିରେ ସମସ୍ତ ଛାତ୍ରୀଛାତ୍ର ମିଶି ହକି ବିଶ୍ୱକପକୁ ଲୋକପ୍ରିୟ କରିବା ସହ ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସ୍ଲୋଗାନ ସହିତ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ।

### ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଖଡ଼ିଆଳ,୭।୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ଆଦର୍ଶ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଛି। ପ୍ରଥମେ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ ପରେ ଅଧକ୍ଷ ଅକ୍ଷୟ ସାହୁଙ୍କ କର କମଳରେ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ଭାବେ ମେଜର ଡ଼ା ରାମଚନ୍ଦ୍ର ମିଶ୍ର ଯୋଗଦେଇ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। କ୍ରୀଡାକୁ ବିଜୟ ଦେଓ, କ୍ରୀଡା ଶିକ୍ଷକ ଲଳିତ ଡୁଙ୍ଗଡୁଙ୍ଗ ପରିଚାଳନା କରିଥିଲେ। ରାନୁ, ପ୍ରୀତି ସୁଧା ପ୍ରଧାନ, ଇପିସିତା ପଣ୍ଡା, ସଙ୍ଗୀତା ମହାଉତି, ପ୍ରିୟଙ୍କା କାମପାଳ, ଶର୍ମିଷ୍ଠା ପଟ୍ଟନାୟକ, ଅନନ୍ୟା ଜେନା, ଜୟଶ୍ରୀ ନିବେଦିତା, ଅଧାପକ ସୌମ୍ୟରଂଜନ ସିଂ, ଅଭିନାଶ ପୁଷ୍ଟି, ଡ ଶିବ କୁମାର, ସିଲୁ ସେଠି ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡା ଉତ୍ସବରେ ପୂର୍ବତନ ଛାତ୍ରଛାତ୍ରୀମାନେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

### ସ୍କ୍ୱାଡ୍ ଚଢ଼ାଉ, ବିପୁଳ ଧାନ ଜବତ



ଖଡ଼ିଆଳ,୭।୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଧାନ ମଣ୍ଡିରେ ଶନିବାର କେନ୍ଦ୍ରସ୍କ୍ୱାଡ୍ ଟିମ ଚଢ଼ାଉ କରି ବିପୁଳ ପରିମାଣର ଧାନ ଜବତ କରିଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ସୂଚନା ମିଳିଛି ଯେ, ସନ୍ଧ୍ୟାରେ କେନ୍ଦ୍ରସ୍କ୍ୱାଡ୍ ଟିମ୍ ଡୁଆଝର ମଣ୍ଡିରେ ଚଢ଼ାଉ କରିଥିବା ବେଳେ ୩ଜଣ ଚାଷୀଙ୍କ ୪୨୬ ବସ୍ତା ଧାନ ଜବତ କରିଥିବା ଜଣାପଡ଼ିଛି। ୩ଜଣ ଚାଷୀ ମଣ୍ଡିରେ ବିକ୍ରି ପାଇଁ ଆଣିଥିବା ଧାନର ଠିକ ବିବରଣୀ ଦେଇ ପାରି ନ ଥିବା ସହିତ କାଗଜାତ ଦେଖାଇ ପରି ନ ଥିଲେ। ଫଳରେ ସ୍କ୍ୱାଡ୍ ଟିମ ଧାନ ସବୁ ଜବତ କରିଛି। ଡୁଆଝର ଧାନ ମଣ୍ଡିରେ ପ୍ରତ୍ୟେକ ବର୍ଷ ବେପାରୀଙ୍କ ଧାନ ବିଭାଗୀୟ ଅଧିକାରୀଙ୍କୁ ହାତବାରିସୀ କରି ଆଗୁଆ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଆସୁଥିଲେ। ଜବତ ହୋଇଥିବା ଧାନ ବେପାରୀଙ୍କ ବୋଲି ଚର୍ଚ୍ଚା ହେଉଛି। ଖବର ଲେଖା ହେବ ପର୍ଯ୍ୟନ୍ତ ନୂଆପଡ଼ା ଏସିଏସଓ ଏବଂ ଖଡ଼ିଆଳ ଏମଆଇଙ୍କୁ ଯୋଗାଯୋଗ କଲେ ମଧ ଫୋନ ଉଠାଇ ନ ଥିବାରୁ ସମ୍ପୂର୍ଣ୍ଣ ବିବରଣୀ ଜଣାପଡ଼ିନାହିଁ।

## ୧୦, ୧୧ରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ

କୋକସରା,୭।୧(ଡି.ଏନ.ଏ.)

କଳାହାଣ୍ଡି ଉତ୍ସବ ଘୁମୁରା ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକ, ପଞ୍ଚାୟତ ଉପଖଣ୍ଡ ଓ ଜିଲା ମୁଖ୍ୟାଳୟ ପର୍ଯ୍ୟାୟ କ୍ରମେ ଆରମ୍ଭ ହୋଇଥିବା ବେଳେ କୋକସରା ବ୍ଲକସ୍ତରୀୟ ଗୁଡହାଣ୍ଡି ଉତ୍ସବ ଆସନ୍ତା ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହେବ। ଚଳିତବର୍ଷ ଗୁଡହାଣ୍ଡି ମହୋତ୍ସବ ଆକର୍ଷଣୀୟ କରିବା ପାଇଁ ଶୁକ୍ରବାର ଗୁଡହାଣ୍ଡି ପ୍ରସ୍ତୁତି ବୈଠକ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଉତ୍ସବ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଛି। ଚଳିତବର୍ଷ ଗୁଡହାଣ୍ଡି ମଞ୍ଚ କଳାହାଣ୍ଡି ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାର ରୂପରେଖ ଦିଆଯାଉଛି। ବୈଠକରେ ବିଡିଓ ଉତ୍ତମ କୁମାର ବାଗ, କମିଟି ସଦସ୍ୟ ପୁରୁଷୋତ୍ତମ ଗୁପ୍ତା, ଗୋବର୍ଦ୍ଧନ ବାଗ, ନନ୍ଦ କିଶୋର ଧରୁଆ, ତ୍ରିଭୁବନ ନାଏକ, ରାମଚନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ଅଇରୀ ନାସନ ଚିନ୍ଦା, ଦେବାନନ୍ଦ ରାଉତ, ସଞ୍ଜୟ ସିଂଘଲ, ରବି ନାରାୟଣ ଦାସ, ନିରଞ୍ଜନ ନେଗି, ସନତ ପ୍ରଧାନୀ, ପ୍ରମୋଦ ଅଗ୍ରୱାଲ, କେଶବ ନାଏକ, ନାରାୟଣ ଶର୍ମା ଓ ଯୁବଗୋଷ୍ଠି, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ଶୃଙ୍ଖଳିତ ଭାବେ ପାଳନ କରିବା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା ପରିଚାଳନା କରିଥିଲେ।

## ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଗୋଲାମୁଣ୍ଡା,୭।୧(ଡି.ଏନ.ଏ.)

କଳାହାଣ୍ଡିଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଧର୍ମଗଡ଼ ଉପଜିଲାପାଳ ତଥା ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ବେଦ ଭୂଷଣଙ୍କ ସଭାପତିତ୍ୱରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସ ସଞ୍ଜୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶଂସା କରି ଶିଖିଲେ ପ୍ରକୃତ ମଣିଷ ପଣିଆ ପ୍ରତିଭାତ ହୁଏ ବୋଲି ମତ ଦେଇଥିଲେ। ଅଧକ୍ଷ ଜୟନ୍ତ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ପ୍ରତାପ ଚନ୍ଦ୍ର ନାୟକ ଅତିଥି ପରିଚୟ ଓ ପ୍ରାଧାପକ ସରୋଜ କାନ୍ତ ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧାପକ ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା ଓ ଶାନ୍ତନୁ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ବିଜୟ କୁମାର ସାହୁ, ପ୍ରବୀର କୁମାର ରାୟ, ଘନଶ୍ୟାମ ଭାଟି, କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ବାରିକ ଓ ମୁକେଶ ବିଶି ଏବଂ ସମସ୍ତ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ଦେଶୀ ମଦ କାରବାର ବୃଦ୍ଧି

**ଅବକାରୀ, ପୋଲିସ ବିଭାଗ ନୀରବଦ୍ରଷ୍ଟା**

ଜୁନାଗଡ,୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ଜୋନରେ ଏବେ ଦେଶୀ ହାତ ରନ୍ଧା ମଦ କାରବାର ଜୋରସୋର ଚାଲିଥିବା ଅଭିଯୋଗ ହୋଇଛି। ଏପରିକି ଏହି ଦେଶୀ ମଦ ବାହାରକୁ ମଧ ଚାଲାଣ ହେଉଛି। ଗତ ନଭେମ୍ବରରେ ଆଟିଗାଁ ଜୋନ ଅଞ୍ଚଳର ଶାନ୍ତିପୁର ଗ୍ରାମରେ ୫୦ଲିଟର ଦେଶୀ ହାତ ରନ୍ଧା ମଦ ସ୍ଥାନୀୟ ପୋଲିସ ଜବତ କରିବା ସହ କରୁକ୍ଷେତ୍ର ମେହେର ଓ ମୁକୁନ୍ଦ ମେହେରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଶେଷ କରି ଏହି ଜୋନରେ କଳିଆକୁଣ୍ଡଲ ଗ୍ରାମରେ ଏହି କାରବାର ଅଧିକ ଚାଲିଛି। ଏହି ଗ୍ରାମରେ ଥିବା ଖେତ (ବାହାଲ) ଓ ନିଛାଟିଆ ସ୍ଥାନରେ କିଛି ଅସାଧୁ ବ୍ୟକ୍ତି ଏପରି ଦେଶୀ ହାତ ରନ୍ଧା ମଦ ପ୍ରସ୍ତୁତ କରୁଥିବା ଅଭିଯୋଗ ହୋଇଛି। ସେହିପରି ନିକଟସ୍ଥ ଗାଁର ବାହାଲ ଓ ଜୋର ନିକଟରେ ଏପରି କାରବାର ଚାଲିଥିବା ଜଣାପଡିଛି। ଏଥିପ୍ରତି ଅବକାରୀ ଓ ପୋଲିସ ବିଭାଗ ନୀରବ ଦ୍ରଷ୍ଟା ସାଜିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦେଶୀ ମଦ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ ହୋଇଥିଲେ ମଧ କମ ଦାମରେ ମିଳୁଥିବାରୁ ଖଟିଖିଆ, ନିରୀହ ଲୋକମାନେ ଏହାର ଶିକାର ହେଉଛନ୍ତି। ଏମିତିକି ବିଷାକ୍ତ ମଦ ପିଇ ଗତ କିଛି ଦିନ ତଳେ ବିହାରରେ ଅନେକଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ଅଞ୍ଚଳରେ ମଧ ଆଗକୁ ଏପରି ନ ହେବ ତାହା ଏଡାଇ ଦିଆଯାଇ ନ ପାରେ। ଏଥିପ୍ରତି ଅବକାରୀ ଓ ପୋଲିସ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ସ୍ଥାନରେ ଚଢାଉ କରିବାକୁ ସାଧାରଣରେ ଦାବି ହୋଇଛି।

## ନିମ୍ନମାନର ପୋଲ, ଗାର୍ଡୱାଲ ନିର୍ମାଣ ଅଭିଯୋଗ

ଖଡ଼ିଆଳ,୭।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦାବ୍ରି ପଞ୍ଚାୟତ ଭଇରାଜପୁର ଗ୍ରାମଠାରୁ ଦାବ୍ରି ପର୍ଯ୍ୟନ୍ତ ଖଡ଼ିଆଳ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାର ପୋଲ ଓ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଚାଲିଛି। ସେହି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି ଓ କାର୍ଯ୍ୟ ବିଷୟରେ ବିଭାଗୀୟ ଅଧିକାରୀ ଜାଣି ନ ଥିବା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଚଳିତବର୍ଷ ଭଇରାଜପୁରରୁ ଦାବ୍ରି ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି କାମ ଚାଲିଛି। ଠିକାଦାର ରଘୁ ନନ୍ଦନ ଅଗ୍ରୱାଲ, ରାସ୍ତାର ନାମ ଏମଆଇଏଲ୦୩, ଅଟକଳ ମୂଲ୍ୟ ୩୯୦.୪୧ ଲକ୍ଷ, ରକ୍ଷଣାବେକ୍ଷଣ ୫ବର୍ଷ, ପୋଲ ୪ଟି, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ଖଡ଼ିଆଳ ପକ୍ଷରୁ କାର୍ଯ୍ୟ ହେଉଥିବା ସୂଚନା ଫଳକରୁ ଜଣାଯାଉଛି। ହେଲେ ସେହି ରାସ୍ତା ଉପରେ ହୋଇଥିବା ୪ଟି ପୋଲ ଓ ଗାର୍ଡୱାଲ ନିମ୍ନମାନର ହେଉଥିବା ଯୋଗୁ ହାତ ମାରିଲେ ବାଲି ଝଡ଼ିବା ସହିତ ମେଟାଲଗୁଡିକ ବାହାରି ଯାଉଛି। ଅନ୍ୟପକ୍ଷରେ ଗାର୍ଡୱାଲ ନିର୍ମାଣ ପୂର୍ବରୁ ବାଲି ଭର୍ତ୍ତି କରିବା ନିୟମ ଥିବାବେଳେ ସିଧା ମାଟିରୁ ସିମେଣ୍ଟ କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ କାର୍ଯ୍ୟର ସ୍ଥାୟୀତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ଠିକାଦାର ଅଗ୍ରୱାଲଙ୍କୁ ପଚାରିବାରୁ ୨ଜଣ ପେଟି ଠିକାଦାର କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ କହୁଛି ବୋଲି ପ୍ରକାଶ କରିଥିଲେ। ଏ ନେଇ ଦାୟିତ୍ୱରେ ଥିବା ଗ୍ରାମ ଉନ୍ନୟନ ବିଭାଗ ଏସଡିଓ ଆରକେ ବକ୍ସିଙ୍କୁ ଅବଗତ କରିବାରୁ କାର୍ଯ୍ୟ ଆରମ୍ଭ ସମୟରେ ପରିଦର୍ଶନରେ ଯାଇଥିଲୁ, ହେଲେ ଗାର୍ଡୱାଲ କାର୍ଯ୍ୟ ବିଷୟରେ ଜାଣି ନାହିଁ ବୋଲି ପ୍ରକାଶ କରିବା ସହିତ ଶନିବାର କାର୍ଯ୍ୟସ୍ଥଳ ପରିଦର୍ଶନ କରିବୁ ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।


ନିମ୍ନମାନର ଗାର୍ଡୱାଲ।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

କୋକସରା,୭।୧(ଡି.ଏନ.ଏ.)


ଅତିଥିମାନେ ଉତ୍ସବ ଉଦ୍‌ଘାଟନ କରୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଡଙ୍ଗରିଗୁଡା ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ପାଳିତ ହୋଇଯାଇଛି। ସରପଞ୍ଚ ପଦ୍ମିନୀ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଜନାର୍ଦ୍ଦନ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୁବ ଉଦ୍ୟୋଗି ବିକ୍ରମ ଗୁପ୍ତା, ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, କେତନ ପାତ୍ର, ନାରାୟଣ ପଟ୍ଟନାୟକ, ଅନିରୁଦ୍ଧ ପାତ୍ର, ଯଶୋବନ୍ତ ନାଏକ, ଡଙ୍ଗରିଗୁଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀଶଙ୍କର ପଣ୍ଡା, ଅତୁଲ୍ୟ ଭୂଷଣ ପଟ୍ଟନାୟକ, ଟିକେଶ୍ୱର ପୁଞ୍ଜି, ଶ୍ରୀମନ୍ତ ଧରୁଆ, କୈଳାଶ ଚନ୍ଦ୍ର ସାହୁ, ସରିତା ପଟ୍ଟନାୟକ, କୃପାସିନ୍ଧୁ ପାତ୍ର, ନାଏବ ସରପଞ୍ଚ ଅଶୋକ ଭୋଇ, ଶିକ୍ଷକ ଧୀରେନ୍ଦ୍ର ପଣ୍ଡା, ହିରାଲାଲ ସରାଫ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ। ପରେ ପଞ୍ଚାୟତ ଲୋକ କଳାକାର ଓ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲ ପରିଚାଳନା କରିଥିଲେ।

## କୋଶଲି ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ

ନୂଆପଡ଼ା ଅଫିସ,୭।୧

ନୂଆପଡା ସାଂସ୍କୃତିକ ରଙ୍ଗମଞ୍ଚ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ୮ମ ତମ କୋଶଲି ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ ଶନିବାର ନୂଆପଡା ଓକିଲ ବୈଠକ ଘରେ ଅନୁଷ୍ଠିତ ହୋଇଯାଇଛି। କୋଶଲି ଧନୁଯାତ୍ରା ମହୋତ୍ସବ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଧନୁଯାତ୍ରାର କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ପଶ୍ଚିମ ଓଡିଶାର ଛତିଶଗଡ ସୀମାନ୍ତ ନୂଆପଡା ଜିଲାରେ କୋଶଲି ଭାଷାର ପ୍ରଚଳନ ହୋଇଥାଏ ବୋଲି ଧନୁଯାତ୍ରା କେବଳ କୋଶଲି ଭାଷାରେ ଅନୁଷ୍ଠିତ ହେବ। ରବିବାର ଯୋଗଡେଲି (ଶୁଭସ୍ତମ୍ଭ) ସ୍ଥାପନ ଓ କଂସ ବରଣ କରାଯିବ। କୋଶଲି ଧନୁଯାତ୍ରାରେ ମଧୁସୁଦନ ପାଣିଗ୍ରାହୀ କଂସ ଭୂମିକାରେ ଅଭିନୟ କରିବେ। ୭ଦିନ ପାଇଁ ନୂଆପଡା ସହର ମଥୁରା ନଗରୀରେ ପରିଣତ ହେବ। କରୋନା ଯୋଗୁ ଗତ ୨ ବର୍ଷ ହୋଇ ନ ଥିବା ବେଳେ ଚଳିତବର୍ଷ ୮ମ ତମ କୋଶଲି ଧନୁଯାତ୍ରା ମହୋତ୍ସବରେ ମୀନା ବଜାର ମୁଖ୍ୟ ଆକର୍ଷଣ ରହିବ। ଜିଲା ଭିତରେ ଥିବା ସମସ୍ତ ସାଂସ୍କୃତିକ ଦଳକୁ ଡାକିବା ସହିତ ଜିଲା ବାହାର ସାଂସ୍କୃତିକ ଦଳ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଉପସଭା ନେତ୍ରୀ ଯାଜ୍ଞସେନୀ ମହାପାତ୍ର, ସମ୍ପାଦକ ହରିଶ୍ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୟ ପାଢୀ, ବରିଷ୍ଠ ସଦସ୍ୟ ଲୋକନାଥ ରଥ, ପ୍ରତିଭା ହୋତା ପ୍ରମୁଖ ଉପସ୍ଥିତ ଥିଲେ। ହେମନ୍ତ ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।



କୋଶଲି ଧନୁଯାତ୍ରା ସମ୍ପର୍କରେ କମିଟି ପକ୍ଷରୁ ସୂଚନା ଦିଆଯାଉଛି।

## ସହର ବାହାରେ ଟାଉନ ହଲ୍ ନିର୍ମାଣକୁ ବିରୋଧ

ନୂଆପଡ଼ା ଅଫିସ,୭।୧


ସମ୍ମିଳନୀରେ ସୂଚନା ଦିଆଯାଇଛି।

**ସମସ୍ୟା ସମାଧାନ ନ ହେଲେ ଓକିଲ ସଂଘ ରାସ୍ତାକୁ ଓହ୍ଲାଇବ**

ରାଜ୍ୟ ସରକାର ଲୋକଙ୍କ ସୁବିଧା ନିମନ୍ତେ ପ୍ରତ୍ୟେକ ଜିଲା ସଦର ମହକୁମାରେ ଏକ ଟାଉଲ ହଲ ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରି ନିର୍ମାଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ହେଲେ ନୂଆପଡା ଜିଲାରେ ଟାଉନ ଭିତରେ ନିର୍ମାଣ ନ ହୋଇ ବାହାରେ ଡୁମେରପାଣି ପଞ୍ଚାୟତ ଅଞ୍ଚଳରେ ନିର୍ମାଣ ହେଉଥିବାରୁ ବିଭିନ୍ନ ମହଲରେ ବିରୋଧ କରାଯାଉଛି। ଏହାକୁ ନେଇ ଶନିବାର ଜିଲା କୋର୍ଟ ସମ୍ମିଳନୀ କକ୍ଷରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଓକିଲ ସଂଘ ଉପସଭାପତି ପ୍ରକାଶ ସ୍ୱାଇଁ, ସମ୍ପାଦକ ଅଶ୍ୱନୀ ବାଗ, ଅଶୋକ କ୍ଷିତିଶ ବୋଧନକର, ଘାସିରାମ ବାଗ ପ୍ରମୁଖ ଯୋଗଦେଇ ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି। ଏଥିସହ ଜିଲା କଲ୍ୟାଣ ମଣ୍ଡପ ପୋଲିସ କବଜାରେ ରହିଥିବାରୁ ଜନସାଧାରଣଙ୍କ ସାମୂହିକ କାର୍ଯ୍ୟ ତଥା ବିବାହ, ବ୍ରତ, ସଭା, ସମିତି ପାଇଁ ଲୋକଙ୍କୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି କହିଥିଲେ। ନୂଆପଡାରେ ମାଓବାଦୀ ଦମନ ପାଇଁ ପୋଲିସ ଫୋର୍ସର ଆବଶ୍ୟକତା ଥିଲା। ରହିବା ପାଇଁ ସ୍ଥାନ ନ ଥିବାରୁ ଜିଲା ଗଠନ ସମୟରେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପକୁ ଫୋର୍ସ ରହିବା ପାଇଁ ଦିଆଯାଇଥିଲା। ପୋଲିସର ଆବଶ୍ୟକ କୋଠା ନିର୍ମାଣ ହୋଇ ସାରିଥିଲେ ମଧ୍ୟ କଲ୍ୟାଣ ମଣ୍ଡପକୁ ନିଜ ଅଧୀନରେ ରଖିଛନ୍ତି। ଫଳରେ ଜନସାଧାରଣଙ୍କ ସାମୁହିକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଜିଲାରେ ସାମୁହିକ କାର୍ଯ୍ୟ ପାଇଁ ସୁବିଧା ଗୃହ ନାହିଁ। କାହା ସ୍ୱାର୍ଥରେ ଟାଉନ ହଲକୁ ଟାଉନ ବାହାରେ ନିର୍ମାଣ କରିବା ସହ କଲ୍ୟାଣ ମଣ୍ଡପ ପୋଲିସ ଅଧୀନରେ ରହିଛି ପ୍ରଶ୍ନ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ସମାଧାନ ଶୀଘ୍ର ନ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନର କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘ ସଭାପତି ପାଢୀ ସୂଚନା ଦେଇଛନ୍ତି।

## ପୋଲରୁ ପଡ଼ି ମୋପେଡ ଚାଳକଙ୍କ ମୃତ୍ୟୁ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ବଣିଜରା ନିକଟ ଏକ ପୋଲରୁ ପଡି ଜଣେ ମୋପେଡ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣାସର ଗ୍ରାମର ବିନୋଦ ହାତୀ। ଶୁକ୍ରବାର ବିଳମ୍ବିତ ରାତିରେ ବିନୋଦ କାମ ସାରି ଘରକୁ ନିଜ ମୋପେଡ (ଏକ୍ସ ସେଲ ସୁପରରେ) ଫେରୁଥିବାବେଳେ ବଣିଜରା ନିକଟରେ ଥିବା ଏକ ପୋଲରୁ ଖସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜୁନାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ବିନୋଦଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମଧାହ୍ନରେ ପୋଲିସ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ବିଶ୍ୱକପ୍ ହକି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ତୁଣ୍ଡଲା,୭।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟଠାରେ ପୁରୁଷ ହକି ବିଶ୍ୱ କପ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଓ ଶୋଭାଯାତ୍ରା ଛାତ୍ରୀଛାତ୍ରମାନଙ୍କୁ ନେଇ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ତତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଧାପକ ସଦାନନ୍ଦ ଶତପଥୀ, ଦୁର୍ଯ୍ୟୋଧନ ବିଶୋଇ, ନିରଞ୍ଜନ ମାଝି, ଡା. ମଦନ ମୋହନ ସାହୁ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ କିରାଣୀ ଭକ୍ତବନ୍ଧୁ ପଧାନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ବୁଦ୍ଧଦେବ ପଧାନ, ଚଉବନ ପଧାନ ସହଯୋଗ କରିଥିଲେ। ଏଥିରେ ସମସ୍ତ ଛାତ୍ରୀଛାତ୍ର ମିଶି ହକି ବିଶ୍ୱକପକୁ ଲୋକପ୍ରିୟ କରିବା ସହ ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସ୍ଲୋଗାନ ସହିତ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ।

### ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଖଡ଼ିଆଳ,୭।୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ଆଦର୍ଶ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଛି। ପ୍ରଥମେ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ ପରେ ଅଧକ୍ଷ ଅକ୍ଷୟ ସାହୁଙ୍କ କର କମଳରେ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ଭାବେ ମେଜର ଡ଼ା ରାମଚନ୍ଦ୍ର ମିଶ୍ର ଯୋଗଦେଇ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। କ୍ରୀଡାକୁ ବିଜୟ ଦେଓ, କ୍ରୀଡା ଶିକ୍ଷକ ଲଳିତ ତୁଙ୍ଗତୁଙ୍ଗ ପରିଚାଳନା କରିଥିଲେ। ରାନୁ, ପ୍ରୀତି ସୁଧା ପ୍ରଧାନ, ଇପିସିତା ପଣ୍ଡା, ସଙ୍ଗୀତା ମହାଉତି, ପ୍ରିୟଙ୍କା କାମପାଳ, ଶର୍ମିଷ୍ଠା ପଟ୍ଟନାୟକ, ଅନନ୍ୟା ଜେନା, ଜୟଶ୍ରୀ ନିବେଦିତା, ଅଧାପକ ସୌମ୍ୟରଂଜନ ସିଂ, ଅଭିନାଶ ପୁଷ୍ଟି, ଡ ଶିବ କୁମାର, ସିଲୁ ସେଠି ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡା ଉତ୍ସବରେ ପୂର୍ବତନ ଛାତ୍ରଛାତ୍ରୀମାନେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

### ସ୍କ୍ୱାଡ୍ ଚଢ଼ାଉ, ବିପୁଳ ଧାନ ଜବତ



ଖଡ଼ିଆଳ,୭।୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଧାନ ମଣ୍ଡିରେ ଶନିବାର କେନ୍ଦ୍ରସ୍କ୍ୱାଡ୍ ଟିମ ଚଢ଼ାଉ କରି ବିପୁଳ ପରିମାଣର ଧାନ ଜବତ କରିଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ସୂଚନା ମିଳିଛି ଯେ, ସନ୍ଧ୍ୟାରେ କେନ୍ଦ୍ରସ୍କ୍ୱାଡ୍ ଟିମ୍ ଡୁଆଝର ମଣ୍ଡିରେ ଚଢ଼ାଉ କରିଥିବା ବେଳେ ୩ଜଣ ଚାଷୀଙ୍କ ୪୨୬ ବସ୍ତା ଧାନ ଜବତ କରିଥିବା ଜଣାପଡ଼ିଛି। ୩ଜଣ ଚାଷୀ ମଣ୍ଡିରେ ବିକ୍ରି ପାଇଁ ଆଣିଥିବା ଧାନର ଠିକ ବିବରଣୀ ଦେଇ ପାରି ନ ଥିବା ସହିତ କାଗଜାତ ଦେଖାଇ ପରି ନ ଥିଲେ। ଫଳରେ ସ୍କ୍ୱାଡ୍ ଟିମ ଧାନ ସବୁ ଜବତ କରିଛି। ଡୁଆଝର ଧାନ ମଣ୍ଡିରେ ପ୍ରତ୍ୟେକ ବର୍ଷ ବେପାରୀଙ୍କ ଧାନ ବିଭାଗୀୟ ଅଧିକାରୀଙ୍କୁ ହାତବାରିସୀ କରି ଆଗୁଆ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଆସୁଥିଲେ। ଜବତ ହୋଇଥିବା ଧାନ ବେପାରୀଙ୍କ ବୋଲି ଚର୍ଚ୍ଚା ହେଉଛି। ଖବର ଲେଖା ହେବ ପର୍ଯ୍ୟନ୍ତ ନୂଆପଡ଼ା ଏସିଏସଓ ଏବଂ ଖଡ଼ିଆଳ ଏମଆଇଙ୍କୁ ଯୋଗାଯୋଗ କଲେ ମଧ ଫୋନ ଉଠାଇ ନ ଥିବାରୁ ସମ୍ପୂର୍ଣ୍ଣ ବିବରଣୀ ଜଣାପଡ଼ିନାହିଁ।

# କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

ଭବାନୀପାଟଣା/ଜୁନାଗଡ଼, ୭।୧(ସ୍ୱ.ପ୍ର./ଡି.ଏନ.ଏ.)



ପ୍ରଥମ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।



ଗାୟକ ରୁକୁ ଗୀତ ପରିବେଷଣ କରୁଛନ୍ତି।

**ବ୍ଲକ, ଏନ୍‌ଏସିସ୍ତରୀୟ**

- ଜିଲାର ଐତିହ୍ୟ, ସଂସ୍କୃତିର ବାର୍ତ୍ତାବହ ସାଜିଛି କଳାହାଣ୍ଡି ଉତ୍ସବ
- ପ୍ରଥମ ସନ୍ଧ୍ୟାରେ ମନମୋହିଲେ ଗାୟକ ରୁକୁ ସୁନା

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆରେ ଶନିବାର ସ୍ଥାନୀୟ ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୯ଟାରେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ତ୍ରିନାଥ ମନ୍ଦିରକୁ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ମଶାଲକୁ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରି ହାଇସ୍କୁଲ ପଡିଆସ୍ଥିତ ଲଙ୍କେଶ୍ୱରୀ ମଞ୍ଚରେ ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରେ ଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ ମଶାଲ ଗ୍ରହଣ କରିବା ସହ ପତକା ଉତ୍ତୋଳନ କରି ମଞ୍ଚ ଉଦ୍‌ଘାଟନ କରିଥିଲେ। ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ଉପରୋକ୍ତ ୨ ଅତିଥି ସହ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୂଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି, ବିଡିଓ ଦୁଲାରାମ ମାରାଣ୍ଡି, ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ନଗରପାଳ ମୁକେଶ ଅଗ୍ରୱାଲ, ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ଏନଏସି ଉପାଧକ୍ଷା ହିମାଦ୍ରୀ ନାଏକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ ପ୍ରମୁଖ ଯୋଗଦେଇଥିଲେ। ସଭା ହିମାଂଶୁ ଶେଖର ବରାଡ ଓ ଅଶୋକ ପଟ୍ଟନାୟକ ପରିଚାଳନା କରିଥିଲେ। ପ୍ରଥମେ ସ୍ଥାନୀୟ କଳାବିକାଶ କେନ୍ଦ୍ର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ଗିଫୁଲ ଓ କଳାହାଣ୍ଡିର ବୀରବାଦ୍ୟ ଘୁମୁରା ପରିବେଷଣ ହୋଇଥିଲା। ପରେ କବିତା ପାଠୋତ୍ସବ ହୋଇଥିଲା। ଅପରାହ୍ନରେ ଶିଶୁ ବିଚିତ୍ରା କାର୍ଯ୍ୟକ୍ରମ ଓ ୫ଟାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ପିଡି ଡିଆରଡିଏ ପାୱାର ସଚିନ ପ୍ରକାଶ, ଧର୍ମଗଡ ଉପଜିଲାପାଳ ବେଦଭୂଷଣ, ବିଡିଓ ମାରାଣ୍ଡି, ତହସିଲଦାର ବେଦବ୍ୟାସ ଭୋଇ, ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ବ୍ଲକ ଅଧକ୍ଷା ସବିତା ମେହେର, ନଗରପାଳ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ଜିଲାର ଐତିହ୍ୟ, ସଂସ୍କୃତିର ବାର୍ତ୍ତାବହ ସାଜିଛି କଳାହାଣ୍ଡି ଉତ୍ସବ ଘୁମରା ବୋଲି ଜିଲାପାଳ କହିଥିଲେ। ସେହିପରି ଜୁନାଗଡ ବ୍ଲକ ରାଜ୍ୟରେ ଖାଦ୍ୟ ଶସ୍ୟ ଉତ୍ପାଦନରେ ୧ ନମ୍ବର ହୋଇ ଜିଲା ପାଇଁ ଗୌରବ ଆଣିଥିବାବେଳେ ଜାତୀୟସ୍ତରରେ ଯେମିତି ୧ ନମ୍ବର ହେବ ସେ ନେଇ ପ୍ରୟାସ ଆରମ୍ଭ ହୋଇଯାଇଛି ବୋଲି ଜୁନାଗଡ ବିଧାୟକ ମିଶ୍ର କହିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ବଲପୁରୀ ଲୋକପ୍ରିୟ ଗାୟକ ରୁକୁ ସୁନା ତାଙ୍କ ସାଥିଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଚିତାକର୍ଷକ ହୋଇଥିଲା। ଗାୟକ ରୁକୁ ସୁନାଙ୍କ ଗୀତ ଦର୍ଶକଙ୍କୁ ବେଶ ମନମୋହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ବିନୟ ସାହୁ ଓ ସ୍ମିତାରାଣୀ ସାହୁ ପରିଚାଳନା କରିଥିଲେ। ଆସନ୍ତା ୩ ଦିନ ଧରି ଉତ୍ସବ ଚାଲିବ।

## ୧୦, ୧୧ରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ

କୋକସରା,୭।୧(ଡି.ଏନ.ଏ.)

କଳାହାଣ୍ଡି ଉତ୍ସବ ଘୁମୁରା ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକ, ପଞ୍ଚାୟତ ଉପଖଣ୍ଡ ଓ ଜିଲା ମୁଖ୍ୟାଳୟ ପର୍ଯ୍ୟାୟ କ୍ରମେ ଆରମ୍ଭ ହୋଇଥିବା ବେଳେ କୋକସରା ବ୍ଲକସ୍ତରୀୟ ଗୁଡହାଣ୍ଡି ଉତ୍ସବ ଆସନ୍ତା ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହେବ। ଚଳିତବର୍ଷ ଗୁଡହାଣ୍ଡି ମହୋତ୍ସବ ଆକର୍ଷଣୀୟ କରିବା ପାଇଁ ଶୁକ୍ରବାର ଗୁଡହାଣ୍ଡି ପ୍ରସ୍ତୁତି ବୈଠକ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଉତ୍ସବ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଛି। ଚଳିତବର୍ଷ ଗୁଡହାଣ୍ଡି ମଞ୍ଚ କଳାହାଣ୍ଡି ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାର ରୂପରେଖ ଦିଆଯାଉଛି। ବୈଠକରେ ବିଡିଓ ଉତ୍ତମ କୁମାର ବାଗ, କମିଟି ସଦସ୍ୟ ପୁରୁଷୋତ୍ତମ ଗୁପ୍ତା, ଗୋବର୍ଦ୍ଧନ ବାଗ, ନନ୍ଦ କିଶୋର ଧରୁଆ, ତ୍ରିଭୁବନ ନାଏକ, ରାମଚନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ଅଇରୀ ନାସନ ଚିନ୍ଦା, ଦେବାନନ୍ଦ ରାଉତ, ସଞ୍ଜୟ ସିଂଘଲ, ରବି ନାରାୟଣ ଦାସ, ନିରଞ୍ଜନ ନେଗି, ସନତ ପ୍ରଧାନୀ, ପ୍ରମୋଦ ଅଗ୍ରୱାଲ, କେଶବ ନାଏକ, ନାରାୟଣ ଶର୍ମା ଓ ଯୁବଗୋଷ୍ଠି, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ଶୃଙ୍ଖଳିତ ଭାବେ ପାଳନ କରିବା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା ପରିଚାଳନା କରିଥିଲେ।

## ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଗୋଲାମୁଣ୍ଡା,୭।୧(ଡି.ଏନ.ଏ.)

କଳାହାଣ୍ଡିଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଧର୍ମଗଡ଼ ଉପଜିଲାପାଳ ତଥା ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ବେଦ ଭୂଷଣଙ୍କ ସଭାପତିତ୍ୱରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସ ସଞ୍ଜୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶଂସା କରି ଶିଖିଲେ ପ୍ରକୃତ ମଣିଷ ପଣିଆ ପ୍ରତିଭାତ ହୁଏ ବୋଲି ମତ ଦେଇଥିଲେ। ଅଧକ୍ଷ ଜୟନ୍ତ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ ଅତିଥି ପରିଚୟ ଓ ପ୍ରାଧ୍ୟାପକ ସରୋଜ କାନ୍ତ ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା ଓ ଶାନ୍ତନୁ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ବିଜୟ କୁମାର ସାହୁ, ପ୍ରବୀର କୁମାର ରାୟ, ଘନଶ୍ୟାମ ଭାଟି, କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ବାରିକ ଓ ମୁକେଶ ବିଶି ଏବଂ ସମସ୍ତ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

କୋକସରା,୭।୧(ଡି.ଏନ.ଏ.)



ଅତିଥିମାନେ ଉତ୍ସବ ଉଦ୍‌ଘାଟନ କରୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଡଙ୍ଗରିଗୁଡା ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ପାଳିତ ହୋଇଯାଇଛି। ସରପଞ୍ଚ ପଦ୍ମିନୀ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଜନାର୍ଦ୍ଦନ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୁବ ଉଦ୍ୟୋଗି ବିକ୍ରମ ଗୁପ୍ତା, ସମିତି ସଭ୍ୟ ମୁକ୍ତେଶର ନାଏକ, କେତନ ପାତ୍ର, ନାରାୟଣ ପଟ୍ଟନାୟକ, ଅନିରୁଦ୍ଧ ପାତ୍ର, ଯଶୋବନ୍ତ ନାଏକ, ଡଙ୍ଗରିଗୁଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀଶଙ୍କର ପଣ୍ଡା, ଅତୁଲ୍ୟ ଭୂଷଣ ପଟ୍ଟନାୟକ, ଟିକେଶ୍ୱର ପୁଞ୍ଜି, ଶ୍ରୀମନ୍ତ ଧରୁଆ, କୈଳାଶ ଚନ୍ଦ୍ର ସାହୁ, ସରିତା ପଟ୍ଟନାୟକ, କୃପାସିନ୍ଧୁ ପାତ୍ର, ନାଏବ ସରପଞ୍ଚ ଅଶୋକ ଭୋଇ, ଶିକ୍ଷକ ଧୀରେନ୍ଦ୍ର ପଣ୍ଡା, ହିରାଲାଲ ସରାଫ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ। ପରେ ପଞ୍ଚାୟତ ଲୋକ କଳାକାର ଓ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲ ପରିଚାଳନା କରିଥିଲେ।

## ଦେଶୀ ମଦ କାରବାର ବୃଦ୍ଧି

**ଅବକାରୀ, ପୋଲିସ ବିଭାଗ ନୀରବଦ୍ରଷ୍ଟା**

ଜୁନାଗଡ,୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ଜୋନରେ ଏବେ ଦେଶୀ ହାତ ରନ୍ଧା ମଦ କାରବାର ଜୋରସୋର ଚାଲିଥିବା ଅଭିଯୋଗ ହୋଇଛି। ଏପରିକି ଏହି ଦେଶୀ ମଦ ବାହାରକୁ ମଧ ଚାଲାଣ ହେଉଛି। ଗତ ନଭେମ୍ବରରେ ଆଟିଗାଁ ଜୋନ ଅଞ୍ଚଳର ଶାନ୍ତିପୁର ଗ୍ରାମରେ ୫୦ଲିଟରେ ଦେଶୀ ହାତ ରନ୍ଧା ମଦ ସ୍ଥାନୀୟ ପୋଲିସ ଜବତ କରିବା ସହ କରୁକ୍ଷେତ୍ର ମେହେର ଓ ମୁକୁନ୍ଦ ମେହେରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଶେଷ କରି ଏହି ଜୋନରେ କଳିଆକୁଣ୍ଡଲ ଗ୍ରାମରେ ଏହି କାରବାର ଅଧିକ ଚାଲିଛି। ଏହି ଗ୍ରାମରେ ଥିବା ଖେତ (ବାହାଲ) ଓ ନିଛଟିଆ ସ୍ଥାନରେ କିଛି ଅସାଧୁ ବ୍ୟକ୍ତି ଏପରି ଦେଶୀ ହାତ ରନ୍ଧା ମଦ ପ୍ରସ୍ତୁତ କରୁଥିବା ଅଭିଯୋଗ ହୋଇଛି। ସେହିପରି ନିକଟସ୍ଥ ଗାଁର ବାହାଲ ଓ ଜୋର ନିକଟରେ ଏପରି କାରବାର ଚାଲିଥିବା ଜଣାପଡିଛି। ଏଥିପ୍ରତି ଅବକାରୀ ଓ ପୋଲିସ ବିଭାଗ ନୀରବ ଦ୍ରଷ୍ଟା ସାଜିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦେଶୀ ମଦ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ ହୋଇଥିଲେ ମଧ କମ ଦାମରେ ମିଳୁଥିବାରୁ ଖଟିଖିଆ, ନିରୀହ ଲୋକମାନେ ଏହାର ଶିକାର ହେଉଛନ୍ତି। ଏମିତିକି ବିଷାକ୍ତ ମଦ ପିଇ ଗତ କିଛି ଦିନ ତଳେ ବିହାରରେ ଅନେକଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ଅଞ୍ଚଳରେ ମଧ ଆଗକୁ ଏପରି ନ ହେବ ତାହା ଏଡାଇ ଦିଆଯାଇ ନ ପାରେ। ଏଥିପ୍ରତି ଅବକାରୀ ଓ ପୋଲିସ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ସ୍ଥାନରେ ଚଢାଉ କରିବାକୁ ସାଧାରଣରେ ଦାବି ହୋଇଛି।

## ଗ୍ୟାଲେକ୍ସି ବ୍ୟାଡମିଣ୍ଟନ କପ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଆୟୋଜକ କର୍ମକର୍ତ୍ତା।

ଅମରପାଲି, ୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ଭବନରେ ଦ୍ୱିତୀୟ ଗ୍ୟାଲେକ୍ସି ବ୍ୟାଡମିଣ୍ଟନ କପ୍ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ବ୍ୟାଡମିଣ୍ଟନ କପର ସଭାପତି ରାଧାକାନ୍ତ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଇଂ.ରଘୁନାଥ ଜଗଦଲା, କ୍ରୀଡାବିତ ପ୍ରଶାନ୍ତ ଡାଙ୍ଗ, ସାମାଜିକ କର୍ମୀ ମୀନକେତନ ମହାକୁର ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ପ୍ରତିଯୋଗିତାରେ ଜିଲା ତଥା ଜିଲା ବାହାର ଖେଳାଳି ଉକ୍ତ ଟୁର୍ନାମେଣ୍ଟରେ ଭାଗନେବେ। ରବିବାର ଗ୍ୟାଲେକ୍ସି ବ୍ୟାଡମିଣ୍ଟନ କପ ଉଦଯାପିତ ହେବ। ପ୍ରଶାନ୍ତ ଡାଙ୍ଗ ରେଫରିଭାବେ ଖେଳ ପରିଚାଳନା କରୁଛନ୍ତି।

## ସବ୍‌ଇନ୍‌ସ୍ପେକ୍ଟର ନିଲମ୍ବିତ

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

ବରଗଡ଼ ଅଫିସ, ୭।୧

ବରଗଡ଼ ଧନୁଯାତ୍ରା ମହୋତ୍ସବର ଅନ୍ତିମ ଦିବସରେ ବରଗଡ଼ର ଜଣେ ଖବରଦାତା ବଦ୍ରି ପ୍ରସାଦ ସାହୁଙ୍କୁ ପୋଲିସର ଆକ୍ରମଣ ଘଟଣାରେ ଏସ୍‌ପି ସ୍ମିତ୍ ପି. ପରମାର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଘଟଣାରେ ବରଗଡ଼ ଟାଉନ ଥାନାର ଜଣେ ସବ୍‌ଇନ୍‌ସ୍ପେକ୍ଟର ତୁଳସୀରାମ ଶବରଙ୍କୁ ଏସ୍‌ପି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ଜିଲା ପୋଲିସ ମୁଖ୍ୟାଳୟରେ ଉପସ୍ଥାନ ଦେବାକୁ ତାଙ୍କୁ ନିର୍ଦ୍ଦେଶ ରହିଛି। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ତାଙ୍କ ଅଧୀନରେ ନ ଥିବା ଯୋଗୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭାଗୀୟ କମାଣ୍ଡାଣ୍ଟଙ୍କୁ ଅବଗତ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

## ତରଭାରେ ହକିରଥକୁ ବିପୁଳ ସ୍ୱାଗତ

ତରଭା, ୭।୧(ଡି.ଏନ.ଏ. )

ହକି ବିଶ୍ୱକପ ରଥକୁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ, ଏନଏସିରେ ବିପୁଳ ସ୍ୱାଗତ ଦିଆଯାଇଛି। ମନ୍ତ୍ରୀ ନିରଞ୍ଜନ ପୂଜାରୀ ରଥକୁ ସ୍ୱାଗତ କରିଥିଲେ। ପରେ ରଥ ବ୍ଲକର ୨୧ ପଞ୍ଚାୟତ ପରିକ୍ରମା କରିବା ସମୟରେ ସମାଜର ବିଭିନ୍ନ ବର୍ଗର ଲୋକେ ସ୍ୱାଗତ କରିଥିଲେ। ଅପରାହ୍ନ ପ୍ରାୟ ୪ଟାରେ ବ୍ଲକ ଅଫିସ ସମ୍ମୁଖରେ ରଥ ପହଞ୍ଚିବା ପରେ ବ୍ଲକ ଓ ଏନଏସି ପ୍ରଶାସନ ପକ୍ଷରୁ ବିଡ଼ିଓ ବିନୟ ପଟେଲଙ୍କ ଅଧକ୍ଷତାରେ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ହକିର ପ୍ରଚାର ପ୍ରସାର ପାଇଁ ଏହି ରଥ ପରିକ୍ରମା କରାଯାଉଛି ବୋଲି କହିଥିଲେ। ପୁରୁଷ ବିଶ୍ୱକପ୍ ହକିରେ ଟିମ ଇଣ୍ଡିଆ ବିଶ୍ୱ ବିଜେତା ହେବା ପାଇଁ ସମସ୍ତେ ଶୁଭ ମନାଶନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲାପାଳ ଆବୋଲି ସୁନୀଲ ନରୱାଣେ, ଇଓ ଜିଲା ପରିଷଦ ନିହାର ରଞ୍ଜନ କହଁର, ଏନଏସି ଅଧ୍ୟାକ୍ଷା ବନ୍ଦିତା ନାଏକ, ବ୍ଲକ ଅଧକ୍ଷ ସରୋଜ କମ୍ପ ପ୍ରମୁଖ ଯୋଗଦେଇଥିଲେ। ଏଥିପୂର୍ବରୁ ସରଗଜଠାରେ ସରପଞ୍ଚ ନର୍ମଦା ମିଶ୍ରଙ୍କ ନେତୃତ୍ୱରେ ରଥକୁ ସ୍ୱାଗତ କରାଯାଇଥିଲା।




ତରଭାରେ ରଥକୁ ସ୍ୱାଗତ କରିବା ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

## ସହର ବାହାରେ ଟାଉନ ହଲ୍ ନିର୍ମାଣକୁ ବିରୋଧ

ନୂଆପଡ଼ା ଅଫିସ,୭।୧



ସମ୍ମିଳନୀରେ ସୂଚନା ଦିଆଯାଇଛି।

**ସମସ୍ୟା ସମାଧାନ ନ ହେଲେ ଓକିଲ ସଂଘ ରାସ୍ତାକୁ ଓହ୍ଲାଇବ**

ରାଜ୍ୟ ସରକାର ଲୋକଙ୍କ ସୁବିଧା ନିମନ୍ତେ ପ୍ରତ୍ୟେକ ଜିଲା ସଦର ମହକୁମାରେ ଏକ ଟାଉଲ ହଲ ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରି ନିର୍ମାଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ହେଲେ ନୂଆପଡା ଜିଲାରେ ଟାଉନ ଭିତରେ ନିର୍ମାଣ ନ ହୋଇ ବାହାରେ ଡୁମେରପାଣି ପଞ୍ଚାୟତ ଅଞ୍ଚଳରେ ନିର୍ମାଣ ହେଉଥିବାରୁ ବିଭିନ୍ନ ମହଲରେ ବିରୋଧ କରାଯାଉଛି। ଏହାକୁ ନେଇ ଶନିବାର ଜିଲା କୋର୍ଟ ସମ୍ମିଳନୀ କକ୍ଷରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଓକିଲ ସଂଘ ଉପସଭାପତି ପ୍ରକାଶ ସ୍ୱାଇଁ, ସମ୍ପାଦକ ଅଶ୍ୱନୀ ବାଗ, ଅଶୋକ କ୍ଷିତିଶ ବୋଧନକର, ଘାସିରାମ ବାଗ ପ୍ରମୁଖ ଯୋଗଦେଇ ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି। ଏଥିସହ ଜିଲା କଲ୍ୟାଣ ମଣ୍ଡପ ପୋଲିସ କବଜାରେ ରହିଥିବାରୁ ଜନସାଧାରଣଙ୍କ ସାମୂହିକ କାର୍ଯ୍ୟ ତଥା ବିବାହ, ବ୍ରତ, ସଭା, ସମିତି ପାଇଁ ଲୋକଙ୍କୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି କହିଥିଲେ। ନୂଆପଡାରେ ମାଓବାଦୀ ଦମନ ପାଇଁ ପୋଲିସ ଫୋର୍ସର ଆବଶ୍ୟକତା ଥିଲା। ରହିବା ପାଇଁ ସ୍ଥାନ ନ ଥିବାରୁ ଜିଲା ଗଠନ ସମୟରେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପକୁ ଫୋର୍ସ ରହିବା ପାଇଁ ଦିଆଯାଇଥିଲା। ପୋଲିସର ଆବଶ୍ୟକ କୋଠା ନିର୍ମାଣ ହୋଇ ସାରିଥିଲେ ମଧ୍ୟ କଲ୍ୟାଣ ମଣ୍ଡପକୁ ନିଜ ଅଧୀନରେ ରଖିଛନ୍ତି। ଫଳରେ ଜନସାଧାରଣଙ୍କ ସାମୁହିକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଜିଲାରେ ସାମୁହିକ କାର୍ଯ୍ୟ ପାଇଁ ସୁବିଧା ଗୃହ ନାହିଁ। କାହା ସ୍ୱାର୍ଥରେ ଟାଉନ ହଲକୁ ଟାଉନ ବାହାରେ ନିର୍ମାଣ କରିବା ସହ କଲ୍ୟାଣ ମଣ୍ଡପ ପୋଲିସ ଅଧୀନରେ ରହିଛି ପ୍ରଶ୍ନ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ସମାଧାନ ଶୀଘ୍ର ନ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନର କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘ ସଭାପତି ପାଢୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍**

**କୁଆଁରମୁଣ୍ଡା,୭।୧(ଡି.ଏନ.ଏ.):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ନିକଟସ୍ଥ ଆଧୁନିକ ଶିଶୁ ଉଦ୍ୟାନ ନିକଟରେ ଶନିବାର ମଧାହ୍ନରେ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ୨ ଜଣ ଯୁବକ ମୋବାଇଲ ଓ ୫ଶହ ଟଙ୍କା ଲୁଟି ନେଇଛନ୍ତି । ଏନେଇ ଲୁଟର ଶିକାର ହୋଇଥିବା ବାଙ୍କିବାହାଲର ଆଲବର୍ଟ କିଣ୍ଡୋ କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଥିଲେ । ପୋଲିସ ତୁରନ୍ତ ତନାଘନା କରି ଅଭିଯୁକ୍ତ ଯୁବକ ସ୍ଥାନୀୟ ମାଳିବାଗିଚାର ସୁରଜ ସେଠୀ (୨୪) ଓ କାଳିଆ ମାହାନ୍ତ (୨୪)ଙ୍କୁ କୁଆଁରମୁଣ୍ଡାରୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ଛୁରି ଓ ଫାଇବର ନାମକ ମାରଣାସ୍ତ୍ର ଜବତ ହୋଇଛି । ଏହି ଘଟଣାରେ ଥାନାରେ ଏକ ମାମଲା (ନଂ ୫/୨୦୨୩) ରୁଜୁ ହୋଇଛି ବୋଲି ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି ।

### ଖ୍ରୀଷ୍ଟୀୟ ଧର୍ମପ୍ରଚାରକଙ୍କ ବିୟୋଗ

**ନାକଟିଦେଉଳ,୭।୧(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରା.ପ.ର ବଡ଼ମାଳସ୍ଥିତ ସେଣ୍ଟ ଆନ୍ଥୋନୀ ଚର୍ଚ୍ଚର ଧର୍ମ ପ୍ରଚାରକ ବେରନାଦ କୁଜୁରଙ୍କର ଶୁକ୍ରବାର ରାତ୍ରିରେ ବିୟୋଗ ଘଟିଛି। ସକାଳୁ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ରାତି ୯ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ନାକଟିଦେଉଳ ବ୍ଲକ ହିନ୍ତରାଇ ଗ୍ରାମର ବେରନାଦ କୁଜୁର ଦୀର୍ଘ ୪୫ବର୍ଷ ହେବ ଖ୍ରୀଷ୍ଟିୟ ଧର୍ମପ୍ରଚାରକ ଭାବେ କାର୍ଯ୍ୟ କରିଆସୁଥିଲେ। ଘରେ ସ୍ତ୍ରୀ ସମେତ ଦୁଇପୁଅ ଥିବାବେଳେ ବଡ଼ପୁଅ ବିନୟ କୁଜୁର ବର୍ତ୍ତମାନ ବରଗଡ଼ ଜିଲା ମଧୁପୁର ଚର୍ଚ୍ଚରେ ଫାଦର ଭାବେ ନିୟୋଜିତ ଅଛନ୍ତି। ତାଙ୍କ ମୃତ୍ୟୁରେ ବଡ଼ମାଳ ଚର୍ଚ୍ଚର ଫାଦର ଫିଲିପ କୁଜୁର, ଥୋମାସ ଟେଟେ, ଫେଲିକ୍ସ ଲାକ୍ରା, ସାମାଜିକ କର୍ମୀ ବେନେଦିକ ଲାକ୍ରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଶ୍ରୀଲକ୍ଷ୍ମୀନାରାୟଣ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ

**ସମ୍ବଲପୁର,୭।୧(ବ୍ୟୁରୋ):** ଶ୍ରୀଲକ୍ଷ୍ମୀନାରାୟଣ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଓ ଶ୍ରୀମଦ୍ କଥା ଜ୍ଞାନଯଜ୍ଞ ଶନିବାର ସମ୍ବଲପୁର ବରେଇପାଲି ଷ୍ଟିଲ ଆଣ୍ଡ ଷ୍ଟିଲ ପରିସରରେ ଆରମ୍ଭ ହୋଇଛି । ପୂର୍ବାହ୍ନ ସାଢ଼େ ୧୦ଟାରେ ମହାନଦୀ ବାଲିବନ୍ଧା ଘାଟରୁ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲା। ସହରର ବିଭିନ୍ନ ଅଞ୍ଚଳରୁ ୫୦୧ଜଣ ମହିଳା ପୂର୍ଣ୍ଣ କଳସ ଧରି ଯାତ୍ରାରେ ସାମିଲ ହୋଇଥିଲେ। ଏଥିସହ ଘଣ୍ଟ, ଶଙ୍ଖ, ଦୁଲଦୁଲି, ସମ୍ପ୍ରଦା, ଝାଞ୍ଜ, କୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ସାମିଲ ଥିଲା। ବୃନ୍ଦାବନର ଶ୍ରୀକିଶୋର ଶରଣଜୀ ମହାରାଜ, କାଶୀର ଆଚାର୍ଯ୍ୟ ସିଦ୍ଧାନ୍ତଜୀ ମହାରାଜ ପ୍ରବଚନ ଦେଉଛନ୍ତି। ଶିବ ପ୍ରଧାନ, ଡି. ସିଂ, ଡା. ଅବଦେଶ ତିୱାରୀ, ବିବିନ କୁମାର ସିଂ, ରିଙ୍କି ସିଂ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦାନିପାଲି ଶ୍ରୀଲଡୁଗୋପାଳ, ବରେଇପାଲିର ଶ୍ରୀବାବା ବଟୁକନାଥ ଶିବଶକ୍ତି ମନ୍ଦିର କାର୍ଯ୍ୟକ୍ରମ ଆୟୋଜକ ଥିବାବେଳେ ସହରର ବିଭିନ୍ନ ଆଧାତ୍ମିକ ଅନୁଷ୍ଠାନ ସହାୟତା କରିଛନ୍ତି ।

## ଚେତିଲା ପ୍ରଶାସନ

# କନାକୁଣ୍ଡ ପିକ୍‌ନିକ ସ୍ପଟ୍ ସିଲ୍ ହେଲା

**ସୁନ୍ଦରଗଡ,୭।୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ତଳସରା ଥାନା ଅନ୍ତର୍ଗତ ଘୋଘର ଗ୍ରାମ ନିକଟ ଇବ ନଦୀର କନାକୁଣ୍ଡ ଘାଟ ପିକ୍‌ନିକ ସ୍ପଟ କୁ ପରିଶେଷରେ ସିଲ୍ କରିଛି ପ୍ରଶାସନ। ଉପଜିଲାପାଳ ଏହି ସ୍ଥାନର ଚାରିପାଖରେ ବ୍ୟାରିକେଟ ଲଗାଇବା ଓ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ସେଠାରେ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପିକ୍‌ନିକ ସ୍ପଟରେ ଅସାବଧାନତା ବଶତଃ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜୀବନହାନି ଘଟିବା ପରେ ପ୍ରଶାସନର ଚେତା ପଶିଛି।

ଗତ ଦୁଇବର୍ଷ ମଧ୍ୟରେ ଏହି ସ୍ଥାନରେ ପିକ୍‌ନିକ କରିବାକୁ ଆସି ୫ ଜଣଙ୍କ ଜୀବନ ଯାଇଛି। ଗତବର୍ଷ ଜଣେ ଯୁବତୀ ସେଲ୍‌ଫି ନେଉଥିବା ବେଳେ ନଦୀକୁ ଖସିପଡି ମୃତ୍ୟୁବରଣ କରିଥିଲେ । ଡିସେମ୍ବର ୧୮ତାରିଖରେ ରାଉରକେଲାର ଜଣେ ଯୁବକ ସେଠାରେ ସେଲ୍‌ଫି ନେବା ବେଳେ ପାଣିକୁ ଖସି ମୃତ୍ୟୁବରଣ କରିଥିଲେ । ଅନ୍ୟ ଜଣେ ବ୍ୟକ୍ତିଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା । ଏଭଳି ଅଘଟଣ ଘଟୁଥିବା ଜାଣି ବି ଗତ ୪ ତାରିଖରେ ସେହି ସ୍ଥାନକୁ ପିକ୍‌ନିକ କରିବାକୁ ଆସିଥିବା ଝାରସୁଗୁଡା ଜିଲାର ୩ଜଣ ଯୁବକ ନଦୀ ପାଣିରେ ଗାଧୋଇବା ବେଳେ ଭାସି ଯାଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଜଣେ ଯୁବକଙ୍କୁ ଉଦ୍ଧାର କରିଥିଲା ବେଳେ ଅନ୍ୟ ୨ଜଣଙ୍କ ମୃତଦେହ ଜବତ କରିଥିଲେ। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହି ସ୍ଥାନକୁ ନିଷିଦ୍ଧାଞ୍ଚଳ ଘୋଷଣା କଲିବାକୁ ଦାବି ହୋଇ ଆସୁଥିଲା। ଏନେଇ ଅଞ୍ଚଳବାସୀଙ୍କ ତରଫରୁ ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝୀ ପ୍ରଶାସନ ସହିତ ଆଲୋଚନା କରିଥିଲେ। ଉପଜିଲାପାଳ ଦାଶରଥୀ ସରାବୁ ଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ବାଲିଶଙ୍କରା ବିଡିଓ ଜ୍ୟୋତିମୟୀ ପ୍ରଧାନ,ତହସିଲଦାର ରୀନା ନାଏକ, ତଳସରା ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଘଟଣାସ୍ଥଳରେ ପହଞ୍ଚି ଏହି ସ୍ଥାନକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛନ୍ତି। ପୂର୍ବତନ ବିଧାୟକ ଡା. ମାଝୀଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ପୀତାମ୍ବର ଶେଖରଦେଓ, ସରପଞ୍ଚ ସୁଲୋଚନା ସୁଆରୀ, ସମିତି ସଭ୍ୟ କହ୍ନେଇ ଜୟପୁରିଆ, କନାକୁଣ୍ଡ ବିକାଶ ପରିଷଦର ସଭାପତି ଲବଣୀ ଧର ଦାନୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।


କନାକୁଣ୍ଡ ପିକନିକ ସ୍ପଟରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

## ବିଜେଡିର ରୌପ୍ୟ ଜୟନ୍ତୀ ସମାରୋହ ୧୬ରେ

**ସମ୍ବଲପୁର,୭।୧(ବ୍ୟୁରୋ)**

ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ସିନ୍ଦୂରପଙ୍କ କଲ୍ୟାଣ ମଣ୍ଡପଠାରେ ଆସନ୍ତା ୧୬ ତାରିଖରେ ବିଜେଡି ପକ୍ଷରୁ ରୌପ୍ୟଜୟନ୍ତୀ ପାଳନ କରାଯିବ। ଜିଲା ବିଜେଡି କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିଜେଡି ଜିଲା ସଭାପତି ଇଂ. ସିଦ୍ଧାର୍ଥ ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ବରିଷ୍ଠନେତା ଦେବେନ୍ଦ୍ର କିଶୋର ପତି, ପୂର୍ବତନ ବିଧାୟକ ରମେଶ ପଟୁଆ, ଜଗୁ ନାଥ, ଦିଲୀପ ଧୁରିଆ, ଗାନ୍ଧୀ ବେହେରା, ଜିଲା ସଧାରଣ ସମ୍ପାଦକ ଏମ.ବି. ସତ୍ୟେନ, ରେଙ୍ଗାଲି ବ୍ଲକ ଅଧକ ସତ୍ୟନାରାୟଣ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ସୁନୀଲ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜଗୁ ନାଥଙ୍କ ସମେତ ୨୦ ଜଣିଆ କମିଟି ଗଠନ କରାଯାଇଛି।

# ଭାଜପା ମଣ୍ଡଳସ୍ତରୀୟ ବୈଠକ

**ସୁନ୍ଦରଗଡ,୭।୧(ଡି.ଏନ.ଏ.)**

ଭାଜପାର ସୁନ୍ଦରଗଡ ସାଂଗଠନିକ ଜିଲା ତିଲଡେଗା ମଣ୍ଡଳ ପକ୍ଷରୁ ତିଲଡେଗାଠାରେ ଶନିବାର ମଣ୍ଡଳ ସଭାପତି ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କାର୍ଯ୍ୟକାରୀ ସଭାପତି ଗିରିଶ ଚନ୍ଦ୍ର ସାହୁ ବୈଠକ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ସାଧାରଣ ସଂପାଦକ ତଥା ତଳସରା ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁଖଲାଲ ମୁଣ୍ଡା ,ଜିଲା କୃଷକ ମୋର୍ଚ୍ଚା ସଭାପତି ରବିଚନ୍ଦ୍ର ପଟେଲ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ତିଲଡେଗା ମଣ୍ଡଳ ପ୍ରଭାରୀ ଭବାନୀଶଙ୍କର ପଟେଲ ,ବାଲିଶଙ୍କରା ମଣ୍ଡଳ ସଭାପତି ତଥା ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଉଛବ ତନ୍ତୀ ,ତିଲଡେଗା ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ନାଏକ ଯୋଗ ଦେଇଥିଲେ । ମୁଖ୍ୟଅତିଥି ମିଶ୍ର କେନ୍ଦ୍ରର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ଦଳର ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ମୁଣ୍ଡା ସମସ୍ତ ମଣ୍ଡଳ କମିଟି, ବୁଥ କମିଟି,ଶକ୍ତିକେନ୍ଦ୍ର କମିଟି, ମଣ୍ଡଳ ମୋର୍ଚ୍ଚା କମିଟିର କାର୍ଯ୍ୟକର୍ତ୍ତା କିଭଳି ସଶକ୍ତ ହୋଇ ସଂଗଠନକୁ ମଜବୁତ କରିବେ ସେ ନେଇ ଗୁରୁମନ୍ତ୍ର ଦେଇଥିଲେ । ଅନ୍ୟ ମଞ୍ଚାସୀନ ଅତିଥି କେନ୍ଦ୍ରର ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାର କରିବା ପାଇଁ ଅନୁରୋଧ କରିଥିଲେ । ଏହି ବୈଠକରେ ରମେଶ ପଟେଲ, ଦିନେଶ କ୍ରିଷ୍ଣା ଦାସ, ହୃଦାନନ୍ଦ କଉଡ଼ି ,ଦେଓ ଭୁବନପୁର ସରପଞ୍ଚ ରମେଶ ବାର୍ଲା, ତିଲଡେଗା ସରପଞ୍ଚ ତରଣୀ ଭୋଇ, ଦେଓଭୁବନ ପୁର ସମିତି ସଭ୍ୟ ଅପିନ୍ଦ୍ର ପ୍ରଧାନ , ଦିଲେଶର ନାଏକ,ରାଜେନ୍ଦ୍ର ଦଣ୍ଡସେନା, କିଶୋର ଜ୍ଜୁରାଙ୍କ ସମେତ ମଣ୍ଡଳ ପଦାଧିକାରୀ ଓ ସକ୍ରିୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗ ଦେଇଥିବା ପଦାଧିକାରୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ।

## ଶିବିରରେ ୭୯ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଝାରସୁଗୁଡା ଅଫିସ୍,୭।୧**

ସ୍ଥାନୀୟ ଜେସିଆଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜିଲା ପୋଲିସ୍ ପ୍ରଶାସନ ତରଫରୁ ଓଏସ୍‌ଏପି ରିଜର୍ଭ ପଡିଆରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭୯ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଉଚ୍ଚରକ୍ତ ଚାପ, ମଧୁମେହ, ରକ୍ତସର୍କରା, ଦାନ୍ତ ରୋଗ ଆଦି ଚିକିତ୍ସା କରାଯାଇଥିଲା। ଏଥିରେ ଡା. ଶିବ କୁମାର ଲାଠ, ଡା. ଅନ୍ନପୂର୍ଣ୍ଣା ଦାସ ରୋଗୀ ଚିକିତ୍ସା କରିଥିଲେ। ଏସ୍‌ପି ରାହୁଲ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଜେସିଆଇ ସଭାପତି ଡା. ଲାଠ, ସମ୍ପାଦକ ନୀତିନ ଅଗ୍ରୱାଲ, ମନୀଷ ସାହ, ବିକାଶ ସୁଲତାନିଆ, ଗୋବିନ୍ଦ ସାକୁନିଆଁ, କ୍ରିଷ୍ଣା କାବ୍ରା, ଶୁଭମ ତିବ୍ରେୱାଲ, ନିଶାନ୍ତ ଅଗ୍ରୱାଲ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅସହାୟ ବୃଦ୍ଧଙ୍କ ଥଇଥାନ


ଉଦ୍ଧାର ହୋଇଥିବା ଅସହାୟ ବୃଦ୍ଧ । ଜିଲା ଆଇନସେବା ପ୍ରାଧିକରଣର କର୍ମକର୍ତ୍ତା ।

**ସୁନ୍ଦରଗଡ,୭।୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭଶ୍ରୀ ପ୍ରଧାନଙ୍କ ହସ୍ତକ୍ଷେପ ପରେ ଶୁକ୍ରବାର ଜଣେ ବୃଦ୍ଧଙ୍କୁ କୁତ୍ରା ଅଞ୍ଚଳରୁ ଉଦ୍ଧାର କରାଯାଇ ଥଇଥାନ କରାଯାଇଛି। ସମଗ୍ର ପଶ୍ଚିମ ଓଡିଶା ପୁଷପୁନି ପର୍ବ ପାଇଁ ଉତ୍ସବ ମୁଖର ଥିବାବେଳେ ସୁନ୍ଦରଗଡ ଆସ୍ଥା ଗୃହର ସେକ୍ରେଟାରୀ ତଥା ସାମାଜିକ କର୍ମୀ ଆଡଭୋକେଟ ସ୍ନେହଲତା ପଟେଲ କୁତ୍ରା ଅଞ୍ଚଳରେ ଜଣେ ଅସହାୟ ବୃଦ୍ଧ ପଡିରହିଥିବା ନେଇ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ କୁତ୍ରା ଘଣ୍ଟାପଲ ଗ୍ରାମର ସିମନ ବାର୍ଲା ମଧ ଲିଖିତ ଆକାରରେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ଜଣାଇଥିଲେ ଯେ,ତାଙ୍କ ଗ୍ରାମରେ ଦୀର୍ଘ ୧ ମାସ ହେଲା ଜଣେ ବୃଦ୍ଧ ବ୍ୟକ୍ତି କ୍ଲବ ଘର ପାଖରେ ଆଶ୍ରୟ ନେଇଛନ୍ତି। ଏହି ବୃଦ୍ଧଙ୍କ ସଠିକ ପରିଚୟ, ଠିକଣା କିମ୍ବା ସମ୍ପର୍କୀୟଙ୍କ ପତ୍ତା ମିଳି ପାରୁ ନ ଥିବାରୁ ସେ ଅସହାୟ ଅବସ୍ଥାରେ ଶୀତରେ ପଡି ରହିଛନ୍ତି। ଏହି ଖବର ପାଇ ଜିଲା ଆଇନସେବା ପ୍ରାଧିକରଣ ସଚିବ ପ୍ରଧାନ କୁତ୍ରା ଥାନା ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରି ବୃଦ୍ଧଙ୍କୁ ତୁରନ୍ତ ଉଦ୍ଧାର କରି ଜିଲା ଆଇନସେବା ପ୍ରାଧିକରଣକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। କୁତ୍ରା ଥାନା ଏସଆଇ ଲିଙ୍ଗରାଜ ସାହୁ ସଙ୍ଗେ ସଙ୍ଗେ ସେହି ଗ୍ରାମକୁ ଯାଇ ସମ୍ପୃକ୍ତ ବୃଦ୍ଧଙ୍କୁ ଉଦ୍ଧାର କରି ଜିଲା ଆଇନ ସେବା ପ୍ରାଧିକରଣଙ୍କ ଅଫିସକୁ ଆଣି ପହଞ୍ଚାଇ ଥିଲେ। ପରେ ବୃଦ୍ଧଙ୍କୁ ସୁନ୍ଦରଗଡର ରାବଣଡିହି ବୃଦ୍ଧାଶ୍ରମକୁ ପଠାଇ ଦିଆଯାଇଛି।



ଶୁକ୍ରବାର ରାତିରେ ସୁନ୍ଦରଗଡ଼ ଜିଲାର ଟେନ୍‌ସା ଅଞ୍ଚଳରେ ହୋଇଥିବା ତୁଷାରପାତର ଦୃଶ୍ୟ।

# ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା


ସଚେତନତା ସଭାରେ ଉପସ୍ଥିତ ଛାତ୍ରୀ ।

**ଯୁବ ଦକ୍ଷତା ସଚେତନତା ସଭା**

**ବଡଗାଁ,୭।୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ନବନିର୍ମିତ ନର୍ସିଂ କଲେଜ ପରିସରରେ ଶୁକ୍ରବାର କନ୍ୟାକୁମାରୀରୁ ଆସିଥିବା ବିବେକାନନ୍ଦ କେନ୍ଦ୍ରର ଅଭିଯାତ୍ରୀ ଦଳଙ୍କ ପକ୍ଷରୁ ଯୁବ ଦକ୍ଷତା ସଚେତନତା ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ବିବେକାନନ୍ଦ କେନ୍ଦ୍ରର ୨୦ ଜଣ ଅଭିଯାତ୍ରୀ ବଡଗାଁ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ)ର ଛାତ୍ରୀଛାତ୍ରଙ୍କୁ ବିବେକାନନ୍ଦଙ୍କ ବାର୍ତ୍ତା ଦେଇ ସଚେତନ କରାଇଥିଲେ । ଏହାଛଡା ଅଭିଯାତ୍ରୀମାନେ ‘ସୁପ୍ତ ସମାଜର ଜାଗ୍ରତ ଅଭିଯାନ’ ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ସଭାକୁ ବିବେକାନନ୍ଦ କେନ୍ଦ୍ରର ପ୍ରଭାରୀ ରବୀନ୍ଦ୍ର ନାଇଡୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆଇଟିଆଇର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ସେ ତାଙ୍କ ଅଭିଭାଷଣରେ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋଚନା କରି କମ୍ ବୟସରୁ ଅଗାଧ ଜ୍ଞାନ ଓ ଧିଶକ୍ତିର ଅଧିକାରୀ ସ୍ୱାମୀଜୀଙ୍କ ଅମରବାଣୀଗୁଡିକୁ ଉଦ୍ଧାର କରି ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ବିବେକାନନ୍ଦ କେନ୍ଦ୍ରର ପ୍ରଭାରୀ ନାଇଡୁ ଭାରତକୁ ବିଶ୍ୱଗୁରୁ କରିବା ପାଇଁ ସ୍ୱାମୀଜୀଙ୍କ ସ୍ୱପ୍ନର ଭାରତ ଓ ମହାନ ରାଷ୍ଟ୍ରର ଆଧାତ୍ମିକ ପରିଚୟ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ଉମାକାନ୍ତ ପଣ୍ଡା ଯୋଗଦେଇ ବିବେକାନନ୍ଦଙ୍କ ବାଣୀ ଭାରତକୁ ନୂତନ ଦିଗଦର୍ଶନ ଦେଇଥିବା ବେଳେ ଏହାର ଗୁରୁତ୍ୱ ଉପରେ ବୁଝାଇଥିଲେ। ଅଧ୍ୟାପକ ହେମନ୍ତ ପଣ୍ଡା ବିବେକାନନ୍ଦଙ୍କ ରଚନାବଳୀ ଛାତ୍ରୀଛାତ୍ର ଅଧ୍ୟୟନ କରିବାର ଆବଶ୍ୟକତା ରହିଥିବା କହିଥିଲେ। ଶେଷରେ ଆଇଟିଆଇ ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ଦିନରେ ୧୨୦ କୁଇଣ୍ଟାଲ ସଂଗ୍ରହ

## ବାଲିଶଙ୍କରା ବ୍ଲକରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ସୁନ୍ଦରଗଡ,୭।୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକର କରୁଆବାହାଲ ଠାରେ ଶନିବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନର ପ୍ରଥମ ଦିନରେ ୭୨ ଜଣ ଚାଷୀଙ୍କ ଠାରୁ ୧୨୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି । ସୁନ୍ଦରଗଡ ଜିଲା ମିଲେଟ ମିଶନ ସହାୟତାରେ ଉସାଥି କୃଷକ ସଂଗଠନ ପକ୍ଷରୁ ଏହି କେନ୍ଦ୍ର ଉଦ୍‌ଘାଟନ କରାଯାଇଛି । ଏହି ମଣ୍ଡି ଉଦଘାଟନ ପାଇଁ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଉଦଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଣ୍ଡିଆ ମଣ୍ଡି ଉଦ୍‌ଘାଟନ କରି ମଣ୍ଡିଆ ଚାଷ ସହ ଅନ୍ୟାନ୍ୟ ପୁଷ୍ଟିକର ଶସ୍ୟ ଚାଷ କରିବା ଲାଗି ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ମାଣ୍ଡିଆ ମଣ୍ଡି ହେବା ଦ୍ୱାରା ଚାଷୀମାନେ ଉପକୃତ ହେବେ ଓ ଚାଷ କରିବା ଲାଗି ଆଗ୍ରହ ପ୍ରକାଶ କରିବେ ବୋଲି ମତ ଦେଇଥିଲେ। ଉସାଥୀ କୃଷକ ସଂଗଠନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମିଲେଟ ମିଶନର ବ୍ଲକ ସଂଯୋଜକ ପ୍ରକାଶ ପଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିଲେଟ ମିଶନ ଜିଲା ସଂଯୋଜକ ପାୟଲ ଡିଣ୍ଡା ମଣ୍ଡିଆ ଚାଷ ଉପରେ ଗୁରତ୍ୱ ଦେଇଥିଲେ। ସିଡିପିଓ ପ୍ରତିମା ତନ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷକ ସଙ୍ଗଠନ ମାଧମରେ ମାଣ୍ଡିଆ ଚାଷର ବ୍ୟାପକ ପ୍ରସାର କରିବା ଦ୍ୱାରା ହିଁ ଚାଷୀଙ୍କ ଉତ୍ତରୋତ୍ତର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଟିଡିସିସିର ଶାଖା ପ୍ରବନ୍ଧକ ଲକ୍ଷ୍ମୀଧର ପାଲ ମାଣ୍ଡିଆ ଚାଷ ପ୍ରତି କୃଷକମାନଙ୍କ ଆଗ୍ରହ ଦେଖି ଚଳିତବର୍ଷ ୨୪୨୭ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯିବ ବୋଲି ସୂଚନା ଦେଇଥିଲେ। ମଣ୍ଡି ଉଦଘାଟନର ପ୍ରଥମ ଦିନରେ ୭୨ ଜଣ ଚାଷୀ ସେମାନଙ୍କ ଉତ୍ପାଦିତ ମାଣ୍ଡିଆ ଆଣି ବିକ୍ରି କରିଛନ୍ତି । ଏହାର ପରିମାଣ ଆହୁରି ବୃଦ୍ଧି ହେବ ବୋଲି ସେବକର ଅଧକ୍ଷ ଅମୀୟକାନ୍ତ ନାଏକ ସୂଚନା ଦେଇଥିଲେ। ମାଣ୍ଡିଆ ମଣ୍ଡି ଉଦଘାଟନ ଅବସରରେ ବାଲିଶଙ୍କରା ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ଏ.ଓ ବୀରକିଶୋର ନାଏକ, ମିଲେଟ ମିଶନର ଜିଲା ସଂଯୋଜିକା ପାୟଲ ଡିଣ୍ଡା ଯୋଗ ଦେଇଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମକୁ ସେବକ ଅଧକ୍ଷ ଅମିୟ କାନ୍ତ ନାଏକ, ସେବକ ସଂପାଦକ ପ୍ରଦୀପ କୁମାର ବ୍ରହ୍ମା, ବ୍ଲକ ସଂଯୋଜକ ପ୍ରକାଶ ପଧାନ, ରବିଚନ୍ଦ୍ର ନାଏକ, ଓଏଲଏମ ବି.ପି.ଏମ. ସୁଜାତା ମାଝି, ଅତିରିକ୍ତ ବ୍ଲକ ସଂଯୋଜକ ତରୁଣ କୁମାର ସାହୁ, ସିଆରପି ,ବିଓଡି ମେମ୍ବର ଓ ସିଇଓ ପରିଚାଳନା କରିଥିଲେ ।


ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ।

## ବିଶ୍ୱକପ୍ ହକି ପାଇଁ ବାହାରିଲା ଶୋଭାଯାତ୍ରା

ଲୋଇସିଂହା,(ଡି.ଏନ.ଏ): ଓଡିଶାରେ ପୁରୁଷ ବିଶ୍ୱକପ ହକି ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ସବୁ ଠି ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହେଉଛି । ଏହିକ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବ୍ୟାନର ଧରି କଲେଜରୁ ଇଣ୍ଡିଆନ ବ୍ୟାଙ୍କ ପର୍ଯ୍ୟନ୍ତ ଏକ ସଚେତନା ଶୋଭାଯାତ୍ରା ଶନିବାର କରିଥିଲେ । କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପକ ବିବେକାନନ୍ଦ ମିଶ୍ର, ଶାନ୍ତିପ୍ରିୟା ହୋତା, ଅନୀତା ହୋତା, ଗୀତାଞ୍ଜଳି ପଣ୍ଡାଙ୍ଗ୍, ପ୍ରତାପ ବହିଦାର, ସମୀର ଦାନୀ, ପ୍ରଦୀପ ବରଗଡ଼ ଓ କର୍ମଚାରୀ ସାମିଲ ହୋଇଥିଲେ ।

**ସଂକ୍ଷେପରେ**

## ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

ଲାଠୋର,୭ା୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ସଦର ଗାଁ ସାହାଜପାଣିରେ ଏକ ରାସ୍ତା ନିର୍ମିତ ହୋଇଛି। ଉକ୍ତ ରାସ୍ତା ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ମାଝିଙ୍କ ସମେତ ସୀତାକାନ୍ତ ଶବର, ଅଭିମନ୍ୟୁ ଶବର, ଯୁଗେଶ୍ୱର ଶବର, ଧନିରାମ ଶବର, ଗୌତମ ବରିହା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ବିଜୁ କେବିକେ ଅନୁଦାନ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସାହାଜପାଣିଠାରୁ କଲୋନୀପଡ଼ା ରାସ୍ତା ଉନ୍ନତୀକରଣ ସକାଶେ ବିଭାଗୀୟ କାର୍ଯ୍ୟାଦେଶ ରହିଥିଲା। ହେଲେ କାର୍ଯ୍ୟକୁ ବହୁ ବିଳମ୍ବରେ ଚଳିତବର୍ଷ ଆରମ୍ଭ କରାଯାଇଥିଲା। ପେଟି ଠିକାଦାରଙ୍କ ଦ୍ୱାରା କରାଯାଇଥିବା କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। କାମ କେତେ ମିଟର କରାଯିବ ସୂଚନା ଫଳକରେ ସୂଚନା ଦିଆଯାଇନାହିଁ। ମନ ମୁତାବକ ମେଟାଲ ଏବଂ ମୋରୁମ ବିଛାଯାଇ ରୋଲରିଂଗ କରାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଆଇନ ସଚେତନତା ଶିବିର

ଦେଓଗାଁ,୭ା୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲରେ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଆଇନସ ଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦିଶାର ସମ୍ପାଦକ ବିନୟ କୁମାର ପାତ୍ର, ଡିସିପିୟୁ ବଲାଙ୍ଗୀରରୁ ଦିଗାମ୍ବର କର, ଡିଏଚଏଚ ନମିତା ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବ କିଶୋର ସାହୁ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ସାରସମାଲ ସରପଞ୍ଚ ଗୋପାଳ ବାଗ ପ୍ରମୁଖ ଯୋଗଦେଇଥିଲେ । ପାରାଲିଗାଲ ସ୍ୱେଚ୍ଛାସେବୀ ବିଦ୍ୟୁତଲତା ଖମାରୀ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଓଡିଶା କ୍ରିକେଟ ଆସୋସିଏଶନ ମନୋନୀତ ମହିଳା ଜୁନିୟର କ୍ରିକେଟ ଖେଳାଳି ପ୍ରତ୍ୟାଶା ପ୍ରିୟଦର୍ଶିନୀ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୀବ ସାହୁ, ପ୍ରକାଶ ସେଠ ସହଯୋଗ କରିଥିଲେ ।

## ଅଗ୍ନିଶମ ବିଭାଗ ଅଧିକାରୀଙ୍କ ମାଡ଼ରେ କର୍ମଚାରୀ ଆହତ

ସଇଁତଳା,୭ା୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନା ଅଗ୍ନିଶମ ବିଭାଗର ଜଣେ ଅଧିକାରୀଙ୍କ ମାଡ଼ରେ ଜଣେ ଅଧସ୍ତନ କର୍ମଚାରୀ ଆହତ ହୋଇଛନ୍ତି। ଆହତ ପଦ୍ମନ ଥପାଙ୍କୁ ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେବଳ 'ଏ' ସିଫ୍ଟରେ କାର୍ଯ୍ୟ ନ କରାଇ ବି ସିଫ୍ଟରେ କାମ ଦେବାକୁ କହିବା ପରେ ବିଭାଗୀୟ ଅଧିକାରୀ ତାଙ୍କ ମୁହଁକୁ କୁଆଡେ ମୁଥ ମାରିଥିଲେ। ଏଥିରେ ପଦ୍ମନଙ୍କ ଆଖିରେ ଆଘାତ ଲାଗିଥିଲା। ପାଖରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ସେଠାରୁ ଟିଟିଲାଗଡ଼ ପିପଲପଦରଠାରେ ଥିବା ଏସସିଡ଼ି ଚକ୍ଷୁ ଡ଼ାକ୍ତରଖାନା ନେଇଥିଲେ। ଉପସ୍ଥିତ ଡ଼ାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଟିଟିଲାଗଡ଼ ଉପଖଣ୍ଡ ଡ଼ାକ୍ତରଖାନା ପଠାଇଥିଲେ। ପରେ ପଦ୍ମନଙ୍କୁ ବଲାଙ୍ଗୀର ରେଫର କରାଯାଇଥିଲା। ମହାପ୍ରବନ୍ଧକ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ପଡିଛି।

## ବ୍ଲକସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

ମୁରିବାହାଲ,୭ା୧(ଡି.ଏନ.ଏ.): ବଲାଙ୍ଗୀର ଜିଲ ମୁରିବାହାଲ ବ୍ଲକସ୍ତରୀୟ ଲୋକ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଆସନ୍ତା ୧୩ ତାରିଖରେ ହେବାକୁ ଥିବା ଲୋକ ମହୋତ୍ସବକୁ ଆଡମ୍ବରପୂର୍ଣ୍ଣ କରିବାକୁ ମତ ରଖିଥିଲେ। ବୈଠକରେ ଆକାଉଣ୍ଟ ଅଧିକାରୀ ଘିନୁରାମ ତାଣ୍ଡି, ବ୍ଲକ ଉପାଧକ୍ଷ ଯାଜ୍ଞସେନୀ ହାତୀ, ବ୍ଲକ କଳକାର ସଂଘ ସଭାପତି କୈଳାସ ଦଣ୍ଡସେନା, ସାଧାରଣ ସମ୍ପାଦକ ଠିବୁ ବାଗ, ଗ୍ରାମପଞ୍ଚାୟତ ଅଧିକାରୀ ଏନ.ଜେ. ଥିଓଫିଲ, ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଲୋକ ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବାକୁ ବିଭିନ୍ନ କମିଟି ମାନ ଗଠନ କରାଯାଇଥିଲା। ବିଏସଏସଓ ରାଜୁ ମେହେର ବୈଠକର ସଂଯୋଜନା କରିଥିଲେ।

# ବନ୍ଧକଟା ପ୍ରଦୂଷଣକୁ ନେଇ ଉଦ୍‌ବେଗ

ବଲାଙ୍ଗୀର ଅଫିସ, ୭ା୧

**ବିଧାନସଭା ଗୃହ ସବ୍‌କମିଟିର ବଲାଙ୍ଗୀର ପରିଦର୍ଶନ**

- ବନ୍ଧ ସଫେଇ ନକଲେ ଜୀବନହାନୀ ଆଶଙ୍କା
- ସୌନ୍ଦର୍ଯ୍ୟକରଣ ନାଁରେ ଅର୍ଥ ଆତ୍ମସାତ୍ ଉଦ୍ୟମ ହେଉଥିଲା
- ପ୍ରଥମେ ପୁନରୁଦ୍ଧାର ପରେ ସୌନ୍ଦର୍ଯ୍ୟକରଣ କରାଯାଉ
- ମହାରାଣୀ ସାଗର କାମ ଶୀଘ୍ର ଆରମ୍ଭ ହେବ: ନରସିଂହ

ଓଡିଶା ବିଧାନସଭା ଗୃହ କମିଟିର ପରିବେଶ ଓ ପ୍ରଦୂଷଣ ସଂକ୍ରାନ୍ତୀୟ ସବ୍ କମିଟି-୧ ଶନିବାର ବଲାଙ୍ଗୀର ସହର ଏବଂ ଗ୍ରାମାଞ୍ଚଳ ପରିଦର୍ଶନ କରି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷକରି ସହରର ଜଳାଶୟ, ଯୋରପାଣି ଅତ୍ୟନ୍ତ ପ୍ରଦୂଷିତ ହୋଇଥିବା ଏବଂ ଲୋକେ ଏହା ବ୍ୟବହାର କରୁଥିବାରୁ ଜୀବନହାନୀ ଆଶଙ୍କା ରହିଥିବା କହିଛନ୍ତି। ତୁରନ୍ତ ସହରର ୧୬ଟି ବନ୍ଧ ଏବଂ ଲକ୍ଷ୍ମୀଯୋରକୁ ପ୍ରଦୂଷଣମୁକ୍ତ କରିବାକୁ କମିଟି ପରାମର୍ଶ ଦେଇଥିବା ଜଣାପଡିଛି।

ସବ୍‌କମିଟି ଅଧକ୍ଷ ନରସିଂହ ମିଶ୍ରଙ୍କ ସହ କମିଟି ସଦସ୍ୟ ବିଧାୟକ ଦାଶରଥି ଗମାଙ୍ଗୋ ଶନିବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସର୍କିଟ ହାଉସଠାରେ ସହରୀ ବିକାଶ ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ କଲ୍ୟାଣ କୁମାର ରଥ, ଜିଲାପାଳ ଚଞ୍ଚଳ ରାଣା, ଜାଗା ମିଶନ ଅତିରିକ୍ତ ସଚିବ ସୌମେନ୍ଦ୍ର ରାଉତରାୟ, ଏସ୍‌ପି ନୀତିନ କୁଶଲକର, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ସହରର ପରିବେଶ ଏବଂ ପ୍ରଦୂଷଣ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଆଲୋଚନାରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୬ଟି ବନ୍ଧ ଏବଂ ଲକ୍ଷ୍ମୀଯୋର ପାଣି ମଣିଷ ବ୍ୟବହାର ଉପଯୋଗୀ ହୋଇରହିନାହିଁ ବୋଲି ସ୍ୱାସ୍ଥ୍ୟବିଭାଗ ରିପୋର୍ଟ ଦେଇଥିବାରୁ



ବିଧାନସଭା ଗୃହ ସବ୍ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟ ରାଣୀବନ୍ଧ କାମ ପରିଦର୍ଶନ କରୁଛନ୍ତି।

ଯେକୌଣସି ସମୟରେ ଲୋକଙ୍କ ଜୀବନହାନୀ ଆଶଙ୍କା ରହିଛି ବୋଲି କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲା। ଜିଲା ପ୍ରଶାସନ ଏବଂ ମ୍ୟୁନିସିପାଲିଟିକୁ ତୁରନ୍ତ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଗତମାସର କମିଟି ବୈଠକରେ ନିର୍ଦ୍ଧାରିତ ନିଷ୍ପତ୍ତିଗୁଡିକ ଉପରେ ଆଲୋଚନା କରିଥିଲେ। ସେହି ବୈଠକରେ କମିଟି ସଦସ୍ୟ ବିଧାୟକ ଅମର ଶତପଥୀ ଏବଂ ଦେବୀ ମିଶ୍ର ବନ୍ଧକଟା ପ୍ରଦୂଷିତ ହୋଇଯାଇଥିବାରୁ ବନ୍ଧକଟା ତଥା ଜଳଚର ଜମି ଉପରେ ଥିବା ଜବରଦଖଲକୁ କଡାକଡି ଭାବେ ଉଚ୍ଛେଦ କରାଯାଉ ବୋଲି ମନ୍ତବ୍ୟ ଦେଇଥିବା ଅଧକ୍ଷ ମିଶ୍ର ସୂଚନା ଦେଇଥିଲେ। ମହାରାଣୀ ସାଗର ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନକୁ ଏକବର୍ଷ ପୂରିଯାଇଥିଲେ ମଧ କାମ ଆରମ୍ଭ ହୋଇ ନ ଥିବାରୁ ଅଧକ୍ଷ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ସହରୀ ବିକାଶ ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ ରଥଙ୍କୁ ପ୍ରଶ୍ନ କରିଥିଲେ। ପୂର୍ବ ବୈଠକରେ ସଚିବ ରଥ ୭ ଦିନ ଭିତରେ ପ୍ରକଳ୍ପର ବୈଷୟିକ ମଞ୍ଜୁରୀ ମିଳିଯିବା ପ୍ରତିଶ୍ରୁତି ଦେଇଥିଲେ ହେଁ ଆଜି ପର୍ଯ୍ୟନ୍ତ ହୋଇ ନ ଥିବାରୁ ଅଧକ୍ଷ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ । ବୈଠକ ପରେ ପ୍ରଥମେ ରାଣୀବନ୍ଧ ପରିଦର୍ଶନରେ ଯାଇ କମିଟି କିଭଳି ସେଠାରେ ବନ୍ଧ ପୁନରୁଦ୍ଧାର କରାନଯାଇ ସୌନ୍ଦର୍ଯ୍ୟକରଣ ନାଁରେ ଟଙ୍କା ଆତ୍ମସାତ୍ ଉଦ୍ୟମ ହୋଇଛି ଦେଖିଥିଲେ। ସେଠାରୁ ଗେଟସରୋବର, ବେହେରାପାଲି, ଲକ୍ଷ୍ମୀଯୋର, ଦେଉଳବନ୍ଧ, କରଙ୍ଗାକଟା ଏବଂ କନ୍ଧପାଲି ବନ୍ଧ ପରିଦର୍ଶନ କରିଥିଲେ। ସବୁ ବନ୍ଧ କିଭଳି ଡମ୍ପିଂୟାର୍ଡ ହୋଇଯାଇଛି ଦେଖିଥିଲେ। ରାଣୀବନ୍ଧ ଓ କରଙ୍ଗାକଟା କାମ ନିମ୍ନମାନର ହୋଇଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପୁନରୁଦ୍ଧାର କାମ କଲାପରେ ଯାଇ ବନ୍ଧ ସୌନ୍ଦର୍ଯ୍ୟକରଣ କାମ କରିବାକୁ କମିଟି ପରାମର୍ଶ ଦେଇଥିଲେ। ପରେ କମିଟି ଛତାମଖନା ଗାଁର ମିଶ୍ରକଟା ପରିଦର୍ଶନ କରିଥିଲେ। ଏଠାକାର ପାଣି ବିଜ୍ଞାନଗାରରେ ପରୀକ୍ଷା କରନ୍ତୁ ବୋଲି ବିଧାୟକ ମିଶ୍ର କହିଥିଲେ। ମହାରାଣୀ ସାଗର ଜବରଦଖଲ ଉପରେ ଗଣମାଧମ ପ୍ରତିନିଧି ପ୍ରଶ୍ନ କରିବାରୁ କମିଟି ଜବରଦଖଲ ଉଚ୍ଛେଦ ପାଇଁ ଆସିନାହିଁ, ମହାରାଣୀ ସାଗର ଉନ୍ନତିକରଣ ପାଇଁ ୧ ବର୍ଷ ହେବ ପଡିରହିଥିବା ୨୨ କୋଟି ଅନୁଦାନ ଶୀଘ୍ର ଖର୍ଚ୍ଚ କରି ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ କରିବାକୁ କହିଥିଲେ। କରଙ୍ଗାକଟାରେ ପୂର୍ବରୁ ଅନେକ ଅନୁଦାନ ବାଟମାରଣା ହୋଇଥିବାରୁ ଏହାର ତଦନ୍ତ କରିବା ତଥା ବେହେରାପାଲି ବନ୍ଧକୁ ରେଳ ବିଭାଗ ମଇଳା ପାଣି ଛାଡୁଥିବାରୁ ପ୍ରଦୂଷଣ ବୋର୍ଡ ନୋଟିସ ତଥା ଗ୍ରୀନ ଟ୍ରିବୁନାଲର ଦୃଷ୍ଟି ଆକର୍ଷଣ କରାଯିବାକୁ କହିଥିଲେ।

## ବ୍ଲକସ୍ତରୀୟ ଲୋକ ଉତ୍ସବ ପାଇଁ ପ୍ରସ୍ତୁତି

ଲୋଇସିଂହା,୭ା୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଲୋକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୦ ତାରିଖରେ ଲୋକ ଉତ୍ସବ ଆୟୋଜନ ପାଇଁ ସ୍ଥିରୀକୃତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଆକାଶ ରଞ୍ଜନ ସାହୁ, ଏବିଡିଓ ବିଜୟ କୁମାର ହୋତା, ଜିପିଓ କିଶୋର ମନାସିଂ ଓ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବ୍ଲକ କଳାକାର ସଂଘ କର୍ମକର୍ତ୍ତା ଓ ବରିଷ୍ଠ କଳାକାର ଉପସ୍ଥିତ ରହି କିଭଳି ଉତ୍ସବକୁ ସଫଳ କରାଯିବ, ତାହା ଉପରେ ଆଲୋଚନା କରିଥିଲେ। ଯେଉଁ କଳାକାରମାନେ ଉତ୍ସବରେ ପ୍ରଦର୍ଶନ ପାଇଁ ଇଚ୍ଛୁକ, ସେମାନେ ପୂର୍ବାହ୍ନ ୧୦ଟା ମଧ୍ୟରେ ବ୍ଲକ ପରିସରରେ ପହଞ୍ଚି ନାମ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ନଭେମ୍ବର ୨୦୨୨ରେ ଦୁଃସ୍ଥ କଳାକାରଙ୍କୁ ଭତ୍ତା ଦେବା ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ସେତେବେଳେ ପ୍ରଶାସନ ପକ୍ଷରୁ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇ ନ ଥିବାରୁ ବୟସ୍କ କଳାକାରମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ବ୍ଲକସ୍ତରୀୟ ଉତ୍ସବରେ ଯେପରି ତାହାର ପୁନରାବୃତ୍ତି ନ ଘଟିବ ସେଥିପ୍ରତି ବ୍ଲକ କଳାକାର ସଂଘ ଓ ପ୍ରଶାସନ ଯତ୍ନବାନ୍ ହେବାକୁ ସାଧାରଣରେ ଦାବି ହେଉଛି।

# ଲୋକ ମହୋତ୍ସବ ଉଦ୍‌ଯାପିତ



ବ୍ଲକସ୍ତରୀୟ ଲୋକ ଉତ୍ସବରେ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ ଦିଆଯାଉଛି।

ଦେଓଗାଁ, ୭ା୧(ଡି.ଏନ.ଏ.)

**ଅଂଶଗ୍ରହଣ କରିଥିଲେ ୧୩୦ଦଳ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ବ୍ଲକ ପ୍ରଶାସନ ଓ ବ୍ଲକ କଳା ସଂସ୍କୃତି ସଂଘ ଆୟୋଜନକ୍ରମେ ଅନୁଷ୍ଠିତ ମହୋତ୍ସବରେ ସଂଘ ସଭାପତି ବିଡିଓ ସୁରେନ୍ଦ୍ର କୁମାର ମେହେର ସଭାପତିତ୍ୱ କରିଥିଲେ। ଓଏଲଏମ ପ୍ରକଳ୍ପ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥିଭାବେ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ରାଜ୍ୟ ସଭା ଏମପିଙ୍କ ପ୍ରତିନିଧି ସୁରଥ ଧରୁଆ, କଳାକାର ଅତିଥିଭାବେ ବିଭୁକଲ୍ୟାଣ ଗଡତ୍ୟା ମଞ୍ଚାସୀନ ଥିଲେ । ଏହି ମହୋତ୍ସବରେ ବ୍ଲକର ୨୬ପଞ୍ଚାୟତରୁ ୨୮ଟି ଲୋକନୃତ ଦଳ, ୧୦ଟି ଲୋକବାଦ୍ୟ, ୨୦ଟି ଏକକ ଦଳ, ଲୋକଗୀତ ଏକକ ୬୨ଟି ଦଳ, ଲୋକନାଟକ (ଲୀଳା) ୧୦ଟି ଦଳ ଏହିପରି ୧୩୦ଟି ଦଳ ଅଂଶଗ୍ରହଣ କରିଥିଲେ । ବିଚାରକଭାବେ ନିରଞ୍ଜନ ଦଣ୍ଡସେନା, ଭୀମ ସାଗର, ଗଣ୍ଡାରାମ କପାଟ, ଶରତ ପୁଟେଲ, ଉପେନ୍ଦ୍ର ଥନାପତି, ବିଭୁ ରଣା, ବାସୁଦେବ ମେହେର, ଧରଣୀଧର ନାୟକ. ଯୌବନ ନନ୍ଦ, ରାଜେନ୍ଦ୍ର ନନ୍ଦ, ଶ୍ରୀବଚ୍ଛ ସାହୁ, ମହାଦେବ ମେହେର, ଗୌଚନ୍ଦ୍ର ସାହୁ ଓ ଚିତ୍ର ସୁନା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବରିଷ୍ଠ କଳାକାର ଦେଓଗାଁର ଲୋକନାଥ ସାହୁ, ସିଙ୍ଗାଟିମାଲର ଆକୁଲ ଗଡତ୍ୟା, ଜରାସିଂହାର ଅଶୋକ ଥନାପତି, ସିଙ୍ଗାମୁଣ୍ଡାର ଅରକ୍ଷିତ ବଗର୍ତ୍ତି, ରାମଚନ୍ଦ୍ରପୁରର ମହାଦେବ ବାଗ, ଚନ୍ଦ୍ରପୁରର ଶୈଳଭାମା ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସୁଦାମ ଚରଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

## ଖେଳଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମୁରିବାହାଲ, ୭ା୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହଲ ପଞ୍ଚାୟତ ହାଇସ୍କୁଲରେ କାର୍ଯ୍ୟରତ ଖେଳ ଶିକ୍ଷକ ଦେବନନ୍ଦ ଦାସଙ୍କୁ ଶନିବାର ସ୍କୁଲ ପରିସରରେ ସ୍ୱେଚ୍ଛାକୃତ ଅସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ଦାସଙ୍କର ବହୁମୁଖୀ କାର୍ଯ୍ୟର ଅବତାରଣ କରିଥିଲେ। ଏମ୍‌ପି ପ୍ରତିନିଧି ଶ୍ରୀବସ୍ତ ବେହେରା, ସାମାଜିକ କର୍ମୀ ଭଗବାନ ମହାନ୍ତି, ଦୁର୍ଗାନନ୍ଦ ମହାକୁର, ଓଷ୍ଟା ସଂଘ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ, ଆଇନଜୀବୀ ସୁଦାମ ଚରଣ ବାଘାର, ପରିଚାଳନା କମିଟି ପୂର୍ବତନ ସଭାପତି ଅଗସ୍ତି ବାଘାର, ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ମୁଖ୍ୟ କିରାଣୀ ନାରାୟଣ ମାଝି ଏହି ଅବସରରେ ଉପସ୍ଥିତ ଥିଲେ। ମୁରିବାହାଲ ପଞ୍ଚାୟତ ହାଇସ୍କୁଲରେ ୨୦୧୫ମସିହାରୁ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବା ଖେଳ ଶିକ୍ଷକ ଦାସ ତାଙ୍କ ଅବସରର ୧ବର୍ଷ ପୂର୍ବରୁ ସ୍ୱେଚ୍ଛାକୃତ ଅବସରେ ନେଇଛନ୍ତି। ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ସଂଯୁକ୍ତା, ରୂପେଶ ଚାମ୍ପିୟନ



ଖୋ ଖୋରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବାଳିକାମାନଙ୍କୁ ପୁରସ୍କୃତ କରାଯାଉଛି।

ମୁରିବାହାଲ, ୭ା୧(ଡି.ଏନ.ଏ.)

**ମୁରିବାହାଲ ଜୁନିୟର କଲେଜ ବାର୍ଷିକ କ୍ରୀଡା ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ମୁରିବାହାଲ ଜୁନିୟର କଲେଜର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଉଛି। କଲେଜ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ, ଏମ୍‌ପି ପ୍ରତିନିଧି ଶ୍ରୀବସ୍ତ ବେହେରା, ସାମାଜିକ କର୍ମୀ ଭଗବାନ ମହାନ୍ତି, ଦୁର୍ଗାନନ୍ଦ ମହାକୁର, ହୃଦାନନ୍ଦ ପୁହଣ, ଅଧାପକ ନରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ଦୁଇଦିନ ଧରି ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ହୋଇଥିବା କ୍ରୀଡାର ପ୍ରଥମ ଦିନରେ ୪୨୩ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ବାଳିକା ଓ ବାଳକ ବିଭାଗରେ ୧୦୦, ୨୦୦, ୪୦୦, ୮୦୦ ମିଟର ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ଶଟପୁଟ, ଡିସ୍କସ, ଜଭିଲିଙ୍ଗ ଥ୍ରୋ ପ୍ରଭୃତି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପ୍ରତେକ ବିଭାଗରୁ ୩ଜଣଙ୍କୁ ପୁରସ୍କାର କରାଯାଇଥିଲା। ତନ୍ମଧ୍ୟରୁ ସଂଯୁକ୍ତା ମହାନନ୍ଦ, ରୂପେସ ହାତୀ ୩ଟି ବିଭାଗରେ ପ୍ରଥମ ହୋଇଥିବାରୁ ଚାମ୍ପିୟନ ବିବେଚିତ ହୋଇ ଟ୍ରଫି ହାସଲ କରିଥିଲେ। ଲାଇବ୍ରେରିଆନ ସନ୍ତରାମ ପଧାନ ସଭା ସଂଯୋଜନା କରିଥିଲେ।

# ଅନ୍ୟ କର୍ମଚାରୀ, ସମ୍ପର୍କୀୟଙ୍କ ଦସ୍ତାବିଜ ଯାଞ୍ଚ କର

ଲୋଇସିଂହା,୭ା୧(ଡି.ଏନ.ଏ)

**ଯୋଗୀସର୍ଡା ପାକ୍ସରେ ଧାନବିକ୍ରି ପଞ୍ଜୀକରଣ ଜାଲିଆତି ଘଟଣା**

ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ଜାଲିଆତି ଅଭିଯୋଗ ହୋଇଥିଲା। ପାକ୍ସ ଅଧୀନ କେତେକ ଚାଷୀଙ୍କ ଅଭିଯୋଗକୁ ଆଧାର କରି ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା। ଏହି ଘଟଣାରେ ପାକ୍ସର ଡିଇଓ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସାମିଲ ଏବଂ କ୍ଷମତାର ଅପବ୍ୟବହାର କରି ଶତାଧିକ କୁଇଣ୍ଟାଲର କାର୍ଡ ହାତେଇ ଧାନ ବିକ୍ରି କରିଥିବା ତଦନ୍ତ ବେଳେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶରତ ରାଉତ ଓ ବ୍ଲକ ଯୋଗଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ ଜାଣିବାକୁ ପାଇଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଉପଜିଲାପାଳ କୁମାରନାଗ ଭୂଷଣଙ୍କୁ ପ୍ରଦାନ କରି ଡିଇଓଙ୍କୁ କାର୍ଯ୍ୟରୁ ବରଖାସ୍ତ କରିବାକୁ ସୁପାରିଶ କରିଥିଲେ। ଏହାପରେ ଜିଲା ପ୍ରଶାସନର ନିର୍ଦ୍ଦେଶରେ ସମବାୟ ବିଭାଗ ଆସିଷ୍ଟାଣ୍ଟ ନିବନ୍ଧକଙ୍କ ପତ୍ରସଂଖ୍ୟା ୧୫/ ତା୫।୧।୨୦୨୩ରିଖଅନୁଯାୟୀ ଡିଇଓ ମିଶ୍ରଙ୍କୁ କାର୍ଯ୍ୟରୁ ବରଖାସ୍ତ କରାଯାଇଛି। ବରଖାସ୍ତ ଚିଠି ପାକ୍ସର ହସ୍ତଗତ ପରେ ଶନିବାର ସମ୍ପୃକ୍ତ କର୍ମଚାରୀଙ୍କୁ ଜଣାଇ ଦିଆଯାଇଥିବା ବୋର୍ଡ ସଭାପତି ହୃଦୟାନନ୍ଦ ବେହେରା କହିଛନ୍ତି। ଅପରପକ୍ଷେ ବରଖାସ୍ତ କର୍ମଚାରୀ ମିଶ୍ର କହିଛନ୍ତି, ଚାଷୀ ପଞ୍ଜୀକରଣ ଅଫିସର ୨ ଜଣ କର୍ମଚାରୀ ଓ ଜଣେ ବାହାର ବ୍ୟକ୍ତି କରିଥିଲୁ। ବାହାରର ଜଣେ ବ୍ୟକ୍ତିଙ୍କୁ କିପରି ଭାବେ ଅନୁମତି ଦିଆଯାଇଥିଲା। ପୁନଶ୍ଚ ସମ୍ପାଦକ ହେଉଛନ୍ତି ଯାଞ୍ଚ ଅଧିକାରୀ। କଣ ପାଇଁ ସେତେବେଳେ ସେ ଚାଷୀ ପଞ୍ଜୀକରଣକୁ ଦେଖି ନ ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଣୁ ପାକ୍ସର ଅନ୍ୟ କର୍ମଚାରୀ ଓ ସମ୍ପାଦକଙ୍କ ପଞ୍ଜୀକରଣ ଦସ୍ତାବିଜ ମଧ ତଦନ୍ତ ପରିସରକୁ ଆଣାଯାଉ ବୋଲି ସେ କହିଛନ୍ତି।

# ରାଜ୍ୟ ବାହାର ଶ୍ରମିକଙ୍କ ପଞ୍ଜୀକରଣ କର

ବଲାଙ୍ଗୀର ଅଫିସ, ୭ା୧

ବଲାଙ୍ଗୀର ସହରରେ ରାଜ୍ୟ ବାହାରୁ ଆସି କାମ କରୁଥିବା ମିସ୍ତ୍ରିଙ୍କୁ ବିରୋଧ କରାଯାଉଛି। ବଲାଙ୍ଗୀର ରାଜମିସ୍ତ୍ରି ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଏହି ବିରୋଧ କରାଯାଇଛି। ଶନିବାର ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଶତାଧିକ ନିର୍ମାଣ ଶ୍ରମିକ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲେ। ସେଠାରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର କୁମାର ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ଉକ୍ତ ଦାବିପତ୍ରରେ ସଂଘ ପକ୍ଷରୁ ବଲାଙ୍ଗୀର ସମସ୍ତ ନିର୍ମାଣ ଶ୍ରମିକଙ୍କୁ ଶୀଘ୍ର ପଞ୍ଜୀକରଣ କରାଯିବା, ଅନ୍ୟ ରାଜ୍ୟରୁ ବଲାଙ୍ଗୀର ଆସୁଥିବା ସମସ୍ତ ଶ୍ରମିକଙ୍କ ସେଠାକାର ପଞ୍ଜୀକରଣ ଏବଂ ସ୍ଥାନୀୟ ପଞ୍ଜୀକରଣ ତଦାରଖ କରି କାମ କରିବାକୁ ଅନୁମତି ଦେବା, ବଲାଙ୍ଗୀରରେ ନିଶା କାରବାର, ଚୋରି, ଡକାୟତି, ରାହାଜାନିରେ ସଂଶ୍ଳିଷ୍ଟ ଅନ୍ୟ ରାଜ୍ୟ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା, ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ଯେଉଁମାନେ କାମରେ




ବଲାଙ୍ଗୀର ରାଜମିସ୍ତ୍ରି ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର ରାଜମିସ୍ତ୍ରି ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶୋଭାଯାତ୍ରା**

ଲଗାଇଛନ୍ତି ସେମାନଙ୍କୁ ଉଦ୍ଧାର କରି ବାଳ ଆଶ୍ରମରେ ରଖିବା ଏବଂ ଠିକାଦାର, ଘର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଜିଲାପାଳ କାର୍ଯ୍ୟାଳୟରେ ଦାବିପତ୍ର ଦେବା ପରେ ଶତାଧିକ ଶ୍ରମିକ ଶୋଭାଯାତ୍ରାରେ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ସମୟ ଧରି ସେଠାରେ ଶ୍ରମ ଅଧିକାରୀଙ୍କ ଅବହେଳା ଓ ଉଦାସୀନତା ବିରୋଧରେ ନାରାବାଜି କରିଥିଲେ। ଜିଲାର ସମସ୍ତ ଶ୍ରମିକଙ୍କୁ ପଞ୍ଜୀକରଣ କରି ଉଚିତ୍ ସହାୟତା ପ୍ରଦାନ କରିବାକୁ ଦାବି କରିଥିଲେ। ସଂଘ ପକ୍ଷରୁ ପୌର କାଉନସିଲର ଶମ୍ଭୁ ନାଗ ଓ ସୁରେଶ ମହାଲିଙ୍ଗ ନେତୃତ୍ୱ ନେଇଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ନିର୍ମାଣ ଶ୍ରମିକ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### କ୍ରିକେଟ: ସେମିରେ ସମ୍ବଲପୁର

**ପଦ୍ମପୁର,୭।୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ବ୍ଲକ ଖଇରପାଲିଠାରେ ଶନିବାର ରାଜ୍ୟସ୍ତରୀୟ ଦଶମ ଗୋଲଡେନ ଷ୍ଟାର କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି। ବରଗଡ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ୩ଟି ମ୍ୟାଚ୍ ଖେଳା ଯାଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ବଲାଙ୍ଗୀର ଦଳକୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ମହସମୁନ୍ଦ ଦଳ ନୂଆପଡ଼ା ଦଳକୁ ହରାଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ଦଳ ମହସମୁନ୍ଦ ଦଳକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ଖବରଦାତା ନିଳକଣ୍ଠ ଦୀପ ଯୋଗ ଦେଇ ସମ୍ବଲପୁର ଦଳର ଜଗାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

### ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

**ଲାଠୋର,୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ସଦର ଗାଁ ସାହାଜପାଣିରେ ଏକ ରାସ୍ତା ନିର୍ମିତ ହୋଇଛି। ଉକ୍ତ ରାସ୍ତା ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ମାଝିଙ୍କ ସମେତ ସୀତାକାନ୍ତ ଶବର, ଅଭିମନ୍ୟୁ ଶବର, ଯୁଗେଶ୍ୱର ଶବର, ଧନିରାମ ଶବର, ଗୌତମ ବରିହା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ବିଜୁ କେବିକେ ଅନୁଦାନ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସାହାଜପାଣିଠାରୁ କଲୋନୀପଡ଼ା ରାସ୍ତା ଉନ୍ନତୀକରଣ ସକାଶେ ବିଭାଗୀୟ କାର୍ଯ୍ୟାଦେଶ ରହିଥିଲା। ହେଲେ କାର୍ଯ୍ୟକୁ ବହୁ ବିଳମ୍ବରେ ଚଳିତବର୍ଷ ଆରମ୍ଭ କରାଯାଇଥିଲା। ପେଟି ଠିକାଦାରଙ୍କ ଦ୍ୱାରା କରାଯାଇଥିବା କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। କାମ କେତେ ମିଟର କରାଯିବ ସୂଚନା ଫଳକରେ ସୂଚନା ଦିଆଯାଇନାହିଁ ମନ ମୁତାବକ ମେଟାଲ ଏବଂ ମୋରୁମ ବିଛାଯାଇ ରୋଲରିଂ କରାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଆଇନ ସଚେତନତା ଶିବିର

**ଦେଓଗାଁ,୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲରେ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଆଇନସ ଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦିଶାର ସମ୍ପାଦକ ବିନୟ କୁମାର ପାତ୍ର, ଡିସିପିୟୁ ବଲାଙ୍ଗୀରରୁ ଦିଗାମ୍ବର କର, ଡିଏଚଏଚ ନମିତା ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବ କିଶୋର ସାହୁ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ସାରସମାଲ ସରପଞ୍ଚ ଗୋପାଳ ବାଗ ପ୍ରମୁଖ ଯୋଗଦେଇଥିଲେ। ପାରାଲିଗାଲ ସ୍ୱେଚ୍ଛାସେବୀ ବିଦ୍ୟୁତଲତା ଖମାରୀ ସଭା ସଂଯୋଜନା କରିଥିଲେ।

# ଅଧିକାରୀଙ୍କୁ ବଞ୍ଚାଇବା ପାଇଁ ହୋଇଥିଲା ପ୍ରୟାସ

**ସୋନପୁର, ୭।୧(ନି.ପ୍ର)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତରେ ଥିବା ପିଇଜି(ପ୍ରାଇଭେଟ୍ ଏଣ୍ଟରପ୍ରେନ୍ୟୁୟର ଗୋଡାଉନ) ଅରିଗାଁରେ ୪କୋଟି ୧୪ଲକ୍ଷ ଟଙ୍କାର ସିଏମଆର(କଷ୍ଟମ୍ ମିଲିଂ ରାଇସ୍) ହଡ଼ପ ହୋଇଥିଲା। ଗୋଦାମରେ ୧୦ହଜାର ୩୪୪କୁଇଣ୍ଟାଲ ସିଏମଆର ଷ୍ଟକ୍ କମ୍ ଥିବା ଡିସେମ୍ବର ୧୪ ତାରିଖରେ ଯୋଗାଣ ବିଭାଗ ଜାଣି ପାରିଥିଲା । ତେବେ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀଙ୍କୁ ବଞ୍ଚାଇବା ପାଇଁ ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ପ୍ରୟାସ କରିଥିଲା। ଘଟଣାକୁ ଗୁପ୍ତ ରଖିବା ସହ ହଡ଼ପ ଚାଉଳ ଗୋଦାମ ମାଲିକଙ୍କ ନିକଟରୁ ଆଦାୟ କରିବା ପାଇଁ ଉଦ୍ୟମ କରିଥିଲା। ଆଶ୍ଚର୍ଯ୍ୟଜନକଭାବେ ଡିସେମ୍ବର ୩୧ରେ ଏହି ଗୋଦାମ ବେଆଇନ ଭାବେ ଅନ୍ୟ ୩ ଜଣଙ୍କୁ ବିକ୍ରି ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ପ୍ରାକ୍ତନ ଗୋଦାମ ମାଲିକ ଷ୍ଟକ୍ ସଟ୍ ଥିବା ସମସ୍ତ ସିଏମଆର ସରକାରଙ୍କୁ ଜାନୁୟାରୀ ୪ତାରିଖ ମଧ୍ୟରେ ଫେରସ୍ତ କରିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ଯୋଗାଣ ବିଭାଗ ସମସ୍ତ ଚାଉଳ ଫେରସ୍ତ ପାଇବାର ଗୋଟିଏ ଦିନ ପରେ ବିନିକା ଥାନାରେ ଏତଲା ଦେଇଛି। ଅନ୍ୟପକ୍ଷେ କମ୍‌ଥିବା ଚାଉଳ ନିଆଁରେ ପୋଡି ଯାଇଥିବା ଦର୍ଶାଇବା ପାଇଁ ବିଫଳ ପ୍ରୟାସ ହୋଇଥିଲା। ଡିସେମ୍ବର ୧୪ରେ ଗୋଦାମରେ ନିଆଁ ଲଗାଇ ଅଳ୍ପ କିଛି ବସ୍ତା ଚାଉଳ ପୋଡିବାର ନାଟକ ରଚାଯାଇଥିଲା। କିନ୍ତୁ ବିନିକା ଅଗ୍ନିଶମ ବିଭାଗ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚିବା କାରଣରୁ ଏହି ଉଦ୍ୟମ ବିଫଳ ହୋଇଥିବା ଚର୍ଚ୍ଚା ହେଉଛି।

ଭଦ୍ରକ ଜିଲାର ବିମଳିନୀ ଭାରତୀ ନାମକ ଜଣେ ମହିଳା ଉଦ୍ୟୋଗୀ ଅରିଗାଁ ରାସ୍ତା ପାର୍ଶ୍ୱରେ ୨ଏକର ଜମି କିଣି ୫୦ ହଜାର କୁଇଣ୍ଟାଲ କ୍ଷମତା ବିଶିଷ୍ଟ ଏକ ଗୋଦାମ ଗୃହ ନିର୍ମାଣ କରିଥିଲେ। ରାଜ୍ୟ ଯୋଗାଣ ନିଗମ ଏହି ଗୋଦାମକୁ ୧୦ବର୍ଷ ପାଇଁ ଭଡାରେ ନେଇଥିଲା। ସୁବର୍ଣ୍ଣପୁର ଜିଲାର ମିଲର୍ସଙ୍କ ନିକଟରୁ ସଂଗ୍ରହ ହେଉଥିବା ଚାଉଳ ଏହି ପ୍ରାଇଭେଟ୍ ଗୋଦାମରେ ଗଚ୍ଛିତ ରଖାଯାଉଥିଲା। ଆବଶ୍ୟକତା ଅନୁଯାୟୀ ଗୋଦାମରୁ ଚାଉଳ ଜିଲା ଓ ଜିଲା ବାହାରକୁ ଟ୍ରକ୍ ଏବଂ ରେକ୍ ଯୋଗେ ପଠାଯାଇଥାଏ। ଏ ବାବଦରେ ଗୋଦାମ ମାଲିକ ବିମଳିନୀ ଯୋଗାଣ ବିଭାଗ ନିକଟରୁ ମାସିକ ୩ଲକ୍ଷ ୩୧ହଜାର ୫୦୦ଟଙ୍କା ଭଡା ନିଅନ୍ତି। ଏହା ବାଦ୍ ସରକାରଙ୍କ ପକ୍ଷରୁ ଶ୍ରମିକ ମଜୁରି ବାବଦ ହେଣ୍ଡଲିଂ ଚାର୍ଜ ମିଳିଥାଏ। ଗୋଦାମ ପରିଚାଳନା ଦାୟିତ୍ୱ ଗୋଦାମ ମାଲିକଙ୍କ ହାତରେ ନ୍ୟସ୍ତ ଥିଲା। ଗୋଦାମର ଚାଉଳ ଷ୍ଟକ୍ ଦେଖିବା ପାଇଁ ଯୋଗାଣ ବିଭାଗ ଜଣେ କ୍ରୟ ନିରୀକ୍ଷକଙ୍କୁ ନିୟୋଜିତ କରିଥିଲା। ତେବେ ସରକାରଙ୍କ ହିସାବ ଅନୁଯାୟୀ ଗୋଦାମରେ ଚାଉଳ ନ ଥିଲା। ଡିସେମ୍ବର ୧୪ରେ ଗୋଦାମରେ ସାମାନ୍ୟ ନିଆଁ ଲାଗିବା ପରେ ଯୋଗାଣ ବିଭାଗ ଅଧିକାରୀଙ୍କ ମନରେ ସନ୍ଦେହ ହୋଇଥିଲା। ଷ୍ଟକ୍ ହିସାବ ପରେ ୧୦ହଜାର ୩୪୪କୁଇଣ୍ଟାଲ ଚାଉଳ କମ୍ ଥିବା ଜଣାପଡିଥିଲା। ଗୋଦାମ ମାଲିକଙ୍କୁ ଷ୍ଟକ୍ ଠିକ୍ କରିବା ପାଇଁ ବିଭାଗ ପକ୍ଷରୁ ତାଗିଦ୍ କରାଯାଇଥିଲା। ଶେଷରେ ଗୋଦାମ ମାଲିକ ବିମଳିନୀ କୌଣସି ଉପାୟ ନପାଇ ଜମି ସହିତ ଗୋଦାମକୁ ବିକ୍ରି କରିଥିଲେ। ଉକ୍ତ ଟଙ୍କାରେ ଚାଉଳ କିଣି ମହିଳା ଉଦ୍ୟୋଗୀ ସରକାରଙ୍କୁ ଫେରସ୍ତ କରିଥିବା ଜଣାପଡିଛି। ବିଳମ୍ବରେ ଜିଲା ଯୋଗାଣ ବିଭାଗ ଏହି ଘଟଣା ସମ୍ପର୍କରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଅବଗତ କରିଥିଲା। ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଓ ସୁବର୍ଣ୍ଣପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗ ପକ୍ଷରୁ ଗତ ୫ତାରିଖରେ ଗୋଦାମରେ ଅନିୟମିତତା ହୋଇଥିବା ସମ୍ପର୍କରେ ବିନିକା ଥାନାରେ ଏତଲା ଦିଆଯାଇଥିଲା। ଅନ୍ୟପକ୍ଷେ ଗୋଦାମ ମାଲିକ ଜାନୁୟାରୀ ୪ତାରିଖରେ ଭିତରେ ସମସ୍ତ ଚାଉଳ ଫେରସ୍ତ କରିଥିବା ଓ ଉକ୍ତ ଚାଉଳ ପାଣିସିଆଲି ଗୋଦାମରେ ଗଚ୍ଛିତ ଥିବା ଜଣେ ସହକାରୀ ଯୋଗାଣ ଅଧିକାରୀ ଓ ୪ ଜଣ କ୍ରୟ ନୀରିକ୍ଷକ ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ସରକାରଙ୍କ ଚାଉଳ ସରକାର ଫେରସ୍ତ ପାଇଲେ। ଜମି ଓ ଗୋଦାମ ଏବେ ଅନ୍ୟ ବ୍ୟକ୍ତିଙ୍କ ମାଲିକାନାରେ। ପୋଲିସ ବିଳମ୍ବରେ ଏତଲା ପାଇ କି ତଦନ୍ତ କରିବ। ଏ ସମ୍ପର୍କରେ ବିନିକା ଥାନ ଆଇଆଇସି ପବିତ୍ର କୁମାର ସାହୁ କୁହନ୍ତି, ଅଭିଯୋଗକ୍ରମରେ ଆମେ ଏକ ମାମଲା ରୁଜୁ କରିଛୁ। ଗୋଦାମର ଫାଟକରେ ତାଲା ପଡିଛି। ତେଣୁ ତଦନ୍ତରେ ବିଶେଷ ଅଗ୍ରଗତି ହୋଇପାରିନି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଆବଶ୍ୟକ କାଗଜପତ୍ର ମାଗିଛୁ।

**ପିଇଜି ଅରିଗାଁରେ ୪.୧୪ କୋଟିର ସିଏମ୍ଆର୍ ହଡପ ଘଟଣା**

- ଚାଉଳ ପୋଡିର ମିଛ ନାଟକ ରଚା ଯାଇଥିଲା
- ଗୋଦାମ ବିକ୍ରି ହୋଇଛି ଡିସେମ୍ବର ୩୧ରେ
- ହଡ଼ପ ଚାଉଳ ସରକାରଙ୍କୁ ପ୍ରଦାନ ପରେ ଥାନାରେ ଏତଲା

### ଯୋଗାଣ ବିଭାଗର କ୍ରୟ ନିରୀକ୍ଷକ ନିଲମ୍ବିତ

ସୁବର୍ଣ୍ଣପୁର ଜିଲା ପିଇଜି(ପ୍ରାଇଭେଟ୍ ଏଣ୍ଟରପ୍ରେନ୍ୟୁୟର ଗୋଡାଉନ) ଅରିଗାଁରେ୧୦ହଜାର ୩୪୪କୁଇଣ୍ଟାଲ ସିଏମଆର ଷ୍ଟକ୍ କମ ରହିବା ଘଟଣାରେ ଯୋଗାଣ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭୁବନେଶ୍ୱରସ୍ଥିତ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ ସାକସେନା ଅରିଗାଁ ଗୋଦାମ ଦାୟିତ୍ୱରେ ଥିବା ଯୋଗାଣ ବିଭାଗର କ୍ରୟ ନିରୀକ୍ଷକ ମୋହନ ସେଠୀଙ୍କୁ ନିଲମ୍ବନ କରିଛନ୍ତି। ସେଠୀ ଗୋଦାମର ଦୈନିକ ଷ୍ଟକ୍ ଯାଞ୍ଚ କରିବା ଦାୟିତ୍ୱରେ ଥିଲେ। ସେ ଷ୍ଟକ୍ କମ୍ ଥିବା ସମ୍ପର୍କରେ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରି ନଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଅବହେଳା ପାଇଁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବନ କରାଯାଇଛି।

### ଅତାବିରା ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ

**ଜାମଟିକ୍ରା,୭।୧(ଡି.ଏନ.ଏ.)**

ପୁରୁଷ ହକି ବିଶ୍ୱକପ୍-୨୦୨୩ ପରିପ୍ରେକ୍ଷୀରେ ଅତାବିରା ବ୍ଲକ କତାବଗା ମିନି ଷ୍ଟାଡିୟମରେ ଶନିବାର ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୋଟ ୧୪ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ସିଲାଟ ଓ ଜାଙ୍ଗେଡ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଜାଙ୍ଗେଡ ଦଳ ସିଲାଟ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ସେହ୍ନାଙ୍ଗିନୀ ଛୁରିଆ ଯୋଗଦାନ କରି ବିଜୟୀ ଜାଙ୍ଗେଡ ଓ ଉପବିଜେତା ସିଲାଟ ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ଅତିରିକ୍ତ ବିଡିଓ ଗିରିନ୍ଦ୍ର ସାହୁ, ଉପାଧକ୍ଷ ଅନନ୍ତ ମେହେର, ଜିଲା ପରିଷଦ ସଦସ୍ୟ ଶମ୍ଭୁ ସେଟ, ସରପଞ୍ଚ, ଜିଆରଏସ, ପିଇଓ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଖେଳ ପରିଚାଳନା କରିଥିଲେ ଗୋପାଳ ନାୟକ, ପ୍ରଦୀପ ପଧାନ, ସଚିନ ଭୁଏ, ବିଶିକେଶନ ପଧାନ, ପଙ୍କଜ ମିର୍ଦ୍ଧା, ଦେବାଶିଷ ପଧାନ, ସୁନୀଲ ଭୁଏ ଓ ରଞ୍ଜନ ପଧାନ। ଶେଷରେ ଟାଙ୍ଗରପାଲି ଓ ଖରମୁଣ୍ଡା ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

# ଫାଇନାଲରେ ସୋନପୁର ଇଲେଭେନ୍ ଷ୍ଟାର




ମୁଖ୍ୟ ଅତିଥି ମନ୍ତ୍ରୀ ରୀତା ସାହୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ସୋନପୁର,୭।୧(ନି.ପ୍ର.)**

**ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

ସୋନପୁର ରୟାଲ ପଡିଆରେ ଚାଲିଥିବା ୧୦ମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶନିବାର ମ୍ୟାଚ୍‌ରେ ସୋନପୁର ଇଲେଭେନ ଷ୍ଟାର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସୋନପୁର ବିଏସ୍ଏଫ ଓ ସୋନପୁର ଇଲେଭେନ ଷ୍ଟାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଡ୍ର ହୋଇଥିଲା। ଟାଇବ୍ରେକରରେ ସୋନପୁର ଇଲେଭେନ୍ ଷ୍ଟାର ୩-୧ ରେ ବିଜୟୀ ହୋଇଥିଲା। ରେଫେରି ନନ୍ଦୁ ନାଏକ, ପ୍ରଶାନ୍ତ ସେଠୀ, ଯୋଗେନ୍ଦ୍ର ଓରାମ, ସୁରେନ ବାରିକ ଓ ଜନ୍ମେଜୟ ନାଗ ମ୍ୟାଚ୍ ପରିଚାଳନା କରିଥିଲେ। ରାଜ୍ୟ ବୟନ ଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳି ଓ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ, ଶିବାନୀ ଦାନୀ, ଗୁଣନିଧି ମେହେର, ସୁବାଶିଷ ରଥ, ଶାନ୍ତନୁ ବାଘ, ମୁନା ତ୍ରିପାଠୀ, ବିଜେଡି ଯୁବ ନେତା ସୀତାରାମ ମହାପାତ୍ର, ଛାତ୍ର ନେତା ଶାଶ୍ୱତ କୁମାର ମିଶ୍ର, ଅମୀୟ କୁମାର ଦାଶ ଓ ଦେବାଶିଷ ପଟ୍ଟନାୟକ ଯୋଗଦାନ କରିଥିଲେ। ସିରାଜ ଖାନଙ୍କୁ ବେଷ୍ଟ ଡିଫେନ୍ସ, ବେଷ୍ଟ ମଡ୍ ଫିଲ୍ଡ ଡୋଲା ପାଣ୍ଡେ, ବେଷ୍ଟ ଓ୍ୱିଙ୍ଗର ମହେଷ ପଣ୍ଡା, ବେଷ୍ଟ ଗୋଲକିପର ଶିବଲାଲ ମୁଣ୍ଡା ଓ ହିରୋ ଅଫ ଦି ମ୍ୟାଚ୍ ପୁରସ୍କାର ଅଜୟ ଖାଡିଆଙ୍କୁ ପ୍ରଦାନ କରା ଯାଇଥିଲା। ଆୟୋଜକ ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବ ସମ୍ପାଦକ ରାକେଶ ନାଗ ପୁରସ୍କାର ବିତରଣୀ ଉତ୍ସବକୁ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ସୋନପୁର ରାମଧୂନ କ୍ଲବ ଓ ସୋନପୁର ଇଲେଭେନ୍ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହେବ।

### ତରଭାରେ ସରିଲା ଉର୍ସ ଉତ୍ସବ

**ତରଭା, ୭।୧(ଡି.ଏନ. ଏ.)**

ସୁବର୍ଣ୍ଣପୁର ଜିଲା ତରଭରେ ହିନ୍ଦୁ-ମୁସଲିମ ସମନ୍ୱୟର ନିରଦର୍ଶନ ଫକୀର ବାବାଙ୍କ ଉର୍ସ ଉତ୍ସବ ଶୁକ୍ରବାର ରାତିରେ ସମ୍ପନ୍ନ ହୋଇଛି। ଗୁରୁବାର ସକାଳେ ଫକୀର ବାବାଙ୍କ ମସ୍‌ଜିଦରେ ଧର୍ମୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅପରାହ୍ନ ୪ଟାରେ ଚାଦର ଶୋଭାଯାତ୍ରା ମସଜିଦ ସମ୍ମୁଖରୁ ବାହାରି ସହର ପରିକ୍ରମା କରିଥିଲା। ସମ୍ମୁଖରେ ବାହାରିଥିବା ଡିଜେ ଗାଡି ସମ୍ମୁଖରେ ହିନ୍ଦୀରେ ବଡ଼ ଅକ୍ଷରରେ ଶ୍ରୀରାମ ବୋଲି ଲେଖାଯାଇଥିଲା। ସ୍ୟାରେ ଶୋଭାଯାତ୍ରା ମସ୍‌ଜିଦରେ ପହଞ୍ଚିବା ପରେ ଫକୀର ବାବା ଓ ଅମ୍ମାଜାନଙ୍କ ମଜାରରେ ଚାଦର ଚଢାଯାଇଥିଲା। ଶୁକ୍ରବାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଫକୀର ବାବାଙ୍କ ମଜାରରେ ପୁଣି ଚାଦର ଚଢା ଯାଇଥିଲା। ରାତ୍ର ୧୦ଘଣ୍ଟା ୫ମିନିଟରେ କୁଳ ଫାତିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉର୍ସଉତ୍ସବ ଅବସରରେ ଦୁଇଦିନ ଧରି ରାଜ୍ୟ ବାହାରୁ ଆସିଥିବା ପ୍ରବଚକମାନେ ଭକ୍ତଙ୍କୁ ପ୍ରବଚନ ଦେଇଥିଲେ।

### ବୀରମହାରାଜପୁର ମହିଳା ମହାବିଦ୍ୟାଳୟ ବାର୍ଷିକ କ୍ରୀଡା

**ଅମରପାଲି, ୭।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଆଶୁତୋଷ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବୀରମହାରାଜପୁର ମହାବିଦ୍ୟାଳୟ ଖେଳ ଶିକ୍ଷକ ନରେନ୍ଦ୍ର ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ନିକଟସ୍ଥ ବାଗବର ଚନ୍ଦ୍ରମଣି ମଠରୁ ଏକ ଶୋଭାଯାତ୍ରାରେ ମଶାଲ ଅଣାଯାଇଥିଲା। ପରେ ଛାତ୍ରୀମାନଙ୍କ ମଧ୍ୟରେ ଶହେ ମିଟର, ୨ଶହ ମିଟର, ଲମ୍ଫଡିଆଁ, ଶଟପୁଟ, ଡିସକସ ଥ୍ରୋ ଆଦି ପ୍ରତିଯୋଗୀତା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବାଗବର ସରପଞ୍ଚ ନିରୂପମା ବଗର୍ତ୍ତି ମୁଖ୍ୟ ଅତିଥି, ବୀରମହାରାଜପୁର ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ପ୍ରଫୁଲ କୁମାର ରଥ ମୁଖ୍ୟବକ୍ତା, ଖେଳ ଶିକ୍ଷକ ନରେନ୍ଦ୍ର ଚାନ୍ଦ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । କଲେଜ ଅଧକ୍ଷ ଆଶୁତୋଷ ହୋତା ଉଦ୍‌ଯାପନୀ ସଭାରେ ପୌରାହିତ୍ୟ କରିଥିଲେ। ଅଧାପିକା ଗୀତାଞ୍ଜଳି ପଧାନ ଅତିଥି ପରିଚୟ ଏବଂ ସନ୍ତୋଷିନୀ ନାୟକ ସଭା ସଂଯୋଜନା କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ଖେଳ ଶିକ୍ଷୟିତ୍ରୀ ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀ ରଚନା ବାଦୀ ତିନୋଟି ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ଆଖ୍ୟା ଗ୍ରହଣ କରିଥିଲେ। ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।




କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ରାଷ୍ଟ୍ରୀୟ ଆୟୁର୍ବେଦ କର୍ମଶାଳା ଉଦ୍‌ଯାପିତ

**ପାଇକମାଲ, ୭।୧(ଡି.ଏନ.ଏ.)**

ପାଇକମାଲରେ ତ୍ରିଦିବସୀୟ ରାଷ୍ଟ୍ରୀୟ ଆୟୁର୍ବେଦ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ଏହି କର୍ମଶାଳାକୁ ଗୁରୁବାର କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଅନୁସନ୍ଧାନ ପରିଷଦ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡା. ରବିନାରାୟଣ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଦେଶର ୧୧ଟି ରାଜ୍ୟରୁ ୩୦ଜଣ ଆୟୁର୍ବେଦ ଶିକ୍ଷକ ଓ ଗବେଷକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନଙ୍କୁ ନ୍ୟାଶନାଲ ବଟାନିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ଡା. ସରୋଦ ଶ୍ରୀବାସ୍ତବ, ସୋଆ ଭୁବନେଶ୍ୱରର ବୈଜ୍ଞାନିକ ପ୍ରତାପ ପଣ୍ଡା, ବିଏସ୍ଆଇ ବୈଜ୍ଞାନିକ ଡା. ଅଧିରଞ୍ଜନ ସାହୁ, ସିସିଆର୍ଏମ୍ ବୈଜ୍ଞାନିକ ଡା. ସଞ୍ଜୀବ କୁମାର ଲାଲେ, ବୈଜ୍ଞାନିକ ଡା. ରମେଶ ଭୁତିଆ, ଜୀବ ବିଜ୍ଞାନୀ ପାରେଶ୍ୱର ସାହୁ ପ୍ରମୁଖ ଶିବିରାର୍ଥୀମାନଙ୍କୁ ବୃକ୍ଷଲତା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହାସହ ଗନ୍ଧମାର୍ଦ୍ଦନ ପର୍ବତ ଓ ମହାବିଦ୍ୟାଳୟ ଉଦ୍ୟାନରେ ପ୍ରତ୍ୟକ୍ଷ ଭାବେ ଔଷଧୀୟ ବୃକ୍ଷଲତା ଚିହ୍ନଟ କରାଇଥିଲେ। ଲୁମ୍ବିନୀ ଉଦ୍ୟାନ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଶିବିରାର୍ଥୀ ଯୋଗ ଦେଇଥିଲେ। ଆୟୁର୍ବେଦ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଲୁମ୍ବିନୀ ଭେଷଜ ଉଦ୍ୟାନକୁ ଜାତୀୟ ମାନ୍ୟତା ମିଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟଳୟର ସମ୍ପାଦକ ମନୋଜ ତ୍ରିବେଦୀ, ଅଧକ୍ଷ ଡା. କ୍ଷୀରାବ୍ଧି ତନୟା ରାଉତରାୟ, ଡା. ଶିବ ପ୍ରସାଦ ମହାନ୍ତି, ଡା. ଯୋଗାଂଶୁ ବର୍ମା ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଆୟୁର୍ବେଦ ଶିକ୍ଷକ ଓ ଗବେଷକ।

# ବ୍ଲୁ ଡାଇମଣ୍ଡ ବରଗଡ଼ ଫାଇନାଲରେ

**ଅମରପାଲି, ୭।୧(ଡି.ଏନ.ଏ.)**



ବରଗଡର ଦେବେନ୍ଦ୍ର କୁଅଁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁର ଗ୍ରାମରେ ଚାଲିଥିବା ୧୬ତମ ମା'ମାହେଶ୍ୱରୀ କ୍ରିକେଟ କପର ଶନିବାର ଥିଲା ପୁଲ-ବି ସେମିଫାଇନାଲ ମ୍ୟାଚ। ମ୍ୟାଚ ବୌଦ୍ଧ ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ହୋଇଥିଲା। ଦୁଇଟି ଫର୍ମାଟରେ ହୋଇଥିବା ଖେଳରୁ ପ୍ରଥମ ମ୍ୟାଚରେ ବରଗଡ ପ୍ରଥମେ ବ୍ୟାଟିଂ କରି ୧୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ରନ କରିଥିଲା। ଦଳର ରୂପକ ପ୍ରଧାନ ୧୮ ବଲରୁ ୪୬ରନ, ସୁମିତ ରାୟ ୨୭ବଲରୁ ୪୦ରନ କରିଥିଲେ। ବୌଦ୍ଧର ରବି ନାରାୟଣ ମାରାଣ୍ଡି ୪, ମନୋଜ କୁମାର ନାୟକ ୩ ଓ ରାହୁଲ ୨ଟି ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ଦଳ ୧୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୭୮ରନ କରିଥିଲା। ଦଳର ବିଭୂତି ମଲ୍ଲିକ ୧୩ ବଲରୁ ୨୭ ଓ ଋଷି ମେହେର ୧୬ ରନ କରିଥିଲେ। ବରଗଡର ମିତ୍ର ପ୍ରଧାନ ୪ଟି, କୁନାଲ ପଣ୍ଡା, ସୁମିତ ରାୟ ଓ ଅମିତ ରାଉତ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ବୌଦ୍ଧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬ ଉଇକେଟ ହରାଇ ୧୩୬ରନ କରିଥିଲା। ଦଳର ଋଷି ମେହେର ୨୩ ବଲରୁ ୫୩ରନ, ଦେବାଶିଷ ବାଘ ୨୦ବଲରୁ ୩୧ରନ, ବିଭୂତି ମଲ୍ଲିକ ୭ଟି ବଲରୁ ୨୦ ରନ ଓ ହେମନ୍ତ ଚମ୍ପତି ୧୯ରନ କରିଥିଲେ। ବରଗଡର ବାଦଲ ନିସାଦ ୨ଟି ଏବଂ ଅମିତ ରାଉତ, ସୁମିତ ରାୟ ଓ ମିତ୍ର ପ୍ରଧାନ ପ୍ରଧାନ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବ୍ଲୁ ଡାଇମଣ୍ଡ ବରଗଡ ୯.୩ ଓଭରରେ ୧୪୨ରନ କରିଥିଲା। ଦଳର ଦେବେନ୍ଦ୍ର କୁଅଁର ୩୩ବଲରୁ ୮୯ରନ ଓ କୁନାଲ ପଣ୍ଡା ୮ବଲରୁ ୨୪ରନ କରିଥିଲେ। ବୌଦ୍ଧର ରାହୁଲ ୨ଟି, ରଜନିଶ କୁମାର ଯାଦବ, ଦେବାଶିଷ ବାଘ, ମନୋଜ ନାୟକ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଫଳରେ ଉଭୟ ଫର୍ମାଟରେ ବ୍ଲୁ ଡାଇମଣ୍ଡ ବରଗଡ ବିଜୟୀ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନାଥ ଜଗଦଲା, ଶରତ ମିଶ୍ର, ଚିତ୍ତରଞ୍ଜନ ପାଢୀ, ଆଇନଜୀବୀ ସତ୍ୟ ମିଶ୍ର ଓ ବେଣୁଧର ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବରଗଡର ଦେବେନ୍ଦ୍ର କୁଅଁରଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ମ୍ୟଚକୁ ଓସିଏ ମାନ୍ୟାପ୍ରାପ୍ତ ଅମ୍ପେୟାର ଚୂଡାମଣି ପାଢୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ପଧାନ ସ୍କୋରର, ପରିକ୍ଷିତ କର୍ଣ୍ଣ ଅନଲାଇନ ସ୍କୋରିଂ ଏବଂ ଏସ.ବି.ସିମରନ, ବି.ଏସ.ରାଓ, ସଚିନ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଦିନ ବ୍ଲୁ ଡାଇମଣ୍ଡ ବରଗଡ ଓ ଜେସିସି ସମ୍ବଲପୁର ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୁତ୍ରରୁ ପ୍ରକାଶ।

- ୧୬ତମ ମା'ମାହେଶ୍ୱରୀ କ୍ରିକେଟ କପ
- ଦେବେନ୍ଦ୍ର କୁଅଁର ମ୍ୟାନ ଅଫ ଦି ମ୍ୟାଚ

## ଆଜି କ'ଣ କେଉଁଠି

ସମ୍ବଲପୁର
- ଶ୍ରୀଲକ୍ଷ୍ମୀନାରାୟଣ ପଞ୍ଚକୁଣ୍ଡୀୟ ମହାଯଜ୍ଞ, ବରେଇପାଲି ଷ୍ଟିଲ ଆଣ୍ଡ ଷ୍ଟିଲ, ଅପରାହ୍ନ ୩ଟା ।
- ସପ୍ତମ ହୀରାକୁଦ ମହୋତ୍ସବ, ସୁଭାଷ ମଇଦାନ, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ୧୩ରୁ ଶ୍ରୀମଦ୍ ଭାଗବତ କଥାସପ୍ତାହ ଭକ୍ତିଜ୍ଞାନ ଯଜ୍ଞ

**ସମ୍ବଲପୁର,୭।୧(ବ୍ୟୁରୋ):** ଚଳିତମାସ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମହାନ୍ତିପଡାସ୍ଥିତ ଦଧିବାମନ କଲ୍ୟାଣ ମଣ୍ଡପଠାରେ ଶ୍ରୀମଦ୍ ଭାଗବତ କଥା ସପ୍ତାହ ଭକ୍ତିଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ। ଏଥିରେ ବୃନ୍ଦାବନ ନିବାସୀ ବାବା ହରେକୃଷ୍ଣ ଦାସ ପ୍ରତ୍ୟହ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ପ୍ରବଚନ ହେବ। ଏଥିସକାଶେ ପୂର୍ବତନ ଏମ୍‌ପି ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖବରଦାତା ହେମନ୍ତ କୁମାର ମହାପାତ୍ର, ଇଂ. ଶ୍ରୀକାନ୍ତ ପାଣିଗ୍ରାହୀ, ଭୋଲାନାଥ ଟିବ୍ରେୱାଲ, ଇଂ. ପଦ୍ମନାଭ ଗୌଡ଼, ବାବାଜୀ ପଟ୍ଟନାୟକ, ପାର୍ଥସାରଥି ଦାନି, ରାଜେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବର୍ଷୀୟାନ କଳାକାରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବ୍ରଜରାଜନଗର,୭।୧(ଡି.ଏନ.ଏ.):** ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳର ବର୍ଷୀୟାନ କଳାକାର ତଥା ଜିଲାର ବେତାର କଣ୍ଠଶିଳ୍ପୀ ପୁରୁଷୋତ୍ତମ ଠାକୁରଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଲମଟିବାହାଲସ୍ଥିତ ଜ୍ୟୋତି କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରରୁ କଳାକାରମାନେ ଆସି ତାଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅଶୋକ ପ୍ରଧାନ, ଗଣେଶ ରାମ ନାୟକ, ସୁନିଲ ତ୍ରିପାଠୀ, ଭୀମସେନ ନାଏକ, ସନ୍ତୋଷ ଜେନା, ସନାତନ ବେହେରାଙ୍କ ସମେତ ଶତାଧିକ କଳାକାର ଉପସ୍ଥିତ ରହି ତାଙ୍କ କଳାକାର ଜୀବନୀ ଉପରେ ଆଲୋକପାତ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଝସକେତନ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୭।୧(ବ୍ୟୁରୋ):** ସମ୍ବଲପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଅଜୟନ୍ଦର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ଏସ୍‌ଏମ୍‌ସି କମିଶନର ପ୍ରଦୀପ ସାହୁ, ଅତିରିକ୍ତ ଏସ୍‌ପି ତପନ ମହାନ୍ତି, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ଜାନୁୟାରୀ ୨୬ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୁନ ପରିକ୍ରମା, ପୌରାଞ୍ଚଳରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍କୁଲ ପିଲାଙ୍କ ଦ୍ୱାରା ପ୍ରଭାତଫେରି, ସକାଳ ୮.୩୦ ମିନିଟ ସମୟରେ ନେଲସନ ମଣ୍ଡେଲା ଛକସ୍ଥିତ ରାଜ ରାସ୍ତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅତିରିକ୍ତ ଜିଲାପାଳ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ଉପାନ୍ତ ଅଞ୍ଚଳରେ ଭିତ୍ତିଭୂମି ଅଭାବ**

# ୫ଜି ସେବା ମିଳିବା ନେଇ ସନ୍ଦେହ

**ସମ୍ବଲପୁର,୭।୧(ବ୍ୟୁରୋ)**

ରାଜ୍ୟରେ ଗୁରୁବାରଠାରୁ ୫ଜି ସେବା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହା କଟକ ଓ ଭୁବନେଶ୍ୱରରେ ଆରମ୍ଭ ହୋଇଥିବାବେଳେ ଫେବୃୟାରୀ ଶେଷ ସୁଦ୍ଧା ପୁରୀ, ସମ୍ବଲପୁର, ବ୍ରହ୍ମପୁର ଭଳି ସହରରେ ଏହି ସେବା ଉପଲବ୍ଧ ହେବ ବୋଲି ବିଭାଗୀୟ ସୂଚନା ଦିଆଯାଇଛି। ହେଲେ ଅନେକ ସ୍ଥାନରେ ଆବଶ୍ୟକ ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଏହି ସେବାର କାର୍ଯ୍ୟକାରିତା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ସମ୍ବଲପୁର ଜିଲାର ଉପାନ୍ତ ଅଞ୍ଚଳରେ ମଧ୍ୟ ସେବା ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଜିଲାର ଯୁଯୁମୁରା ବ୍ଲକ ମେଘପାଳ ପଞ୍ଚାୟତର ଟାମ୍ପରସିଂହା ଏକ ଆଦିବାସୀ ବହୁଳ ତଥା ମାଓବାଦୀ ପ୍ରବଣ ଅଞ୍ଚଳ। ନିର୍ଦ୍ଦିଷ୍ଟ କେତେକ ସ୍ଥାନକୁ ଛାଡିଦେଲେ ଏହି ଅଞ୍ଚଳରେ ନେଟ୍‌ୱର୍କ ରହି ନ ଥାଏ। ଫଳରେ ଲୋକେ ଫୋନ କଲ୍ କରିବାକୁ ୨ କି.ମି. ଦୂରକୁ ଯାଇଥାନ୍ତି। ନାକଟିଦେଉଳ ବ୍ଲକର ପାଣିମରା ପଞ୍ଚାୟତରେ ଦୀର୍ଘଦିନ ହେଲା ମୋବାଇଲ୍ ଟାୱାର ବସାଇବାକୁ ଦାବି ହେଉଥିଲେ ମଧ୍ୟ ତାହା ହୋଇପାରି ନାହିଁ। ରେଢ଼ାଖୋଲ-ନାକଟିଦେଉଳ ରାସ୍ତାରେ ଯିବା ବେଳେ ଡଇଁଚା ପଞ୍ଚାୟତର ଆଖାପାଖ ଅଞ୍ଚଳରେ କଲ୍ କରିବାକୁ ଲୋକଙ୍କୁ ସଂଘର୍ଷ କରିବାକୁ ପଡୁଛି। ସେହିପରି ଜମନକିରା ବ୍ଲକର ବଡ଼ରମା ଅଞ୍ଚଳରେ ବନ୍ୟପ୍ରାଣୀ ବିଭାଗର କାର୍ଯ୍ୟାଳୟ ରହିଛି। ହେଲେ ଏଠାରେ କୌଣସି କାମ କରିବାକୁ ହେଲେ ଲାପ୍‌ଟପ୍ ଓ ଡଙ୍ଗଲ୍ ନେଇ ଜମନକିରା ପଟକୁ ୩ କି.ମି. ଯିବାକୁ ପଡ଼େ ବୋଲି ଜଣେ ବନ କର୍ମଚାରୀ କହିଛନ୍ତି। ଏହାସହ ଏଠାରେ କୌଣସି କମ୍ପାନୀର ନେଟ୍‌ୱର୍କ ଠିକ୍ ଭାବେ ଆସେ ନାହିଁ ବୋଲି ସେ କହିଛନ୍ତି। ସମ୍ବଲପୁର ସହରଠାରୁ ପ୍ରାୟ ୪୦ରୁ ୫୦କି.ମି. ଦୂରରେ ଥିବା ଗ୍ରାମରେ ଠିକ୍ ଭାବେ ନେଟ୍‌ୱର୍କ ଆସୁ ନାହିଁ। ଜିଲାର ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି ବାମରା ବ୍ଲକବାସୀ। ବ୍ଲକର ଅନେକ ସ୍ଥାନରେ ନେଟ୍‌ୱର୍କ ଆସୁନି। ଜରୁରୀ କଲ୍ କରିବାକୁ ହେଲେ ଏପଟେସେପଟେ ଯିବାକୁ ପଡୁଛି। ବିଭିନ୍ନ କ୍ଷେତ୍ରରେ ବର୍ତ୍ତମାନ ନେଟ୍‌ୱର୍କ ଜରିଆରେ ସୂଚନା ଆଦାନପ୍ରଦାନ ହୋଇପାରୁଛି। ହେଲେ ନେଟ୍‌ୱର୍କ ସମସ୍ୟା ପାଇଁ ଲୋକେ ଏଭଳି ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିଶେଷ କରି ଅନ୍‌ଲାଇନ୍ ପାଠପଢ଼ା ସମୟରେ ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛିମାସ ପୂର୍ବରୁ ନାକଟିଦେଉଳ ବ୍ଲକରେ ଛାତ୍ରୀଛାତ୍ର ପାଣି ଟାଙ୍କି ଓ ଗଛ ଉପରକୁ ଯାଇ ମୋବାଇଲରେ ପାଠ ପଢୁଥିବା ଚିତ୍ର ସାମନାକୁ ଆସିଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଥିଲା। ଜିଲାର ଉପାନ୍ତ ଅଞ୍ଚଳର ଶତାଧିକ ଗ୍ରାମରେ ଏଭଳି ସମସ୍ୟା ହେଉଥିବା ନେଇ ଜିଲା ପ୍ରଶାସନ ପାଖରେ ଅଭିଯୋଗ ହୋଇଥିବା ନଜିର ରହିଛି। ଅଭିଯୋଗ ପରେ ମଧ୍ୟ ଟାୱାର ସ୍ଥାପନ ହୋଇପାରୁ ନାହିଁ। ମୋବାଇଲ୍, ଇଣ୍ଟରନେଟ୍ ଯୁଗରେ ହାଇସ୍ପିଡ୍ ଡାଟା ପାଇଁ ପ୍ରତିଯୋଗିତା ଚାଲିଛି। ହେଲେ ସମ୍ବଲପୁର ଜିଲାବାସୀ ଆଜି ପର୍ଯ୍ୟନ୍ତ ୨ଜି ସେବା ପାଇ ନ ଥିବାବେଳେ ୫ଜି କିଭଳି ପାଇବେ ତାକୁ ନେଇ ସନ୍ଦିହାନ ଅଛନ୍ତି।


ମେଘପାଳଠାରେ ଥିବା ଅଚଳ ଟାୱାର ।

**ଏମାନେ କୁହନ୍ତି...**


"ବିଏସ୍‌ଏନ୍‌ଏଲ୍ ଟାୱାର ଥିଲେ ବି ତାହା ଅଚଳ ପଡିଛି। ନେଟ୍‌ୱର୍କ ଆସୁ ନ ଥିବାବେଳେ ୫ଜି ଆରମ୍ଭ ହେଲା। ବିଏସ୍‌ଏନ୍‌ଏଲ୍‌ରେ ମଧ୍ୟ ଉକ୍ତ ସେବା ଲାଗୁ ହେଲା ନାହିଁ । ତେଣୁ ଏହି ସେବା କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି ହେଉଛି।

**-ମାନଧାତା ଲୁହା, ମେଘପାଲ**


"ଦୁଇଟି ଘରୋଇ କମ୍ପାନୀର ନେଟ୍‌ୱାର୍କ ରହିଛି, ହେଲେ ଠିକ୍ ଭାବେ ଆସୁ ନାହିଁ। ପିଲାମାନେ ପାହାଡକୁ ଚଢି ପାଠ ପଢୁଛନ୍ତି। ସରକାରୀ କାମ ପାଇଁ ଗ୍ରାମରୁ ପ୍ରାୟ ୫ କି.ମି. ଯିବାକୁ ପଡୁଛି। ପ୍ରଥମେ କିଭଳି ନେଟ୍‌ୱର୍କ ପହଞ୍ଚିବ ତାକୁ ପ୍ରାଧାନ୍ୟ ଦେବା ଉଚିତ।

**-ସୁଦୀପ୍ତ ପଟେଲ, ବାମରା ବ୍ଲକ**


"ନାକଟିଦେଉଳ ବ୍ଲକର ଜାମଯୋରୀ, ପାଣିମୁରା, ଗୋଗୁଆ, ସାଲେଭଟା, ଗିରିଶ୍ଚନ୍ଦ୍ରପୁର ଆଦି ପଞ୍ଚାୟତରେ ନେଟ୍‌ୱର୍କ ନ ଆସିବାରୁ ସରକାରୀ କାମଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ସମସ୍ୟା ହେଉଛି। ସରକାର ନେଉଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ହେଲେ ଏହାର ବାସ୍ତବତା ପ୍ରତି ଧ୍ୟାନ ଦେବା ଦରକାର।

**-ବାସୁଦେବ ସ୍ୱାଇଁ, ନାକଟିଦେଉଳ ବ୍ଲକ**


"ବିଏସ୍‌ଏନ୍‌ଏଲ୍ ଟାୱାର ଅଧିକାଂଶ ସ୍ଥାନରେ ରହିଛି। ତେଣୁ ଅତ୍ୟାଧୁନିକ ୫ଜି ସେବା ଏହି ନେଟ୍‌ୱର୍କରେ ଦେବା କଥା। ପିଲାଙ୍କ ପାଠ ପଢାରେ ବିଶେଷ ସମସ୍ୟା ହେଉଛି। ସରକାରୀ କାମ କରିବାକୁ ହେଲେ ୫କି.ମି. ଦୂରକୁ ଯିବାକୁ ପଡୁଛି । ଅନେକ ଗ୍ରାମରେ କୌଣସି ନେଟ୍‌ୱାର୍କ ଏପର୍ଯ୍ୟନ୍ତ ପହଞ୍ଚିପାରି ନାହିଁ।

**– ମିତା ମାଝି, ସମିତିସଭ୍ୟା, ଜମନକିରା ବ୍ଲକ**

### ଯୁବ ନେତୃତ୍ୱ, ଗୋଷ୍ଠୀ ବିକାଶ ତାଲିମ ଶିବିର ଉଦ୍‌ଘାଟିତ

**ଦେବଗଡ଼, ୭।୧ (ଡି.ଏନ.ଏ.)**

ଦେବଗଡ଼ ନେହେରୁ ଯୁବକେନ୍ଦ୍ର ଓ ନେତାଜୀ କ୍ଲବର ମିଳିତ ସହଯୋଗରେ ସୁଗୁଡା ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ପ୍ରଦୀପ କୁମାର ବିଶାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଦେବଗଡ଼ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବତୀଯୁବକମାନେ ନେତୃତ୍ୱ ନେଇ ସମାଜର ବିକାଶ ନିମନ୍ତେ ଆଗକୁ ଆସିବାକୁ ଆହ୍ୱାନ କରିଥିଲେ। ଜନବିକାଶ ସଂସ୍ଥାନର ନିର୍ଦ୍ଦେଶକ ଦୀପକ କୁମାର ସାମନ୍ତରାୟ, ସରପଞ୍ଚ କୁନୁ ବେହେରା, ସାମାଜିକ କର୍ମୀ କୁମୁଦ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବାରେ ଯୁବତୀଯୁବକଙ୍କ ଉତ୍ସର୍ଗୀକୃତ ମନୋଭାବ ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ଶିବିରରେ ୨୫ଟି ଯୁବ ସଙ୍ଗଠନର ୪୦ ଜଣ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ତିନି ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ପରିଚାଳନାରେ ସ୍ୱେଚ୍ଛାସେବୀ ରଞ୍ଜିତ ପ୍ରଧାନ, ଅର୍ଚ୍ଚନା ଦଲେଇ, ସୁନିତା ପାତ୍ର, କୁମୁଦିନୀ ସାହୁ, ନର୍ମଦା ପ୍ରଧାନ, ସୁଚରିତା ସାହୁ, ଲଳିତ ପ୍ରମୁଖ ସହଯାଗ କରିଥିଲେ।

## ସ୍କୁଲକୁ ପିଲା ପଠାଉନାହାନ୍ତି ଅଭିଭାବକ

**ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ**

**ନାକଟିଦେଉଳ,୭।୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ ଲୋଇସିଂହସ୍ଥିତ ଧଳପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବମାନେ ନିଜ ପିଲାମାନଙ୍କୁ ପାଠ ପଢିବା ପାଇଁ ସ୍କୁଲ ଛାଡୁନାହାନ୍ତି। ୪ଦିନ ହେଲା ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସୁ ନ ଥିବାରୁ ପାଠପଢା ବନ୍ଦ ରହିଛି । କେବଳ ଶିକ୍ଷକମାନେ ସକାଳ ୧୦ଟାରେ ସ୍କୁଲ ଆସି ପୁଣି ଅପରାହ୍ନ ୪ଟାରେ ଘରକୁ ଫେରୁଥିବା ଦେଖାଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଧଳପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୦୮ ଛାତ୍ରୀଛାତ୍ରୀ ପାଠ ପଢୁଥିବା ବେଳେ ପ୍ରଧାନଶିକ୍ଷକଙ୍କ ସମେତ ମାତ୍ର ୪ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ଯଦି କୌଣସି ଦିନ ପ୍ରଧାନଶିକ୍ଷକ କିମ୍ବା ଅନ୍ୟକେହି ଶିକ୍ଷକ ସରକାରୀ କାର୍ଯ୍ୟରେ ବାହାରକୁ ଗଲେ ସେହିଦିନ ପାଠପଢା ବ୍ୟାହତ ହେଉଛି। ପୂର୍ବରୁ ଏଠାରେ ୭ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ବିଦ୍ୟାଳୟରେ ଶ୍ରେଣୀ କୋଠରୀ ଓ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷକ ଯୋଗାଇଦେବାକୁ ପରିଚାଳନା କମିଟୀ ପକ୍ଷରୁ ଗତ ୨୭।୯।୨୧ରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗତ ୩ତାରିଖରେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲାମାରି ଆନ୍ଦୋଳନ କରିଥିଲେ। ପରେ ଫାଟକରୁ ତାଲା ଖୋଲିଥିଲେ ମଧ୍ୟ ୪ତାରିଖଠାରୁ ନିଜ ପିଲାଙ୍କୁ ବିଦ୍ୟାଳୟ ଛାଡୁନାହାନ୍ତି। ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅଭିଭାବକମାନେ ପିଲାଙ୍କୁ ଛାଡ଼ିବେ ନାହିଁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ସାମଲ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଶିକ୍ଷକ ଅଭାବ ଯୋଗୁ ବ୍ଲକର ଅଧିକାଂଶ ସ୍କୁଲରେ ଆବଶ୍ୟକତାଠାରୁ କମ୍ ଶିକ୍ଷକ ଅଛନ୍ତି । ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନିଆଯିବ।



ଧଳପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ।

### ଜିଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ନିନ୍ଦା

**ଗଣମାଧମ ପ୍ରତିନିଧିଙ୍କୁ ପୋଲିସର ଆକ୍ରମଣ ଘଟଣା**

**ସମ୍ବଲପୁର,୭।୧(ବ୍ୟୁରୋ)**

ବରଗଡ଼ ଧନୁଯାତ୍ରାର ଅନ୍ତିମ ଦିନରେ କାର୍ଯ୍ୟରତ ଦୈନିକ ଖବରକାଗଜ ସକାଳର ପ୍ରତିନିଧି ବଦ୍ରି ପ୍ରସାଦ ସାହୁଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛ। ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଜରୁରୀ ବୈଠକରେ ସମସ୍ତ ଗଣମାଧମ ପ୍ରତିନିଧି ଉପସ୍ଥିତ ରହି ନିନ୍ଦା ପ୍ରସ୍ତାବ ଆଣିଥିଲେ। ସଭାରେ ବରିଷ୍ଠ ଖବରଦାତା ଶିବ ଶଙ୍କର ନନ୍ଦ, ଦାମୋଦର କର, ଶଙ୍କର ବେହେରା, ବିମଳକୃଷ୍ଣ ଥମ୍ବ, ପ୍ରମୋଦ ବହିଦାର, ନରେଶଚନ୍ଦ୍ର ସେଠ୍, ଦେବେନ ପଟେଲ ପ୍ରମୁଖ ଯୋଗଦେଇ ଗଣମାଧମ ପ୍ରତି ପୋଲିସର ଅମାନୁଷିକ ବ୍ୟବହାର ଗ୍ରହଣୀୟ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା। ଏ ସମ୍ପର୍କରେ ସାମ୍ବାଦିକ ସଂଘ ପକ୍ଷରୁ ଆର୍‌ଡିସିଙ୍କୁ ଲିଖିତ ଭାବେ ଅବଗତ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ମହାନ୍ତି, ରତ୍ନାକର ଭୋଇ, ଶ୍ରବଣ କୁମାର ପତି, ନିମାଇଁ ଚରଣ ସାହୁ, ପ୍ରୀତି ସୁନା, ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାସ କୁମାର ପାଣିଗ୍ରାହୀ, ସମ୍ବଲପୁର ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ, ଶିବ ମେହେର ପ୍ରମୁଖ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

### କୁଚିଣ୍ଡା ଡାକ୍ତରଖାନାରେ ଔଷଧୀୟ ଚାରା ରୋପଣ

**କୁଚିଣ୍ଡା,୭।୧(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନା ପକ୍ଷରୁ ଶନିବାର ଅବ୍ୟବହୃତ ସ୍ଥାନରେ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା ଓ ତା'ର ବିନିଯୋଗ ପାଇଁ ଏହି ପଦକ୍ଷେପ ନିଆଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି। ଏହି ଅବସରରେ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ଼ା. ସୁବୋଧ ନାୟକଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଚିଣ୍ଡା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ବେଲମତୀ କୁମୁରା ଓ ଯୁବ ରେଡ୍‌କ୍ରସ ଅଧିକାରୀ ଭିକାରୀ ଓରାମ ଅତିଥି ଭାବେ ଯୋଗଦେଇ ଔଷଧୀୟ ବୃକ୍ଷର ଉପକାରିତା ଉପରେ ଆଲୋଚନା କରିଥଲେ। ଡାକ୍ତରଖାନା ପରିଚାଳକ ଦୀପକ ନନ୍ଦ ସଭା ପରିଚାଳନା କରିଥିଲେ। କୁଚିଣ୍ଡା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଗୋଟିଏ ଲେଖାଏ ଔଷଧୀୟ ଚାରା ରୋପଣ କରିଥିଲେ। ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନ ପଟେଲ, ସିଲୁ ସୁନାନୀ, ସୁଜୟ ମାକର, ଶ୍ରାବଣୀ ଡନସନା, ଲିପ୍ସା କୁମୁରା, ଲୋକେଶ ସାହୁ, ପ୍ରକାଶ ମହାନନ୍ଦ, ଡାକ୍ତରଖାନା କର୍ମଚାରୀ ପ୍ରମୋଦ ବେହେରା, ଶରତ ଦେହୁରି ସହଯୋଗ କରିଥିଲେ।



ମେଡିକାଲ ପରିସରରେ ଚାରା ରୋପଣ କରାଯାଉଛି ।

## ଧାନକିଣା କମିଶନ ଦାବିରେ ଚାଲିଥିବା ଧାରଣା ପ୍ରତ୍ୟାହୃତ

**କୁଚିଣ୍ଡା,୭।୧(ଡି.ଏନ.ଏ.)**

୨୦୨୦-୨୧ ଖରିଫ ଧାନ କିଣାରେ ନିୟୋଜିତ କୁଚିଣ୍ଡା ଓ ବାମରା ବ୍ଲକର ୮ଗୋଟି ମହିଳା ଏସ୍‌ଏଚ୍‌ଜିଙ୍କ କମିଶନ ବାବଦକୁ ସରକାର ମୋଟ ୫୫ଲକ୍ଷ ୨୨ହଜାର ୯୫୮ଟଙ୍କା ପ୍ରଦାନ କରି ନ ଥିବା ଅଭିଯୋଗରେ ଆମ୍ ଆଦ୍‌ମୀ ପାର୍ଟି ନେତୃତ୍ୱରେ କୁଚିଣ୍ଡା ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଲିଥିବା ଗଣଧାରଣା ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନକାରୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ଯୋଗାଣ ବିଭାଗର ଜେନେରାଲ ମ୍ୟାନେଜର ମହେନ୍ଦ୍ର ପଣ୍ଡାଙ୍କୁ ସାକ୍ଷାତ କରି କମିଶନ ପାଉଣା ଦାବି କରିଥିଲେ। ୫ଦିନ ମଧ୍ୟରେ କମିଶନ ଅର୍ଥ ରିଲିଜ କରିବାକୁ ମ୍ୟାନେଜର ପଣ୍ଡା ପ୍ରତିଶ୍ରୁତି ଦେବାରୁ ୧୭ଦିନ ଧରି ଚାଲିଥିବା ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି । ସପ୍ତାହେ ମଧ୍ୟରେ ପ୍ରତିଶ୍ରୁତି ଅନୁଯାୟୀ କମିଶନ ରାଶି ନ ମିଳିଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରିବାକୁ ଏଏପି ନେତା ଓ ଏସ୍‌ଏଚ୍‌ଜି ସଭ୍ୟାମାନେ କହିଛନ୍ତି। ଏଏପି କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ସଭାପତି ବିନୟ ପ୍ରକାଶ ତିର୍କୀ, କୁଚିଣ୍ଡା ବ୍ଲକ ସଭାପତି ଇରାନ ନାଏକ, ରାଜକିଶୋର ଦେବତା, ଲିଙ୍କନ କିଣ୍ଡୋ, ସନ୍ଧ୍ୟା କୁମାରୀ ମନ୍ଦାରଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ବାମରା ବ୍ଲକ କୁଟାରିମାଲର ଶକ୍ତି, ଜରାବଗାର ଦିବ୍ୟ ଭାରତୀ, କେନ୍ଦୁପାଣିର ବିଶ୍ୱା, ବେଲମୁଣ୍ଡାର ତାରିଣୀ ଓ କୁଚିଣ୍ଡା ବ୍ଲକ କୁନ୍ତରାର ମା' ମଙ୍ଗଳା, ଟାଙ୍ଗସରର ମା' ମହାଲକ୍ଷ୍ମୀ, ରାଉତବାହାଲର ପୂଜା, ରେଙ୍ଗାଲିର ଶୋଭା ଏସ୍‌ଏଚ୍‌ଜି କର୍ମକର୍ତ୍ତା ସାମିଲ ହୋଇଥିଲେ।

### ମୁରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ଶିବିର

**କୁଚିଣ୍ଡା,୭।୧(ଡି.ଏନ.ଏ.)**

ବାମରା ବ୍ଲକ ଲରିଆପାଲି ପଞ୍ଚାୟତ ମୁରାମ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରଠାରେ ସିଡବ୍ଲ୍ୟୁଏସ୍ ଆନୁକୂଲ୍ୟରେ ପୋଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଲରିଆପାଲି ପଞ୍ଚାୟତ ସିଏଚ୍‌ଓ ପ୍ରିୟତମା ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିର ଆସନ୍ତା ୨୧ ତାରିଖରେ ଉଦ୍‌ଯାପିତ ହେବ। ଅନ୍ୟ ମାନଙ୍କ ମଧ୍ୟରେ ଅଶାକର୍ମୀ ସୁନେଲି ପଟେଲ, ଅଙ୍ଗନୱାଡି କର୍ମୀ ପୂର୍ଣ୍ଣିମା କିଣ୍ଡୋ ଓ ତାସିଆ ଲାକ୍ରା, ମାଟିଲଦା ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ। ଏଥିରେ ମୋଟ ୨୪ଜଣ ଗର୍ଭବତୀ ମହିଳା ଓ ପ୍ରସୂତି ଯୋଗଦାନ କରିଥିଲେ। ସିଡବ୍ଲ୍ୟୁଏସ୍‌ର ଅକ୍ଷୟ କୁମାର ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବିନିତା ଖଡ଼ିଆ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ପ୍ରୟାସ

**କୋଲାବିରା,୭।୧(ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ଥିବା ପ୍ରତିଭା ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ କୋଲାବିରା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟଠାରେ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଛାତ୍ରୀଛାତ୍ର ଭାଗନେଇ ରଙ୍ଗୋଲି, ପ୍ରବନ୍ଧ, ଜଣାଅଜଣା, ବକ୍ତୃତା, କୁଇଜ, କୌତୁକ ପୋଷାକ ଆଦିରେ ପାରଦର୍ଶିତା ଦେଖାଇଥିଲେ। ବିଶେଷ କରି ରଙ୍ଗୋଲି ପ୍ରତିଯୋଗିତା ଶ୍ରେଷ୍ଠ ବିବେଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଓଡିଆ ଅଧ୍ୟାପିକା ସନ୍ଧ୍ୟାରାଣୀ ପୂଜାରୀ, ଶିକ୍ଷା ବିଭାଗର ମୁଖ୍ୟ ଡ. ନରେଶ କୁମାର ସାହୁ, ଅଧ୍ୟାପିକା ସରିତା ବେହେରା, ସସ୍ମିତା ବେହେରା, ଅଧ୍ୟାପକ ରୋହିତ ଖରସେଲ ପ୍ରମୁଖ ପରିଚାଳନା କରିଥିଲେ। ସ୍ୱରୁପ କିଶାନ, ମହାମାୟା ପଟେଲ, ଅଲିଶା ମରାଇ, ସୁମନ ସିଦାର, ନିରୁପମା ମହାନନ୍ଦିଆ, ରଶ୍ମିତା ବେହେରା ପ୍ରମୁଖ ଉତ୍କୃଷ୍ଟତା ହାସଲ କରିଥିଲେ। ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜନ୍ମାଇବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଅଧ୍ୟକ୍ଷ ସୁଶିଲ କୁମାର ନାଏକ ପ୍ରକାଶ କରିଛନ୍ତି।


କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ଅତିଷ୍ଠ କରୁଛି ସିମେଣ୍ଟ କାରଖାନା ପ୍ରଦୂଷଣ

**ଝାରସୁଗୁଡ଼ା ଅଫିସ,୭।୧**

- ରାଜ୍ୟ ପ୍ରଦୂଷଣ ବୋର୍ଡ ନିକଟରେ ଅଭିଯୋଗ
- ପ୍ରତିକାର ନ ହେଲେ ଆନ୍ଦୋଳନ ଚେତାବନୀ

ଝାରସୁଗୁଡା ଜିଲା କିର୍ମିରା ବ୍ଲକ୍ ଧୁତୁରା ଅଞ୍ଚଳରେ ଗଢିଉଠିଥିବା ଅଲଟ୍ରାଟେକ୍ ସିମେଣ୍ଟ କାରଖାନା ଯୋଗୁ ପ୍ରଦୂଷଣ ବଢିଚାଲିଛି। ଏଥିରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ଗତ ୬ତାରିଖରେ ଲିଖିତ ଅଭିଯୋଗ କରି ପଦକ୍ଷେପ ଗ୍ରହଣପାଇଁ ଦାବି କରିଛନ୍ତି। ଏହାର ଏକକିତା ନକଲ ଜିଲାପାଳ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଧୁତୁରା ନିକଟରେ କମ୍ପାନୀର ସିମେଣ୍ଟ କାରଖାନା ରହିଛି। ଏଥିରୁ ଧୂଳିଧୂଆଁ ନିର୍ଗତ ହେଉଥିବାରୁ ବନ୍ଧପାଲି ଓ ଅର୍ଡା ପଞ୍ଚାୟତର ସିଆଲରାମ, ନୂଆପଡା, ଭୂର୍ଷିମାଲ, ଚମ୍ପାପଡା, ମଝାପଡା, ସାରସପାଲି ଆଦି ଗ୍ରାମ ପ୍ରଭାବିତ ହେଉଛି। ଜଳବାୟୁ ପ୍ରଦୂଷିତ ହୋଇ ଚାଷଜମି, ଜଙ୍ଗଲ ସବୁଜିମା, ପନିପରିବା, ଧାନ ଫସଲ ଆଦି ପ୍ରଭାବିତ ହେବାରେ ଲାଗିଛି। ରାସ୍ତାଘାଟ, କୂଅ, ପୋଖରୀ ନଦୀନାଳ ଆଦି ମଧ୍ୟ ପ୍ରଦୂଷିତ ହେଉଛି। ପ୍ରଦୂଷିତ ଜଳକୁ ଲୋକେ ବ୍ୟବହାରକରି ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି। ଚାରଣଭୂଇଁ ପ୍ରଦୂଷିତ ହେବାଫଳରେ ଗୃହପାଳିତ ପ୍ରାଣୀମାନେ ଏହାକୁ ଖାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏ ଦିଗରେ କାରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ। ଜିଲା ପ୍ରଶାସନ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ଏହାର ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ହୋଇଥିବା ଅଭିଯୋଗ ପତ୍ରରେ ଅଞ୍ଚଳବାସୀଙ୍କ ମଧ୍ୟରେ ପଦ୍ମଲୋଚନ ବୁଢୁଲା, ଅସାଧୁ ମରେଇ, ପ୍ରମୋଦ ଧୁରୁଆ, ଭାଗରଥୀ ପ୍ରଧାନ, ସାରିଆ ଧୁରୁଆ, ଲୁକିନ୍ଦ୍ର ନାଗ ପ୍ରମୁଖଙ୍କ ଦସ୍ତଖତ ରହିଛି ।


କାରଖାନାରୁ ନିର୍ଗତ ହେଉଥିବା ଧୂଳିଧୂଆଁ ।

## ବିଶ୍ୱଶାନ୍ତି ଅଲେଖ ମହିମା ମହାଯଜ୍ଞ

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ବିନେକେଲାଠାରେ ବିଶ୍ୱଶାନ୍ତି ଅଲେଖ ମହିମା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନୀଳକଣ୍ଠ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ମହାଯଜ୍ଞ ପାଇଁ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଶନିବାର ସକାଳେ ମହାଯଜ୍ଞର ପୂର୍ଣ୍ଣାହୂତି ପଡିଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ସଂଯୁକ୍ତା ନାଏକ, ବିଜେଡି ବ୍ଲକ ସଭାପତି ପଦ୍ମଲୋଚନ ପୋଢ଼, ବିଜେଡି କର୍ମୀ ଗୟ ବଗର୍ତ୍ତା, ସମିତି ସଭ୍ୟା ନୋମିନି ଗିରୀଶ ଚନ୍ଦ୍ର ନାଗ, ବିନେକେଲା ସରପଞ୍ଚ ଯଜ୍ଞସେନୀ ସାହୁ, ଭାଜପା ନେତା ମୁକେଶ କୁମାର ଜୈନ, ନୀନ ଜୈନ, ସାମାଜିକ କର୍ମୀ ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଭୁକୃପା ଲାଭ କରିଥିଲେ।

## ସଂକ୍ଷେପରେ

### ବନ ବିଭାଗ ପକ୍ଷରୁ ସରିଲା ପକ୍ଷୀ ଗଣନା



ଲୋଇସିଂହା,୭।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳରେ ପକ୍ଷୀ ଗଣନା ଶେଷ ହୋଇଛି। ଲୋଇସିଂହା ବନ ବିଭାଗ ପକ୍ଷରୁ ନାରାୟଣ ସାଗର, ସାଲେଭଟା ନିକଟ ଗାଈଖାଇ ଜଳ ପ୍ରକଳ୍ପରେ ଗଣନା କରାଯାଇଥିଲା। ଏଠାକୁ ବିଭିନ୍ନ ପ୍ରଜାତିର ୩ ହଜାରରୁ ଅଧିକ ପକ୍ଷୀ ଆସିଥିବା ବିଭାଗ ଗଣନାରୁ ଜଣାଯାଇଛି। ଏଥିରେ କଟନଗୋସ୍ ପିଗ୍ମି, ଇଣ୍ଡିଆନ କରମୋରାଣ୍ଟ, ଗ୍ରେଟ୍ କରମୋରାଣ୍ଟ, ଲିଟିଲ କରମୋରାଣ୍ଟ, ରିୟାଲପିସ୍ ପ୍ରୟାକମ୍, ବ୍ଲାକ୍‌ନେକେଟ ଗ୍ରିପ ସମେତ ଦୁଇ ପ୍ରଜାତିର ମାଛରଙ୍କା ବହୁଳ ଭାବେ ଦେଖିବାକୁ ମିଳିଥିଲା। ବନ ଅଧିକାରୀ ପାଉଲ ହରପାଲଙ୍କ ନେତୃତ୍ୱରେ ଫରେଷ୍ଟର ଠଣସୁନ୍ଦର ଧରୁଆ, ଚିନ୍ମୟ ପ୍ରଧାନ ଓ ଷ୍ଟାଫ୍ ଗଣନାରେ ସାମିଲ ହୋଇଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

କନ୍ଧମାଳ,୭।୧(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ଶନିବାର ଦିନ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତା ମହିଳା ହେଲେ ମନମୁଣ୍ଡାର ବିନୋଦିନୀ ମେହେର। ମିଳିଥିବା ସୂଚନା ମୁତାବକ, ବିନୋଦନୀ ଦୀର୍ଘ ଦୁଇବର୍ଷ ହେବ ମନମୁଣ୍ଡାଠାରେ ରହି ଆସୁଥିଲେ। ସେ ଭୂମିହୀନ ଥିବାରୁ ତାଙ୍କୁ ସରକାରଙ୍କ ପକ୍ଷରୁ ମନମୁଣ୍ଡା ମେଡିକାଲ ପଛପଟେ ଥିବା ତେଲନଦୀ କୂଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଥିଲା। ସେଠାରେ ସେ ଏକୁଟିଆ ରହି ଆସୁଥିଲେ। କିନ୍ତୁ ଶନିବାର ଅପରାହ୍ନ ୩ଟା ସମୟରେ ୬୦ ବର୍ଷୀୟା ବିନୋଦିନୀଙ୍କୁ ତାଙ୍କ ଘର ଅଗଣାରେ ଥିବା ଏକ ଲିମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ପାଖପଡୋଶୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ବୌଦ୍ଧ ଏନ୍‌ଏସି କପ୍ ଫୁଟବଲ: ପାଣ୍ଡେ ଏକାଡେମୀ ବିଜୟୀ

ବୌଦ୍ଧ,୭।୧(ସ୍ୱ.ପ୍ର.): ବୌଦ୍ଧ ଜିଲା ଷ୍ଟାଡିୟମଠାରେ ବୌଦ୍ଧଗଡ ଏନଏସି ପକ୍ଷରୁ ଆୟୋଜିତ ଏନଏସି କପ୍ ଫୁଟବଲ ପ୍ରତିଯୋଗିତାର ଶନିବାର ଷଷ୍ଠ ଦିବସରେ ପାଣ୍ଡେ ଏକାଡେମୀ ଓ ୱାଇ ଥ୍ରିଇ ଏମସି ବୁଢ଼ୁପାଲି ମଧରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ପାଣ୍ଡେ ଏକାଡେମୀ ଗୋଟିଏ ଗୋଲ ଦେଇ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବରେ ଜିଲା କ୍ରୀଡା ସଂଘର ସଂପାଦକ ରବୀନ୍ଦ୍ର କୁମାର ରାଉତ,ବରିଷ୍ଠ ଖେଳାଳି ଲିଙ୍ଗରାଜ ଲେଙ୍କା, ବିଦ୍ୟାଧର ଲେଙ୍କା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବରେ ସୁଜିତ ରାଜହଂସ, ସଲିଲ ବେହେରା, ସୁରେନ୍ଦ୍ର ବେହେରା ଓ ଅମିତ ନାଏକ ଖେଳ ପରିଚାଳନା କରିଥିଲେ। ରବିବାର ଟୁର୍ନାମେଣ୍ଟର ଫାଇନାଲ ଖେଳ ଗେହ୍ଲା ମା' କ୍ଲବ ନୂଆସାହି ଓ ପାଣ୍ଡେ ଏକାଡେମୀ ମଧରେ ଅନୁଷ୍ଠିତ ହେବ। ଜିଲା କ୍ରୀଡା ସଂଘର ସଦସ୍ୟ ଆର.କେ. ରାଉତ ଓ ବଦ୍ରି ନାରାୟଣ ମିଶ୍ର ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ବହି ଦୋକାନକୁ ପେଟ୍ରୋଲ ବମ୍ ଫିଙ୍ଗିଥିବା ଅଭିଯୁକ୍ତ ଗିରଫ

ବରପାଲି,୭।୧(ଡି.ଏନ.ଏ.): ବରପାଲି ବସଷ୍ଟାଣ୍ଡରେ ଥିବା ପତ୍ରିକା ମହଲ ବହି ଦୋକାନକୁ ପେଟ୍ରୋଲ ବମ୍ ଫିଙ୍ଗିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଶୋକ ପ୍ରଧାନ (୪୯) ଏବଂ ତାଙ୍କ ଘର ଅତାବିରା ଥାନା ଅନ୍ତର୍ଗତ ତାଜାଟିକିରା ଗ୍ରାମରେ ବୋଲି ଜଣାପଡିଛି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଗତ ଡିସେମ୍ବର ୨୯ତାରିଖରେ ବରପାଲି ବସଷ୍ଟାଣ୍ଡ ଜନଗହଳି ଥିବାବେଳେ ଅଭିଯୁକ୍ତ ଜଣଙ୍କ ପେଟ୍ରୋଲ ଭର୍ତ୍ତି ବୋତଲରେ ନିଆଁ ଲଗାଇ ଉକ୍ତ ବହି ଦୋକାନକୁ ଫିଙ୍ଗି ଦେଇଥିଲେ। ଦୋକାନରେ ନିଆଁ ଲାଗିଯିବାରୁ ବହୁ ପୁସ୍ତକ ପୋଡିଯାଇଥିଲା। ତେବେ ଏହି ଏହି ଘଟଣାରେ କେହି ମୃତାହତ ହୋଇ ନ ଥିଲେ। ଦେକାନ ମାଲିକ ସିଂହନାଦ ପ୍ରଧାନ ଏ ନେଇ ବରପାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଭବାନୀପାଟଣା,୭।୧(ସ୍ୱ.ପ୍ର.)



ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ।

କଳାହାଣ୍ଡି ଶିକ୍ଷା ବିଭାଗ ପକ୍ଷରୁ ନର୍ଲା ବ୍ଲକ ତୁଲାପଡା ଖେଳ ପଡ଼ିଆଠାରେ ଶନିବାର ଜିଲାସ୍ତରୀୟ କ୍ରୀଡା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ମହେନ୍ଦ୍ର ପଣ୍ଡା, ନର୍ଲା ବିଇଓ ତପିମଣି ଜାନି, ପୂର୍ବତନ ସରପଞ୍ଚ ମନମୋହନ ନାୟକ, ସରପଞ୍ଚ ମଲ୍ଲିହାର ପଧାନ, ତୁଲାପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଭୋଇ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଅଞ୍ଜଳି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଯାଜ୍ଞସେନ ପଧାନ ଞ୍ଚ ପରିଚାଳନା କରିଥିଲେ। ବିଇଓ ତପିମଣି ଜାନି ଧନ୍ୟବାଦ ଦେଇଥିଲେ। ଏଥିରେ ଫୁଟବଲ, ଭଲିବଲ, ଖୋକୋ, ଦୌଡ଼କୁଦ, କବାଡି, ହକି, ଚେସ, କ୍ରିକେଟ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହେବ। ବିଭିନ୍ନ ବ୍ଲକରୁ ଆସିଥିବା ଛାତ୍ରୀଛାତ୍ରମାନେ

**ସବୁ ବ୍ଲକରୁ ୪୧୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ**

୧୦ ତାରିଖ ଯାଏଁ ୪ ଦିନ ସେମାନେ କ୍ରୀଡା ପ୍ରଦର୍ଶନ କରିବେ। କ୍ରୀଡା ମହୋତ୍ସବରେ ଜିଲାର ସମସ୍ତ ବ୍ଲକରୁ ୪୧୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। ଏଥିପାଇଁ ୫୦ରୁ ଉର୍ଦ୍ଧ୍ୱ କ୍ରୀଡା ଶିକ୍ଷକ ବିଭିନ୍ନ ଇଭେଣ୍ଟର ଖେଳ ସବୁ ପରିଚାଳନା କରୁଛନ୍ତି। ମେନେଜର କୋଚ ଭାବେ ୨୬ରୁ ଉର୍ଦ୍ଧ୍ୱ ବିଭିନ୍ନ ବ୍ଲକରୁ ଆସିଛନ୍ତି। ଅପରାହ୍ନରେ ନର୍ଲା ବିଧାୟକ ଭୁପିନ୍ଦର ସିଂ ପରିଦର୍ଶନରେ ଆସି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୦ ତାରିଖରେ ଉଦଯାପିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ସନ୍ତୋଷାନନ୍ଦ ନାୟକ, ଅଶ୍ୱିନ ପଧାନ, ନବୀନ ନାଏକ, ରୂପସିଂ ରାଉତ, ନାରାୟଣ ପଧାନ, ସୁଧୀର ନାଏକ, ସମୀର ନାଏକ, ଉଦ୍ଧବ ପ୍ରଧାନୀ, ଜୟକୃଷ୍ଣ ନାଏକ, ବୃଷଧ୍ୱଜ ବୁଦ୍ଧିଆ, ନିର୍ମଳ ପଧାନ, ଉମାକାନ୍ତ ଭୋଇ, ଅମିତ ମହାନ୍ତି, ମିଳନ ନାଏକ, ତେଜ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଜିତୁ


@ ପ୍ରମିଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳାହାଣ୍ଡି ଉତ୍ସବ ପାଇଁ ଚାନ୍ଦା ମାଗିବା ଅଭିଯୋଗ

ଭବାନୀପାଟଣା, ୭।୧(ସ୍ୱ.ପ୍ର.)


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ବଣିକ ସଂଘ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବଣିକ ସଂଘ ପକ୍ଷରୁ ଲାଞ୍ଜିଗଡ ବିଡିଓଙ୍କ ନାଁରେ ଅଭିଯୋଗ କରାଯାଇଛି। ଏ ନେଇ ଶନିବାର ବିଶ୍ୱନାଥପୁର ବଣିକ ସଂଘ ପକ୍ଷରୁ ଘଟଣାକୁ ପ୍ରତିବାଦ କରି ପ୍ରତ୍ୟେକ ଦୋକାନ ବଜାର ବନ୍ଦ କରି ବିଶ୍ୱନାଥପୁର ସହରରୁ ଏକ ପ୍ରତିବାଦ ରାଲି କରି ରାଲି ମାଧ୍ୟମରେ ଦୋକାନୀମାନେ ନିରଞ୍ଜନ ରାଉତ, ବାଳଗୋବିନ୍ଦ ସାହୁ, ରାଜୀବ କୁମାର ପୃଷ୍ଟି, ଆଲୋକ କୁମାର ଦେହୁରୀ, ମାନସ ରଞ୍ଜନ ଘଡେଇ, ନରେନ୍ଦ୍ର ବେହେରା, କାମେଶ୍ୱର ଜେନା, ବସନ୍ତ କୁମାର ସାହୁ ଏବଂ ଅନ୍ୟାନ୍ୟ ଦୋକାନୀ ପ୍ରମୁଖ ବିଶ୍ୱନାଥପୁର ଥାନାର ଦ୍ୱାରସ୍ଥ ହେଇଥିଲେ। ବିଶ୍ୱନାଥପୁର ବଣିକ ସଂଘ ଭବାନୀପାଟଣା ଯାଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାମତେ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ

**ବିଡିଓଙ୍କ ନାମରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ବଣିକ ସଂଘ**

ବିଶ୍ୱନାଥପୁର ବଣିକ ସଂଘକୁ ସଭାପତି ପ୍ରମୋଦ ଗୋଏଲଙ୍କ ମାଧ୍ୟମରେ ଉତ୍ସବ ପାଇଁ ସମସ୍ତ ଦୋକାନୀଠାରୁ ଆଦାୟ କରି ୫୦ ହଜାର ଟଙ୍କା ଦେବା ପାଇଁ କହିଥିଲେ। ଏହାପରେ ସଭାପତି ଗୋଏଲ ଦୋକାନୀଙ୍କ ସହିତ ଆଲୋଚନା କରି ସମସ୍ତଙ୍କ ମତ ଅନୁସାରେ ମାଗିଥିବା ଚାନ୍ଦା ଦେଇପାରିବୁ ନାହିଁ ବୋଲି ବିଡିଓଙ୍କୁ କହିଥିଲେ। ପରେ ବିଡିଓ ମିଶ୍ର ରାଗିଯାଇ ସଭାପତିଙ୍କୁ ଫୋନ କରି ସମସ୍ତ ଦୋକାନୀ ଉପରେ ଚଢାଉ ପାଇଁ ଧମକ ଦେଇଥିବା ସଂଘ ଅଭିଯୋଗ କରିଥିବା ଅଭିଯୋଗରେ ଉଲେଖ କରିଛନ୍ତି। ପୂର୍ବରୁ ମଧ ସଂଘ ପକ୍ଷରୁ ଚାନ୍ଦା ଦେଇଥିବା ଉଲ୍ଲେଖ କରିଛନ୍ତି। ବିଡିଓଙ୍କୁ ଘଟଣା ନେଇ ପଚାରିବା ପାଇଁ ଫୋନ କରାଯାଇଥିଲେ ହେଁ ସେ କଲ୍ ଉଠାଉ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ଗୋଳାବାରୁଦ କାରଖାନାରେ ବିସ୍ଫୋରଣ

ସଇଁତଳା, ୭।୧(ଡି.ଏନ.ଏ.)

ଶନିବାର ପୂର୍ବାହ୍ନ ପ୍ରାୟ ୨.୨୦ ମିନିଟରେ ବଲାଙ୍ଗୀର ଜିଲା ବଢ଼ମାଲସ୍ଥିତ ଗୋଳାବାରୁଦ କାରଖାନାର ୟୁନିଟ ନଂ.୩ରେ ଏକ ବିସ୍ଫୋରଣ ଘଟିଛି। ଉତ୍ପାଦନ ଭବନରେ ଘଟିଥିବା ଏହି ଛୋଟ ଧରଣର ବିସ୍ଫୋରଣ ଫଳରେ ରିମୋଟ ଚାଳିତ ମେଶିନରେ କ୍ଷତି ଘଟିଛି। ମେଶିନ ରିମୋଟ ଅପରେଟେଡ଼ ହୋଇଥିବାରୁ କାର୍ଯ୍ୟରତ କୌଣସି କର୍ମଚାରୀଙ୍କ କ୍ଷତି ଘଟି ନ ଥିବା ଜଣାପଡିଛି।

# 'ସୋଲାର ପାୱାର ପ୍ଲାଣ୍ଟ ନାଁରେ ପୋଲିସ ଦମନ ବନ୍ଦ ହେଉ'


ଏନଏପିଏମ୍ ପକ୍ଷରୁ ବଲାଙ୍ଗୀର ଯାଦବ ଭବନଠାରେ ଖବରଦାତା ସମ୍ମିଳନୀ କରାଯାଉଛି।

ବଲାଙ୍ଗୀର ଅଫିସ, ୭।୧

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଢୁଙ୍ଗୁରିପାଲି ଓ ତେଣ୍ଡିପାଲି ପଞ୍ଚାୟତରେ ସୋଲାର ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ନାଁରେ ପୋଲିସ ଜନସାଧାରଣଙ୍କ ଉପରେ ଦମନଲୀଳା ଚଳାଇଛି। ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ(ଏନ୍‌ଏପିଏମ୍) ପକ୍ଷରୁ ସ୍ଥାନୀୟ ଯାଦବ ଭବନଠାରେ ଏଭଳି ଅଭିଯୋଗ କରାଯାଇଛି। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନ୍‌ଏପିଏମ୍‌ର ରାଷ୍ଟ୍ରୀୟ ଆବାହକ ଲିଙ୍ଗରାଜ ଆଜାଦ, ରାଜ୍ୟ ଆବାହକ ମଣ୍ଡଳୀର ସତ୍ୟ ବନ୍‌ଛୋର, ତ୍ରିଲୋଚନ ପୁଞ୍ଜି, ବାଳକୃଷ୍ଣ ଷାଣ୍ଡ, ମୟ ପ୍ରଧାନୀ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ନୀଳମଣି ଯୋଷୀ, କାଳିନ୍ଦ୍ରୀ ମାଝି ଉପସ୍ଥିତ ଥିଲେ। ଢୁଙ୍ଗୁରିପାଲି ଏବଂ ତେଣ୍ଡିପାଲି ମୌଜାରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଶିଳ୍ପ ସଂସ୍ଥାକୁ ସୋଲାର ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ଜମି ହସ୍ତାନ୍ତର କରାଯାଇଛି। ଆଦିବାସୀଙ୍କ ଦେବାଦେବୀଙ୍କ ଯାତ୍ରାସ୍ଥଳୀ ତଥା ପୂଜାସ୍ଥଳୀ ମାନଙ୍କୁ ଇଡକୋ ମାଧ୍ୟମରେ ଜମି ହସ୍ତାନ୍ତର କରାଯାଇଛି। ଏହି ଅଞ୍ଚଳର ଜନସାଧାରଣଙ୍କ ବିନା ଅନୁମତି ଏବଂ ଆଲୋଚନାରେ ସେମାନଙ୍କ ଜମି ନିଆଯାଇଛି। ସେମାନଙ୍କ ବାରଣ ସତ୍ତ୍ୱେ ଜିଲା ପ୍ରଶାସନ ଶିଳ୍ପସଂସ୍ଥା ପାଇଁ ଜମି ଅଧିଗ୍ରହଣ କରିଥିବା ଅଭିଯୋଗ କରିଥିଲେ। ଯେଉଁ ଲୋକମାନେ

**ବଲାଙ୍ଗୀରରେ ଏନ୍‌ଏପିଏମ୍‌ର ଖବରଦାତା ସମ୍ମିଳନୀ**

ଏହାକୁ ବିରୋଧ କଲେ ସେମାନଙ୍କୁ ମିଥ୍ୟା ମାମଲାରେ ଗିରଫ କରି ଦମନ କରାଯାଇଛି। ଏହି ପ୍ଲାଣ୍ଟ ବିରୋଧୀ ଆନ୍ଦୋଳନର ନେତା ଧନେଶ୍ୱର ମାଝି ଏବଂ ଖୁସିରାମ ଜାନି, ଜଣେ ମହିଳାଙ୍କ ସମେତ ୧୭ ଜଣଙ୍କୁ ମିଥ୍ୟା ମାମଲାରେ ଗିରଫ କରାଯାଇଛି। ବିନା ଗ୍ରାମସଭା ସମ୍ମତିରେ ୨୦୦ଏକର ଜମିକୁ ଆଦିତ୍ୟ ବିର୍ଲାକୁ ସୋଲାର ପାୱାର ପ୍ଲାଣ୍ଟ ପାଇଁ ଦିଆଯାଇଥିବା ଅଭିଯୋଗ କରିଥିଲେ। ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ହନନ କରି ମାନବିକ ଅଧିକାର ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ଗିରଫ ଲୋକଙ୍କୁ ଖଲାସ କରି ମାମଲା ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସରକାରୀ ଜଙ୍ଗଲ ଓ ଲୋକଙ୍କ ବହୁମୂଲ୍ୟ ବ୍ୟବହୃତ ଜମିକୁ ଶିଳ୍ପସଂସ୍ଥାକୁ ଟେକିବା ବନ୍ଦ କରିବାକୁ ଦାବି କରିଥିଲେ। ବହ ସୋଲାର ପାୱାର ପ୍ଲାଣ୍ଟ ପରିବର୍ତ୍ତେ ବିକେନ୍ଦ୍ରୀକରଣ ସୌରଶକ୍ତି ଉତ୍ପାଦନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ନିରୀହ ଲୋକଙ୍କୁ ତୁରନ୍ତ ଜେଲରୁ ଖଲାସ କରା ନ ଗଲେ ପୁଣି ଥରେ ଆନ୍ଦୋଳନ ତେଜିବ ବୋଲି ଆଜାଦ୍ ଚେତାବନୀ ଦେଇଥିଲେ।

### ଦୋକାନରୁ ଲୁଟିନେଲେ ଦେଢ଼ ଲକ୍ଷ ଟଙ୍କା

ସଇଁତଳା, ୭।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ହାଟପଦାଠାରେ ଥିବା ଥିବା ଶ୍ୟାମ ଟ୍ରେଡ଼ର୍ସରୁ ଦିନ ଦ୍ୱିପ୍ରହରରେ ୧ଲକ୍ଷ ୫୦ହଜାର ଟଙ୍କା ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଟ୍ରେଡ଼ର୍ସ ମାଲିକ ଆକାଶ ଅଗ୍ରୱାଲ ବ୍ୟାଙ୍କରୁ ଏକଲକ୍ଷ ଟଙ୍କା ଉଠାଇ ଦୋକାନକୁ ଆସିଥିଲେ। ଦୋକାନ ଡ୍ରୟାରରେ ସେ ଟଙ୍କା ରଖି ଦୋକାନରେ ଥିବାବେଳେ ଦୁଇଜଣ ବ୍ୟକ୍ତି ଗ୍ରାହକଭାବେ ଦୋକାନକୁ ଆସି ସାମଗ୍ରୀ କିଣିବାକୁ କହିଥିଲେ। ଅଗ୍ରୱାଲ ଦୋକାନ ଭିତରକୁ ଯାଇ ସାମଗ୍ରୀ ଆଣୁଥିବାବେଳେ ଜଣେ ବ୍ୟକ୍ତି ଡ୍ରୟାର ଭାଙ୍ଗି ବ୍ୟାଙ୍କରୁ ଆଣିଥିବା ୧ଲକ୍ଷ ଓ ପୂର୍ବରୁ ସେଥିରେ ଥିବା ୫୦ହଜାର ଟଙ୍କା ନେଇ ବାଇକରେ ଫେରାର ହୋଇଯାଇଥିଲେ। ଦୋକାନ ମାଲିକ ସେମାନଙ୍କ ପିଛା କରିଥିଲେ ମଧ୍ୟ ଧରିପାରି ନ ଥିଲେ। ଏ ନେଇ ଅଗ୍ରୱାଲ ସଇଁତଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି।

# ବ୍ଲକସ୍ତରୀୟ ଲୋକ ଉତ୍ସବ



ଲୋକ ଉତ୍ସବରେ ମଞ୍ଚାସୀନ ଅତିଥି।

ସଇଁତଳା, ୭।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଲୋକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଡିଓ ଚନ୍ଦ୍ରମଣୀ ନାଗ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୋନିକା ସିଂ ଭୋଇ, ସମ୍ମାନୀତ ଅତିଥି ତହସିଲଦାର ମନସଫିଲ କେରକେଟା, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ଜିଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ, ବ୍ଲକ ସାଂସ୍କୃତିକ କମିଟି ସଭାପତି ପରେଶ ସାହୁ ଯୋଗଦେଇଥିଲେ। ଅନନ୍ତ ବର୍ଗର୍ତ୍ତି, ଧନେଶ୍ୱର ଦାଶ, ଜଗନ୍ନାଥ ମୁଦୁଲି, ପରେଶ ସାହୁ, ବାଞ୍ଛା ବୁଡେକ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ଲକ ଅଞ୍ଚଳର ୨୨ ପଞ୍ଚାୟତରୁ ୫୪ଜଣ କଳାକାର ଅଂଶଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ। ପୂର୍ବତନ ବିଆରସିସି ତଥା ଶିକ୍ଷକ ତପନ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। କଳାକାର ଗଙ୍ଗାଧର ଠାକୁର, ପ୍ରଭାକର ମାଝି, ଗୌରଚନ୍ଦ୍ର ମନହୀରାଙ୍କୁ ବ୍ଲକ ତରଫରୁ ସମ୍ମାନୀତ କରାଯାଇଥିଲା।

# ଲୋକ ଉତ୍ସବ ଲାଗି ଉଦ୍‌ଘୋଷକ ଚୟନ

ବଲାଙ୍ଗୀର ଅଫିସ, ୭।୧

ବଲାଙ୍ଗୀର ଯାଦବ ଭବନ ଠାରେ ୨୧ତମ ଲୋକ ମହୋତ୍ସବ ପାଇଁ ଶନିବାର ଉଦ୍‌ଘୋଷକ ଓ ଉଦ୍‌ଘୋଷିକା ଚୟନ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ଓ ଆୟୁର୍ବେଦିକ କଲେଜ ଛାତ୍ରୀଛାତ୍ର ସମେତ ୫୧ ଜଣ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ। ଏହି ଚୟନ ପ୍ରକ୍ରିୟାରେ ଜିଲା ସାଂସ୍କୃତିକ ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ଦୀପ ପ୍ରଜ୍ୱଳନ କରି ଶୁଭ୍ ଉଦ୍ଘାଟନ କରିଥିଲେ । ବିଚାରକ ଭାବେ ପ୍ରଶାନ୍ତ ଖମାରୀ, ମଧୁସୂଦନ ନାୟକ, ଅଚ୍ୟୁତ ପୁରୋହିତ, ସୁଧାଂଶୁ ଶେଖର ପଟ୍ଟନାୟକ, ମନରଞ୍ଜନ ଯୋଷୀ ଯୋଗ ଦେଇଥିଲେ। ଷ୍ଟେଜ କମିଟି ଅଧ୍ୟକ୍ଷ ଗୁଣନିଧି ନାୟକ, ସହଅଧ୍ୟକ୍ଷ ସଙ୍ଗୀତା ଦାଶ ଓ ରାମ ପ୍ରସାଦ ଦାଶ ମଞ୍ଚ ପରିଚାଳନା କରିଥିଲେ। ଜୟକୃଷ୍ଣ ମିଶ୍ର ସହଯୋଗ କରିଥିଲେ। ଆଗାମୀ ୨୦ରୁ ୨୪ତାରିଖପର୍ଯ୍ୟନ୍ତ ବଲାଙ୍ଗୀର ଜିଲାସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏଥି ସକାଶେ ଉଦ୍‌ଘୋଷକ ଓ ଉଦ୍‌ଘୋଷିକା ଚୟନ କରାଯାଇଥିଲା।



ଚୟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟକ୍ଷ ଏବଂ ସହଅଧ୍ୟକ୍ଷଙ୍କ ସହିତ କଳାକାର।

# ଫାଇନାଲରେ ଇଷ୍ଟକୋଷ୍ଟ ଭୁବନେଶ୍ୱର

ନୂଆପଡ଼ା ଅଫିସ,୭।୧

ସ୍ଥାନୀୟ ମିନିଷ୍ଟାଡିୟମଠାରେ ଚାଲିଥିବା ୩୧ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ପୋଲ ୨ୟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ନାଗପୁର କରିମ ସ୍ପୋର୍ଟିଂକୁ ହରାଇ ଇଷ୍ଟକୋଷ୍ଟ ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଫଳରେ ରବିବାର ଫାଇନାଲ ଖେଳ ଇଷ୍ଟକୋଷ୍ଟ ଭୁବନେଶ୍ୱର ଓ ସେରସା ବିଳାସପୁର ମଧ୍ୟରେ ଅନୁଷ୍ଠିତ ହେବ। ନାଗପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ୨୬.୪ ଓଭରରେ ୬ ଉଇକେଟ ହରାଇ ୧୨୭ରନ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଶିବଜ୍ୟୋତି ସାହୁ ମୁଖ୍ୟଅତିଥି, ଜିଲା ବିଜେଡି ଉପସଭାପତି ଅଶୋକ କ୍ଷିତିଶ ବୋଧନକର, ଜିଲା ଓକିଲ ସଂଘ



ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ୱାଇଏମସି କପ କ୍ରିକେଟ**

ଉପସଭାପତି ପ୍ରକାଶ ସ୍ୱାଇଁ, ଗୋପମଣି ପାଣିଗ୍ରାହୀ, ପ୍ରକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭୁବନେଶ୍ୱର ଦଳର ଅଭିଷେକ ଯାଦବଙ୍କୁ ସଦର ତହସିଲଦାର ଦେବେନ୍ଦ୍ର ରାଉତ ପୁରସ୍କାର ପ୍ରଦାନ କରିଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ୟୁଥ ମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ଉପସଭାପତି ସଞ୍ଜୟ ପଟ୍ଟନାୟକ, ସମ୍ପାଦକ ତପନ ବଗର୍ତ୍ତି, ସହସମ୍ପାଦକ ସୁଧିର ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଓସିଏ ସ୍ୱୀକୃତି ପ୍ରାପ୍ତ ଅମ୍ପାୟର ଅମୀୟ ସାହୁ ଓ ନାରାୟଣ ମେହେର ଖେଳ ପରିଚାଳନା କରିଛନ୍ତି। ସ୍କୋର ଦାୟିତ୍ୱରେ ଶୈଳେଶ ଶତପଥୀ ଓ ଜୟ କିଷନ ସୁନାନୀ, ମହମ୍ମଦ ରାଜା, ପୁନିତ ରାଉତ ହିନ୍ଦି, ଓଡିଆ ଓ ଇଂଲିଶରେ ଧାରା ବିବରଣୀ ଶୁଣାଉଛନ୍ତି। ଶ୍ରୀରାମ ମିଶ୍ର, ଜାବେଦ ଖାନ, ଜିତୁ ହୋତା, ପାଲେଶ୍ୱର ମାଝି, ଜାନି ଜନସନ, ଟିପୁ ଖାନ, ସାଗର ହଂସ, ପ୍ରତିକ ପଟ୍ଟନାୟକ, ବିପ୍ଳବ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରୁଛନ୍ତି।

# ପ୍ରତିଭା ପ୍ରଦର୍ଶନ କଲେ ସାଂସ୍କୃତିକ ଦଳ

ରାଉରକେଲା ଅଫିସ, ୭।୧

ହକି ବିଶ୍ୱକପ୍ ପାଇଁ ସୁନ୍ଦରଗଡ଼ ଜିଲାରେ ଚାଲିଥିବା ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଶନିବାର ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଆଦିବାସୀ କରମା ନୃତ୍ୟ ଦଳ ପ୍ରଥମ ସ୍ଥାନ ଅଧିକାର, ଟାଙ୍ଗରପାଲିର ମା' ଗଙ୍ଗେଶ୍ୱରୀ ପାଲା ପରିଷଦ ଦ୍ୱିତୀୟ ଏବଂ କୋଇଡ଼ା ବ୍ଲକର ଶରଣ ଧର୍ମ ଏସ୍‌ଟି ହୋ ମୁଣ୍ଡା ପରିଧାନ ସାଂସ୍କୃତିକ ଦଳ ତୃତୀୟ ସ୍ଥାନ ହାସଲ କରିଥିଲେ। ରାଉରକେଲାର ଭଞ୍ଜ ଭବନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରତିଯୋଗିତାର କୃତୀ ସାଂସ୍କୃତିକ ଦଳଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା, ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା, ରାଉରକେଲା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା, ସୁନ୍ଦରଗଡ଼ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଯୋଗ ଦେଇଥିଲେ। ଅନିଲ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

ବିଶ୍ୱକପ୍‌କୁ ଆକର୍ଷଣୀୟ କରିବା ଲାଗି ବ୍ଲକସ୍ତରରୁ ଏହି ସାଂସ୍କୃତିକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ସ୍ଥାନୀୟ କଳାକାରମାନେ ଭାଗନେଇ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ। ପାଲା, ସଂକୀର୍ତ୍ତନ ସହ ଆଦିବାସୀ ନାଚଗୀତ ମାଧ୍ୟମରେ କଳାକାରମାନେ ହକି ଉପରେ ବିଶେଷ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ହକିକୁ ନେଇ ସ୍ୱତନ୍ତ୍ର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। କଳାକାରମାନେ ହାତରେ ହକି ଷ୍ଟିକ୍ ଧରି ନୃତ୍ୟ ପରିବେଷଣ କରିବା ସହ ହକି ପୁରୁଷ ବିଶ୍ୱକପ୍‌କୁ ସ୍ୱାଗତ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୦ଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ନାଟ୍ୟକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଦୋଳଗୋବିନ୍ଦ ଗର୍ଡିଆ, ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଦେଷ୍ଣାରାଣୀ ରାଉତ ଯୋଗ ଦେଇଥିଲେ।



ଅତିଥିମାନଙ୍କ ଗହଣରେ କୃତୀ ସାଂସ୍କୃତିକ ଦଳ।

## ବେଆଇନ ଗିରଫଦାରି ପ୍ରତିବାଦରେ କାର୍ଯ୍ୟବନ୍ଦ

ଦେବଗଡ,୭।୧(ଡି.ଏନ.ଏ.)

ଦେବଗଡ଼ ପୌର ପରିଷଦ ସଫେଇ କର୍ମଚାରୀ ସଂଘ ସଭାପତିଙ୍କୁ ଆକ୍ରୋଶମୂଳକ ଗିରଫ ପ୍ରତିବାଦରେ ଶନିବାର ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଶନିବାର ସହରର ସଫେଇ କାର୍ଯ୍ୟ ବନ୍ଦ ରହିଛି। ଏହି ମର୍ମରେ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଏହାର ଏକ ନକଲ ଏସ୍‌ପିଙ୍କୁ ମଧ୍ୟ ଦେଇଥିଲେ। ଅଭିଯୋଗ ଅନୁସାରେ, କିଛିଦିନ ତଳେ କର୍ମଚାରୀଙ୍କ କେତେକ ସମସ୍ୟା ନେଇ ସଂଘ ସଭାପତି ଧର୍ମେନ୍ଦ୍ର ଦେବତା ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା ପାଇଁ ଯାଇଥିଲେ। ମାତ୍ର ନିର୍ବାହୀ ଅଧିକାରୀ ସଭାପତିଙ୍କ ନାମରେ ମିଛ ମାମଲା କରି ତାଙ୍କୁ ଗିରଫ କରାଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ସଫେଇ କର୍ମଚାରୀଙ୍କ ହକ୍ ପାଇଁ ସଭାପତି ଲଢ଼େଇ କରୁଥିବା ବେଳେ ତାଙ୍କର କଣ୍ଠରୋଧ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଜିତୁ


@ ପ୍ରମିଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାରତ ଯୋଡ଼ୋ ଯାତ୍ରା ପାଇଁ କଂଗ୍ରେସର ପ୍ରସ୍ତୁତି

ଦେବଗଡ଼, ୭।୧ (ଡି.ଏନ.ଏ.)

ଆସନ୍ତା ୯ ତାରିଖରେ ଦେବଗଡ଼ ଜିଲାରେ କଂଗ୍ରେସର ଭାରତ ଯୋଡ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନପାଟ ସ୍ଥିତ ବସନ୍ତ ନିବାସ ଡାକବଙ୍ଗଳାରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଳର ସମସ୍ତ ପଦାଧିକାରୀ ଓ କର୍ମୀ ଉପସ୍ଥିତ ରହି ଦେବଗଡ଼ ଜିଲାରେ କଂଗ୍ରେସର ଭାରତ ଯୋଡ ଯାତ୍ରାକୁ ସଫଳ କରିବା ପାଇଁ ସଂକଳ୍ପବଦ୍ଧ ହେବା ସହ କାର୍ଯ୍ୟକ୍ରମର ରୂପରେଖ ଚୂଡ଼ାନ୍ତ କରିଥିଲେ। ଚୂଡ଼ାନ୍ତ କାର୍ଯ୍ୟକ୍ରମ ଅନୁସାରେ ସୋମବାର ସକାଳ ୯ଟା ସମୟରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଭାରତ ଯୋଡ ଯାତ୍ରାର ଶୁଭାରମ୍ଭ ହୋଇ ପୁରୁଣାଗଡ଼, ଓଲବର ଛକ, ଦେଇ ଗୋପବନ୍ଧୁ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ଯାତ୍ରା ରଜାମୁଣ୍ଡା ଦେଇ ବଣାଆକିଲଣ୍ଡା ଠାରେ ପହଞ୍ଚିବା ପରେ ମଧ୍ୟାହ୍ନ ଭୋଜନ ବିରତି ଏବଂ ପୁଣି ବଳମ, କଣ୍ଢଳ ଦେଇ ଏହି ଯାତ୍ରା ବାରକୋଟ ବ୍ଲକ ଛକରେ ପହଞ୍ଚି ବଣାଇ ଛକଠାରେ ସମାପନ ହେବ। ଭାରତ ଯୋଡ ଯାତ୍ରାରେ ପିସିସି ସଭାପତି ପଟ୍ଟନାୟକଙ୍କ ସମେତ ବହୁ ରାଜ୍ୟସ୍ତରୀୟ ନେତୃବୃନ୍ଦ, ପର୍ଯ୍ୟବେକ୍ଷକ, ଦଳୀୟ କର୍ମୀ ଏବଂ ଜନସାଧାରଣ ସାମିଲ ହେବେ ବୋଲି ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଏକ ପ୍ରେସ ବାର୍ତ୍ତାରେ ସୂଚନା ପ୍ରଦାନ କରିଛନ୍ତି। ଆଜିର ଏହି ବୈଠକରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସ୍‌ସି ସେଲ୍ ସଭାପତି ମଞ୍ଜୁଳ ନାଏକ, ଓବିସି ସେଲ୍ ସଭାପତି ଦିଲେଶ୍ୱର ସାହୁ, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ସଚ୍ଚିଦାନନ୍ଦ ପଟ୍ଟନାୟକ, ସୁବାଷ ଚନ୍ଦ୍ର ଭୋଇ, ବିନୋଦ ବିହାରୀ ନାୟକ, ବସନ୍ତ ମିଶ୍ର, ରିଆମାଳ ବ୍ଲକ ସଭାପତି ସୁଶୀଲ ସାହୁ ବାରକୋଟ ବ୍ଲକ ସଭାପତି କ୍ଷୀର ସାଗର ପ୍ରଧାନ, ତିଲେଇବଣି ବ୍ଲକ ସଭାପତି ଗଣେଷ ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଦୁର୍ଗା ଚରଣ ପାଢ଼ୀ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଦେବଗଡ଼, ୭।୧ (ଡି.ଏନ.ଏ.)

ଦେବଗଡ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ଜିଲା ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଦେବଗଡ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲୁକାଶ ପ୍ରଧାନ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୋଦ ସିଂ, ଶକୁନ୍ତଳା ଟେଟେ ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବକୁ ସିଆରସିସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିବା ବେଳେ ଡଁରା ପଂଚାୟତ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରିଆମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦେବଗଡ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ ଓ କ୍ରୀଡ଼ା ଶିକ୍ଷକ ଡିଲେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ରୋହିତ କୁମାର ପ୍ରଧାନ, ହୃଷୀକେଶ ପ୍ରଧାନ, ମାନସ ରଞ୍ଜନ ଦାଶ, କ୍ଳାସିୟସ ଡୁଙ୍ଗଡୁଙ୍ଗ, ଜୟନାରାୟଣ ସାହୁ, ହିମାଂଶୁ ଶେଖର ଗଡନାୟକ, ପଦ୍ମିନୀ ମହାପାତ୍ର, ରଜନୀକାନ୍ତ ପ୍ରଧାନ ଓ କୁନିତା ସାହୁଙ୍କ ସମେତ କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାର ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଧାରଣା ପରେ ଟଙ୍କା ଫେରାଇଲା ପୂର୍ତ୍ତ ବିଭାଗ


:ଧାରଣାରେ ବସିଥିବା ସଭ୍ୟଙ୍କ ସହ ଆଲୋଚନା ।

ସମ୍ବଲପୁର,୭।୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଜିଲା ସ୍କୁଲ ନିକଟରେ ଥିବା ପବ୍ଲିକ ଲାଇବ୍ରେରୀ ମରାମତି ଓ ସାମଗ୍ରୀ କିଣା ବାବଦକୁ ଆସିଥିବା ୧୦ ଲକ୍ଷ ଟଙ୍କା ପୂର୍ତ୍ତ ବିଭାଗ ଖର୍ଚ୍ଚ ନ କରି ରଖିଥିଲା। ଶନିବାର ଲାଇବ୍ରେରୀର ସଦସ୍ୟମାନେ ଅଫିସ ସମ୍ମୁଖରେ ଧାରଣା ଦେବା ପରେ ପୂର୍ତ୍ତ ବିଭାଗ ପୁଣି ଫେରାଇ ଦେଇଛି। କିଭଳି ଭାବେ ପୂର୍ତ୍ତ ବିଭାଗ କାମରେ ଅବହେଳା କରୁଛି ତାହା ଏହି ଘଟଣାକୁ ଅନୁମେୟ। ଶନିବାର ପୂର୍ବାହ୍ନରେ ସଭ୍ୟମାନେ ପୂର୍ତ୍ତ ବିଭାଗ ମୁଖ୍ୟ ଗେଟ ସମ୍ମୁଖରେ ଧାରଣା ଦେବା ପରେ ବିଭାଗର ଅଧିକାରୀମାନେ ଆସି ଆଲୋଚନା କରିଥିଲେ। ୨ବର୍ଷ ପରେ ବି କାମ କାହିଁକି ହେଲା ନାହିଁ ବୋଲି ସଭ୍ୟମାନେ ପ୍ରଶ୍ନ କରିଥିଲେ। ଏହାସହ ମିଥ୍ୟା ବିଲ କରି ଟଙ୍କା ଉଠାଇ ଦିଆଯାଇଥିବା ସନ୍ଦେହ ହେଉଛି ବୋଲି କହିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ପବ୍ଲିକ ଲାଇବ୍ରେରୀରେ ହୋଇଥିବା କାମର ବିବରଣୀ ଦିଆଯାଇଥିଲା। ହେଲେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚର ହିସାବ ଦେଇପାରି ନ ଥିଲେ। ଶେଷରେ ଜିଲା ପ୍ରଶାସନ ଜମା ଖାତାରେ ପୂର୍ତ୍ତ ବିଭାଗ ୧୦ ଲକ୍ଷ ଟଙ୍କା ଫେରସ୍ତ କରିଥିଲା। ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସଚିବ ରଘୁନାଥ ମିଶ୍ର, ପୂର୍ବତନ ବିଧାୟିକା ଡା.ରାସେଶ୍ୱରୀ ପାଣିଗ୍ରହୀ, ଅର୍ଜୁନ ରଞ୍ଜନ ପଣ୍ଡା, ପ୍ରଫେସର ଶଙ୍କର ପ୍ରସାଦ ପତି, ଅରବିନ୍ଦ ମହାପାତ୍ର, ଡ. ନିରୁପମା ବଡପଣ୍ଡା, ଡା. ରମା ବଲ୍ଲଭ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୦ରେ ଆଦିତ୍ୟ ବିର୍ଲା ସିଏସ୍‌ଆର୍ ଅନୁଦାନରୁ ୧୦ ଲକ୍ଷ ଟଙ୍କା ଦିଆଯାଇଥିଲା।

# ପୌର ପରିଷଦ ଅଫିସ ଆଗରେ ଭାଜପାର ଧାରଣା

ଦେବଗଡ,୭।୧(ଡି.ଏନ.ଏ.)

**ନିର୍ବାହୀ ଅଧିକାରୀ, କର୍ମଚାରୀଙ୍କୁ ଗିରଫ ଦାବି**

ଦେବଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ଏବଂ ଅନ୍ୟ କର୍ମଚାରୀଙ୍କୁ ଗିରଫ କରିବା ଦାବିରେ ଶନିବାର ପୌର ପରିଷଦ ଅଫିସ ଗେଟ୍ ସାମ୍ନାରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଛି। ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ। ଫଳରେ ପୌର ପରିଷଦ ଅଫିସ୍ ଅଚଳ ହୋଇପଡ଼ିଥିଲା। ତେବେ ଗିରଫ ହୋଇ କୋର୍ଟଚାଲାଣ ହୋଇଥିବା ଉପନଗରପାଳ ଓ ଜଣେ କାଉନସିଲରଙ୍କ ଜାମିନ ମଞ୍ଜୁର ହେବାରୁ ଭାଜପା କର୍ମୀମାନେ ଧାରଣାରୁ ଉଠିଥିଲେ। ସୂଚନାଯୋଗ୍ୟ, ଗତ ୨ତାରିଖରେ ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ତପନ ମହାପାତ୍ର ଅଫିସରେ କାର୍ଯ୍ୟ କରୁଥିବା ବେଳେ ଉପନଗରପାଳ ପ୍ରଜିତ ଭୋଜ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର ଦେବତାଙ୍କ ସହଯୋଗରେ ତାଙ୍କୁ ମାଡ଼ ମାରିବା ସହିତ ଆକ୍ରମଣ କରିଥିବା ନେଇ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଉପନଗରପାଳଙ୍କୁ ନିର୍ବାହୀ ଅଧିକାରୀ ମାଡ଼, ଆକ୍ରମଣ, ହତ୍ୟା ଧମକ ଏବଂ ଜାତିଆଣ ଆକ୍ଷେପ ସହିତ ଅପମାନିତ କରିଥିବା ନେଇ ପାଲଟା ଅଭିଯୋଗ ହୋଇଥିଲା। ତେବେ ନିର୍ବାହୀ ଅଧିକାରୀଙ୍କ ଅଭିଯୋଗ କ୍ରମେ ଶୁକ୍ରବାର ଉପନଗରପାଳ ଭୋଜ ଓ ସ୍ୱାଧୀନ କାଉନସିଲର ଦେବତା ଦେବଗଡ ଆଦର୍ଶ ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ଉପନଗରପାଳଙ୍କ ଅଭିଯୋଗରେ କୌଣସି ପଦକ୍ଷେପ ନିଆ ନ ଯିବା ପ୍ରତିବାଦରେ ଶନିବାର ଭାଜପା ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା।

# ଅନ୍ଧାରୀ କ୍ରିକେଟ: ବଡେମୁରା ବିଜୟୀ

ସମ୍ବଲପୁର,୭।୧(ବ୍ୟୁରୋ)

ଯୁଯୁମୁରା ବ୍ଲକ ଅନ୍ଧାରୀ ଗ୍ରାମରେ ମା' ଅମ୍ବେକେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ସୁମିତ ଓ ସୁଧିର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅନ୍ଧାରୀକୁ ୨ ରନରେ ହରାଇ ବଡେମୁରା ଦଳ ବିଜୟ ଟ୍ରଫି ହାସଲ କରିଛି। ପୁରସ୍କାର ବିତରଣୀ ସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ମୁଖ୍ୟଅତିଥି ଓ ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜୟୀ ଦଳର ବାବୁଲୁ କୁମ୍ଭାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଭାଗୀରଥି ପୋଢ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ।

## ବହି ଦୋକାନକୁ ପେଟ୍ରୋଲ ବମ୍ ଫିଙ୍ଗିଥିବା ଅଭିଯୁକ୍ତ ଗିରଫ

ବରପାଲି,୭।୧(ଡି.ଏନ.ଏ.)

ବରପାଲି ବସଷ୍ଟାଣ୍ଡରେ ଥିବା ପତ୍ରିକା ମହଲ ବହି ଦୋକାନକୁ ପେଟ୍ରୋଲ ବମ୍ ଫିଙ୍ଗିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଶୋକ ପ୍ରଧାନ (୪୯) ଏବଂ ତାଙ୍କ ଘର ଅତାବିରା ଥାନା ଅନ୍ତର୍ଗତ ତାଜାଟିକିରା ଗ୍ରାମରେ ବୋଲି ଜଣାପଡିଛି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଗତ ଡିସେମ୍ବର ୨୯ତାରିଖରେ ବରପାଲି ବସଷ୍ଟାଣ୍ଡ ଜନଗହଳି ଥିବାବେଳେ ଅଭିଯୁକ୍ତ ଜଣଙ୍କ ପେଟ୍ରୋଲ ଭର୍ତ୍ତି ବୋତଲରେ ନିଆଁ ଲଗାଇ ଉକ୍ତ ବହି ଦୋକାନକୁ ଫିଙ୍ଗି ଦେଇଥିଲେ। ଦୋକାନରେ ନିଆଁ ଲାଗିଯିବାରୁ ବହୁ ପୁସ୍ତକ ପୋଡିଯାଇଥିଲା। ତେବେ ଏହି ଏହି ଘଟଣାରେ କେହି ମୃତାହତ ହୋଇ ନ ଥିଲେ। ଦେକାନ ମାଲିକ ସିଂହନାଦ ପ୍ରଧାନ ଏ ନେଇ ବରପାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ସପ୍ତମ ହୀରାକୁଦ ମହୋତ୍ସବ ଉଦ୍‌ଘାଟିତ

ସମ୍ବଲପୁର,୭।୧(ବ୍ୟୁରୋ)

ସପ୍ତମ ହୀରାକୁଦ ମହୋତ୍ସବ ଶନିବାର ସ୍ଥାନୀୟ ସୁଭାଷ ମଇଦାନଠାରେ ଉଦ୍‌ଘାଟିତ ହୋଇଯାଇଛି। ଅତ୍ୟାଧୁନିକ ଏଲ୍‌ଇଡ଼ି ଲାଇଟରେ ମଞ୍ଚ କଳାକାରଙ୍କ ଲୋକନୃତ୍ୟ, ଲୋକବାଦ୍ୟ ଓ ଲୋକଗୀତରେ ଦୁଲକି ଉଠିଥିଲା ମଞ୍ଚ। ଉତ୍ତରପ୍ରଦେଶ ମଥୁରା କଳାକାରମାନଙ୍କ ମୟୂରି ନୃତ୍ୟ ମନ ମୋହିଥିଲା। ସକାଳେ ଶକ୍ତି ମନ୍ଦିରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ମୁଖ୍ୟ ଆକର୍ଷଣ କଂସ ମହାରାଜଙ୍କ ଦରବାର ରହିଥିଲା। ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ସମ୍ବଲପୁର ଉପଜିଲାପାଳ ପ୍ରଭାସ ଡନସନା, ହିଣ୍ଡାଲକୋ କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ, ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ସ୍ମେଟର ମୁଖ୍ୟ ଦେବାଶିଷ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଶୁଭାରମ୍ଭ କରିଥିଲେ। ମହୋତ୍ସବ କମିଟି ସଭାପତି ରତ୍ନାକର ରାଉତ, କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ଖଟେଇ, ସାଧାରଣ ସମ୍ପାଦକ ଶାନ୍ତନୁ ବଡପଣ୍ଡା, ସାଂସ୍କୃତିକ ସଂଯୋଜକ ସଞ୍ଜିତ କୁମାର ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା ।


ହୀରାକୁଦ ମହୋତ୍ସବରେ କଳାକାରଙ୍କ ମୟୂରୀ ନୃତ୍ୟ ।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

ଦେବଗଡ଼, ୭।୧ (ଡି.ଏନ.ଏ.)

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆସନ୍ତା ୭୪ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଉପାଧ୍ୟାୟ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ଉପରେ ଆଲୋଚନା କରିଥିଲେ। ୨୬ ତାରିଖ ଭୋର୍ ସାଢେ ୪ଟାରେ ରାମଧୂନ୍, ସକାଳ ୬ଟାରେ ପ୍ରଭାତ ଫେରି, ୭ଟାରେ ବିଭିନ୍ନ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ଏବଂ ସାଢେ ୮ଟାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ଅବସରରେ ଆସନ୍ତା ୨୨, ୨୩ ଓ ୨୪ ତାରିଖ ଅପରାହ୍ନ ୩ଟାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଅନୁଷ୍ଠାନ ଏବଂ ରିଜର୍ଭ ପୋଲିସ ଇନ୍ସପେକ୍ଟର ଓ ଏନ୍‌ସିସି ଅଧିକାରୀଙ୍କ ପରେଡ ରିହର୍ସାଲ କରାଯିବ। ସେହିପରି ପ୍ରାଥମିକ ମଧ୍ୟ ଇଂରାଜୀ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାନୁଆରୀ ୧୨ରେ ଓଡ଼ିଆ ବକ୍ତୃତା, ୧୩ରେ ଓଡ଼ିଆ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା, ୧୪ରେ ଇଂରାଜୀ ବକ୍ତୃତା, ୧୫ରେ ଚିତ୍ରାଙ୍କନ, ରଙ୍ଗୋଲି ଓ ଜଣାଅଜଣା ପ୍ରତିଯୋଗିତା, ୧୭ରେ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା କରାଯାଇ ସାଧାରଣତନ୍ତ୍ର ଦିବସରେ କୃତୀ ପ୍ରତିଯୋଗିତାଙ୍କୁ ପୁରସ୍କୃତ କରାଯିବ। ପରେଡ ପଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ସାଂସ୍କୃତିକ ଦଳ ବାଛି ନାମ ପଠାଇବାକୁ ଜିଲା ଶିକ୍ଷାଧିକାରୀ ବିଭିନ୍ନ ବିଦ୍ୟାଳୟକୁ ସୂଚିତ କରିବେ। ବିଭିନ୍ନ ଅନୁଷ୍ଠାନ ଓ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ହେବ। ଶେଷରେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀ ଓ ଉପକାରାଗାର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱ ଆରକ୍ଷୀ ଅଧୀକ୍ଷକ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଲୁକାସ ପ୍ରଧାନ, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ, ପୌର ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ ଓ ଅନ୍ୟମାନେ।



# ରାହା ମାନେ ଖୁସି: ଆଲିଆ

ମୁମ୍ବାଇ

ଝିଅ ରାହାଙ୍କୁ ନେଇ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଖୁବ୍ ରକ୍ଷଣଶୀଳ। ଶନିବାର ଆଲିଆ, ରଣବୀର ଏବଂ ନୀତୁ କପୁର ଗଣମାଧ୍ୟମକୁ ନିଜର ଏକ ସାକ୍ଷାତ୍କାର ଦେଇଥିଲେ। ଏ ଅବସରରେ ଖବରଦାତାଙ୍କୁ ଝିଅ ରାହାଙ୍କ ଫଟୋ ନ ଉଠାଇବାକୁ କହିଥିଲେ ଆଲିଆ। ସ୍ୱାମୀ ରଣବୀର ମଧ୍ୟ ସମାନ ଅନୁରୋଧ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ ରଖିଥିଲେ। ଝିଅ ରାହାଙ୍କ ନାଁର ମାନେକୁ ନେଇ ଆଲିଆ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ବଙ୍ଗଳା, ସଂସ୍କୃତ ଏବଂ ଆରବିକ୍‌ରେ ରାହାର ଅର୍ଥ କ'ଣ ତାହା ସେ ନିଜ କ୍ୟାପ୍ସନରେ ଲେଖିଛନ୍ତି। ଫଟୋରେ ରଣବୀରଙ୍କ ସହ ଆଲିଆ ଓ ଝିଅ ରାହା ଥିବାବେଳେ ତିନିଜଣଯାକଙ୍କ ମୁହଁ ବ୍ଲୁରର ହୋଇଯାଇଛି। ଏହାଛଡ଼ା ରାହାଙ୍କୁ ଦୁଇ ବର୍ଷ ହେବା ପରେ ତାଙ୍କ ଫଟୋ ପବ୍ଲିକ୍ କରାଯିବ ବୋଲି ଆଲିଆ କହିଛନ୍ତି। ଗତବର୍ଷ ନଭେମ୍ବର ୬ରେ ଆଲିଆ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ।

# ଯାଆଁଳା ଭଉଣୀ: ଜନ୍ମ ବର୍ଷ, ତାରିଖ ଭିନ୍ନ

ୱାଶିଂଟନ

ଯାଆଁଳା ଭଉଣୀ କିନ୍ତୁ ବିଭିନ୍ନ ଦିନ ଏବଂ ବର୍ଷରେ ଜନ୍ମଦିନ, ପଢ଼ିଲାବେଳକୁ ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଏହା ସତ୍ୟ। ବାସ୍ତବରେ, ଆମେରିକାର ଟେକ୍ସାସରେ କାଲୀ ଜୋ ଫ୍ଲାଭଲେନ ନାମକ ଜଣେ ମହିଳା ୩୧ ଡିସେମ୍ବର ୨୦୨୨ ଦିନ ରାତି ୧୧ଟା ୫୫ ରେ ତାଙ୍କର ପ୍ରଥମ କନ୍ୟା ସନ୍ତାନ ଆନି ଜୋଙ୍କୁ ଜନ୍ମ ଦେଇଥିଲେ ଏବଂ ପରେ ୧ ଜାନୁଆରୀ ୨୦୨୩ ମଧ୍ୟରାତ୍ର ୧୨ ଟା ୧ରେ ଦ୍ୱିତୀୟ ଝିଅ ଇଫି ରୋଜଙ୍କୁ ଜନ୍ମ ଦେଇଥିଲେ। ତେବେ ପିଲାମାନେ ଗୋଟିଏ ବର୍ଷରେ ଜନ୍ମ ହେବେ ବୋଲି ଦମ୍ପତି ଭାବିଥିଲେ। ମହିଳା ଜଣକ ଏହି ଖୁସି ଖବର ସହିତ ଫଟୋ ସୋସିଆଲ ମିଡ଼ିଆରେ ଶେୟାର କରିଛନ୍ତି। ଟେକ୍ସାସ ହସ୍ପିଟାଲର ଡାକ୍ତରଙ୍କ କହିବାନୁସାରେ, ଏହା ଏକ ଅନନ୍ୟ ଘଟଣା। ପ୍ରାୟ ୨୦ ଲକ୍ଷ ଯାଆଁଳା ଶିଶୁଙ୍କ କ୍ଷେତ୍ରରେ ଏଭଳି ପରିସ୍ଥିତି ଦେଖାଯାଇଥାଏ। ଗତ ବର୍ଷ କାଲିଫର୍ନିଆରେ ମଧ୍ୟ ସମାନ ମାମଲା ସାମ୍ନାକୁ ଆସିଥିଲା। ଫାତିମା ମାଡ୍ରିଗାଲ ୧୫ ମିନିଟର ବ୍ୟବଧାନରେ ଦୁଇଟି ଶିଶୁ ପୁତ୍ରଙ୍କୁ ଜନ୍ମ ଦେଇଥିଲେ। ଜଣଙ୍କର ନାମ ଆଲିନ ଯିଏ ୩୧ ଡିସେମ୍ବର ୨୦୨୧ ରେ ଜନ୍ମ ହୋଇଥିବା ବେଳେ ଅନ୍ୟଜଣଙ୍କ ଚାଉକର ଯିଏ ୧ ଜାନୁୟାରୀ ୨୦୨୩ ରେ ଜନ୍ମ ହୋଇଥିଲେ।



# ଆଗ ଚକ ନ ଥିବା ଟ୍ରକ୍



**ଲକ୍ଷ୍ନୌ:** ଚକାବିହୀନ ଟ୍ରକ୍‌କୁ ନେଇ ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ବହୁଳ ପ୍ରସାରିତ ହେବାରେ ଲାଗିଛି। ଆଗଚକା ନ ଥିବା ଏକ ଟ୍ରକ୍ ଜଣେ ଡ୍ରାଇଭର ଖୁବ୍ ଜୋର୍‌ରେ ହାଇୱେରେ ଗଲାଉଥିବା ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଆଗଚକା ନ ଥିବା ଗାଡ଼ି ଚଲାଇବା ଏକ ପ୍ରକାର ଅସମ୍ଭବ ହୋଇଥିବାବେଳେ ଭିଡିଓକୁ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି ନିଶ୍ଚୟ। ଭାଇରାଲ ହୋଇଥିବା ଭିଡିଓକୁ ଦେଖି ଲୋକେ ଏଣ୍ଟରଟେନ୍ ହେବା ସହ ବହୁ ମଜାଳିଆ କମେଣ୍ଟ ମଧ୍ୟ ଦେଇଛନ୍ତି। ଜଣେ ୟୁଜର ଡ୍ରାଇଭରଙ୍କ ଏ ପ୍ରକାର ଟ୍ୟାଲେଣ୍ଟକୁ ପ୍ରଶଂସା କରିଥିବାବେଳେ ଆଉଜଣେ ଲେଖିଛନ୍ତି ଏ ପ୍ରକାର ଘଟଣା କେବଳ ଭାରତରେ ହିଁ ସମ୍ଭବ। ଭିଡିଓଟିକୁ ୫ ନିୟୁତ ଲୋକ ଦେଖିସାରିବା ସହ ୫ ଲକ୍ଷ ଲୋକ ଲାଇକ୍ କରିଛନ୍ତି।

ନିକଟରେ ଆଉ ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା, ଯେଉଁଥିରେ ଜଣେ ବସ୍ ଡ୍ରାଇଭର୍ ରାସ୍ତା ମଝିରେ ଗାଡ଼ି ରଖି ଚା' ଆଣିବାକୁ ଯାଇଥିଲେ। ଫଳରେ ରାସ୍ତାରେ କିଛି ସମୟ ଟ୍ରାଫିକ୍ ଜାମ୍ ହୋଇଥିବାର ମଧ୍ୟ ଦେଖିବାକୁ ମିଳିଥିଲା।

# ଶୁଟିଂବେଳେ ରୋହିତ ଆହତ



**ମୁମ୍ବାଇ:** ବଲିଉଡ୍ ଫିଲ୍ମ ନିର୍ଦ୍ଦେଶକ ରୋହିତ ସେଟ୍ଟି ତାଙ୍କ ଅପକମିଂ ୱେବ ସିରିଜ 'ଇଣ୍ଡିଆନ ପୋଲିସ ଫୋର୍ସ'ର ଶୁଟିଂ ସମୟରେ ଆହତ ହୋଇଛନ୍ତି। ତାଙ୍କ ହାତରେ ଆଘାତ ଲାଗିଛି। ସେ ହାଇଦ୍ରାବାଦର କାମିନେନି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେଠାରେ ତାଙ୍କର ମାଇନର ସର୍ଜରୀ ହୋଇଛି, ଏବେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରି ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାମୋଜି ରାଓ ଷ୍ଟୁଡିଓରେ ୱେବ ସିରିଜ ଇଣ୍ଡିଆନ ପୋଲିସ ଫୋର୍ସର ଶୁଟିଂ ଚାଲିଥିଲା। ରୋହିତ ଏକ କାର ଚେଜ ସିକ୍ୱେନ୍ସର ଶୁଟ କରୁଥିଲେ ଏହି ସମୟରେ ତାଙ୍କ ହାତରେ ଆଘାତ ଲାଗିଥିଲା। ଏହାପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏହି ଖବର ପାଇବା ପରେ ପ୍ରଶଂସକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ସୂଚନାଯୋଗ୍ୟ, ଇଣ୍ଡିଆନ ପୋଲିସ ଫୋର୍ସ ରୋହିତ ସେଟ୍ଟିଙ୍କ ମୋଷ୍ଟ ଆୱେଟେଡ ସିରିଜ ମଧ୍ୟରୁ ଗୋଟିଏ। ରୋହିତ ସେଟ୍ଟିଙ୍କ ୱେବ ସିରିଜ 'ଇଣ୍ଡିଆନ ପୋଲିସ ଫୋର୍ସ' ଆମାଜନ ପ୍ରାଇମ ଭିଡିଓରେ ରିଲିଜ ହେବ। ଏଥିରେ ସିଦ୍ଧାର୍ଥ ମାଲହୋତ୍ରା ଲିଡ ରୋଲରେ ନଜର ଆସିବେ।

# ୱାର୍‌ଗେମ୍ସରେ ମହିଳା ପାଇଲଟ ଅବନୀ



ନୂଆଦିଲ୍ଲୀ

ଜାପାନରେ ଆରମ୍ଭ ହେବାକୁ ଥିବା ଏରିଅଲ୍ ୱାର୍‌ଗେମ୍ସରେ ପ୍ରଥମ କରି ମହିଳା ଆଇଏଏଫ୍ ଫାଇଟର ପାଇଲଟ ଅବନୀ ଚତୁର୍ବେଦୀ ସାମିଲ ହେବାକୁ ଯାଉଛନ୍ତି। ଭାରତର ପ୍ରଥମ ତିନି ମହିଳା ଫାଇଟର ପାଇଲଟ୍‌ଙ୍କ ମଧ୍ୟରେ ଥିବା ଅବନୀ ଶନିବାର ଜାପାନ ଅଭିମୁଖେ ବାହାରିଛନ୍ତି। ସ୍କ୍ୱାଡ୍ରୋନ୍ ଲିଡର୍ ଅବନୀ ସୁ-୩୦ ଏମ୍‌କେଆଇ ପାଇଲଟ୍। ବିଦେଶର ବହୁ ପାଇଲଟ ଏଥିରେ ଯୋଗଦେବାକୁ ଥିବାବେଳେ ଫ୍ରାନ୍ସର ଦୁଇ ମହିଳା ଫାଇଟର ପାଇଲଟ୍ ମଧ୍ୟ ଏହି ୱାର୍‌ଗେମ୍ସରେ ଅଂଶଗ୍ରହଣ କରିବେ। ବୀର ଗାର୍ଡିଆନ୍ ୨୦୨୩ ୱାର୍‌ଗେମ୍ସ ଆସନ୍ତା ୧୬ରୁ ୨୬ ପର୍ଯ୍ୟନ୍ତ ଜାପାନର ହାଇଆକୁରି ଏୟାରବେସ୍, ଓମିତମା ଏୟାରସ୍ପେସ୍ ଏବଂ ଇରୁମା ଏୟାରବେସ୍‌ରେ କରାଯିବ।

# ୧୦୦ ଦିନ ପୂରଣ କଲା 'କାନ୍ତାରା'

**ମୁମ୍ବାଇ:** ୨୦୨୨ରେ ଫିଲ୍ମ 'କାନ୍ତାରା' ଦର୍ଶକଙ୍କ ହୃଦୟକୁ ଛୁଇଁଯାଇଛି। ଫିଲ୍ମଟି ବ୍ଲକବଷ୍ଟର ତାଲିକାରେ ଆଉ ଏକ ଗୌରବ ଯୋଡ଼ିଛି, ଯାହା ଭାରତର ହୃଦୟରୁ 'କାନ୍ତାରା' ଆକର୍ଷଣୀୟ ହୋଇଛି। ଏହି ଫିଲ୍ମଟି ପ୍ରଥମ ଦିନରୁ ହିଁ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲା। ୨୦ ସେପ୍ଟେମ୍ବରରେ ରିଲିଜ ହୋଇଥିବା ଏହି ଫିଲ୍ମ ଆଜି ୧୦୦ ଦିନ ପୂରଣ କରିଛି। ହୋମ୍ବେଲ ଫିଲ୍ମସ ପକ୍ଷରୁ ଇତିହାସରେ ଏହି ବିଶେଷ ଦିନ ପାଳନ କରି ସୋସିଆଲ ମିଡିଆରେ ଫିଲ୍ମର ୧୦୦ ଦିନର ପୋଷ୍ଟର ସହିତ ଏକ ନୋଟ ଶେୟାର କରି କ୍ୟାପଶନ ଲେଖାଯାଇଛି, 'ଡିଭାଇନ ବ୍ଲକବଷ୍ଟର 'କାନ୍ତାରା'ର ୧୦୦ ଦିନ ପାଳନ କରିବା, ଏହା ଏମିତି ଏକ ଫିଲ୍ମ;ଯାହାକୁ ଆମେ ସବୁବେଳେ ମନେ ରଖିବୁ, ଯାହା ଆମକୁ ପୁନର୍ବାର ଆମ ମୂଳକୁ ନେଇଗଲା ଏବଂ ଆମ ପରମ୍ପରା ବିଷୟରେ ଆମକୁ ଆଶ୍ଚର୍ଯ୍ୟ କଲା। 'କାନ୍ତାରା' ୨୦୨୨ରେ ଖାଲି ଯେ, ସାଧାରଣ ଦର୍ଶକଙ୍କ ମନୋରଞ୍ଜନ କରିଥିଲା ତାହା ନୁହେଁ, ଏହି ଫିଲ୍ମ କ୍ରିକେଟରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରଣାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଛୁଇଁ ଯାଇଥିଲା। ଫିଲ୍ମକୁ ସମସ୍ତଙ୍କର ସମର୍ଥନ ଥିଲା। ଫିଲ୍ମଟି ଓଟିଟିରେ ରିଲିଜ ହେବା ପରେ ଏବେ ପ୍ରେକ୍ଷାଳୟରେ ଚାଲିଛି। ଯାହାକୁ ଦର୍ଶକେ ଦେଖୁଛନ୍ତି। ମୋଟ ଉପରେ କହିବାକୁ ଗଲେ ଏହି ଫିଲ୍ମର କ୍ରେଜ ଏବେ ବି କମିନାହିଁ।


GOVERNMENT OF ODISHA No. A-987

DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
DEO HEAD WORKS DIVISION, KARANJIA

At/P.O.: Karanjia, Dist.: Mayurbhanj - 757037, e-mail: eedhwd@gmail.com

"e" Procurement Notice No. 04/SEDHWD of 2022-23

Bid Identification No. 04/SEDHWD of 2022-23

Type of Work : Building, Drain and CC Road
Total No. of Packages : 03 (Three) Nos. of Individual Work
Estimated Cost of Package : Rs.61.46 lakh, 71.66 lakh, 60.91 lakh
Period of Completion : 03 (Three) Calendar Months
Class of Contractor : "B" Class
Other Details :

| Procurement Officer | Bid-Identification No. | Availability of Tender Online for Bidding | | Date & Time of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Deo Head Works Division, Karanjia | 04/SEDHWD of 2022-23 (Online) | 10.01.2023 at 10.00 A.M. | 24.01.2023 upto 05.00 P.M. | 25.01.2023 at 11.30 A.M. |

Further details can be seen from the Govt. website www.tendersorissa.gov.in.
Any addendum/corrigendum/cancellation of tender can also be seen in the said website.

Sd./- Superintending Engineer
Deo Head Works Division, Karanjia
OIPR-32248/11/0005/2223



ଜୱାହର ନବୋଦୟ ବିଦ୍ୟାଳୟ, ରାୟଗଡ଼ା

ପ୍ରବେଶ ପରୀକ୍ଷା ବିଜ୍ଞାପନ

୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରବେଶ ପରୀକ୍ଷା ୨୯।୦୪।୨୦୨୩ ତାରିଖରେ ବ୍ଲକ ସ୍ତରରେ ଅନୁଷ୍ଠିତ ହେବ। ୫ମ ଶ୍ରେଣୀରେ ପଢୁଥିବା ପ୍ରାର୍ଥୀମାନେ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହାୟତାରେ ଆବେଦନ ପତ୍ର ପୂରଣ କରିପାରିବେ। ଆବେଦନ କରିବାର ଶେଷ ତାରିଖ: ୩୧।୦୧।୨୦୨୩। ଏହି ଲିଙ୍କ **https://cbseitms.rcil.gov.in/nvs/Index/Registration** ମାଧ୍ୟମରେ ଆବେଦନ କରନ୍ତୁ।

ସ୍ୱା./- ଅଧ୍ୟକ୍ଷ
ଜୱାହର ନବୋଦୟ ବିଦ୍ୟାଳୟ, ରାୟଗଡ଼ା



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୪୩୩ ତା:୩୧।୧୨।୨୨

ବିଜ୍ଞାପନ

No. CAD-4397: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପର୍ଯ୍ୟାୟ-୬ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଭି.ଆଇ.ଏମ୍-୬୨୩ (VIM-623) ଟିକୁ ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ, ପିତା: ୰ଲକ୍ଷ୍ମୀଧର ଷଡ଼ଙ୍ଗୀ, ସା: ଯୋହଳ, ପୋ.: ପାହାଳ, ଥା.: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ କ୍ଷିତିଶ୍ ରଞ୍ଜନ ଷଡ଼ଙ୍ଗୀ, ପିତା: ଶ୍ରୀ ପ୍ରଭାତ କୁମାର ଷଡ଼ଙ୍ଗୀ, ସା: ଯୋହଳ, ପୋ: ପାହାଳ, ଥା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
OIPR-13030/11/0520/2223 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(ZILLA SWASTHYA SAMITI, KEONJHAR)

Advt. Lt. No.: 142 Date: 06.01.2023

OBJECTIONS INVITED

No. E-808: With reference to this office Advt. Letter No. 12112 Dt.13.10.2022 which was published in Odia daily Newspaper i.e. "Dharitri" & "Sambad" on Dtd.15.10.2022, the details list of candidates applied for the post of Accountant-cum-DEO, Data Assistant-cum-Accountant, Social Worker-DEIC & Clinical Psychologist under NHM of Keonjhar district is available in the district NIC website i.e. **www.kendujhar.nic.in** in Recruitment page. Candidates are requested to verify the database of their candidature relating to the database only and requested to submit objections relating to the database if any for the above post and the objection must be reached in the Office of CDM & PHO-cum-DMD, Keonjhar - 758001 by Dtd. 17.01.2023 till 5.00 P.M. The objections shall be sent through Speed Post/Regd. Post/Courier only in a closed envelope (superscribing top of the envelope **"Objection for the post of ........................... under NHM, Keonjhar"**). No further objections shall not be entertained after the due date.

Sd./- Chief District Medical & Public Health Officer, Keonjhar
OIPR-10033/11/0030/2223



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୪୩୧ ତା:୩୦।୧୨।୨୨

ବିଜ୍ଞାପନ

No. CAD-4393: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଶ୍ରୀ ସତ୍ୟସାଇ ଏନକ୍ଲେଭ, ଆଇଗିଣିଆ ଗୃହ ନିର୍ମାଣ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏଚ୍.ଆଇ.ଜି.-୧-୧୭ (HIG-1-17) ଟିକୁ ଶ୍ରୀ ପ୍ରଶାନ୍ତ କୁମାର ସାମନ୍ତରାୟ, ପିତା: ମୃତ୍ୟୁଞ୍ଜୟ ସାମନ୍ତରାୟ, ସା: ଗୁଡ଼ିଆପଲ୍ଲୀ, ପୋ.: ବୁଧମ୍ବା, ଥା: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଶାନ୍ତ କୁମାର ସାମନ୍ତରାୟ ଉକ୍ତ ଫ୍ଲାଟ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଜେନା ବ୍ରଦର୍ସ ଇନ୍‌ଫ୍ରାଷ୍ଟ୍ରକଚର ପ୍ରା.ଲିଃ.ଙ୍କ ତରଫରୁ ପ୍ରତିନିଧି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ଜେନା, ପିତା: ଭଜନି ଜେନା, ସା: ଏମ୍.ଆଇ.ଜି.-୨-୩୨୦, ଶ୍ରୀ ସତ୍ୟସାଇ ଏନ୍‌କ୍ଲେଭ, ଆଇଗିଣିଆ, ପୋ: ଆଇଗିଣିଆ, ଥା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
OIPR-13030/11/0516/2223 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



TENDER NOTICE

No. MM-402: Sealed tenders are invited from intending purchasers for sale of confiscated vehicles of the following description on "as is where is basis". The vehicles are presently available at the place noted against each. The sealed tenders in prescribed proforma should be submitted in O/o. the D.F.O., Cuttack Forest Division on or before 20.01.2023 upto 05.00 P.M. and will be opened on the same day at 06.00 P.M. in presence of the tenderers or their authorized representatives.
The tender papers alongwith the terms and conditions can be obtained on payment of Rs.50/- (Rupees fifty) only from the O/o. the D.F.O., Cuttack Forest Division on any working day during the office hours (10.00 A.M. to 5.30 P.M.) from the date of publication of the tender notice.
The undersigned reserves all the rights to accept or reject any or all tender papers without assigning any reason thereof.

| Sl. No. | O.R. Case No. & Year | Type of Vehicle | Vehicle Bearing Regd. No. | Campus where the Vehicle is available |
|---|---|---|---|---|
| 1 | 2 | 3 | 4 | 5 |
| 1 | O.R. Case No. 149$^{JR}$ of 2005-06 | TATA 207 DI | Chassis No. 374463 | Forest Rest House Campus, Jajpur Road |
| 2 | O.R. Case No. 209$^{JR}$ of 2009-10 | Mahindra Savari | OR-22C-5743 | Forest Rest House Campus, Jajpur Road |
| 3 | O.R. Case No. 56$^{JR}$ of 2010-11 | TATA Sumo | Chassis No. 385003ASQ400325 | Forest Rest House Campus, Jajpur Road |
| 4 | O.R. Case No. 85$^{JR}$ of 2010-11 | Truck | OR-09H-1081 | Forest Rest House Campus, Jajpur Road |
| 5 | O.R. Case No. 21$^{JR}$ of 2010-11 | Mahindra Pick up | OR-09H-1081 | Forest Rest House Campus, Jajpur Road |
| 6 | O.R. Case No. 38$^{JR}$ of 2012-13 | Truck | OR-09C-6793 | Forest Rest House Campus, Jajpur Road |
| 7 | O.R. Case No. 13$^{JR}$ of 2017-18 | Mahindra Bolero | OD-04F-6764 | Forest Rest House Campus, Jajpur Road |
| 8 | U.D. Case No. 6$^{JR}$ of 2007-08 | Bolero DI Turbo | OR-02AH-2807 | Forest Rest House Campus, Jajpur Road |
| 9 | O.R. Case No. 87$^{JR}$ of 2007-08 | TATA 207 DI | OR-09-E-0924 (Fake Regd. No.) Chassis No. 478011JSZ936131 | Forest Rest House Campus, Jajpur Road |
| 10 | O.R. Case No. 399$^{JR}$ of 2007-08 | Kawasaki Boxer | OR-04C-5681 | Forest Rest House Campus, Jajpur Road |
| 11 | O.R. Case No. 240$^{JR}$ of 2007-08 | TATA ACE | OR-05W-8734 | Forest Rest House Campus, Jajpur Road |
| 12 | O.R. Case No. 24$^{JR}$ of 2009-10 | Bolero | OR-02-AV-0453 (Fake Regd. No.) Engine No. GA74K83584 | Forest Rest House Campus, Jajpur Road |
| 13 | O.R. Case No. 35$^{JR}$ of 2009-10 | Ambassador Car | ORX-7492 | Forest Rest House Campus, Jajpur Road |
| 14 | O.R. Case No. 29$^{JR}$ of 2011-12 | TATA 407 Mini Truck | OR-04-9328 | Forest Rest House Campus, Jajpur Road |
| 15 | O.R. Case No. 59$^{JR}$ of 2011-12 | TATA 407 Turbo | ORY-4742 | Forest Rest House Campus, Jajpur Road |
| 16 | O.R. Case No. 61$^{JR}$ of 2011-12 | TATA 407 Mini Truck | OR-09B-2143 | Forest Rest House Campus, Jajpur Road |
| 17 | O.R. Case No. 63$^{JR}$ of 2011-12 | Ambassador Car | OSX-5605 | Forest Rest House Campus, Jajpur Road |
| 18 | O.R. Case No. 26$^{JR}$ of 2013-14 | Mahindra Maximo | OD-04-3894 | Forest Rest House Campus, Jajpur Road |

Sd./- Conservator of Forests
I/c Cuttack Forest Division
OIPR-08025/11/0011/2223



No.i-320

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶପଲ୍ଲା

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ:-

| କ୍ର. ନଂ. | ଗ୍ରା.ପ.ର ନାମ | PMAY - G (9 Days) | | MGNREGS (7 Days) | | ଗ୍ରାମସଭା ତାରିଖ | ଜନଶୁଣାଣି ତାରିଖ |
|---|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଆରମ୍ଭ ତାରିଖ | ଶେଷ ତାରିଖ | | |
| ୦୧ | ବାଣିଗୋଛା | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୨ | ଡିହଗାଁ | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୩ | ମଧ୍ୟଖଣ୍ଡ | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୪ | ଖମାରସାହି | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୫ | ସରିଗଣ୍ଡା | ୧୬.୦୧.୨୦୨୩ | ୨୪.୦୧.୨୦୨୩ | ୨୫.୦୧.୨୦୨୩ | ୩୧.୦୧.୨୦୨୩ | ୩୧.୦୧.୨୦୨୩ | ୨୮.୦୩.୨୦୨୩ |
| ୦୬ | ନୂଆଗାଁ | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୭ | କୁଜାମେଣ୍ଡି | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୮ | କଳସାଖମଣ | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୦୯ | ଟାକରା | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୧୦ | କୁଲୁରୁକୁମ୍ପା | ୦୧.୦୨.୨୦୨୩ | ୦୯.୦୨.୨୦୨୩ | ୧୦.୦୨.୨୦୨୩ | ୧୬.୦୨.୨୦୨୩ | ୧୬.୦୨.୨୦୨୩ | ୨୮.୦୩.୨୦୨୩ |
| ୧୧ | ନଛିପୁର | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୨ | ଚଢ଼େୟାପଲ୍ଲୀ | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୩ | ତେଣ୍ଡାବାଡ଼ି | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୪ | ଘୁଗୁଡ଼ିପଡ଼ା | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୫ | ପୋଖରୀଗୋଛା | ୧୭.୦୨.୨୦୨୩ | ୨୫.୦୨.୨୦୨୩ | ୨୬.୦୨.୨୦୨୩ | ୦୪.୦୩.୨୦୨୩ | ୦୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୬ | ତୁମାଣ୍ଡି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୭ | ଶିମିଳିସାହି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୮ | ଦୁଡ଼ା | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୧୯ | ଘୋଳାହାଣ୍ଡି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |
| ୨୦ | ଭୋଗବାଡ଼ି | ୦୯.୦୩.୨୦୨୩ | ୧୭.୦୩.୨୦୨୩ | ୧୮.୦୩.୨୦୨୩ | ୨୪.୦୩.୨୦୨୩ | ୨୪.୦୩.୨୦୨୩ | ୨୮.୦୩.୨୦୨୩ |

OIPR-19119/11/0004/2223 ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶପଲ୍ଲା



# ନବଦିଗନ୍ତ

ଅଭିଲାଷ


ରାକେଶ

**ନୂଆବର୍ଷ ଆରମ୍ଭ ସହିତ ମନରେ ବି ଅସୁମାରି ସ୍ୱପ୍ନ। ସଫଳ କ୍ୟାରିୟର ଗଢ଼ି ନିଜକୁ ରୋଜଗାରକ୍ଷମ କରିବାକୁ ଏକ ନୂଆ ସଂକଳ୍ପ। ଆଉ ଏହା ସେହିମାନଙ୍କ କ୍ଷେତ୍ରରେ ସାକାର ହୁଏ ଯାହା ପାଖରେ ଥାଏ ଗଭୀର ନିଷ୍ଠା, ଦୃଢ଼ ମନୋବଳ ଓ ଅବିରତ ପ୍ରଚେଷ୍ଟା। ତେବେ ନିଜ ଉଦ୍ୟମ ବଳରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଯୁବସମାଜ ପାଇଁ ପ୍ରେରଣା ସାଜିଥିବା କେତେଜଣ ଯୁବ ଉଦ୍ୟୋଗୀଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...**

ରୋଜଗାରକ୍ଷମ ହେବାକୁ କିଏବା ନ ଚାହେଁ! ହେଲେ ଅଧିକ ପାଠ ପଢ଼ି ଭଲ ଚାକିରି କରିବା ହିଁ ଯୁବପିଢ଼ିଙ୍କ ପାଇଁ ରୋଜଗାର କରିବାର ଏକମାତ୍ର ବଳିଷ୍ଠ ମାଧ୍ୟମ ; ଏହାକୁ ନେଇ ଅନେକଙ୍କ ମନରେ ଥିବା ଭାବନାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି ସେମାନେ। ଆଉ ନିଜ ଉଦ୍ୟମ ବଳରେ ରୁଚି ରଖୁଥିବା ବିଭିନ୍ନ ଦିଗରେ ସଫଳତା ସାଉଁଟି ସେମାନେ ସାଜିଛନ୍ତି ଯୁବସମାଜ ପାଇଁ ପ୍ରେରଣା। ଖାଲି ଏତିକି ନୁହେଁ, ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାରକ୍ଷମ ହେବାର ଦେଇଛନ୍ତି ସୁଯୋଗ। ସେହିଭଳି କେତେଜଣ ସଫଳ ଯୁବ ଉଦ୍ୟୋଗୀଙ୍କ ସମ୍ପର୍କରେ...

## ଉଦ୍ୟମ ହିଁ ସଫଳତାର ଚାବିକାଠି

ସୁନ୍ଦର ତଥା ଆକର୍ଷଣୀୟ ହୋମ୍ ଡିଜାଇନ୍ କରିବାରେ ରହିଛି ତାଙ୍କର ବିଶେଷ ଦକ୍ଷତା। ଯେଉଁଥିପାଇଁ ସେ ଖୁବ୍ କମ୍ ବୟସରୁ ଏ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ହୋଇପାରିଛନ୍ତି ସକ୍ଷମ। ସେ ହେଉଛନ୍ତି କଟକ ବାସିନ୍ଦା ରଞ୍ଜିତା ମହାପାତ୍ର ଏବଂ ବରୁଣ କୁମାର ପତିଙ୍କ ପୁଅ ଅଭିଲାଷ। ମାତ୍ର ୧୫ ବର୍ଷ ବୟସରୁ ସେ ନିଜ ଫ୍ୟାମିଲି ବିଜ୍‌ନେସ୍‌ରେ ଯୋଗଦେବାକୁ ମନ ବଳାଇଥିଲେ। ଗ୍ରାଜୁଏଶନ୍ ପଢ଼ା ପରେ ସେ ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ହେଲେ ନିଜର ନୂଆ ଘର ତିଆରି ହେବା ବେଳେ ସେ ଏହାର ଉଭୟ ଆଉଟର ଏବଂ ଇଣ୍ଟେରିଅର ଡିଜାଇନ୍ ପ୍ରସ୍ତୁତ କରିଥିଲେ, ଯାହାକି ସମ୍ପୂର୍ଣ୍ଣ ହେବା ପରେ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସଭିଙ୍କ ପ୍ରଶଂସା ତାଙ୍କୁ ଏକ ନୂଆ ଦିଗ ଆଡ଼କୁ ମୁହାଁଇଥିଲା। ଦୃଢ଼ ଇଚ୍ଛା ଓ ଉଦ୍ୟମ ହିଁ ସଫଳତାର ଚାବିକାଠି ବୋଲି ବିଶ୍ୱାସ ରଖୁଥିବା ଅଭିଲାଷ କାହା ଅଧୀନରେ କାର୍ଯ୍ୟ ନ କରି ନିଜସ୍ୱ ଏକ ସଂସ୍ଥା ଆରମ୍ଭ କରିବାକୁ ମନସ୍ଥ କଲେ। ଆଉ ୨୦୧୭ରେ ପ୍ରତିଷ୍ଠା କଲେ ଇଣ୍ଟେରୋ ହବ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ। ମାତ୍ର ୧୨ ହଜାର ଟଙ୍କା ରେଜିଷ୍ଟ୍ରେଶନ୍ ଫି ଦେଇ ଆରମ୍ଭ କରିଥିବା ତାଙ୍କର ଏହି ସଂସ୍ଥାରେ ବର୍ତ୍ତମାନ ବାର୍ଷିକ ଆୟ ପ୍ରାୟ ୨.୫ କୋଟିରେ ପହଞ୍ଚିପାରିଛି। ନିଜ ସଂସ୍ଥା ମାଧ୍ୟମରେ ସେ ବର୍ତ୍ତମାନ ସୁଦ୍ଧା ୬ ଜଣ ସହଯୋଗୀଙ୍କ ସହ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତ କରିପାରିଛନ୍ତି। ଆଗକୁ ସେ ନିଜ ସଂସ୍ଥାରେ ଆହୁରି ଅନେକ କର୍ମଚାରୀଙ୍କୁ ରୋଜଗାରର ମାଧ୍ୟମ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ କଟକ ଏବଂ ଭୁବନେଶ୍ୱରରେ ତାଙ୍କର ଅଫିସ ଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ଲାଟେଷ୍ଟ ଇଣ୍ଟେରିଅର ଡିଜାଇନ୍, ହୋମ୍ ପ୍ଲାନ୍ ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ତେବେ ନିଜ ସମସ୍ତ ସଫଳତା ପଛରେ ଅଭିଭାବକଙ୍କ ପ୍ରୋତ୍ସାହନ ସହ ପତ୍ନୀ ତଥା ନିଜ କମ୍ପାନୀର କୋ-ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିବା ଇଶାନୀ ପତିଙ୍କ ସହଯୋଗ ରହିଥିବା ପ୍ରକାଶ କରନ୍ତି।

## ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ଲକ୍ଷ୍ୟ

ନୂଆ ନୂଆ ସ୍ଥାନ ବୁଲିବା ତାଙ୍କର ରୁଚି। କୌଣସି ଭଲ ସ୍ଥାନ ଦେଖିଲେ, କ'ଣ ସବୁ ସୁବିଧା ଉପଲବ୍ଧ ରହିଲେ ଏଠାକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବାକୁ ଆକୃଷ୍ଟ ହେବେ ସେ ଯୋଜନା ତାଙ୍କ ମନକୁ ବାରମ୍ବାର ଆସେ। ବାସ୍ ଏହି ଭାବନାକୁ ସେ ନିଜସ୍ୱ ଉଦ୍ୟମରେ ଜୀବନ୍ତ ରୂପ ଦେଇ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ସେ ହେଉଛନ୍ତି ଓ୍ୱାଣ୍ଡର ଲଷ୍ଟର ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଓଡ଼ିଶାଭିତ୍ତିକ ପର୍ଯ୍ୟଟନ କମ୍ପାନୀର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ସୌରଭ ସ୍ୱପ୍ନିଳ ଦତ୍ତ। ପାଠପଢ଼ା ସମୟରୁ ପାହାଡ଼ ଚଢ଼ିବା, ନଈରେ ପହଁରିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରିବାରେ ତାଙ୍କୁ ମିଳେ ଆନନ୍ଦ। ବୟସ ବଢ଼ିବା ସହ ଧୀରେ ଧୀରେ ଏହା ତାଙ୍କର ନିଶା ପାଲଟିଗଲା ଏବଂ ମାତ୍ର ୧୮ ବର୍ଷ ବୟସରେ ହିଁ ସେ ଏକ ସଂସ୍ଥା ଆରମ୍ଭ କଲେ। ଆଉ ଏହା ସାହାଯ୍ୟରେ କେବଳ ନିଜେ ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ଏଭଳି ରୋମାଞ୍ଚକର ଅନୁଭୂତି ସାଉଁଟିବାର ସୁଯୋଗ ଦେବାକୁ ଅଣ୍ଟା ଭିଡ଼ିଲେ। ନିଜର ନିଆରା ରୁଚିକୁ ପୂରଣ କରିବା ସହ ନିଜ ସଂସ୍ଥାର ଅଧିକ ଉନ୍ନତି ଲାଗି ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ୍ ଟ୍ରାଭେଲ୍ ମ୍ୟାନେଜ୍‌ମେଣ୍ଟରେ ଟୁରିଜମ୍ ମ୍ୟାନେଜମେଣ୍ଟ ସମାପ୍ତ କଲେ। ଏହାପରେ ୨୦୨୦ରେ ନିଜସ୍ୱ କମ୍ପାନୀ ପ୍ରତିଷ୍ଠା କଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଓଡ଼ିଶାର ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀକୁ ଲୋକଲୋଚନକୁ ଆଣିବା ଏବଂ ସେଠାରେ ପର୍ଯ୍ୟଟକ ଓ ଯୁବଗୋଷ୍ଠୀଙ୍କ ବଜେଟକୁ ସୁହାଇଲା ଭଳି ସମସ୍ତ ସେବା ଉପଲବ୍ଧ କରାଇବା। ସେଥିପାଇଁ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଓ ପୁରୀ ଜିଲାର ରାମଚଣ୍ଡୀଠାରେ ସେ ୨ଟି କ୍ୟାମ୍ପସ୍ ସାଇଟ୍ ପରିଚାଳନା କରୁଛନ୍ତି। ଜନଗହଳିଠାରୁ ଦୂରରେ ଏହି ୨ଟି କ୍ୟାମ୍ପସ୍ ସାଇଟ୍ ପର୍ଯ୍ୟଟକଙ୍କୁ ପ୍ରକୃତିର ନିକଟତର କରିବା ସଙ୍ଗେ ସଙ୍ଗେ ଟେଣ୍ଟରେ ରହିବା, ବର୍ନ ଫାୟାରର ମଜା ନେବା ଏବଂ ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ପ୍ରକୃତିକୁ ଉପଭୋଗ କରିବାରେ ଏକ ନିଆରା ଅନୁଭୂତି ପ୍ରଦାନ କରୁଛି। ନିଜ ମା'ବାପା (ସୌଭାଗ୍ୟଲକ୍ଷ୍ମୀ ଏବଂ ସରୋଜ କୁମାର ଦତ୍ତ)ଙ୍କୁ ପ୍ରେରଣାର ଉତ୍ସ ମାନୁଥିବା ସୌରଭ ଭୋକାଲ୍ ଫର୍ ଲୋକାଲ୍ ସ୍ଲୋଗାନ୍‌କୁ ଯଥାର୍ଥ କରି ଆମେ ଆମର କ୍ୟାମ୍ପସ୍ ସାଇଟ୍‌ରେ ସ୍ଥାନୀୟ ଶିକ୍ଷିତ ଏବଂ କୁଶଳୀ ଯୁବତୀ ଯୁବକମାନଙ୍କୁ ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିଛନ୍ତି। ସ୍ଥାୟୀ ରୂପେ ୬ଜଣ ଯୁବକ ଏବଂ ଚୁକ୍ତିଭିତ୍ତିରେ ୬ଜଣ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିଛୁ। ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ ଅନୁସୂଚିତ ଜନଜାତିର ଅଟନ୍ତି। ଏହାଛଡ଼ା ସେ ସ୍ଥାନୀୟ କ୍ଷୁଦ୍ରଚାଷୀମାନଙ୍କୁ ନେଇ ଜୈବିକ ପ୍ରଣାଳୀରେ ପ୍ରସିଦ୍ଧ କନ୍ଧମାଳ ହଳଦୀ ଓ ଅନ୍ୟାନ୍ୟ ଋତୁଭିତ୍ତିକ ପନିପରିବା ଚାଷ କରାଉଛନ୍ତି। ଏହାଦ୍ୱାରା କ୍ଷୁଦ୍ର ଚାଷୀମାନେ ଉପକୃତ ହେବା ସହ ଜୈବ ଉତ୍ପାଦମାନଙ୍କର ଚାହିଦା ବୃଦ୍ଧି ହେଉଛି। ସ୍ଥାନୀୟ ନୃତ୍ୟ, ସଙ୍ଗୀତ ଏବଂ କଳାକୁ ମଧ୍ୟ ସେ ପ୍ରୋତ୍ସାହିତ କରିଆସୁଛନ୍ତି ; ଯାହାକି ଏହି କଳାକୁ ଉଜ୍ଜୀବିତ ରଖିବା ସହ କଳାକାରମାନଙ୍କୁ କିଛି ମାତ୍ରାରେ ଜୀବିକା ନିର୍ବାହରେ ସହାୟକ ହୋଇପାରୁଛି।


ସୌରଭ

## ଅନ୍ୟକୁ ରୋଜଗାର ଯୋଗାଇବାର ଆନନ୍ଦ ନିଆରା

ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟକୁ ରୋଜଗାର ଯୋଗାଇ ଦେବାକୁ ସର୍ବଦା ପ୍ରଚେଷ୍ଟା କରି ଆସିଛନ୍ତି ସେ। ଆଉ ଅହରହ ଉଦ୍ୟମ ବଳରେ ଆଜି ନିଜର ଏହି ସ୍ୱପ୍ନକୁ ସଫଳ କରାଇ ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି କଟକ ଚୌଦ୍ୱାର ଅଞ୍ଚଳରେ ରହୁଥିବା ଶାନ୍ତିଲତା ଏବଂ ନନ୍ଦକିଶୋର ସାହୁଙ୍କ ପୁଅ ରାକେଶ କୁମାର। ଆଜିର ବ୍ୟସ୍ତବହୁଳ ସମୟରେ ସୁସ୍ଥ ରହିବା ଲାଗି ଏକ୍ସରସାଇଜ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯେଉଁଥିପାଇଁ ଅନେକେ ଜିମ୍ ଉପରେ ନିର୍ଭର କରୁଛନ୍ତି। ତେଣୁ ଦିନକୁ ଦିନ ପ୍ରତିଟି ଛୋଟ ବଡ଼ ସହରରେ ଜିମ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଆଖିଆଗରେ ରଖି ୨୦୧୨ରେ ରାକେଶ ପ୍ରତିଷ୍ଠା କଲେ ମହାବୀର ଜିମ୍ ଇଣ୍ଡଷ୍ଟ୍ରୀ ; ଯେଉଁଥିରେ ସେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଜିମ୍‌ରେ ବ୍ୟବହୃତ ଉପକରଣ ନିର୍ମାଣ କରୁଛନ୍ତି। ବର୍ତ୍ତମାନ ତାଙ୍କ ଉପକରଣଗୁଡ଼ିକ କେବଳ କଟକ, ଭୁବନେଶ୍ୱର କିମ୍ବା ଓଡ଼ିଶାର ବିଭିନ୍ନ ସ୍ଥାନ ବ୍ୟତୀତ ପଞ୍ଜାବ, ଛତିଶଗଡ଼, ରାଞ୍ଚି ଏବଂ ବାଂଲାଦେଶରେ ମଧ୍ୟ ବିକ୍ରି ହେବାକୁ ଯାଉଛି। ତେବେ ମାତ୍ର ୧ ଲକ୍ଷ ଟଙ୍କା ବ୍ୟୟ କରି ଆରମ୍ଭ କରିଥିବା ତାଙ୍କର ଏହି ଇଣ୍ଡଷ୍ଟ୍ରୀ ବର୍ତ୍ତମାନ ୩୦ କୋଟିରେ ପହଞ୍ଚିପାରିଛି। ନିଜ ଇଣ୍ଡଷ୍ଟ୍ରୀରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ରୋଜଗାରର ପନ୍ଥା ଯୋଗାଇ ପାରିଥିବାରୁ ବେଶ୍ ଆତ୍ମସନ୍ତୋଷ ଲାଭ କରିଥିବା ପ୍ରକାଶ କରନ୍ତି ରାକେଶ।

– ପୌର୍ଣ୍ଣମାସୀ



## ଏ ସପ୍ତାହର ପ୍ରଶ୍ନ

୧– ଭାରତ-ଆମେରିକା ଜଏଣ୍ଟ ମିଲିଟାରୀ ଏକ୍ସରସାଇଜ୍ 'ଯୁଦ୍ଧ ଅଭ୍ୟାସ-୨୦୨୨' .......... ରାଜ୍ୟରେ ଅନୁଷ୍ଠିତ ହେବ ?
୨– ସେଣ୍ଟର ଫର୍ ପଲିସି ଆନାଲିସିସ୍ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଗ୍ଲୋବାଲ୍ ମାଇନରିଟି ଇଣ୍ଡେକ୍ସରେ ପ୍ରଥମ ସ୍ଥାନରେ ଥିବା ଦେଶ .......... ?
୩– ସେଣ୍ଟ୍ରାଲ୍ ଆଡପ୍‌ସନ ରିସୋର୍ସ ଅଥରିଟି ଦ୍ୱାରା ................ ମାସକୁ ଆଡପ୍‌ସନ ଆୱାରନେସ୍ ମନ୍ଥ ଭାବେ ପାଳନ କରାଯାଉଛି ?
୪– ମନିଷା ରାମଦାସ ଜଣେ ଜଣାଶୁଣା ........... ଖେଳାଳି ?
୫– ଏ ପ୍ଲେସ୍ କଲ୍‌ଡ ହୋମ୍ ପୁସ୍ତକ ........... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ୟୁନାଇଟେଡ୍ ନେଶନ୍ସ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ୍
୨ ମାଡ୍ରାସ୍
୩ କ୍ରିକେଟ
୪ ନାସା
୫ ଅତୁଲ କୁମାର ଗୁପ୍ତା

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ଭୁବନାନନ୍ଦ ରାଉତ, କଟକ

## ଟପ୍ ୧୦

### ସର୍ବାଧିକ ପ୍ଲାଷ୍ଟିକ୍ ରପ୍ତାନି କରୁଥିବା ଦେଶ

୧– ଚାଇନା .......... ୧୯.୫ ବିଲିଅନ୍ ଡଲାର
୨– ଜର୍ମାନୀ .......... ୯.୯ ବିଲିଅନ୍ ଡଲାର
୩– ଆମେରିକା .......... ୭.୨ ବିଲିଅନ୍ ଡଲାର
୪– ଇଟାଲୀ .......... ୩.୩ ବିଲିଅନ୍ ଡଲାର
୫– ଫ୍ରାନ୍ସ .......... ୩ ବିଲିଅନ୍ ଡଲାର
୬– ପୋଲାଣ୍ଡ .......... ୨.୩ ବିଲିଅନ୍ ଡଲାର
୭– ନେଦରଲାଣ୍ଡ .......... ୨.୨ ବିଲିଅନ୍ ଡଲାର
୮– ଜାପାନ .......... ୨.୨ ବିଲିଅନ୍ ଡଲାର
୯– ଜେଚ୍ ରିପବ୍ଲିକ୍ .......... ୨ ବିଲିଅନ୍ ଡଲାର
୧୦– ମେକ୍ସିକୋ .......... ୨ ବିଲିଅନ୍ ଡଲାର




**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ୟୁଥ୍ ଆଲର୍ଟ

# ଓଜନ କମାଉଥିଲେ

**ମୋଟା ଫିଗର ଯେମିତି ପର୍ସନାଲିଟିରେ ଆଞ୍ଚ ଆଣିଥାଏ। ଯେଉଁଥିପାଇଁ ଓଜନ କମାଇବା ଲାଗି ଅନେକେ ବିଭିନ୍ନ ଉପାୟ ଆପଣାଉଛନ୍ତି। ହେଲେ କେହିକେହି ସୁଫଳ ପାଇବା ବଦଳରେ ଏହାର ନକାରାତ୍ମକ ପ୍ରଭାବର ଶିକାର ମଧ୍ୟ ହେଉଛନ୍ତି। ତେଣୁ ଓଜନ କମାଉଥିଲେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବେ, ଜାଣିରଖନ୍ତୁ ସେ ସମ୍ପର୍କରେ ...**



➤ଅନେକେ ଭାବନ୍ତି ଅଧିକ ମୋଟା ଲାଗୁଥିବା ଶରୀରର କୌଣସି ନିର୍ଦ୍ଦିଷ୍ଟ ଭାଗ ଯେମିତିକି ପେଟ, ଅଣ୍ଟା, ଜଙ୍ଘ ଆଦି ପତଳା ହୋଇଗଲେ ଓଜନ ହ୍ରାସ ହୋଇଯିବ। ଆଉ ଏଥିପାଇଁ ସେମାନେ କେବଳ ସେହି ନିର୍ଦ୍ଦିଷ୍ଟ ଭାଗ ଲାଗି ଏକ୍ସରସାଇଜ୍ କରିଥାଆନ୍ତି। ହେଲେ ସ୍ଲିମ୍ ଫିଟ୍ ରଖିବା ଲାଗି ଏକ୍ସପର୍ଟଙ୍କ ପରାମର୍ଶ କ୍ରମେ ସମ୍ପୂର୍ଣ୍ଣ ଶରୀର ଲାଗି ବ୍ୟାୟାମ ଆବଶ୍ୟକ।

➤ବର୍ତ୍ତମାନ ଓଜନ କମାଇବା ଲାଗି ଅଧିକାଂଶ ବ୍ରେକ୍‌ଫାଷ୍ଟ ବଦଳରେ ବିଭିନ୍ନ ଫୁଡ୍ ସପ୍ଲିମେଣ୍ଟ କିମ୍ବା ଡ୍ରିଙ୍କ୍ସ ଉପରେ ନିର୍ଭର କରୁଛନ୍ତି, ଯାହାକି ଇନ୍‌ଷ୍ଟାଣ୍ଟ ରେଜଲ୍ଟ ମଧ୍ୟ ଦେଉଛି। ହେଲେ ପରବର୍ତ୍ତୀ ସମୟରେ ଏହାଦ୍ୱାରା ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ତା'ଛଡ଼ା ଫ୍ୟାଟ୍ କଟର ଭାବେ ବିକ୍ରି ହେଉଥିବା ଏହି ପ୍ରୋଟିନ୍ ପାଉଡର ବି କେବେ କେବେ ଓଜନ ବୃଦ୍ଧି କରିଥାଏ। ତେଣୁ ଏସବୁ ବଦଳରେ ଖାଦ୍ୟପେୟରେ ନିୟନ୍ତ୍ରଣ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ। ମନେରଖନ୍ତୁ, ଓଜନ କମାଇବା ଲାଗି ମନଇଚ୍ଛା କୌଣସି ଖାଦ୍ୟ କମାଇବା ପରିବର୍ତ୍ତେ ଡାଏଟିଂ କରୁଥିଲେ କୌଣସି ଏକ୍ସପର୍ଟ, ଡାଏଟିସିଆନ୍ କିମ୍ବା ନ୍ୟୁଟ୍ରେସନିଷ୍ଟଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ।

➤ଖାଲି ପେଟରେ ଅଧିକ ସମୟ ରହିଲେ ଓଜନ କମିଥାଏ ବୋଲି ଅନେକେ ଭାବନ୍ତି। ହେଲେ ଏହାଦ୍ୱାରା ଓଜନ ହ୍ରାସ ହେବା ପରିବର୍ତ୍ତେ ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଉପୁଜିଥାଏ। ତା'ଛଡ଼ା ମେଟାବଲିଜମ୍ ସ୍ତର କମିବା ସହ କ୍ୟାଲୋରି ବର୍ନ ଲାଗି ଶରୀରକୁ ଆବଶ୍ୟକ ଶକ୍ତି ମଧ୍ୟ ମିଳିପାରେ ନାହିଁ। ଫଳରେ ଦୁର୍ବଳ ଲାଗିଥାଏ। ତେବେ ଏହାର ଆଉ ଏକ ଅସୁବିଧା ହେଉଛି ଗୋଟିଏ ସମୟର ଖାଦ୍ୟ ନ ଖାଇବା ଦ୍ୱାରା ପରବର୍ତ୍ତୀ ସମୟରେ ଅଧିକ ଭୋକ ଲାଗିବାରୁ ଆବଶ୍ୟକତାଠାରୁ ଅଧିକ ଖାଇ ହୋଇଯାଏ, ଯାହାକି ଓଜନ ବୃଦ୍ଧିର କାରଣ ସାଜିଥାଏ।

➤ଓଜନ କମାଇବା ଲାଗି ସଠିକ ଖାଦ୍ୟ ଖାଇବା ସହ ପ୍ରତିଦିନ ଏକ୍ସରସାଇଜ୍ କରନ୍ତୁ। ଅର୍ଥାତ୍ ଖାଦ୍ୟରେ ଯେତିକି ପରିମାଣରେ କ୍ୟାଲୋରି ଶରୀରକୁ ଯାଉଛି, ତା'ଠାରୁ ଅଧିକ କ୍ୟାଲୋରି ବର୍ନ ପାଇଁ ଏକ୍ସରସାଇଜ୍ କରନ୍ତୁ। ଜିମ୍‌ରେ ହେଉ ଅବା ଘରେ ଏକ୍ସରସାଇଜ୍ କରିବା ପୂର୍ବରୁ ଏକ୍ସପର୍ଟଙ୍କ ପରାମର୍ଶ ନେଲେ ଭଲ।

## ୟୁଥ୍ କ୍ଲବ୍

# ସମାଜଧର୍ମୀ କାର୍ଯ୍ୟ ଦେଉଛି ଆତ୍ମସନ୍ତୋଷ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍‌ର ୨୦ ଜଣ ଯୁବକ ସ୍ଥାନୀୟ ଅଞ୍ଚଳର ସାମାଜିକ ବିକାଶ ସହ ଉନ୍ନତି ଲକ୍ଷ୍ୟରେ ୨୦୧୭ ମସିହାରେ ଗଠନ କରିଥିଲେ 'ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ'। ସେବେଠୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବିଭିନ୍ନ ଅଞ୍ଚଳକୁ ସଫାସୁତୁରା କରିବା, ସେଠାରେ ଅନୁଷ୍ଠିତ ଅନେକ ଯାନିଯାତ୍ରାରେ ଜନଗହଳିକୁ ଦୃଷ୍ଟି ଦେଇ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ବ୍ୟାପକ ବୃକ୍ଷରୋପଣ, ଜଳ ସଂରକ୍ଷଣ ଉପରେ ସେମିନାର, ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରିଆସୁଛି। ସଦସ୍ୟମାନଙ୍କ ଏଭଳି ସମାଜଧର୍ମୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅନେକ ଯୁବତୀଯୁବକ ଏଥିରେ ଯୋଗଦେବାକୁ ଆଗେଇ ଆସିଛନ୍ତି। ତେବେ ୧୦ଜଣ ସଦସ୍ୟଙ୍କୁ ନେଇ ଅନୁଷ୍ଠାନର ପରିଚାଳନା କମିଟି ଗଠନ ହୋଇଥିବା ବେଳେ ବର୍ତ୍ତମାନ ସଦସ୍ୟ ସଂଖ୍ୟା ୩୫ରେ ପହଞ୍ଚିଛି। ଇତିମଧ୍ୟରେ ଅନୁଷ୍ଠାନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଣ୍ଡପଡ଼ା, ରାଣୀପଡ଼ା, ଢୋଲମରା ପଞ୍ଚାୟତର ବରପଲ୍ଲୀ, ବାଣପୁର ପଞ୍ଚାୟତର ଚୈତନ୍ୟପୁର, ବାଇଗୁଣିଆ ଆଦି ଅଞ୍ଚଳରେ ୧୬ଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇସାରିଛି। ଗତ ବିଶ୍ୱ ମହିଳା ଦିବସ ଅବସରରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଜବ୍ ଆଶାୟୀ ପ୍ରାର୍ଥୀଙ୍କୁ ବିଭିନ୍ନ ସହଯୋଗ ଯୋଗାଇ ଦିଆଯାଇଥିଲା। ଏହା ବ୍ୟତୀତ ଅନେକ ସମୟରେ କୁଇଜ୍ ପ୍ରତିଯୋଗିତା, ଫୁଟ୍‌ବଲ ଓ ଭଲି ଟୁର୍ନାମେଣ୍ଟ ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଉଛି। ଗତ ୧୬ ତାରିଖରେ ପଠାଣି ସାମନ୍ତ ଜୟନ୍ତୀ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସହର ପରିକ୍ରମା କରାଯାଇ ବିଭିନ୍ନ କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରିବା ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସଭାପତି ଜୟରାମ ଦାସ କୁହନ୍ତି, "ଆରମ୍ଭରୁ କୌଣସି ସରକାରୀ ଅନୁଦାନ ନ ମିଳିଥିଲେ ହେଁ ସଦସ୍ୟମାନେ ନିଜ ନିଜ ମଧ୍ୟରେ ଚାନ୍ଦା ସଂଗ୍ରହ କରି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଆସୁଛୁ। ଆମ ଦ୍ୱାରା ପରିବେଶ ସୁରକ୍ଷା ଏବଂ ଜନସାଧାରଣଙ୍କ ମଙ୍ଗଳ ହୋଇ ପାରୁଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି।'' ତେବେ ପ୍ରଥମଥର ପାଇଁ ଅନୁଷ୍ଠାନକୁ ସ୍ପୋର୍ଟ୍ସ ଆକ୍ଟିଭିଟି ଏବଂ କ୍ୟାରିୟର ମେଳା ପାଇଁ ଗତ ବର୍ଷ ୧୮ ହଜାର ଓ ୧୫ ହଜାର ଟଙ୍କା ମିଳିଥିବାରୁ ଆମେ ବେଶ୍ ଖୁସୀ ଏବଂ ଏହା ଆମକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଇବ ବୋଲି ସମ୍ପାଦକ ମହେନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ଭବିଷ୍ୟତରେ ଅନୁଷ୍ଠାନକୁ ବୃଦ୍ଧି କରାଇବା ସହ ଅଧିକରୁ ଅଧିକ ସମାଜଧର୍ମୀ କାର୍ଯ୍ୟ କରି ଜନସାଧାରଣଙ୍କ ସହାୟତା କରିବା ଅନୁଷ୍ଠାନର ଲକ୍ଷ୍ୟ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି।


'ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ'ର ସଦସ୍ୟମାନେ।

*– ଅଜୟ କୁମାର ମହାରଣା*



ହକି ବିଶ୍ୱକପ୍ ଖେଳିବା ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବା ଜର୍ମାନୀ ଦଳ।

# ତୃତୀୟ ଟାଇଟଲ ଲକ୍ଷ୍ୟରେ ଜର୍ମାନୀ

ଭୁବନେଶ୍ୱର,୭।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର-ରାଉରକେଲାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ୨୦୨୩ରେ ଅଂଶଗ୍ରହଣ କରିବା ପାଇଁ ଶନିବାର ଭୁବନେଶ୍ୱରରେ ପହଞ୍ଚିଛି ଦୁଇ ଦୁଇ ଥର ବିଶ୍ୱ ଚାମ୍ପିୟନ ଜର୍ମାନୀ। ଓଡ଼ିଶାରେ ଖେଳାଯାଇଥିବା ପୂର୍ବ ସଂସ୍କରଣରେ ଜର୍ମାନୀ ୫ମ ସ୍ଥାନରେ ରହିଥିଲା। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଜର୍ମାନୀ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପୁଲ୍ ବି'ରେ ଜାପାନ, ବେଲଜିୟମ ଏବଂ କୋରିଆ ସହିତ ଜର୍ମାନୀ ସ୍ଥାନ ପାଇଛି। ଜାନୁୟାରୀ ୧୪ ତାରିଖରେ ଜାପାନ ବିପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଦଳ ନିଜର ଅଭିଯାନ ଆରମ୍ଭ କରିବ। ଦଳ ୨୦୦୨ ଓ ୨୦୦୬ରେ କ୍ରମାଗତ ଦୁଇଥର ଚାମ୍ପିୟନ ହୋଇଥିବା ବେଳେ ପୁନର୍ବାର ଏହି ସଫଳତା ଦୋହରାଇବାକୁ ପ୍ରୟାସ କରିବ।

## ଓଡ଼ିଶାରେ ଖେଳିବା ପାଇଁ ଉତ୍ସାହୀ

ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍‌କୁ ନେଇ ଖେଳାଳିମାନେ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି ଜର୍ମାନୀ ଦଳର ଅଧିନାୟକ ମ୍ୟାଟ୍ସ ଗ୍ରାମ୍ବଶ୍। ୨୦୨୦ ପରେ ଦଳ ନୂତନ କୋଚ ଆଣ୍ଡ୍ରେ ହେନିଙ୍ଗ୍ସଙ୍କ ଅଧୀନରେ କଡ଼ା ପରିଶ୍ରମ କରିଛି। ବିଗତ ୮ ମାସ ମଧ୍ୟରେ ନୂଆ କୋଚଙ୍କ ଅଧୀନରେ ଦଳ ୧୮ ମ୍ୟାଚ ଖେଳିଥିବା ବେଳେ ଏଥିରୁ ୧୩ଟିରେ ବିଜୟୀ ହୋଇଛି। ବିଶ୍ୱକପ୍‌ରେ ମଧ୍ୟ ଦଳ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି। ୨୦୧୮ ସଂସ୍କରଣରେ ଦଳ ପଞ୍ଚମ ସ୍ଥାନରେ ଟୁର୍ନାମେଣ୍ଟ ଶେଷ କରିଥିବା ବେଳେ ଚଳିତ ବର୍ଷ ନିଜର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି। ଓଡ଼ିଶାରେ ହକି ଖେଳିବା ସର୍ବଦା ଚ୍ୟାଲେଞ୍ଜପୂର୍ଣ୍ଣ ରହିଥାଏ। ବିଶ୍ୱକପ୍ ପାଇଁ ଦଳର ପ୍ରସ୍ତୁତି ଚମତ୍କାର ରହିଛି। ନିକଟରେ ସ୍ପେନ୍‌ରେ ଅନୁଷ୍ଠିତ ଷଡ଼ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଦଳର ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଥିଲା ବୋଲି କହିଛନ୍ତି ଗ୍ରାମ୍ବଶ୍। ଦଳ ନିଜ ପ୍ରଦର୍ଶନରେ ସାମାନ୍ୟ ଉନ୍ନତି ଆଣିବା ସହିତ ତୃତୀୟ ବିଶ୍ୱକପ୍ ହାସଲ କରିବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

**ହକି ବିଶ୍ୱକପ୍**




**ଆଉ ୫ ଦିନ**

## ଡିଫେନ୍ସ ଅଧିକ ସଶକ୍ତ

ଏହି ବୃହତ୍ ଟୁର୍ନାମେଣ୍ଟ ପୂର୍ବରୁ ଜର୍ମାନୀ ଦଳ ଏହାର ପ୍ରସ୍ତୁତି ଜୋରଦାର କରିଛି ବୋଲି କହିଛନ୍ତି କୋଚ୍ ଆଣ୍ଡ୍ରେ ହେନିଙ୍ଗ୍ସ। ପ୍ରସ୍ତୁତି ଶିବିରରେ ରକ୍ଷଣଭାଗ ଖେଳାଳି ସର୍ବାଧିକ ପରିଶ୍ରମ କରିଥିବା ବେଳେ ଦଳ ଉପରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି। ଟେକ୍‌ନିକ୍ ଦୃଷ୍ଟିରୁ ସମସ୍ତ ଖେଳାଳି ମଧ୍ୟ ବେଶ୍ ସଶକ୍ତ ବୋଲି ହେନିଙ୍ଗ୍ସ କହିଛନ୍ତି। ଦଳର ଖେଳାଳିଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରହିଥିବା ବେଳେ ଆମେ ପ୍ରାରମ୍ଭିକ ଭାବରେ ସେମିଫାଇନାଲ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।

# ଓଡ଼ିଶା ଦଳ ପାଇଁ ଚୟନ ଶିବିର ୧୧ରେ

**ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ**

ଭୁବନେଶ୍ୱର,୭।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଦ୍ୱାଦଶ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍-୨୦୨୩ ଜାନୁୟାରୀ ୨୭ରୁ ୨୯ ପର୍ଯ୍ୟନ୍ତ ଗୁଜରାଟର ନାଡ଼ିଆଡରେ ଅନୁଷ୍ଠିତ ହେବ। ୧୯ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଚୟନ ଶିବିର ଜାନୁୟାରୀ ୧୧ରେ ଅନୁଷ୍ଠିତ ହେବ। ପୁରୀ ଜିଲା ସାକ୍ଷୀଗୋପାଳର ୟୁଜିସିଏମ୍ ଗ୍ରାଉଣ୍ଡରେ ଜୁନିୟର ଓ ସବ୍‌ଜୁନିୟର ବୟସ ବର୍ଗର ଖେଳାଳିଙ୍କ ଚୟନ ପ୍ରକ୍ରିୟା କରାଯିବ। ଚୟନ ଶିବିର ପ୍ରଦର୍ଶନ ଆଧାରରେ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଚୟନ କରାଯିବ। ଏଥିରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳି ଯଥା (ଚକ୍ଷୁର ଭିନ୍ନକ୍ଷମ, ମାନସିକ ଭିନ୍ନକ୍ଷମ, ଗୋଡ ଭିନ୍ନକ୍ଷମ, ହାତ ଭିନ୍ନକ୍ଷମ ଓ କମ୍ ଉଚ୍ଚତା ବିଶିଷ୍ଟ ଭିନ୍ନକ୍ଷମ) ଖେଳାଳି ଭାଗନେଇ ପାରିବେ।ଆର୍ଜେଣ୍ଟିନା ବିଜୟୀ ହୋଇଥିଲା।

# ହକି ବିଶ୍ୱକପ୍ ପାଇଁ ସାଇକେଲ ରାଲି, ପଦଯାତ୍ରା



ହକି ବିଶ୍ୱକପ୍ ପାଇଁ ପଦଯାତ୍ରା।

ଭୁବନେଶ୍ୱର, ୭।୧
(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ ଏକାମ୍ର ମହାବିଦ୍ୟାଳୟର ଛାତ୍ରୀ ଓ ଛାତ୍ରମାନଙ୍କ ଦ୍ୱାରା ସାଇକେଲ ରାଲି ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ସାଇକେଲ ରାଲିରେ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ରାଲି ପୁନାମାଗେଟ୍‌ଠାରୁ ଆରମ୍ଭ ହୋଇ ଓଭରବ୍ରିଜ ପର୍ଯ୍ୟନ୍ତ ଯାଇଥିଲା। ଶନିବାର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ମହାବିଦ୍ୟାଳୟ ପରିସରରୁ ବାହାରି ପୋଖରୀପୁଟ୍ ବିଡିଏ କଲୋନୀ ପର୍ଯ୍ୟନ୍ତ ଯାଇ ଫେରିଥିଲା। ଏଥିରେ ବିଶ୍ୱକପ୍ ହକିରେ ଭାରତର ବିଜୟ ପାଇଁ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇଥିଲେ। ପଦଯାତ୍ରାର ନେତୃତ୍ୱ ନେଇଥିଲେ ଅଧ୍ୟକ୍ଷା ତଥା ପ୍ରଫେସର କ୍ରିଷ୍ଣା ମହାନ୍ତି।

# ଅଷ୍ଟ୍ରେଲିଆର ଆଶା ଉଜ୍ଜୀବିତ



କ୍ଲାସେନଙ୍କ ଉଇକେଟ ନେବାପରେ ପ୍ୟାଟ୍ କୁମିନ୍ସ।

ସିଡ୍‌ନୀ, ୭।୧(ଏପି)

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ କ୍ରିକେଟ ସିରିଜରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ ଆଶା ଉଜ୍ଜୀବିତ ହୋଇଛି। ଶନିବାର ଥିଲା ଦୁଇ ଦେଶ ମଧ୍ୟରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟର ଚତୁର୍ଥ ଦିବସ। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସ୍ ୪୭୫/୪ ସ୍କୋରରେ ଘୋଷଣା କରିଛି। ଜବାବରେ ଦକ୍ଷିଣ ଆଫ୍ରିକା ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ୬ ଉଇକେଟ ବିନିମୟରେ ୧୪୯ ରନ୍ କରିଛି। ଦଳ ଅଷ୍ଟ୍ରେଲିଆଠାରୁ ଆହୁରି ୩୨୭ ରନ୍ ପଛରେ ରହିଛି। ଏହି ମ୍ୟାଚ୍‌ରେ ଜିତିବାକୁ ହେଲେ ରବିବାର ଅନ୍ତିମ ଦିବସର ତିନୋଟିଯାକ ସେସନରେ ଅଷ୍ଟ୍ରେଲିଆକୁ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସର ଅବଶିଷ୍ଟ ୪ ଉଇକେଟ ଶୀଘ୍ର ଦଖଲ କରିବା ସହ ଫଲୋଅନ ଦେଇ ଦ୍ୱିତୀୟଥର ଅଲ୍‌ଆଉଟ କରିବାକୁ ହେବ। ଏଠାରେ ତୃତୀୟ ଟେଷ୍ଟରେ ବିଜୟ ହାସଲ କରିପାରିଲେ ଇଂଲଣ୍ଡର ଲର୍ଡ୍ସଠାରେ ହେବାକୁଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରିବ। ବର୍ଷା ଯୋଗୁ ଶୁକ୍ରବାର ଆଦୌ ଖେଳ ସମ୍ଭବ ହୋଇ ନ ଥିଲା। ଶନିବାର ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ମଧ୍ୟ ଖେଳ ହୋଇପାରି ନ ଥିଲା। ଫଳରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଇନିଂସ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ। ଫଳରେ ଉସ୍‌ମାନ ଖ୍ୱାଜା ୧୯୫ ରନ୍ କରି ଅପରାଜିତ ରହିଥିଲେ ଏବଂ ସେ ଅଳ୍ପକେ ଦ୍ୱିଶତକ ହାସଲରୁ ବଞ୍ଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୫/୪ରେ ଘୋଷଣା (ଉସ୍‌ମାନ ଖ୍ୱାଜା-୧୯୫*, ଷ୍ଟିଭେନ ସ୍ମିଥ୍-୧୦୪, ମାର୍ନସ ଲାବୁସେନ୍- ୭୯, ଟ୍ରାଭିସ୍ ହେଡ୍-୭୦ ; ଏନ୍‌ରିଚ୍ ନୋର୍ଜେ-୨/୫୫, କେଶବ ମହାରାଜ-୧/୧୦୮, କାଗିସୋ ରାବାଡା-୧/୧୧୯)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୫୯ ଓଭରରେ ୧୪୯/୬ (ଖାୟା ଜୋଣ୍ଡୋ-୩୯, ଟେମ୍ବା ବଭୁମା-୩୫ ; ପ୍ୟାଟ କୁମିନ୍ସ-୩/୨୯, ଜୋସ୍ ହାଜ୍‌ଲେଉଡ୍-୨/୨୯)।

# କେନ୍ଦ୍ରାଞ୍ଚଳରୁ ସ୍ଥାନ ପାଇଲେ ଶିବସୁନ୍ଦର

ଭୁବନେଶ୍ୱର,୭।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଶନିବାର ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି ନୂତନ ଚୟନ କମିଟି। ଚେତନ ଶର୍ମାଙ୍କୁ ଦ୍ୱିତୀୟ ଥର ପାଇଁ ଚୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ବେଳେ ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ଶିବସୁନ୍ଦର ଦାସଙ୍କୁ କେନ୍ଦ୍ରାଞ୍ଚଳରୁ ଏହି କମିଟିରେ ସାମିଲ କରାଯାଇଛି। ବିଦର୍ଭ ପକ୍ଷରୁ କ୍ୟାରିୟରର ଅନ୍ତିମ ସିଜନ ଖେଳିଥିବା କାରଣରୁ ଶିବସୁନ୍ଦର କେନ୍ଦ୍ରାଞ୍ଚଳର ପ୍ରତିନିଧିତ୍ୱ କରିଛନ୍ତି। ଏହା ପୂର୍ବରୁ ଅନ୍ୟତମ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତି ମଧ୍ୟ ଚୟନ କମିଟିର ସଦସ୍ୟ ରହିଥିଲେ। ଟି୨୦ ବିଶ୍ୱକପ୍ ବିଫଳତା ପରେ ଚୟନ କମିଟିକୁ ବରଖାସ୍ତ କରାଯିବା ସହିତ ନୂତନ ଚୟନ କମିଟି ପାଇଁ ଆବେଦନ ଗ୍ରହଣ କରାଯାଇଥିଲା। ୬୦୦ରୁ ଅଧିକ ଆବେଦନ ଆସିଥିବା ବେଳେ ବିସିସିଆଇର କ୍ରିକେଟ୍ ଉପଦେଷ୍ଟା କମିଟି ପକ୍ଷରୁ ଏହି ୫ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ସୁଲକ୍ଷଣା ନାଏକ, ଅଶୋକ ମାଲହୋତ୍ରା ଓ ଯତୀନ ପରାଞ୍ଜପେ ଏହି କମିଟିର ସଦସ୍ୟ ରହିଛନ୍ତି। ୧୧ ଜଣ ଖେଳାଳିଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ମନୋନୀତ କରାଯାଇଥିବା ବେଳେ ଏହି ଖେଳାଳିଙ୍କୁ ଚୟନ କରାଯାଇଛି। ପୂର୍ବତନ ଚୟନ କମିଟି ମୁଖ୍ୟ ରହିଥିବା ଚେତନ ଶର୍ମାଙ୍କୁ ଚୟନ କମିଟି ମୁଖ୍ୟର ଗୁରୁଦାୟିତ୍ୱ ପୁନର୍ବାର ପ୍ରଦାନ କରାଯାଇଥିବା ବେଳେ ପୂର୍ବାଞ୍ଚଳରୁ ସୁବ୍ରତୋ ବାନାର୍ଜୀ, ପଶ୍ଚିମାଞ୍ଚଳରୁ ସଲିଲ ଅଙ୍କୋଲା ଓ ଦକ୍ଷିଣାଞ୍ଚଳରୁ ସିଦ୍ଧାର୍ଥ ଶରଥଙ୍କୁ ମନୋନୀତ କରାଯାଇଛି। ବର୍ତ୍ତମାନର ଚୟନ କମିଟି ନିକଟରେ ୪୮ ଟେଷ୍ଟ ଓ ୯୫ ଦିନିକିଆ ଖେଳିବାର ଅଭିଜ୍ଞତା ରହିଛି। ଚେତନ ଶର୍ମା ଓ ଶିବସୁନ୍ଦର ଦାସ ୨୩ଟି ଲେଖାଏ ଟେଷ୍ଟ ମ୍ୟାଚ ଖେଳିଥିବା ବେଳେ ସଲିଲ ଅଙ୍କୋଲା ଓ ସୁବ୍ରତୋ ବାନାର୍ଜୀ ଗୋଟିଏ ଲେଖାଏ ଟେଷ୍ଟ ଖେଳିଛନ୍ତି। ଚେତନ ଶର୍ମା ୬୫ ଦିନିକିଆରେ ଜାତୀୟ ଦଳର ପ୍ରତିନିଧିତ୍ୱ କରିଥିବା ବେଳେ ସଲିଲ ଅଙ୍କୋଲା, ସୁବ୍ରତୋ ବାନାର୍ଜୀ ଓ ଶିବସୁନ୍ଦର ଦାସ ଯଥାକ୍ରମେ ୨୦, ୬ ଓ ୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ସିଦ୍ଧାର୍ଥ ଶରଥ ୧୩୯ ପ୍ରଥମ ଶ୍ରେଣୀ ମ୍ୟାଚରୁ ୫୧ ଆଭରେଜ ସହିତ ୮୭୦୦ ରନ୍ କରିଥିବା ବେଳେ ଗୋଟିଏ ବି ଅନ୍ତର୍ଜାତୀୟ ମ୍ୟାଚ ଖେଳିନାହାନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରୁ ଏକମାତ୍ର ଖେଳାଳି ଭାବରେ ଶିବସୁନ୍ଦର ଦାସ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଛନ୍ତି। ଶିବସୁନ୍ଦର ଭାରତ ପାଇଁ ୨୩ଟି ଟେଷ୍ଟ ଓ ୪ଟି ଦିନିକିଆ ମ୍ୟାଚ ଖେଳିଥିବା ବେଳେ ୧୮୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଓ ୮୧ଟି ଲିଷ୍ଟ ଏ' ମ୍ୟାଚ ଖେଳିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେସେ ୩୦୦*ର ସର୍ବୋଚ୍ଚ ସ୍କୋର ସହିତ ୧୦୯୦୮ ରନ୍ ଓ ଲିଷ୍ଟ ଏ'ରେ ୨୪୨୧ ରନ୍ କରିଛନ୍ତି।

## ଚେତନ ଶର୍ମାଙ୍କ ନେତୃତ୍ୱରେ ଚୟନ କମିଟି


ଚେତନ ଶର୍ମା, ସିଦ୍ଧାର୍ଥ ଶରଥ, ଶିବସୁନ୍ଦର ଦାସ ଓ ସଲିଲ ଅଙ୍କୋଲା।

**ସଂକ୍ଷେପରେ ଶିବସୁନ୍ଦରଙ୍କ କ୍ୟାରିୟର**

| ଫର୍ମାଟ | ମ୍ୟାଚ୍ | ରନ୍ | ଶତକ | ଅର୍ଦ୍ଧଶତକ | ସର୍ବୋଚ୍ଚ ସ୍କୋର |
|---|---|---|---|---|---|
| ଟେଷ୍ଟ | ୨୩ | ୧୩୨୬ | ୨ | ୯ | ୧୧୦ |
| ଦିନିକିଆ | ୪ | ୩୯ | ୦ | ୦ | ୩୦ |
| ପ୍ରଥମ ଶ୍ରେଣୀ | ୧୮୦ | ୧୦୯୦୮ | ୨୪ | ୫୨ | ୩୦୦* |
| ଲିଷ୍ଟ ଏ | ୮୧ | ୨୪୨୧ | ୪ | ୧୩ | ୧୩୩ |


ହକି ବିଶ୍ୱକପ୍ ୨୦୨୩ ଉଦ୍‌ଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତ ବାରବାଟୀ ଷ୍ଟାଡିୟମ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁୟାରୀ ୮/୨୦୨୩ Bhubaneswar, Sunday, January 8/ 2023



ହକି ବିଶ୍ୱକପ୍ ୨୦୨୩ ପୂର୍ବରୁ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ଦଳ।

# ରାଉରକେଲାରେ ପହଞ୍ଚିଲା ନ୍ୟୁଜିଲାଣ୍ଡ, ମାଲେସିଆ ହକି ଦଳ

**ରାଉରକେଲା ଅଫିସ,୭ା୧**

ପୁରୁଷ ହକି ବିଶ୍ୱକପ୍‌କୁ ଆଉ ୫ଦିନ ବାକି ଥିବାବେଳେ ରାଉରକେଲାରେ କେବଳ ଭାରତୀୟ ହକି ଦଳର ଖେଳାଳିମାନେ ପହଞ୍ଚି ବିର୍ସାମୁଣ୍ଡା ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଥିଲେ। ତେବେ ଶନିବାର ଦୁଇଟି ଚାର୍ଟାର୍ଡ୍ ପ୍ଳେନ ଯୋଗେ ନ୍ୟୁଜିଲାଣ୍ଡ ଓ ମ୍ୟାଲେସିଆ ଦଳର ଖେଳାଳିମାନେ ରାଉରକେଲାରେ ପହଞ୍ଚିଛନ୍ତି। ପ୍ରଥମେ ଅପରାହ୍ଣ ୧ଟା ୧୦ରେ ନ୍ୟୁଜିଲାଣ୍ଡ ଦଳ ରାଉରକେଲାରେ ପହଞ୍ଚିଲା। ନ୍ୟୁଜିଲାଣ୍ଡ ଦଳର କୋଚ୍ ଗ୍ରେଗ୍ ନିକୋଲ ଓ ଅଧିନାୟକ କେୟାର ଟରାଣ୍ଟୋଙ୍କ ସହ ଦଳର ଅନ୍ୟ ଖେଳାଳିମାନେ ରାଉରକେଲାରେ ପହଞ୍ଚିବା ପରେ ନିବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳିବାକୁ ନେଇ ଉତ୍କଣ୍ଠା ପ୍ରକାଶ କରିଥିଲେ। ଜିଲାରେ ହକିପ୍ରେମୀଙ୍କ ସପୋର୍ଟ୍ ଓ ୱେଦର କଣ୍ଡିଶନ ଭଲ ଥିବାରୁ ଏଠାରେ ଦଳ ଭଲ ଖେଳ ପ୍ରଦର୍ଶନ କରିବ ବୋଲି କୋଚ୍ ନିକୋଲ ମତପ୍ରକାଶ କରିଥିଲେ। ପରେ ଦଳର ସମସ୍ତ ଖେଳାଳି ଭଲ୍‌ବୋ ବସ୍ ଯୋଗେ ବିର୍ସାମୁଣ୍ଡା ଷ୍ଟାଡିୟମର ହକି ଭିଲେଜରେ ଥିବା 'ଏ' ବ୍ଲକ ହୋଟେଲ ପରିସରକୁ ଯାଇଥିଲେ। ସେହିପରି ମ୍ୟାଲେସିଆ ଦଳ ଅପରାହ୍ଣ ୩ଟା ୩୦ରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିଥିଲା। ଉକ୍ତ ଦଳର ସମସ୍ତ ଖେଳାଳିଙ୍କୁ ଜିଲା ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବଳୟରେ ଷ୍ଟାଡିୟମ ପରିସରକୁ ନିଆଯାଇଥିଲା।

# ଟି୨୦ ସିରିଜ୍ ଜିତିଲା ଭାରତ

**ରାଜକୋଟ,୭ା୧ (ପି.ଟି.)**

ସୂର୍ଯ୍ୟକୁମାର ଯାଦବଙ୍କ ଶତକ ବଳରେ ଶ୍ରୀଲଙ୍କା ବିପକ୍ଷ ଟି ୨୦ ସିରିଜକୁ ଜିତି ନେଇଛି ଭାରତ। ୯୧ ରନରେ ଭ୍ରମଣକାରୀ ଦଳକୁ ହରାଇବା ସହିତ ସିରିଜ୍ ବିଜୟୀ ହୋଇଛି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଭାରତ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ଶତକ ବଳରେ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୨୨୯ ରନ୍

**ସୂର୍ଯ୍ୟକୁମାରଙ୍କ ଶତକ**

କରିଥିଲା। ଜବାବରେ ଶ୍ରୀଲଙ୍କା ଭାରତୀୟ ବୋଲରଙ୍କ ମୁକବିଲା କରିନପାରି ୧୬.୪ ଓଭରରେ ୧୩୭ ରନରେ ଅଲଆଉଟ ହୋଇଥିଲା। ଟି୨୦ରେ ଏକ ନମ୍ବର ବ୍ୟାଟର ସୂର୍ଯ୍ୟକୁମାର ନିଜ ଟି୨୦ କ୍ୟାରିୟରର ୪୫ତମ ଟି୨୦ ମ୍ୟାଚରେ ତୃତୀୟ ଅନ୍ତର୍ଜାତୀୟ ଶତକ ହାସଲ କରିବା ସହ ଖେଳିଥିଲେ ୧୧୨ ରନର ଇନିଂସ। ରାଜକୋଟରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଇଶାନ କିଶନ୍(୨) ପ୍ରଥମ ଓଭରରେ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ରାହୁଲ୍ ତ୍ରିପାଠୀ(୩୫) ଓ ଶୁବମାନ୍ ଗିଲ୍(୪୬) ଦ୍ୱିତୀୟ ଉଇକେଟରେ ୪୯ ରନ୍ ଯୋଡିଥିଲେ। କ୍ୟାରିୟରର ଦ୍ୱିତୀୟ ଟି୨୦ ଖେଳୁଥିବା ତ୍ରିପାଠୀ ୧୬ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଶୁବମାନ ଗିଲ୍‌ଙ୍କ ସହିତ ତୃତୀୟ ଉଇକେଟରେ ୧୧୧ ରନ୍ ଯୋଡିବା ସହିତ ସୂର୍ଯ୍ୟକୁମାର ଭାରତକୁ ଏକ ଦୃଢ ସ୍କୋରର ମୂଳଦୁଆ ପ୍ରଦାନ କରିଥିଲେ। ଗିଲ୍ ୩୬ ବଲ୍ ଖେଳି ୨ଚୌକା ଓ ୩ ଛକା ମାରିଥିଲେ। ଦୀପକ ହୁଡା ଓ ହାର୍ଦ୍ଦିକ୍ ପାଣ୍ଡ୍ୟା ୪ ରନ୍ ଲେଖାଏ କରି ପ୍ୟାଭିଲିୟନ୍ ଫେରିଥିବା ବେଳେ ପୁଣି ଥରେ ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ ଅକ୍ଷର ପଟେଲ। ମାତ୍ର ୯ ବଲ ଖେଳି ୨୧ ରନ୍ କରିବା ସହିତ ସୂର୍ଯ୍ୟକୁମାରଙ୍କ ସହିତ ଯୋଡିଥିଲେ ଅବିଭାଜିତ ୪୦ ରନ୍। ଶେଷ ଯାଏ ଅପରାଜିତ ରହିଥିବା ସୂର୍ଯ୍ୟକୁମାର ୫୧ ବଲ୍ ଖେଳି ୧୧୨ ରନ୍ ସଂଗ୍ରହ କରିଥିଲେ। ଏହି ଇନିଂସରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ଶ୍ରୀଲଙ୍କା ପକ୍ଷରୁ ଦିଲଶାନ ମଦୁଶଙ୍କା ୨ ଉଇକେଟ ନେଇଥିବା ବେଳେ କସୁନ୍ ରଜିଥା, ଚାମିକା କରୁଣରତ୍ନେ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ମିଳିଥିଲା ଗୋଟିଏ ଲେଖାଏ ଉଇକେଟ। ୨୩୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହିତ ୧୩୭ ରନରେ ସୀମିତ ରହିଥିଲା। ଦୁଇ ଓପନର ପାଥୁମ୍ ନିଶଙ୍କା(୧୫) ଓ କୁଶାଲ ମେଣ୍ଡିସ୍(୨୩) ପ୍ରଥମ ଉଇକେଟରେ ୪୪ ରନ୍ ଯୋଡିଥିଲେ। ତେବେ ୪ ବଲ ବ୍ୟବଧାନରେ ଉଭୟ ଖେଳାଳି ଆଉଟ ହୋଇଥିଲେ। ମଧ୍ୟକ୍ରମରେ ଧନଞ୍ଜୟ ଡି ସିଲ୍‌ଭା(୨୨), ଚରିଥ୍ ଅସଲଙ୍କା(୧୯) ଓ ଦଶୁନ୍ ସନକା(୨୩) ରନ୍ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ ୩ଟି, ୟୁଜବେନ୍ଦ୍ର ଚହଲ, ଉମ୍ରାନ୍ ମଲିକ୍ ଓ ହାର୍ଦ୍ଦିକ୍ ପାଣ୍ଡ୍ୟା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସୂର୍ଯ୍ୟକୁମାର ଯାଦବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିବା ବେଳେ ଅକ୍ଷର ପଟେଲଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।



ଶତକୀୟ ଇନିଂସ ଅବସରରେ ସ୍କୁପ୍ ଶଟ୍ ଖେଳୁଛନ୍ତି ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୨୯/୫ (ସୂର୍ଯ୍ୟକୁମାର ଯାଦବ-୧୧୨*, ଶୁବମାନ ଗିଲ୍-୪୬, ରାହୁଲ ତ୍ରିପାଠୀ-୩୫, ଅକ୍ଷର ପଟେଲ-୨୧*, ଦିଲଶାନ ମଦୁଶଙ୍କା-୨/୫୫, କସୁନ୍ ରଜିଥା-୧/୩୫, ୱାନିନ୍ଦୁ ହସରଙ୍ଗା-୧/୩୬)। ଶ୍ରୀଲଙ୍କା ୧୬.୪ ଓଭରରେ ୧୩୭/୧୦ ( ଦାସୁନ ଶନକା-୨୩, କୁଶାଲ ମେଣ୍ଡିସ୍-୨୩, ଅଭିଷ୍କା ଫର୍ନାଣ୍ଡୋ-୨୨, ଅର୍ଶଦୀପ ସିଂ-୩/୨୦, ୟୁଜବେନ୍ଦ୍ର ଚହଲ -୨/୩୦, ହାର୍ଦ୍ଦିକ୍ ପାଣ୍ଡ୍ୟା-୨/୩୦)।

## ୨୦୨୬ ଯାଏ ବଢ଼ିଲା ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ



**ପ୍ୟାରିସ୍,୭ା୧(ପି.ଟି.)**

ଫ୍ରାନ୍ସ ଜାତୀୟ ଫୁଟବଲ ଦଳର ମୁଖ୍ୟ କୋଚ ରହିଥିବା ଡିଡିଏର ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ ଶନିବାର ବୃଦ୍ଧି କରାଯାଇଛି। ଆସନ୍ତା ବିଶ୍ୱକପ୍ ଯାଏ ଡେଶ୍ଚାମ୍ପଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିବା ନେଇ ଫ୍ରେଞ୍ଚ ଫୁଟବଲ ଫେଡେରେଶନ ପକ୍ଷରୁ କୁହାଯାଇଛି। ୧୯୯୮ରେ ବିଶ୍ୱକପ୍ ବିଜୟୀ ଫ୍ରାନ୍ସ ଦଳର ସେ ଅଧିନାୟକ ରହିଥିବା ବେଳେ ୨୦୧୨ ପରଠାରୁ ସେ ଫ୍ରାନ୍ସ ଜାତୀୟ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୮ରେ ଫ୍ରାନ୍ସ ଦଳ କ୍ରୋଏସିଆକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଚଳିତ ସଂସ୍କରଣରେ ଆର୍ଜେଣ୍ଟିନା ନିକଟରୁ ହାରି ଦଳ ରନର୍ସଅପ୍ ରହିଥିଲା। ବିଶ୍ୱକପ୍ ଫାଇନାଲରେ ପରାଜୟ ପରେ ଡେଶ୍ଚାମ୍ପଙ୍କ ବିଦା ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୩-୩ରେ ରହିବା ପରେ ପେନାଲ୍ଟି ଶୁଟଆଉଟରେ ଆର୍ଜେଣ୍ଟିନା ବିଜୟୀ ହୋଇଥିଲା।

# ପନ୍ତଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର



**ନୂଆଦିଲ୍ଲୀ, ୭ା୧(ପି.ଟି.)**

ଲିଗାମେଣ୍ଟ ଇଞ୍ଜୁରୀ ପାଇଁ ମୁମ୍ବାଇସ୍ଥିତ ଏକ ହସ୍ପିଟାଲରେ ଭାରତୀୟ ଉଇକେଟକିପର ବ୍ୟାଟର ରିଷଭ ପନ୍ତଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଏହା ଜଣାପଡ଼ିଛି। ଗତ ସପ୍ତାହରେ ଏକ ଭୟଙ୍କର କାର୍ ଦୁର୍ଘଟଣାରେ ପନ୍ତ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେ କିନ୍ତୁ ଗୁରୁତର ଭାବେ ଆହତ ହୋଇଥିଲେ। ବର୍ତ୍ତମାନ ସେ ପର୍ଯ୍ୟବେକ୍ଷଣରେ ରହିବେ। ଡାକ୍ତର ଦିନ୍‌ଶ ପାର୍ଡିୱାଲାଙ୍କ ପରାମର୍ଶ କ୍ରମେ ରିଷଭଙ୍କ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଖବର ଅନୁସାରେ ଅନ୍ଧେରୀ ୱେଷ୍ଟସ୍ଥିତ କୋକିଲବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଡାକ୍ତର ପାର୍ଡିୱାଲାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା। ପନ୍ତଙ୍କ ପକ୍ଷେ କମର୍ସିଆଲ ଏୟାରଲାଇନ୍‌ରେ ଯାତ୍ରା ସମ୍ଭବ ନ ଥିବାରୁ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଡେରାଡୁନ୍‌ରୁ ମୁମ୍ବାଇ ଅଣାଯାଇଥିଲା। ସୂଚନାଯୋଗ୍ୟ, ୨୫ ବର୍ଷୀୟ ପନ୍ତ ତାଙ୍କ ପରିବାରକୁ ସରପ୍ରାଇଜ୍ ଦେବା ଲାଗି ଡିସେମ୍ବର ୩୦ ପ୍ରତ୍ୟୁଷରେ ନିଜ କାର୍‌ରେ ଦିଲ୍ଲୀରୁ ରୁର୍କି ଯାତ୍ରା କରୁଥିଲେ। ଦ୍ରୁତ ଗତିରେ ଯାଉଥିବା ତାଙ୍କ କାର୍‌ଟି ଡିଭାଇଡ୍‌ରରେ ବାଜି ସେଥିରେ ନିଆଁ ଲାଗିଯାଇଥିଲା। ପନ୍ତଙ୍କ ଶରୀରରେ ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା।




# ଅବସର ନେବେ ସାନିଆ ମିର୍ଜା



**ନୂଆଦିଲ୍ଲୀ, ୭ା୧ (ପି.ଟି.)**

ଭାରତର ଭେଟେରାନ ଟେନିସ ଖେଳାଳି ସାନିଆ ମିର୍ଜା ଅବସର ନେବେ। ଆସନ୍ତା ମାସରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ତାଙ୍କର ଶେଷ ଟୁର୍ନାମେଣ୍ଟ ହେବ। ପୂର୍ବତନ ଡବଲ୍ସ ନମ୍ବର ୱାନ ଖେଳାଳି ଡବ୍ଲ୍ୟୁଟିଏ (ଓମେନ୍ସ ଟେନିସ ଆସୋସିଏଶନ)କୁ ତାଙ୍କର ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି। ସାନିଆ ଗତ ସିଜନରେ ଟେନିସ ଛାଡ଼ିବେ ବୋଲି ମନସ୍ଥ କରିଥିଲେ। କିନ୍ତୁ କହୁଣୀରେ ଆଘାତ ଲାଗିବାରୁ ୟୁଏସ୍ ଓପନ ଖେଳି ପାରି ନ ଥିଲେ। ଡବ୍ଲ୍ୟୁଟିଏ ଫାଇନାଲ୍ସ ଖେଳିସାରିବା ପରେ ଅବସର ନେବା ତାଙ୍କ ପାଇଁ ପ୍ରକୃଷ୍ଟ ସମୟ ହେବ ବୋଲି ସେ ବିଚାର କରିଥିଲେ। ମାତ୍ର ତାହା ହୋଇ ପାରି ନ ଥିଲା। ଫଳରେ ସେ ୨୦୨୩ରେ ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ପରେ ସେ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି।

୩୬ବର୍ଷୀୟା ସାନିଆ ପାକିସ୍ତାନ କ୍ରିକେଟର ଶୋଏବ ମଲିକଙ୍କୁ ବିବାହ କରିବାପରେ ଦଶନ୍ଧି ହେବ ଦୁବାଇରେ ଅବସ୍ଥାନ କ କରି ଆସୁଛନ୍ତି। ସାନିଆ ତାଙ୍କ କ୍ୟାରିୟରରେ ୬ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତନ୍ମଧ୍ୟରେ ୩ଟି ଡବଲ୍ସ ଓ ୩ଟି ମିକ୍ସଡ ଡବଲ୍ସ ଟାଇଟଲ ରହିଛି। ଚଳିତ ମାସରେ ସେ କାଜାଖସ୍ତାନର ଆନ୍ନା ଡାନିଲିନାଙ୍କୁ ସାଥୀ କରି ଅଷ୍ଟ୍ରେଲିଆନ ଓପନ୍ ଖେଳିବେ। ସାନିଆ କହିଛନ୍ତି ବହୁ ଦିନ ହେଲା ତାଙ୍କ ପେଣ୍ଡା ମାଂସପେଶୀରେ ସମସ୍ୟା ରହିଛି। ତାଙ୍କ ଫେୟାରୱେଲ ଯୋଜନାରେ ଏହା ବାଧା ସୃଷ୍ଟି କରିବ ନାହିଁ ବୋଲି ଆଶା ପ୍ରକାଶ କରିଛନ୍ତି। ଦୁବାଇ ଡ୍ୟୁଟି ଫ୍ରି ଟେନିସ ଚାମ୍ପିୟନଶିପ୍ ହେଉଛି ଏକ ଡବଲ୍ୟୁଟିଏ ୧୦୦୦ ଇଭେଣ୍ଟ। ଏହା ଫେବୃୟାରୀ ୧୯ରେ ଆରମ୍ଭ ହେବ।

**ସଂକ୍ଷେପରେ ସାନିଆଙ୍କ କ୍ୟାରିୟର**

ସିଙ୍ଗଲ୍ସ ଟାଇଟଲ -୧
ଡବଲ୍ସ/ମିକ୍ସଡ ଡବଲ୍ସ-୪୩
ସିଙ୍ଗଲ୍ସ ବିଜୟ ପରାଜୟ-୨୭୧-୧୬୧(୬୨.୭%)
ଡବଲ୍ସ/ମିକ୍ସଡ ଡବଲ୍ସ ବିଜୟ ପରାଜୟ-୫୪୩-୨୪୨(୬୮.୭%)
ଶ୍ରେଷ୍ଠ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ-୨୭
ଶ୍ରେଷ୍ଠ ଡବଲ୍ସ ର୍‍ୟାଙ୍କିଙ୍ଗ-୧
କ୍ୟାରିୟର ଗ୍ରାଣ୍ଡସ୍ଲାମ-୬
ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୱିମ୍ବେଲଡନ(୨୦୧୫), ୟୁଏସ୍ ଓପନ୍(୨୦୧୫), ଅଷ୍ଟ୍ରେଲିଆନ ଓପନ(୨୦୧୬)
ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ-୩ (ୟୁଏସ୍ ଓପନ୍ (୨୦୧୪), ଅଷ୍ଟ୍ରେଲିଆନ ଓପନ(୨୦୦୯), ଫ୍ରେଞ୍ଚ ଓପନ(୨୦୧୨))
କ୍ୟାରିୟର ପୁରସ୍କାର ରାଶି-୭୨,୧୫,୯୮୪ ଡଲାର

# ୨୬ ଜଣିଆ ଭାରତୀୟ ଦଳ ମନୋନୀତ

**ନୂଆଦିଲ୍ଲୀ, ୭ା୧(ପି.ଟି.)**

ଫେବୃୟାରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ୧୦ମ ଏସିଆନ୍ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ କାଜାଖସ୍ତାନର ଅଷ୍ଟାନାରେ ହେବ। ଏଥିପାଇଁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ଶନିବାର ୨୬ ଜଣିଆ ଦଳ ଘୋଷଣା କରିଛି। ଏଥିରେ ୧୩ ପୁରୁଷ ଏବଂ ସମାନ ସଂଖ୍ୟକ ମହିଳା ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୦୨୦ ଟୋକିଓ ଅଲିମ୍ପିଆନ ତେଜିନ୍ଦରପାଲ୍ ସିଂ ତୁର୍ ଓ ମହିଳା ୧୦୦ମିଟର ହର୍ଡଲ୍ସ ଜାତୀୟ ରେକର୍ଡ ଅଧିକାରିଣୀ ଜ୍ୟୋତି ୟାରାଜୀ ଅଛନ୍ତି। ୩୬ତମ ନ୍ୟାଶନାଲ ଗେମ୍ସ ଓ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୨ରେ ପ୍ରଦର୍ଶନକୁ ଭିତ୍ତି କରି ଏହି ଆଥଲେଟ୍‌ମାନଙ୍କୁ ମନୋନୀତ କରାଯାଇଥିବା ଏଏଫଆଇ ସଭାପତି ଆଦିଲ ସୁମାରିୱାଲ ପ୍ରକାଶ କରିଛନ୍ତି। ଗତ ସଂସ୍କରଣରେ ଭାରତ ୪ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସମେତ ୬ ପଦକ ଜିତିପାରିଥିଲା।

**ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

**ଭାରତୀୟ ଦଳ ( ପୁରୁଷ):** ଏଲାକିୟା ଦସନ (୬୦ମିଟର), ଅମ୍ଳାନ ବର୍ଗୋହେନ୍ (୬୦ମିଟର), ତେଜାସ ଶୀର୍ଷେ (୬୦ମିଟର ହର୍ଡଲ୍ସ), ସର୍ବେଶ ଅନିଲ କୁଶାରେ (ହାଇଜମ୍ପ), ଅରୋମାଲ ଟି' (ହାଇଜମ୍ପ), ଶିବ ସୁବ୍ରମଣ୍ୟମ (ପୋଲ୍‌ଭଲ୍ଟ), ପ୍ରଶାନ୍ତ ସିଂ କହ୍ନେୟା (ପୋଲ୍ ଭଲ୍ଟ), ଜେସ୍ୱିନ ଆଲ୍‌ଡ୍ରିନ୍ (ଲଙ୍ଗଜମ୍ପ), ମହମ୍ମଦ ଆନିସ ୟାହିୟା (ଲଙ୍ଗ୍‌ଜମ୍ପ), ପ୍ରବୀଣ ଚିତ୍ରାଭେଲ୍ (ଟ୍ରିପଲ ଜମ୍ପ), ଅରୁଣ ଏବି (ଟ୍ରିପଲ ଜମ୍ପ), ତେଜିନ୍ଦର ପାଲ୍ ସିଂ ତୁର୍ (ଶଟ୍‌ପୁଟ୍), କର୍ଣ୍ଣବୀର ସିଂ (ଶଟ୍‌ପୁଟ୍)।

**ମହିଳା ଦଳ:** ଜ୍ୟୋତି ୟାରାଜୀ (୬୦ମିଟର ଓ ୬୦ ମିଟର ହର୍ଡଲ୍ସ), ଅର୍ଚ୍ଚନା ସୁସିନ୍ଦ୍ରାନ୍ (୬୦ମିଟର), ସପ୍ନା କୁମାରୀ (୬୦ମିଟର ହର୍ଡଲ୍ସ), ଅଭିନୟା ଶେଟ୍ଟି (ହାଇଜମ୍ପ), ରୋଜି ମୀନା ପଲ୍‌ରାଜ (ପୋଲ୍‌ଭଲ୍ଟ), ପବିତ୍ରା ଭେଙ୍କଟେଶ (ପୋଲ୍‌ଭଲ୍ଟ), ଶୈଳୀ ସିଂ (ଲଙ୍ଗଜମ୍ପ), ନୟନା ଜେମ୍ସ (ଲଙ୍ଗଜମ୍ପ), ଶିନା ଏନ୍‌ଭି (ଟ୍ରିପଲ ଜମ୍ପ), ପୂର୍ବା ହିତେଶ ସାୱନ୍ତ (ଟ୍ରିପଲ ଜମ୍ପ), ଆଭା ଖଟୁଆ (ଶଟ୍‌ପୁଟ୍), ସ୍ୱପ୍ନା ବର୍ମନ (ପେଣ୍ଟାଥଲନ), ସୌମ୍ୟା ମୁରୁଗାନ୍ (ପେଣ୍ଟାଥଲନ)।

# ଇଷ୍ଟବେଙ୍ଗଲକୁ ହରାଇଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୭ା୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୩-୧ ଗୋଲ୍‌ରେ ଇଷ୍ଟବେଙ୍ଗଲ ଏଫ୍‌ସିକୁ ହରାଇ ଦେଇଛି। ଦଳ ପକ୍ଷରୁ ଡିଏଗୋ ମରିସିଓ ଦୁଇଟି ଗୋଲ୍ ୨୨ତମ ଓ ୫୩ ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ନନ୍ଦ କୁମାର (୪୫+୨) ଗୋଟିଏ ଗୋଲ୍ ଦେଇଥିଲେ। ଇଷ୍ଟବେଙ୍ଗଲ ତରଫରୁ କ୍ଲିଟନ ସିଲ୍‌ଭା ୧୦ମ ମିନିଟରେ ଏକମାତ୍ର ସ୍କୋର କରିଥିଲେ। ଏହି ବିଜୟ ପରେ ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ୧୩ଟି ମ୍ୟାଚରୁ ୭ ବିଜୟ, ୫ ପରାଜୟ ଏବଂ ଗୋଟିଏ ଡ୍ର ସହ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ଖେଳିସାରିଥିବା ୧୨ଟି ମ୍ୟାଚରୁ ୪ ବିଜୟ ଓ ୮ ପରାଜୟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ଅଛି। ଶନିବାର ଜାମସେଦପୁରଠାରେ ଚେନ୍ନାଇନ୍ ଏଫ୍‌ସି ଓ ଜାମସେଦପୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି।



ହକି ବିଶ୍ୱକପ୍ ୨୦୨୩ ପୂର୍ବରୁ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ମାଲେସିଆ ଦଳ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ